# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୯/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, August 29/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 275 | ମୂଲ୍ୟ ₹୭/-


# ଜନସଂଖ୍ୟା ବୃଦ୍ଧି ହାରକୁ ଟପିଲା ଛାତ୍ରୀଛାତ୍ର ଆତ୍ମହତ୍ୟା

**ନୂଆଦିଲ୍ଲୀ,୨୮।୮**

ଭାରତରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଅତି ଚିନ୍ତାଜନକ ଭାବେ ବଢ଼ିବାରେ ଲାଗିଛି। ଏପରି କି ଦେଶରେ ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ଘଟିଛି, ତା'ଠୁ ଅଧିକ ହୋଇଛି ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା। ୨୦୨୧ରୁ ୨୦୨୨ ମଧ୍ୟରେ ଛାତ୍ରଙ୍କ ଆତ୍ମହତ୍ୟା ୬% ହ୍ରାସ ପାଇଥିବାବେଳେ ଛାତ୍ରୀଙ୍କ ଆତ୍ମହତ୍ୟା ୭% ବୃଦ୍ଧି ପାଇଥିବା ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି। ମହାରାଷ୍ଟ୍ର, ତାମିଲନାଡୁ ଓ ମଧ୍ୟପ୍ରଦେଶରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ସର୍ବାଧିକ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ଅଧିକ ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ଏଥିରୁ ସ୍ପଷ୍ଟ ହୋଇଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟକୁ ଭିତ୍ତିକରି 'ଷ୍ଟୁଡେଣ୍ଟ ସୁଇସାଇଡ୍: ଆନ୍ ଏପିଡେମିକ୍ ସ୍ୱିପିଙ୍ଗ୍ ଇଣ୍ଡିଆ' ଶୀର୍ଷକ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଆନୁଆଲ ଆଇସିୱି କନ୍‌ଫରେନ୍ସ ଆଣ୍ଡ୍ ଏକ୍ସପୋ ୨୦୨୪ରେ ବୁଧବାର ଏହି ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ସବୁପ୍ରକାର ଆତ୍ମହତ୍ୟା ହାର ବାର୍ଷିକ ୨%



ବଢୁଥିବାବେଳେ ଛାତ୍ରୀଛାତ୍ରୀଙ୍କ ଆତ୍ମହତ୍ୟାରେ ୪% ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୨ ଦଶନ୍ଧି ମଧ୍ୟରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଜାତୀୟ ସ୍ତରର ଆତ୍ମହତ୍ୟାର ଦୁଇଗୁଣ ଅଧିକ। ୨୦୨୨ରେ ମୋଟ ଆତ୍ମହତ୍ୟାର ୫୩% ଛାତ୍ର ଆତ୍ମହତ୍ୟା ରହିଥିଲା। ୨୦୨୧ରୁ ୨୦୨୨ ମଧ୍ୟରେ ଛାତ୍ରଙ୍କ ଆତ୍ମହତ୍ୟା ୫% ହ୍ରାସ ପାଇଥିବାବେଳେ ଛାତ୍ରୀଙ୍କ ଆତ୍ମହତ୍ୟା ୭% ବୃଦ୍ଧି ପାଇଥିବା ନେଇ ଆଇସିୱି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରସ୍ତୁତ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ☞ପୃଷ୍ଠା-୪

# ବରଗଡ଼-ନୂଆପଡ଼ା ନୂଆ ରେଳପଥକୁ ମଞ୍ଜୁରୀ

## ସୁନ୍ଦରଗଡ଼ ସରଡ଼େଗା ଓ ଛତିଶଗଡ଼ ଭାଲୁମୁଡ଼ା ମଧ୍ୟରେ ହେବ ନୂଆ ଡବଲ ଲାଇନ

**ଭୁବନେଶ୍ୱର, ୨୮।୮(ଅନୁରାଧା ମହାରଣା)**

ଓଡ଼ିଶାର ୨ ରେଳ ପ୍ରକଳ୍ପକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ସେଥି ମଧ୍ୟରେ ବରଗଡ଼ ଜିଲାକୁ ନୂଆପଡ଼ା ସହ ଯୋଡୁଥିବା ୧୩୮ କିଲୋମିଟର ଲମ୍ବ ବିଶିଷ୍ଟ 'ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍' ନୂଆ ରେଳପଥ ରହିଛି। ଏହି ପ୍ରକଳ୍ପ ପାଇଁ ୨,୯୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନ୍ୟ ପ୍ରକଳ୍ପଟି ହେଲା ୩୭ କିଲୋମିଟର ଲମ୍ବ ବିଶିଷ୍ଟ ସରଡେଗା-ଭାଲୁମୁଡ଼ା ଡବଲ ରେଳ ଲାଇନ। ସୁନ୍ଦରଗଡ଼ ଜିଲାକୁ ଛତିଶଗଡ଼ର ରାୟଗଡ଼ ଜିଲା ସହ ଯୋଡୁଥିବା ଏହି ଡବଲ ରେଳ ଲାଇନ ପ୍ରକଳ୍ପ ପାଇଁ ୧,୩୬୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାବ୍ୟତୀତ ୨,୧୭୦ କୋଟି ଟଙ୍କା ବ୍ୟୟରେ ୧୨୧ କି.ମି. ବିଶିଷ୍ଟ ☞ପୃଷ୍ଠା-୪


# ୯ ଜଣଙ୍କୁ ଆଜୀବନ ଜେଲ ଦଣ୍ଡ

## ମାହାଙ୍ଗା ଡବଲ ମର୍ଡର

## ପ୍ରତାପ ଜେନାଙ୍କ ସମ୍ପୃକ୍ତି ବିଚାରାଧୀନ

**ନିଶ୍ଚିନ୍ତକୋଇଲି/ସାଲେପୁର, ୨୮।୮ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)**

କଟକ ଜିଲା ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାର ବିଚାର କରି ସାଲେପୁର ଅତିରିକ୍ତ ଦୌରାଜଜ୍ ସରୋଜ କୁମାର ଦାଶ ବୁଧବାର ରାୟ ପ୍ରକାଶ କରିଛନ୍ତି। ଘଟଣାର ୩ବର୍ଷ ୭ ମାସ ପରେ ୯ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାରେ ୧୩ ନଂ. ମୁଦାଲା ଥିବା ପୂର୍ବତନ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ନେଇ ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଅନ୍ୟ ଜଣେ ଏବେ ବି ଫେରାର ଅଛନ୍ତି। ଆଜୀବନ ଦଣ୍ଡାଦେଶ ପାଇଥିବା ଅଭିଯୁକ୍ତମାନେ ହେଲେ ପଞ୍ଚାନନ ସେଠୀ, କୈଳାସ ଚନ୍ଦ୍ର ଖୁଣ୍ଟିଆ, ☞ପୃଷ୍ଠା-୪



# କାଳିଆ ବଦଳରେ ସିଏମ୍ କିଷାନ

## ଖୁବ୍‌ଶୀଘ୍ର ଆରମ୍ଭ ହେବ

**ଭୁବନେଶ୍ୱର,୨୮।୮(ଅନିଲ ଦାସ)**

ରାଜ୍ୟରେ ଖୁବ୍‌ଶୀଘ୍ର କାଳିଆ ଯୋଜନା ବଦଳରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ (ସିଏମ୍) କିଷାନ ଯୋଜନା। ବର୍ଷକୁ ୨ଟି କିସ୍ତିରେ କୃଷକମାନଙ୍କୁ ୨ ହଜାର ଲେଖାଏ ୪ ହଜାର ଟଙ୍କା ଦିଆଯିବ। ନୂଆଖାଇ ଏବଂ ଅକ୍ଷୟ ତୃତୀୟାରେ ସିଏମ୍ କିଷାନ ଟଙ୍କା ମିଳିବ। ଏହାଛଡ଼ା ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ୧୨,୫୦୦ ଟଙ୍କା ମିଳିବ। ଭାଜପା ସଭ୍ୟ ମାନସ ଦତ୍ତଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ.ଭି. ସିଂଦେଓ ବୁଧବାର ବିଧାସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ନୂଆ ଚାଷୀଙ୍କୁ ସାମିଲ ପାଇଁ ସିଏମ୍ କିଷାନ ପୋର୍ଟାଲରେ ଆବେଦନ କରିହେବ। ଯୋଗ୍ୟତା ଥାଇ ବି ଯେଉଁ ଚାଷୀମାନେ ପିଏମ୍ କିଷାନ ଯୋଜନାରୁ ବାଦ୍ ☞ପୃଷ୍ଠା-୪

# ଇ-କେୱାଇସି ଯାଞ୍ଚ ପରେ ମିଳିବ ନୂଆ ରାଶନ କାର୍ଡ

**ଭୁବନେଶ୍ୱର,୨୮।୮(ଅନିଲ ଦାସ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇବାକୁ ରାଜ୍ୟର ନୂଆ ହିତାଧିକାରୀ ଚାହିଁ ବସିଛନ୍ତି। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଆବେଦନକାରୀ ରାଶନ କାର୍ଡ ପାଇଁ ଅନ୍‌ଲାଇନ ଜରିଆରେ ମଧ୍ୟ ଆବେଦନ କରିଛନ୍ତି। ସେମାନଙ୍କୁ କେବେ ନୂଆ ରାଶନ କାର୍ଡ ମିଳିବ ସେ ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ରାଜ୍ୟରେ ଯେଉଁ ହିତାଧିକାରୀ ରାଶନ ନେଉଛନ୍ତି ସେମାନଙ୍କର ପ୍ରଥମେ ଇ-କେୱାଇସି ଯାଞ୍ଚ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଇ-କେୱାଇସି ଦାଖଲ ଶେଷ ହେବା ପରେ ନୂଆ ରାଶନ ☞ପୃଷ୍ଠା-୪


**ଜାତୀୟ କ୍ରୀଡ଼ା ଦିବସ ବିଶେଷ** | ପୃଷ୍ଠା ୧୫


**ଆଜିର ସମ୍ପାଦକୀୟ**

**ବୌଦ୍ଧ କାହାଣୀରେ ବିବିଧତା**




**ଖାଇରେ ଖସିଲା ଟ୍ରକ୍, ୩ ଯବାନ ମୃତ**

ଅରୁଣାଚଳ ପ୍ରଦେଶର ଅପର୍ ସୁବନ୍‌ସିରୀ ଜିଲାରେ ବୁଧବାର ଏକ ଟ୍ରକ୍ ଗଭୀର ଖାଲରେ ପଡ଼ିଯିବାରୁ ଭାରତୀୟ ସେନାର ୩ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ମୃତ ୩ ଯବାନ ହେଉଛନ୍ତି ନଖତ ସିଂ, ନାୟକ ମୁକେଶ କୁମାର ଏବଂ ଗ୍ରେନେଡିଅର ଆଶିଷ। ନିଜର ୩ ଜଣ ଯବାନଙ୍କୁ ହରାଇ ଭାରତୀୟ ସେନାର ଇଷ୍ଟର୍ନ କମାଣ୍ଡ ଶୋକ ପ୍ରକଟ କରିଛି।



# ବଳାତ୍କାରୀଙ୍କୁ ଫାଶୀ: ଆଇନ ଆଣିବେ ମମତା



ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ କୋଲକାତାର ଜୁନିୟର ଡାକ୍ତରମାନେ ମିମ୍ ଶୋ' ପରିବେଷଣ କରୁଛନ୍ତି।

**କୋଲକାତା, ୨୮।୮**

ବର୍ତ୍ତମାନ ପ୍ରଚଳିତ ଆଇନରେ ଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ବଳାତ୍କାରୀମାନଙ୍କୁ ଫାଶୀ ଦିଆଯିବା ନେଇ ନିଶ୍ଚିତ କରାଯିବ। ପଶ୍ଚିମବଙ୍ଗ ବିଧାନସଭାରେ ଆସନ୍ତା ସପ୍ତାହରେ ସଂଶୋଧିତ ଆଇନକୁ ଗୃହୀତ କରାଯିବ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସ୍ପଷ୍ଟ କରିଛନ୍ତି। ଉକ୍ତ ସଂଶୋଧିତ ବିଲ୍‌କୁ ମୋହର ଦେବାରେ ପଶ୍ଚିମବଙ୍ଗ ରାଜ୍ୟପାଳ ବିଳମ୍ବ କଲେ କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଲେ ରାଜଭବନ ସମ୍ମୁଖରେ ମମତା ଧାରଣାରେ ବସିବେ ବୋଲି କହିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଛାତ୍ର ପରିଷଦ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳର ସୁପ୍ରିମୋ ମମତା ଆହୁରି କହିଛନ୍ତି, ଆସନ୍ତା ଆଇନକୁ ଗୃହୀତ କରାଇବା ପାଇଁ ଶନିବାରଠାରୁ ସେ ତୃଣମୂଳ ସ୍ତରରେ ଏକ ଅଭିଯାନ ଆରମ୍ଭ କରିବେ। ପ୍ରତିଷ୍ଠା ଦିବସକୁ ମମତା ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ୩୧ ବର୍ଷୀୟା ଟ୍ରେନି ମହିଳା ଡାକ୍ତରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ରାଜଭବନର ଜଣେ ପୂର୍ବତନ ମହିଳା କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ କରିଥିବା ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ପଶ୍ଚିମବଙ୍ଗ ସରକାର ଏବଂ ଟିଏମ୍‌ସି ବିରୋଧରେ ମିଥ୍ୟା ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ ବୋଲି ସେ ସମାଲୋଚନା କରିଛନ୍ତି। ଏଥିସହ ୨୦ ଦିନ ହେଲା ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ମମତା ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଆନ୍ଦୋଳନ ଚଳାଇଥିବା ଡାକ୍ତରମାନଙ୍କୁ ମମତା ଧମକ ଦେଉଥିବା ଭାଜପା ଏମ୍‌ପି ସୁଧାଂଶୁ ତ୍ରିବେଦୀ ସମାଲୋଚନା କରିଛନ୍ତି।

## ବହୁତ ହୋଇଗଲା ମହିଳା ବିରୋଧୀ ଅପରାଧ: ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ଦେଶରେ ବଢ଼ିଚାଲିଥିବା ମହିଳା ବିରୋଧୀ ହିଂସାକୁ ନେଇ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚିନ୍ତାବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି, ବହୁତ ହୋଇଗଲାଣି। ଏବେ ଭାରତକୁ ତତ୍ପର ହୋଇ ଜାଗିବାକୁ ପଡ଼ିବ। ମହିଳା ବିରୋଧୀ ହିଂସାକୁ ରୋକିବା ସହ ମହିଳାମାନଙ୍କୁ କମ୍ ଶକ୍ତିଶାଳୀ, ସ୍ୱଳ୍ପ ସକ୍ଷମ ଓ ଦୁର୍ବଳ ବୁଦ୍ଧି ବୋଲି ବିବେଚନା କରୁଥିବା ମାନସିକତାର ମୁକାବିଲା କରିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ଚେତାଇ ଦେଇଛନ୍ତି। ଅଗଷ୍ଟ ୮ ରାତିରେ ଆର୍.ଜି. କର ହସ୍ପିଟାଲରେ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ଆକ୍ରୋଶ ସୃଷ୍ଟି ହୋଇଥିବାବେଳେ ରାଷ୍ଟ୍ରପତି ମୁର୍ମୁ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ଏକ ସ୍ୱତନ୍ତ୍ର ସାକ୍ଷାତ୍କାରରେ ଏହା କହିଛନ୍ତି। ରାଷ୍ଟ୍ରପତିଙ୍କ ମତରେ କୌଣସି ସଭ୍ୟ ସମାଜ ଝିଅଭଉଣୀଙ୍କୁ ଏଭଳି ବର୍ବର ଅତ୍ୟାଚାରର ଶିକାର ହେବାକୁ ଦିଏନାହିଁ। ଯାହା ଘଟିଯାଇଛି ତା' ଉପରେ ଦେଶ ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ। ତେଣୁ ସେ ମଧ୍ୟ ନିଜ କ୍ଷୋଭ ବ୍ୟକ୍ତ କରିଥିବା 'ଓମେନ୍ସ ସେଫ୍ଟି: ଏନଫ୍ ଇଜ୍ ଏନଫ୍' ଶୀର୍ଷକ ଆଲେଖ୍ୟରେ ଉଲ୍ଲେଖ କରିଛନ୍ତି।

## ଆଇଏମ୍ଏରୁ ପୂର୍ବତନ ପ୍ରିନ୍ସିପାଲ ନିଲମ୍ବିତ



ସନ୍ଦୀପ ଘୋଷ

ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ୍ (ଆଇଏମ୍ଏ) ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ ଘୋଷଙ୍କୁ ବୁଧବାର ନିଲମ୍ବନ କରିଛି। ସୋମବାର ଲାଏ-ଡିଟେକ୍ଟର ଟେଷ୍ଟର ସମ୍ମୁଖୀନ ହୋଇଥିବା ଡାକ୍ତର ସନ୍ଦୀପ ଘୋଷ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଅବହେଳା କରିଥିବା ଅଭିଯୋଗ ରହିଛି। ଏଥିସହ ତାଙ୍କ ବିରୋଧରେ ଜାମିନବିହୀନ ଦୁର୍ନୀତି ଅଭିଯୋଗ ମଧ୍ୟ ରହିଛି। ଇତିମଧ୍ୟରେ ଏହି ମାମଲାର ତଦନ୍ତ କରୁଥିବା ସିବିଆଇ ସନ୍ଦୀପଙ୍କୁ ପ୍ରାୟ ୯୦ ଘଣ୍ଟା ଜେରା କରିସାରିଲାଣି। ମୃତ ଡାକ୍ତରୀ ଛାତ୍ରୀଙ୍କ ମା'ବାପାଙ୍କ ଅଭିଯୋଗ କ୍ରମେ ଆଇଏମ୍ଏରୁ ତାଙ୍କ ସଦସ୍ୟତା ରଦ୍ଦ କରାଯାଇଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।

## ଡାକ୍ତରଙ୍କ ସୁରକ୍ଷା: ରାଜ୍ୟ ପାଇଁ କେନ୍ଦ୍ରର ଗାଇଡ୍‌ଲାଇନ୍

**ନୂଆଦିଲ୍ଲୀ, ୨୮।୮**

ଆର୍.ଜି. କର ହସ୍ପିଟାଲ ସମେତ ଦେଶର ମେଡିକାଲ ଇନ୍‌ଷ୍ଟିଚ୍ୟୁଶନ୍‌ଗୁଡ଼ିକରେ ଡାକ୍ତରମାନଙ୍କ ପ୍ରତି ହିଂସା ଘଟଣାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ବୁଧବାର ଚିନ୍ତା ବ୍ୟକ୍ତ କରିଛି। ଏଥିସହ ଏଭଳି ଘଟଣା ଏଡ଼ାଇ ଡାକ୍ତରଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଓ ପୋଲିସ ମହାନିର୍ଦ୍ଦେଶକମାନଙ୍କୁ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଲେଖାଯାଇଛି।

**୧.** ରାଜ୍ୟଗୁଡ଼ିକ ସ୍ୱାସ୍ଥ୍ୟସେବା କର୍ମୀଙ୍କ କର୍ମସ୍ଥଳରେ ସୁରକ୍ଷା ତ୍ୱରାନ୍ୱିତ କରି ସେମାନଙ୍କ ପାଇଁ ସୁରକ୍ଷିତ ବାତାବରଣ ସୃଷ୍ଟି କରିବେ।

**୨.** ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ରହିଥିବା ରାଜ୍ୟର ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍)ର ଏ ସମ୍ପର୍କିତ ଦଫା ଓ ଦଣ୍ଡବିଧାନ ଉପରେ ବିସ୍ତୃତ ବିବରଣୀ ହସ୍ପିଟାଲ ପରିସରରେ ସ୍ଥାନୀୟ ଭାଷା ଓ ଇଂଲିଶରେ ଉଲ୍ଲେଖ କରିବେ।

**୩.** ହସ୍ପିଟାଲ ସିକ୍ୟୁରିଟି କମିଟି ଏବଂ ହିଂସା ନିବାରଣ କମିଟି ଗଠନ କରିବେ। ଏହି ୨ କମିଟିରେ ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସାମିଲ କରାଯିବ। ସେମାନେ ଉପଯୁକ୍ତ ସୁରକ୍ଷା ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବେ।

**୪.** ହସ୍ପିଟାଲର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସର୍ବସାଧାରଣ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ପ୍ରବେଶ ଉପରେ ନିୟମ କରିବେ। ଏଥିସକାଶେ ଭିଜିଟର୍ସ ପାସ୍ ନୀତିକୁ କଡ଼ାକଡ଼ି କରାଯିବ।

**୫.** ହସ୍ପିଟାଲର ବିଭିନ୍ନ ବ୍ଲକ୍, ହଷ୍ଟେଲ ବିଲ୍ଡିଂ ଓ ଅନ୍ୟ ଅଞ୍ଚଳରେ ରେସିଡେଣ୍ଟ ଡାକ୍ତର ଏବଂ ନର୍ସମାନେ ରାତିରେ ସୁରକ୍ଷିତ ଭାବେ କାର୍ଯ୍ୟ କରିପାରିବେ ତାହା ରାଜ୍ୟଗୁଡ଼ିକ ସୁନିଶ୍ଚିତ କରିବେ।

**୬.** ହସ୍ପିଟାଲର ଆବାସିକ ଓ ହଷ୍ଟେଲ ବ୍ଲକ୍ ତଥା ଅନ୍ୟ ସମସ୍ତ ଅଞ୍ଚଳରେ ଆବଶ୍ୟକ ଆଲୋକ ବ୍ୟବସ୍ଥା କରିବେ।

**୭.** ହସ୍ପିଟାଲ ସିକ୍ୟୁରିଟି କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯିବ, ଯାହାକି ଦିନକୁ ୨୪ ଘଣ୍ଟା ଓ ସପ୍ତାହକୁ ୭ ଦିନ ଚାଲିବ। ରାଜ୍ୟର ସମସ୍ତ ହସ୍ପିଟାଲ ପରିସରରେ ରାତିରେ ନିୟମିତ ସୁରକ୍ଷା ଯାଞ୍ଚ କରାଯିବ।

**୮.** ନିକଟସ୍ଥ ଥାନା ସହ ଘନିଷ୍ଠ ସମ୍ପର୍କ ରଖିବେ।

**୯.** ହସ୍ପିଟାଲରେ ହେଉଥିବା ଯୌନ ଉତ୍ପୀଡ଼ନର ଯାଞ୍ଚ ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିବେ।

**୧୦.** ହସ୍ପିଟାଲ ପରିସରରେ ଥିବା ସମସ୍ତ ସିସିଟିଭି କ୍ୟାମେରାକୁ ନିୟମିତ ଯାଞ୍ଚ କରାଯିବ। ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ମରାମତି କରିବେ।

## ସଂକ୍ଷେପରେ

### ୧୦ରେ ହାରିସ୍, ଟ୍ରମ୍ପ ପ୍ରେସିଡେନ୍ସିଆଲ ଡିବେଟ୍

**ୱାଶିଂଟନ, ୨୮।୮**

ଆସନ୍ତା ସେପ୍ଟେମ୍ବର ୧୦ରେ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଲା ହାରିସ୍‌ଙ୍କ ମଧ୍ୟରେ ପ୍ରେସିଡେନ୍ସିଆଲ ଡିବେଟ ଅନୁଷ୍ଠିତ ହେବ। ଏନେଇ ଟ୍ରମ୍ପ୍ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ବୁଧବାର ସୂଚନା ଦେଇଛନ୍ତି। ଗତ ଜୁନ୍ ୨୭ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ ପ୍ରେସିଡେନ୍ସିଆଲ ଡିବେଟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଡିବେଟ୍ ପାଇଁ କାର୍ଯ୍ୟକାରୀ ହୋଇଥିବା ସମସ୍ତ ନିୟମ ସେପ୍ଟେମ୍ବର ୧୦ରେ ହେବାକୁ ଥିବା ଡିବେଟ୍‌ରେ ମଧ୍ୟ ଜାରି ରହିବ ବୋଲି ଉଭୟ ପକ୍ଷ ସହମତି ଦେଖାଇଥିବା ଟ୍ରମ୍ପ୍ କହିଛନ୍ତି। ଉକ୍ତ ଡିବେଟ୍‌ରେ କୌଣସି ଲାଇଭ୍ ଦର୍ଶକ ରହିବେ ନାହିଁ ଏବଂ ଉଭୟ ପ୍ରାର୍ଥୀ କହୁ ନ ଥିବା ସମୟରେ ନିଜ ମାଇକ୍ରୋଫୋନ୍‌କୁ ମ୍ୟୁଟ୍ କରି ରଖିବେ। ସୂଚନାଯୋଗ୍ୟ, ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ।

### ନିର୍ବାଚନ ଲଢ଼ିବେନି ମେହବୁବା ମୁଫ୍‌ତି



**ଶ୍ରୀନଗର, ୨୮।୮**

ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି(ପିଡିପି) ସୁପ୍ରିମୋ ମେହବୁବା ମୁଫ୍‌ତି ଲଢ଼ିବେ ନାହିଁ। ଏନେଇ ମେହବୁବା ବୁଧବାର ଘୋଷଣା କରିଛନ୍ତି। ଏକ କେନ୍ଦ୍ରଶାସିତ ପ୍ରଦେଶ ହୋଇଥିବାରୁ ଚଳିତ ବିଧାନସଭା ନିର୍ବାଚନରେ ପିଡିପି ଜିତିବା ସ୍ଥିତିରେ ମଧ୍ୟ ସେ ଦଳୀୟ ଏଜେଣ୍ଡାକୁ ପୂରଣ କରିପାରିବେ ନାହିଁ। ତେଣୁ ସେ ଏପରି ନିଷ୍ପତ୍ତି ନେଇଥିବା ମେହବୁବା କହିଛନ୍ତି। ଅନ୍ୟପକ୍ଷରେ ମେହବୁବାଙ୍କ ଝିଅ ଇଲ୍‌ତିଜା ମୁଫ୍‌ତି ମଙ୍ଗଳବାର ଦକ୍ଷିଣ କଶ୍ମୀରର ବିଜ୍‌ବେହରା ଆସନରୁ ପିଡିପି ଟିକେଟ୍‌ରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଭାଜପାର ୧୨ ଘଣ୍ଟିଆ ପଶ୍ଚିମବଙ୍ଗ ବନ୍ଦ

ଆର୍.ଜି. କର ଘଟଣା ଏବଂ ନବାନ୍ନ ଅଭିଯାନ ବେଳେ ବିକ୍ଷୋଭକାରୀଙ୍କ ଉପରେ ଦମନଲୀଳାକୁ ନେଇ ଭାଜପା ପକ୍ଷରୁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ପାଳନ ବେଳେ ବିଭିନ୍ନ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ଭାଜପା କର୍ମୀମାନେ ପୋଲିସ ଏବଂ ଟିଏମ୍‌ସି କର୍ମୀଙ୍କ ସହ ଧସ୍ତାଧସ୍ତି

**ବିଭିନ୍ନ ସ୍ଥାନରେ ହିଂସା**

ହୋଇଛନ୍ତି। ବିଶେଷକରି ଉତ୍ତର ୨୪ ପ୍ରଗଣା ଜିଲାର ଭଟପାରାରେ ଟିଏମ୍‌ସି ଗୁଣ୍ଡାମାନେ ଭାଜପାର ସ୍ଥାନୀୟ ନେତା ପ୍ରିୟାଙ୍ଗୁ ପାଣ୍ଡେଙ୍କ କାର୍‌କୁ ଗୁଳି କରିଥିଲେ। ସେମାନେ ଏହାର ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ଶେୟାର କରିଥିଲେ। ପାଣ୍ଡେ ବର୍ତ୍ତିଯାଇଥିବାବେଳେ ତାଙ୍କ ଡ୍ରାଇଭର ଏବଂ ଜଣେ ସମର୍ଥକଙ୍କ ଦେହରେ ଗୁଳି ବାଜିଛି। ବନ୍ଦ ପାଳନ ବେଳେ ଭାଜପାର ପୂର୍ବତନ ଏମ୍‌ପି ରୂପା ଗାଙ୍ଗୁଲୀ, ରକେଟ ଚାଟାର୍ଜୀ, ରାଜ୍ୟ ସଭା ସଦସ୍ୟ ସମିକ୍ ଭଟ୍ଟାଚାର୍ଯ୍ୟ, ବିଧାୟକ ଅଗ୍ନିମିତ୍ର ପାଲଙ୍କ ସମେତ ଅନେକ ନେତାଙ୍କୁ ରାସ୍ତା ଅବରୋଧ କରିବା ଅଭିଯୋଗରେ ଅଟକ ରଖାଯାଇଥିଲା।



ପଶ୍ଚିମବଙ୍ଗର ନଦିଆସ୍ଥିତ ଶାନ୍ତିପୁର ଷ୍ଟେଶନରେ ଭାଜପା କର୍ମୀ ଓ ସମର୍ଥକ ରେଳରୋକୋ କରିଛନ୍ତି।

## ଡିଏମ୍‌କେ ଏମ୍‌ପିଙ୍କୁ ୯୦୮ କୋଟିର ଇଡି ଜରିମାନା

**ଚେନ୍ନାଇ, ୨୮।୮**

ବୈଦେଶିକ ମୁଦ୍ରା ବିନିମୟ ଉଲ୍ଲଘଂନ ସହ ଜଡ଼ିତ ଏକ ମାମଲାରେ ଡିଏମ୍‌କେ ଏମ୍‌ପି ଏସ୍ ଜଗତରକ୍ଷକନ୍ ଓ ତାଙ୍କ ପରିବାରର ସଦସ୍ୟଙ୍କ ବିରୋଧରେ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ୯୦୮ କୋଟି ଟଙ୍କାର ଜରିମାନା ଲଗାଇଛି। ସେହିପରି ଉକ୍ତ ମାମଲାରେ ଜଗତରକ୍ଷକନ୍‌ଙ୍କ ନାମରେ ଥିବା ୮୯.୧୯ କୋଟିର ସମ୍ପତ୍ତିକୁ ଇଡି ଜବତ କରିଛି। ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ(ଫେମା)ର ଧାରା ୩୭-ଏ ଅନୁଯାୟୀ, ଜଗତରକ୍ଷକନ୍‌ଙ୍କ ବିରୋଧରେ ଉକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ନେଇ ଇଡି ପକ୍ଷରୁ ବୟାନ ଜାରି ହୋଇଛି। ୨୦୨୧ ଡିସେମ୍ବର ୧ରେ ଇଡି ଏହି ମାମଲାରେ ଅଭିଯୋଗ ଦାଖଲ କରିଥିଲା। ସେହିପରି ଗତବର୍ଷ ଟିକସ ଚୋରି ସହ ଜଡ଼ିତ ଏକ ମାମଲାରେ ଆୟକର ବିଭାଗ ପକ୍ଷରୁ ଜଗତରକ୍ଷକନ୍‌ଙ୍କ ଘର ଏବଂ କାର୍ଯ୍ୟାଳୟ ସମେତ ୪୦ରୁ ଅଧିକ ଠିକଣାରେ ଚଢ଼ାଉ କରାଯାଇଥିଲା।



ଏସ୍ ଜଗତରକ୍ଷକନ୍

## ୧୨ ନୂଆ ସ୍ମାର୍ଟ ସିଟିକୁ କେନ୍ଦ୍ରର ମଞ୍ଜୁରୀ

**ନୂଆଦିଲ୍ଲୀ, ୨୮।୮**

ଦେଶର ୧୦ ରାଜ୍ୟରେ ୧୨ଟି ନୂଆ ଇଣ୍ଡଷ୍ଟ୍ରିଆଲ ସ୍ମାର୍ଟ ସିଟି ପ୍ରତିଷ୍ଠା ନିମନ୍ତେ ଏକ ମେଗା ପ୍ରୋଜେକ୍ଟକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ବୁଧବାର ସୂଚନା ଦେଇଛନ୍ତି।

ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, କେନ୍ଦ୍ର ସରକାର ୧୨ଟି ନୂତନ ଇଣ୍ଡଷ୍ଟ୍ରିଆଲ ସ୍ମାର୍ଟ ସିଟି ପ୍ରତିଷ୍ଠା କରିବାକୁ ଯାଉଛନ୍ତି। ଭାରତ ସରକାରଙ୍କ ନ୍ୟାଶନାଲ ଇଣ୍ଡଷ୍ଟ୍ରିଆଲ କରିଡର ପ୍ରୋଗ୍ରାମ ଅଧୀନରେ ଏହା ପ୍ରତିଷ୍ଠା ହେବ। ରାଜ୍ୟଗୁଡ଼ିକର ମାନୁଫାକ୍ଚରିଂ ସମ୍ପର୍କିତ ସେକ୍ଟରଗୁଡ଼ିକୁ ୧.୫୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆଣିବା ହେଉଛି ଏହାର ଉଦ୍ଦେଶ୍ୟ। ୧୨ ଶିଳ୍ପଭିତ୍ତିକ ସ୍ମାର୍ଟ ସିଟି ପ୍ରତିଷ୍ଠା ପାଇଁ ୨୮,୬୦୨ କୋଟି ଟଙ୍କା ଖର୍ଚ୍ଚ ହେବ। ୧୦ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ଏହି ସ୍ମାର୍ଟ ସିଟିଗୁଡ଼ିକର ପରିକଳ୍ପନା ୬ଟି ବୃହତ୍ ଶିଳ୍ପାଞ୍ଚଳ କରିଡର ସଂଲଗ୍ନ ଅଞ୍ଚଳରେ କରିବା ପାଇଁ ଯୋଜନା କରାଯାଇଛି। ଏହି ଶିଳ୍ପାଞ୍ଚଳଗୁଡ଼ିକ ହେଲା ଉତ୍ତରାଖଣ୍ଡର ଖୁରପିଆ, ପଞ୍ଜାବର ରାଜପୁରା-ପଟିଆଲା, ମହାରାଷ୍ଟ୍ରର ଦିଘି, କେରଳର ପାଲାକ୍କାଡ୍, ଉତ୍ତର ପ୍ରଦେଶର ଆଗ୍ରା ଓ ପ୍ରୟାଗରାଜ, ବିହାରର ଗୟା, ତେଲଙ୍ଗାନାର ଜହିରାବାଦ, ଆନ୍ଧ୍ରପ୍ରଦେଶର ଓର୍ଭାକଲ ଓ କୋପ୍ପାର୍ଥି ଏବଂ ରାଜସ୍ଥାନର ଯୋଧପୁର-ପାଲି।

ଅଶ୍ୱିନୀ ଆହୁରି କହିଛନ୍ତି, କ୍ୟାବିନେଟ ଗତ ୩ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାର ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହାବାଦ୍ ୩ଟି ରେଲୱେ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିପାଇଁ ୬୪୫୬ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିରେ ଭାରତୀୟ ରେଳପଥର ୨ଟି ନୂଆ ରେଳ ଲାଇନ୍ ଏବଂ ଗୋଟିଏ ମଲ୍ଟି-ଟ୍ରାକିଂ ପ୍ରକଳ୍ପ ରହିଛି। ଜାମଶେଦପୁର-ପୁରୁଲିଆ-ଆସନ୍‌ସୋଲ କରିଡର ପାଇଁ ୧୨୧ କି.ମି.ର ରେଳ ଲାଇନ୍ ନିର୍ମାଣ ସକାଶେ ୨୧୭୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନ୍ୟ ୨ଟି ପ୍ରକଳ୍ପ ହେଲା ସର୍ଡେଗା-ଭାଲମୁଣ୍ଡା ନ୍ୟୁ ଡବଲ୍ ଲାଇନ୍ ଏବଂ ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନ୍ୟୁ ଲାଇନ୍। ଏହି ରେଳପଥ ପ୍ରକଳ୍ପଗୁଡ଼ିକ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଛତିଶଗଡ଼ ଦେଇ ଗତିଶୀଳ ହେବ। ଏହାଦ୍ୱାରା ଉକ୍ତ ୪ ରାଜ୍ୟରେ ଯୋଗାଯୋଗ ବୃଦ୍ଧି, ଗମନାଗମନ ସୁବିଧା, ପରିବହନ ଖର୍ଚ୍ଚ ହ୍ରାସ, ତୈଳ ଆମଦାନୀ ହ୍ରାସ ହେବା ସହିତ ଅଙ୍ଗାରକାମ୍ଳ ଉତ୍ସର୍ଜନର ମାତ୍ରା କମିବ ବୋଲି ଆଶା କରାଯାଉଛି।

ଏହା ବ୍ୟତୀତ ଏଗ୍ରିକଲ୍ଚର ଇନ୍‌ଫ୍ରା ଫଣ୍ଡକୁ ବ୍ୟାପକ କରିବା ପାଇଁ ମଧ୍ୟ କ୍ୟାବିନେଟ ଅନୁମୋଦନ କରିଛି। ୨୦୨୦ରେ ୧ ଲକ୍ଷ କୋଟି ଟଙ୍କାର କର୍ପସରେ କୃଷି ଭିତ୍ତିଭୂମି ପାଣ୍ଠି ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏଥିରେ ପ୍ରକଳ୍ପଗୁଡ଼ିକ ପାଇଁ ସମନ୍ୱିତ ସେକେଣ୍ଡାରି ପ୍ରେସେସିଂ ଏବଂ ଋଣ ଗ୍ୟାରେଣ୍ଟିକୁ ସାମିଲ କରାଯିବ। ସେହିପରି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ସରକାର ଆର୍ଥିକ ସହାୟତା ଯୋଗାଇଦେବେ। ଅନୁରୂପ ଭାବେ ଦେଶର ୨୩୪ଟି ସହରରେ ଘରୋଇ ଏଫ୍ଏମ୍ ରେଡିଓ ସେବା ପ୍ରଦାନ ନିମନ୍ତେ ମଧ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରାଗଲେ ପ୍ରାୟ ୧୦ ଲକ୍ଷ ଲୋକ ନିଯୁକ୍ତି ପାଇବେ। ପରୋକ୍ଷ ଭାବେ ଅତିରିକ୍ତ ୩୦ ଲକ୍ଷ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**୩ ରେଲୱେ ପ୍ରକଳ୍ପ ମଧ୍ୟରେ ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍ ନ୍ୟୁ ଲାଇନ୍**

## ଫୁର୍‌ସତ୍

### ଆଣବିକ ପରୀକ୍ଷଣ ବିଶ୍ୱବାସୀଙ୍କ ପାଇଁ ବଡ଼ ବିପଦ

**'ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ବିରୋଧୀ ଦିବସ**

ଆଣବିକ ପରୀକ୍ଷଣ କେବଳ ବୈଜ୍ଞାନିକ ପରୀକ୍ଷଣ ନୁହେଁ, ଏହା ଆମ ପୃଥିବୀର ସୁରକ୍ଷା ଏବଂ ମାନବ ଜାତିର ଭବିଷ୍ୟତ ପାଇଁ ମଧ୍ୟ ଏକ ଗମ୍ଭୀର ବିପଦ। ଯେତେବେଳେ ବି ପରମାଣୁ ବୋମା ପରୀକ୍ଷଣ ହୁଏ, ଏହା କେବଳ ପୃଥିବୀ ପୃଷ୍ଠକୁ ଦୋହଲାଇ ଦିଏ ନାହିଁ, ବରଂ ଏହାର ଫଳସ୍ୱରୂପ ରେଡିଓଆକ୍ଟିଭ ତତ୍ତ୍ୱ ଲକ୍ଷଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ ଏବଂ ପ୍ରାକୃତିକ ସମ୍ପଦକୁ ମଧ୍ୟ କ୍ଷତି ପହଞ୍ଚାଇଥାଏ, ଯାହା ବିଷୟରେ ସମସ୍ତେ ସଚେତନ ହେବା ଉଚିତ୍। ପ୍ରତିବର୍ଷ ଅଗଷ୍ଟ ୨୯ରେ 'ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ବିରୋଧୀ ଦିବସ ୨୦୨୪' ପାଳନ କରାଯାଏ। ଏହିଦିନ ସମଗ୍ର ବିଶ୍ୱବାସୀ ଏକଜୁଟ୍ ହୋଇ ପରମାଣୁ ପରୀକ୍ଷଣର ବିପଦ ବିଷୟରେ ଆଲୋକପାତ କରନ୍ତି।

୨୦୦୯ରେ ମିଳିତ ଜାତିସଂଘର ସାଧାରଣ ସଭାରେ ଅଗଷ୍ଟ ୨୯କୁ ଅନ୍ତର୍ଜାତୀୟ ପରମାଣୁ ପରୀକ୍ଷଣ ବିରୋଧୀ ଦିବସ ଭାବେ ଘୋଷଣା କରିବା ପାଇଁ ଏକ ସଂକଳ୍ପ ପାରିତ ହୋଇଥିଲା। କାଜାଖସ୍ତାନରେ ଅନୁଷ୍ଠିତ ସମ୍ମିଳନୀରେ ଘୋଷଣା ପରେ ଡିସେମ୍ବର ୨ରେ ୟୁଏନ୍‌ଜିଏର ୬୪ତମ ଅଧିବେଶନରେ ଏହି ଘୋଷଣାନାମା ଗୃହୀତ ହୋଇଥିଲା।

୨୦୧୦ ଅଗଷ୍ଟ ୨୯ରେ ପରମାଣୁ ପରୀକ୍ଷଣ ବିରୋଧରେ ପ୍ରଥମ ଅନ୍ତର୍ଜାତୀୟ ଦିବସ ପାଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ସ୍ୱତନ୍ତ୍ର ଭାବେ ବିଶ୍ୱସ୍ତରରେ ପାଳନ କରାଯାଏ।



### ମଝି ଆକାଶରେ ପ୍ରପୋଜ୍

**ଚଣ୍ଡିଗଡ଼**

ଚଣ୍ଡିଗଡ଼ର ଐଶ୍ୱର୍ଯ୍ୟା ବଂଶଲ ନାମ୍ନୀ ଜଣେ ଯୁବତୀ ଇଣ୍ଡିଗୋର ଏକ ଚଳନ୍ତା ବିମାନ ମଧ୍ୟରେ ତାଙ୍କ ବୟଫ୍ରେଣ୍ଡ ଅମୂଲ୍ୟ ଗୋୟଲଙ୍କୁ ବିବାହ ପାଇଁ ପ୍ରପୋଜ୍ କରିଛନ୍ତି। ଐଶ୍ୱର୍ଯ୍ୟା ଉକ୍ତ ଭିଡିଓକୁ ବୁଧବାର ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଅପଲୋଡ୍ କରିଛନ୍ତିଡ, ଯାହାକୁ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ବିମାନରେ ପ୍ରଥମେ ଜଣେ କର୍ମଚାରୀ ଏକ ବିଶେଷ ମୁହୂର୍ତ୍ତ ପାଇଁ ସମସ୍ତ ଯାତ୍ରୀ ପ୍ରସ୍ତୁତ ହୁଅନ୍ତୁ ବୋଲି ଘୋଷଣା କରିଥିଲେ। ଏହା ପରେ ଐଶ୍ୱର୍ଯ୍ୟା ନିଜ ବୟଫ୍ରେଣ୍ଡଙ୍କୁ ବିବାହ ପ୍ରପୋଜ୍ କରିଥିଲେ। ଐଶ୍ୱର୍ଯ୍ୟାଙ୍କ ପ୍ରପୋଜ୍ ସମୟରେ ବିମାନରେ ଥିବା ସମସ୍ତ ଯାତ୍ରୀ ଲଭ୍ କାର୍ଡ ଧରି ଉକ୍ତ କପଲଙ୍କୁ ଅଭିନନ୍ଦନ ଜଣାଇଥିଲେ।

### 'ଆଙ୍ଗ୍ରୀ ୟଙ୍ଗ୍ ମ୍ୟାନ୍'ର ପ୍ରଶଂସା କଲେ ଅନୁଷ୍କା

**ମୁମ୍ବାଇ**

ଗତ ୨୦ ତାରିଖରେ ଆମାଜନ୍ ପ୍ରାଇମ୍ ଭିଡିଓରେ ଡକ୍ୟୁମେଣ୍ଟାରୀ ସିରିଜକୁ 'ଆଙ୍ଗ୍ରୀ ୟଙ୍ଗ୍ ମ୍ୟାନ୍' ମୁକ୍ତିଲାଭ କରିଛି। ଏହି ଡକ୍ୟୁମେଣ୍ଟାରୀ ବଲିଉଡର ପ୍ରସିଦ୍ଧ ଲେଖକ ଯୋଡ଼ି ସଲିମ ଖାନ୍ ଓ ଜାଭେଦ ଅଖତରଙ୍କ କାହାଣୀ ଏବଂ ଯାତ୍ରା ପ୍ରଦର୍ଶିତ ହୋଇଛି। ଉକ୍ତ ସିରିଜ୍‌କୁ ଦର୍ଶକଙ୍କ ସହ ବହୁ ବଲିଉଡ ତାରକା ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି। ଏବେ ଏହି କ୍ରମରେ ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କ ନାମ ଯୋଡି ହୋଇଛି। ବୁଧବାର ଅନୁଷ୍କା ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ଆଙ୍ଗ୍ରୀ ୟଙ୍ଗ୍ ମ୍ୟାନ୍' ସିରିଜର ଏକ ଭିଡିଓ କ୍ଲିପ୍ ଶେୟାର କରିଛନ୍ତି। କ୍ୟାପଶନ୍‌ରେ ଅନୁଷ୍କା ଲେଖିଛନ୍ତି, ଏହି ଡକ୍ୟୁମେଣ୍ଟାରୀ ସିରିଜ୍ ସମ୍ପୂର୍ଣ୍ଣ ଭାବେ ଇତିହାସ ଏବଂ ଜ୍ଞାନରେ ପରିପୂର୍ଣ୍ଣ। ଉକ୍ତ ଡକ୍ୟୁମେଣ୍ଟାରୀ ସିରିଜ୍ ନିଶ୍ଚିନ୍ତ ଭାବେ ଆଜିର ଯୁବ ସମାଜକୁ ପ୍ରଭାବିତ କରିବ। ତେବେ ରିଲିଜ୍ ପୂର୍ବରୁ 'ଆଙ୍ଗ୍ରୀ ୟଙ୍ଗ୍ ମ୍ୟାନ୍' ସିରିଜ୍‌ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଜାଭେଦ ଅଖ୍‌ତର, ଶବାନା ଆଜ୍‌ମି, ବୋନି କପୁର, ରିତେଶ ଦେଶ୍‌ମୁଖ୍ ପ୍ରମୁଖ ବହୁ ତାରକା ଯୋଗ ଦେଇଥିଲେ।



## ଟମାଟୋ ଫାଇଟ୍ ଫିଏଷ୍ଟା



ସ୍ପେନ୍‌ର ଭାଲେନ୍ସିଆ ନିକଟସ୍ଥ ବୁନୋଲ ଗ୍ରାମରେ ବାର୍ଷିକ ଟମାଟୋ ଫାଇଟ୍ ଫିଏଷ୍ଟା(ଟମାଟିନା)ରେ ଭାଗନେଇଥିବା ପ୍ରତିଯୋଗୀମାନେ ପରସ୍ପରକୁ ଟମାଟୋ ଫିଙ୍ଗୁଛନ୍ତି।

# ବାର୍ଡ ଫ୍ଲୁରେ ଜଣେ ବ୍ୟକ୍ତି ଆକ୍ରାନ୍ତ ସନ୍ଦେହ

## ଅସୁସ୍ଥ ଆର୍‌ଆର୍‌ଟି ସଦସ୍ୟଙ୍କ ସ୍ୱାବ୍, ରକ୍ତ ନମୁନା ପରୀକ୍ଷା ପାଇଁ ପଠାଗଲା

ପିପିଲି,୨୮।୮(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ଅଞ୍ଚଳରେ ବାର୍ଡ ଫ୍ଲୁ ବ୍ୟାପିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାପିଡ୍ ରେସ୍‌ପନ୍ସ ଟିମ୍ ଗତ ୪ ଦିନରେ ୧୪ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମାରି ଗାତ ଖୋଳି ବ୍ଲିଚିଂ ଓ ଚୂନ ପକାଇ ପୋତିବା ପରେ ଫାର୍ମଗୁଡ଼ିକୁ ବିଶୋଧନ କରି ସିଲ୍ କରିଦେଇଛି। ୬ମାସ ପର୍ଯ୍ୟନ୍ତ କୁକୁଡ଼ା ଚାଷ ବନ୍ଦ ରଖିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କୁକୁଡ଼ାମରା ଅଭିଯାନର ପଞ୍ଚମ ଦିବସରେ ବୁଧବାର ଦେଶୀ କୁକୁଡ଼ା ଓ ବତକଗୁଡ଼ିକ ଲକ୍ଷଣକୁ ସନ୍ଦେହ କରି ସେମାନଙ୍କର ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଜନାର୍ଦ୍ଦନପୁର ହଟ୍‌ସ୍ପଟ ସେଣ୍ଟରର ୪କି.ମି. ପରିଧି ପର୍ଯ୍ୟନ୍ତ ସବୁ ଫାର୍ମକୁ ସାନିଟାଇଜେଶନ କରାଯାଇଛି। ତେବେ ପିପିଲି ମଙ୍ଗଳପୁରରେ ଜଣେ ମଣିଷ ବାର୍ଡ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ ପ୍ରକାଶ ପାଇଛି। ଅନ୍ୟପକ୍ଷରେ କୁକୁଡ଼ାମରା ଅଭିଯାନରେ ସାମିଲ ଥିବା ଆର୍‌ଆର୍‌ଟି ଟିମ୍ ସଦସ୍ୟ ନିଶିକାନ୍ତ କୁଣ୍ଡୁ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପିପିଲି ମଙ୍ଗଳପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରାଯିବା ସହ ଆଇସୋଲେଶନ ସ୍ୱତନ୍ତ୍ର ୱାର୍ଡରେ ରଖାଯାଇଛି। ତାଙ୍କ ସ୍ୱାବ୍ ଓ ରକ୍ତନମୁନା ପରୀକ୍ଷା ପାଇଁ ଭୋପାଳ ପଠାଯାଇଛି।

ଅନ୍ୟପକ୍ଷରେ ବାର୍ଡ ଫ୍ଲୁରେ ଜଣେ ଆକ୍ରାନ୍ତ ହେବା ନେଇ ଆତଙ୍କିତ ନ ହେବାକୁ ପିପିଲି ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ବିନୟ ପଣ୍ଡା ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଭୋପାଳ ପଠାଯାଇଥିବା ଆର୍‌ଆର୍‌ଟି ଟିମ୍‌ର ଜଣେ ସଦସ୍ୟଙ୍କ ରକ୍ତନମୁନା ଓ ସ୍ୱାବ୍‌ର ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇ ନ ଥିବା ପଣ୍ଡା କହିଛନ୍ତି। ସେହିପରି ନିଶିକାନ୍ତ କୁଣ୍ଡୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ସେ ନିଜେ ସୂଚନା ଦେଇଛନ୍ତି। ଆର୍‌ଆର୍‌ଟି ଟିମ୍‌ର ସଦସ୍ୟ ଡା. କୃଷ୍ଣକୁମାର ପ୍ରଧାନ କହିଛନ୍ତି, ସମସ୍ତ ସଦସ୍ୟ ସୁସ୍ଥ ଅଛନ୍ତି। ସଂକ୍ରମିତ ଅଞ୍ଚଳରେ କୁକୁଡ଼ା ମାରିବା ଓ ଫାର୍ମ ସଫେଇ କରାଯିବା ସହିତ ଦୈନନ୍ଦିନ ସାନିଟାଇଜ କରାଯାଉଛି। ବର୍ତ୍ତମାନର ସ୍ଥିତିରେ କାମ କରିବା ନିଶ୍ଚିତ ରୂପେ ଚ୍ୟାଲେଞ୍ଜ ରହିଛି। ଅନ୍ୟପକ୍ଷରେ ପିପିଲି ସଂକ୍ରମିତ ବାର୍ଡ ଫ୍ଲୁ ଅଞ୍ଚଳରେ ବୁଧବାରଠାରୁ ଆଶାକର୍ମୀମାନେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି। ଜନସାଧାରଣଙ୍କୁ ସେମାନେ ଗାଁ ପରିବେଶ ସଫା ରଖିବାକୁ ବୁଝାଇବା ସହ ଜ୍ୱର, କାଶ, ଥଣ୍ଡା ରୋଗୀଙ୍କୁ ଚିହ୍ନଟ କରି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ପରାମର୍ଶ ଦେଉଛନ୍ତି। ପ୍ରଥମ ଦିନରେ ପ୍ରାୟ ୪୦ଟି ଗ୍ରାମରେ ଆଶାକର୍ମୀ ବୁଲି ସଚେତନ କରାଇଥିବା ଜଣାପଡ଼ିଛି।

### ୧୫୦୦ରୁ ଊର୍ଦ୍ଧ୍ୱ ମଲା କୁକୁଡ଼ାକୁ ପୋତାଗଲା

**କୋଠକୁସାଙ୍ଗ ଗ୍ରାମରେ ବାର୍ଡ ଫ୍ଲୁ ଆତଙ୍କ**

ବଲାଙ୍ଗୀ,୨୮।୮(କେଦାରେଶ୍ୱର ନନ୍ଦ): ବଲାଙ୍ଗୀ ନିକଟସ୍ଥ କୋଠକୁସାଙ୍ଗ ଗ୍ରାମରେ କୁକୁଡ଼ା ମଡ଼କ ଦେଖାଦେଇଛି। ତେଣୁ ବାର୍ଡ ଫ୍ଲୁ ସଂକ୍ରମଣ ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମଙ୍ଗଳବାର କୋଠକୁସାଙ୍ଗ ଗ୍ରାମର କୁକୁଡ଼ା ମଡ଼କ ହୋଇଥିବା ଫାର୍ମରୁ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ନମୁନା ସଂଗ୍ରହ କରାଯାଇ ଭୋପାଳ ପଠାଯାଇଛି। ରକ୍ତନମୁନା ଆସିଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ବୁଧବାର ପ୍ରାଣୀ ସମ୍ପଦ ବିଭାଗର ଏକ ଟିମ୍ କୋଠକୁସାଙ୍ଗ ଗ୍ରାମରେ କୁକୁଡ଼ା ମଡ଼କ ହୋଇଥିବା ଫାର୍ମକୁ ଯାଇ ୧୫୦୦ରୁ ଊର୍ଦ୍ଧ୍ୱ ମଲା କୁକୁଡ଼ାକୁ ଜେସିବି ମେଶିନ ଦ୍ୱାରା ମାଟି ଖୋଳି ପୋତି ଦେଇଛି। ସେହିପରି ଉକ୍ତ ଫାର୍ମକୁ ପରିଷ୍କାର କରାଯାଇ ବ୍ଲିଚିଂ ପାଉଡର ପକାଯିବା ସହ ଫର୍ମାଲିଙ୍ଗ ସ୍ପ୍ରେ କରାଯାଇଛି। ପୂର୍ବରୁ ଏହି ଅଞ୍ଚଳରେ ଥିବା ବିଭିନ୍ନ କୁକୁଡ଼ା ଫାର୍ମରେ କୁକୁଡ଼ା ମଡ଼କ ଦେଖାଦେଇଥିଲା। ଫାର୍ମ ମାଲିକମାନେ ମଲା କୁକୁଡ଼ାଗୁଡ଼ିକୁ ନେଇ ରାସ୍ତାପାର୍ଶ୍ୱ, କେନାଲ ଓ ନଦୀରେ ଫିଙ୍ଗିଦେଉଥିଲେ। ତେବେ ପ୍ରାଣୀ ସମ୍ପଦ ବିଭାଗ ଏଭଳି ନ କରିବାକୁ ପରାମର୍ଶ ଦେଇଛନ୍ତି। ବାର୍ଡ ଫ୍ଲୁ ସଂକ୍ରମଣ ରୋକିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

**ବେଦାନ୍ତ ବିଶ୍ୱବିଦ୍ୟାଳୟ ଅଧିଗ୍ରହୀତ ଜମି ଫେରାଇବା ମାମଲା**

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ,୨୮।୮ (କାର୍ତ୍ତିକ ସାହୁ)

ପୁରୀଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ୨୦୦୬ରେ ଅଧିଗୃହୀତ ହୋଇଥିବା ଜମି ଫେରାଇବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ୮ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଦିନ ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ୨୦୦୬ରେ ରାଜ୍ୟ ସରକାର ୧୦ ହଜାର ଏକର ଜମି ଅଧିଗ୍ରହଣ କରିଥିଲେ। ବେଦାନ୍ତ ବିଶ୍ୱବିଦ୍ୟାଳୟର ପ୍ରସ୍ତାବିତ ଅଞ୍ଚଳରେ ଜମି ଅଧିଗ୍ରହଣ ଦ୍ୱାରା ପ୍ରାୟ ୬୦୦୦ ପରିବାର ଓ ୩୦,୦୦୦ ଲୋକ ପ୍ରଭାବିତ ହୋଇଥିଲେ। ଉକ୍ତ ଅଧିଗୃହୀତ ଜମି ଫେରାଇବାକୁ ନେଇ ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟରେ ମାମଲା ପହଞ୍ଚିଥିଲା। ହାଇକୋର୍ଟ ୨୦୧୦ରେ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣକୁ ଖାରଜ କରିଦେଇଥିଲେ। ପରେ ୨୦୨୩ରେ ସୁପ୍ରିମକୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣକୁ ଖାରଜ କରିଥିଲେ। ଅପରପକ୍ଷରେ ରାଜ୍ୟ ସରକାର ଚାଷୀ ମାଲିକଙ୍କୁ ଜମି ଫେରାଇ ନ ଥିଲେ। ଏହାକୁ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ନବ ନିର୍ମାଣ କୃଷକ ସଙ୍ଗଠନ ଜରିଆରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏଥିରେ ଅଧିଗୃହୀତ ଜମି ଫେରାଇବାକୁ ଆବେଦନ କରାଯାଇଥିଲା।

# ‘କଳାଟଙ୍କା ବିନିଯୋଗ ଉପରେ ତୀକ୍ଷ୍ଣ ନଜର ରଖ’



ଏସ୍‌ଆଇଟି ବୈଠକରେ ବରିଷ୍ଠ ପଦାଧିକାରୀମାନେ ଯୋଗଦେବାକୁ ଯାଉଛନ୍ତି।

**ଏସ୍‌ଆଇଟିର ଏକାଦଶ ବୈଠକ**

କଟକ,୨୮।୮ (କାର୍ତ୍ତିକ ସାହୁ)

କଳାଟଙ୍କା କାରବାରର ତରିକା ବଦଳିଛି। ବର୍ତ୍ତମାନ ଅନ୍‌ଲାଇନ୍, ଜୁଆ, ଟ୍ରେଡିଂ, ଗେମ୍‌ରେ ଅଧିକ କଳାଧନ ବିନିଯୋଗ ଓ କାରବାର ହେଉଛି। ଏଭଳି ନୂଆ ନୂଆ କ୍ଷେତ୍ରରେ କଳାଟଙ୍କା କାରବାର ଅତ୍ୟନ୍ତ ଚିନ୍ତାଜନକ ହୋଇଛି। ଏସବୁ ସମେତ ଅନ୍ୟାନ୍ୟ କ୍ଷେତ୍ରରେ କଳାଟଙ୍କା ବିନିଯୋଗ ଉପରେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ତୀକ୍ଷ୍ଣ ନଜର ରଖିବାକୁ କଳାଟଙ୍କା ମାମଲାର ତଦନ୍ତ କରୁଥିବା ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍‌ଆଇଟି)ର ଉପାଧ୍ୟକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ ବରିଷ୍ଠ ତଦନ୍ତକାରୀ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ଏସ୍‌ଆଇଟିର ଏକାଦଶ ବୈଠକ ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ କଟକ ତେଲେଙ୍ଗାବଜାରସ୍ଥିତ ତାଙ୍କ ବାସଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନ୍‌ଲାଇନ୍, ଜୁଆ, ଟ୍ରେଡିଂ, ଗେମ୍ ଭଳି କ୍ଷେତ୍ରରେ କଳାଟଙ୍କା ବିନିଯୋଗ ଓ କାରବାର କରୁଥିବା ବ୍ୟକ୍ତି ତଥା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ଜଷ୍ଟିସ୍ ପଶାୟତ ନିର୍ଦ୍ଦେଶ ଦେଇଛନ୍ତି। କଳାଟଙ୍କା ତଦନ୍ତର ବିଭିନ୍ନ ଦିଗକୁ ନେଇ ତର୍ଜମା ତଥା ଆଲୋଚନା ହୋଇଛି। ସେହିପରି ନିକଟରେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିବା ୧୧ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସମ୍ପତ୍ତି ତାଲିକା ସମେତ ଅନ୍ୟାନ୍ୟ ତଥ୍ୟ ଭିଜିଲାନ୍ସ ପକ୍ଷରୁ ଉପସ୍ଥାପନ କରାଯାଇଛି। ନିର୍ବାଚନ ସମୟରେ ବିଭିନ୍ନ ସଂସ୍ଥା ଦ୍ୱାରା କଳାଧନ ବିନିଯୋଗ କରାଯାଇଛି। ସେ ସମ୍ପର୍କରେ ଆଲୋଚନା ପରିସରଭୁକ୍ତ ହୋଇଥିଲା। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟକୁ ଚଢ଼ାଉ କରିବାକୁ ଯିବାବେଳେ ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଜିଏସ୍‌ଟି, ସିଟି ଆଣ୍ଡ ଜିଏସ୍‌ଟି ଆଦି ବିଭାଗୀୟ ଅଧିକାରୀଙ୍କୁ ନେଇ ଗଠିତ ଟିମ୍‌କୁ ସାଥୀରେ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ତଦନ୍ତ କରାଗଲେ କଳାଟଙ୍କା କାରବାରର ତୃଣମୂଳ ସ୍ତରରୁ ବିସ୍ତୃତ ତଥ୍ୟ ହାସଲ ହୋଇପାରିବ। ତଦନ୍ତରେ ସାମିଲ ପ୍ରତ୍ୟେକ ବିଭାଗ ମଧ୍ୟରେ ତଥ୍ୟ ଆଦାନପ୍ରଦାନ କରି ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରାଯିବା ଉପରେ ଅଧିକ ଧ୍ୟାନ ଦେବାକୁ ଜଷ୍ଟିସ୍ ପଶାୟତ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ଏସ୍‌ଆଇଟିର ଏହି ବୈଠକକୁ ନେଇ ଆସନ୍ତା ୨ ସପ୍ତାହ ମଧ୍ୟରେ ସୁପ୍ରିମ୍‌କୋର୍ଟରେ ରିପୋର୍ଟ ଦାଖଲ କରାଯିବ ବୋଲି ଜଷ୍ଟିସ୍ ପଶାୟତ ସୂଚନା ଦେଇଛନ୍ତି।

ଏହି ବୈଠକରେ ଆର୍‌ବିଆଇ ଭୁବନେଶ୍ୱରର ଡିଜିଏମ୍ ଉମାକାନ୍ତ ସାହୁ, ରାଜସ୍ୱ ଯୁଗ୍ମ ସଚିବ ନାଭାଲ କିଶୋର ରାମ, ଏଫ୍‌ଆଇଭି(ଇଣ୍ଡିଆ)ର ଅତିରିକ୍ତ ନିର୍ଦ୍ଦେଶକ ରାଜର୍ଷି କୁମାର, କମିଶନର ଶଶୀ ଭୂଷଣ ଶୁକ୍ଳା, ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ. କେ. ଜେଠଓ୍ୱା, ଓଡ଼ିଶା କ୍ରାଇମବ୍ରାଞ୍ଚର ଆଇଜିପି ଶେଫିନ୍ ଅହମ୍ମଦ କେ, ଡିଜିଜିଆଇର ଅନିଲ କୁମାର ଗୁପ୍ତା, ଏମ. କେ. ସିଂହ, ସିବିଆଇର ବରିଷ୍ଠ ଏସ୍‌ପି ମନୀଷ ଭି. ସୁର୍ତି, ସିଟି ଆଣ୍ଡ ଜିଏସ୍‌ଟିର ଯୁଗ୍ମ କମିଶନର କୁନୁ ପାଢ଼ୀ, ଇଡି ନିର୍ଦ୍ଦେଶକ ରାହୁଲ ନବୀନଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# କୌଣସି ବ୍ୟକ୍ତିଙ୍କଠାରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୨୮।୮ (ଅନୁରାଧା ମହାରଣା)

ରାଜ୍ୟରେ ବାର୍ଡ ଫ୍ଲୁକୁ ନେଇ ଚିନ୍ତା ବଢ଼ିଛି। ଏହି ଭୂତାଣୁ କୁକୁଡ଼ାଠାରୁ ଲୋକଙ୍କୁ ବ୍ୟାପିଥିବା ନେଇ ଚର୍ଚ୍ଚା ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଖଣ୍ଡନ କରିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଓଡ଼ିଶାର କୌଣସି ବ୍ୟକ୍ତିଙ୍କଠାରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇନାହିଁ। ତେଣୁ ଏହାକୁ ନେଇ ଆତଙ୍କିତ ନ ହେବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ବାର୍ଡ ଫ୍ଲୁକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ପୁରୀ ଜିଲାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ରାଇଚକ୍ରଧରପୁର ଏବଂ ପିପିଲି ବ୍ଲକ ଅନ୍ତର୍ଗତ ଅବଲପୁରଠାରେ ଅଗଷ୍ଟ ୨୩ରେ ବାର୍ଡ ଫ୍ଲୁ ବ୍ୟାପିଥିବା ଖବର ପାଇବା ପରେ ରାପିଡ୍ ରେସ୍‌ପନ୍ସ ଟିମ୍ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇଥିଲା। କୁକୁଡ଼ାଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଭୋପାଳସ୍ଥିତ ଏନ୍‌ଆଇଏଚ୍‌ଏସ୍‌ଏଡିକୁ ପଠାଯାଇଥିଲା। ଫ୍ଲୁ ଥିବା ଜଣାପଡ଼ିବା ପରେ ଉକ୍ତ ଅଞ୍ଚଳରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯାଇ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି ଆଭିଏନ୍ ଇନ୍‌ଫ୍ଲୁଏଞ୍ଜା ପ୍ରୋଟୋକଲ ଅନୁଯାୟୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଉପରୋକ୍ତ ଦୁଇଟି ସ୍ଥାନର ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରିଛନ୍ତି। ତଦନୁଯାୟୀ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିଦିନ ଘରକୁ ଘର ଯାଇ ଥଣ୍ଡା, କାଶ, ଜର ରୋଗୀଙ୍କ ସର୍ବେକ୍ଷଣ କରୁଛନ୍ତି। ଟିମ୍ ମୁଖ୍ୟ ଏହିସବୁ ସ୍ଥାନକୁ ଯାଇ ସମସ୍ତ ପଦକ୍ଷେପର ଅନୁଧ୍ୟାନ କରୁଛନ୍ତି। ପ୍ରତ୍ୟେକ ଦିନ କୁକୁଡ଼ା କଟାଳି, ଫାର୍ମ ମାଲିକ ଓ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପ୍ରତିଷେଧକ ଭାବେ ସେମାନଙ୍କୁ ଓସେଲ୍ଟାମିର୍ଭି ଔଷଧ ପ୍ରଦାନ କରାଯାଉଛି। ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସଂପୃକ୍ତ ଗ୍ରାମଗୁଡ଼ିକର ସାସ୍ଥ୍ୟ କାନ୍ଥଗୁଡ଼ିକରେ ବାର୍ଡ ଫ୍ଲୁ ନିରାକରଣ ବାର୍ତ୍ତା ପ୍ରଦାନ କରାଯାଉଛି। ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାର୍ଡ ଫ୍ଲୁ ରୋଗର ଲକ୍ଷଣ ଥିବା ବ୍ୟକ୍ତିଙ୍କ ପାଇଁ ସଂଘରୋଧ ବ୍ୟବସ୍ଥା ସହ ଚିକିତ୍ସା ପାଇଁ ପୃଥକ କକ୍ଷ ପ୍ରସ୍ତୁତ କରାଯାଇଛି। କୁକୁଡ଼ା କଟାଳିଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କର ଥଣ୍ଡା, କାଶ ଓ ଜର ଲକ୍ଷଣ ଥିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୃଥକ କକ୍ଷରେ ରଖାଯାଇ ତାଙ୍କ ନମୁନାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ତାଙ୍କୁ ଓସେଲ୍ଟାମିର୍ଭି ଔଷଧ ଦିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଓଏଏସ୍ ମୁଖ୍ୟ ଲିଖିତ ପରୀକ୍ଷାଫଳ ପ୍ରକାଶ

କଟକ,୨୮।୮ (କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ୨୦୨୨-୨୩ ମୁଖ୍ୟ ଲିଖିତ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ୧୩୬୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ଓ ପର୍ସନାଲିଟି ଟେଷ୍ଟ ଆସନ୍ତା ୯ରୁ କରାଯିବ। ୨୦୨୪ ଫେବୃୟାରୀ ୨୫ରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମୁଖ୍ୟ (ଲିଖିତ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

# ଭାରତରେ ବାୟୁ ପ୍ରଦୂଷଣ ୨୦% କମିଛି



**ଶିକାଗୋ ବିଶ୍ୱବିଦ୍ୟାଳୟର ରିପୋର୍ଟ**

ଶିକାଗୋ, ୨୮।୮

ଭାରତରେ ୨୦୨୧ ତୁଳନାରେ ୨୦୨୨ରେ ବାୟୁ ପ୍ରଦୂଷଣ ମାତ୍ରା୧୯.୩% କମିଛି। ଏହି ଅବଧି ମଧ୍ୟରେ ବାଂଲାଦେଶ ପରେ ଭାରତରେ ଦ୍ୱିତୀୟ ସର୍ବାଧିକ ବାୟୁ ପ୍ରଦୂଷଣଜନିତ ହ୍ରାସ ପାଇଛି। ଫଳରେ ଦେଶର ପ୍ରତ୍ୟେକ ନାଗରିକଙ୍କ ହାରାହାରି ଆୟୁଷ ୧ ବର୍ଷ ବଢ଼ିଛି। ‘ୟୁନିଭର୍ସିଟି ଅଫ୍ ଶିକାଗୋ’ର ‘ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍’ ପକ୍ଷରୁ ବୁଧବାର ପ୍ରକାଶିତ ‘ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ୨୦୨୪’ ବାର୍ଷିକ ରିପୋର୍ଟରେ ଏହି ତଥ୍ୟ ଉଲ୍ଲେଖ ରହିଛି।

ଅନୁକୂଳ ପାଣିପାଗ ସ୍ଥିତି ଯୋଗୁ ଭାରତ ସମେତ ଅନେକ ଦକ୍ଷିଣ ଏସୀୟ ଦେଶରେ ବାୟୁ ପ୍ରଦୂଷଣ ସ୍ତରରେ ହ୍ରାସ ଘଟିଛି। ତେବେ ଭାରତର ବାୟୁ ପ୍ରଦୂଷଣ ସ୍ତରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପଶ୍ଚିମବଙ୍ଗର ପୁରୁଲିଆ ଏବଂ ବାଙ୍କୁରା ଜିଲାରେ ଦେଖିବାକୁ ମିଳିଛି। ସେହିପରି ଦେଶର ସବୁଠାରୁ ପ୍ରଦୂଷିତ ଅଞ୍ଚଳ ଭାବେ ଜଣାଶୁଣା ଉତ୍ତର ଭାରତର ଅବବାହିକାରେ ବାୟୁ ପ୍ରଦୂଷଣ ସ୍ତର ୧୭.୨% କମିଛି। ତେବେ ଦେଶର ଜାତୀୟ ବାୟୁ ଗୁଣବତ୍ତା ମାନଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳଗୁଡ଼ିକରେ ୪୨.୬% ଭାରତୀୟ ବସବାସ କରୁଥିବା ଉକ୍ତ ରିପୋର୍ଟ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ବାର୍ଷିକ ପିଏମ୍ ୨.୫ ସାନ୍ଦ୍ରତା ମାନକକୁ ପୂରଣ କରିବାରେ ଯଦି ଭାରତ ଆଗାମୀ ଦିନରେ ବିଫଳ ହୁଏ, ତେବେ ଦେଶବାସୀଙ୍କ ହାରାହାରି ଆୟୁ ୩.୬ ବର୍ଷ ହ୍ରାସ ପାଇବ ବୋଲି

‘ୟୁନିଭର୍ସିଟି ଅଫ୍ ଶିକାଗୋ’ ପକ୍ଷରୁ ଜାରି ହୋଇଥିବା ଉକ୍ତ ରିପୋର୍ଟ ଆଶଙ୍କା ପ୍ରକାଶ କରିଛି। ରିପୋର୍ଟକୁ ନେଇ ପରିବେଶବିତ୍ ଅବିନାଶ ଚଞ୍ଚଲ କହିଛନ୍ତି, ବାୟୁ ପ୍ରଦୂଷଣ ସ୍ତରରେ ସାମାନ୍ୟ ହ୍ରାସ ପାଇଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ହାରାହାରି ଆୟୁଷରେ ବୃଦ୍ଧି ଘଟୁଛି। ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବା ଦ୍ୱାରା ଆୟୁଷ କମିବା ସହ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ବିପଦ ସୃଷ୍ଟି ହୋଇଥାଏ ବୋଲି ସେ କହିଛନ୍ତି।

**ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା**

# ବାକିରେ ଚାଲିଛି ବିଭାଗୀୟ କାର୍ଯ୍ୟ

- ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଜବାବ ଦାଖଲ
- ନିୟମ ବଦଳାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କଟକ ସଦର,୨୮।୮ (ସୁଶାନ୍ତ କୁମାର ଜେନା)

୨୦୧୮ ଜୁଲାଇରୁ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଭାଗୀୟ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଚାଲିଛି। ଏଥିପାଇଁ ଆବଶ୍ୟକ ପଡୁଥିବା ଅର୍ଥ ସରକାର ଆଗୁଆ ସରକାରୀ କର୍ମଚାରୀଙ୍କୁ ପ୍ରଦାନ କରି ନ ଥାଆନ୍ତି। ପଞ୍ଚାୟତ ସ୍ତରରେ କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ୍ ସ୍ତରରେ କନିଷ୍ଠ ଓ ସହକାରୀ ଯନ୍ତ୍ରୀମାନେ ଭେଣ୍ଡରଙ୍କଠାରୁ ବାକିରେ ବିଭିନ୍ନ ସାମଗ୍ରୀ ଆଣି କାମ କରିଥାନ୍ତି ବୋଲି କଟକ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଲିଖିତ ଆକାରରେ ରାଜ୍ୟ ସୂଚନା ଆୟୁକ୍ତଙ୍କ ନିକଟରେ ଜବାବ ଦାଖଲ କରିଛନ୍ତି। ହେଲେ ସରକାର ବଦଳିବା ପରେ ଏହି ନିୟମ ତୁରନ୍ତ ବଦଳାଇବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଦାବି ହେଉଛି। କଟକ ସଦର ଅଞ୍ଚଳର କେତେଜଣ ସ୍ୱେଚ୍ଛାସେବୀ ଏକ ଦାବିପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନଶୁଣାଣି ପ୍ରକୋଷ୍ଠରେ ଏନେଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂର୍ବ ସରକାର ସମୟରେ କେତେଜଣ ରାଜନେତା ଓ ସରକାରୀ ଅଧିକାରୀଙ୍କୁ ଫାଇଦା ପହଞ୍ଚାଇବା ପାଇଁ ଏଭଳି ନିୟମ କରାଯାଇଥିଲା ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଉକ୍ତ ପତ୍ରରେ ଅତୀତରେ କରାଯାଇଥିବା ବେଆଇନ କାର୍ଯ୍ୟର ଉଦାହରଣ ମଧ୍ୟ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୩୨୨୦/୧୨।୭।୨୦୧୮ରେ ଏକ ନିର୍ଦ୍ଦେଶନାମା ଜାରି କରାଯାଇ ଏହି ଦିନଠାରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବିଭାଗୀୟ ତତ୍ତ୍ୱାବଧାନରେ କରାଯିବ ବୋଲି ନିୟମ କରାଯାଇଥିଲା। କାରଣ ୨୦୧୮ ପୂର୍ବରୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ଶ୍ରମିକ ପ୍ରତିନିଧିଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିବାରୁ ବହୁ ବିଳମ୍ବ ଘଟୁଥିଲା ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଥିଲା। କାମ କରିବା ପାଇଁ ପଞ୍ଚାୟତ କିମ୍ବା ବ୍ଲକ୍ ପକ୍ଷରୁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଅଗ୍ରିମ ଅର୍ଥ ଦେବାର ବ୍ୟବସ୍ଥା ନ ଥିଲା। ୫୦ରୁ ୬୦ ହଜାର ଟଙ୍କା ମାସିକ ଦରମା ପାଉଥିବା ସରକାରୀ କର୍ମଚାରୀ ବିନା ଅଗ୍ରୀମରେ ବାର୍ଷିକ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାମ କରୁଥିଲେ। ସେମାନେ ଏହି କାମ କିଭଳି ଭାବେ କରିପାରୁଛନ୍ତି, ସେ ସମ୍ପର୍କରେ ଜାଣିବା ପାଇଁ ୨୦୨୦ରେ ତତ୍କାଳୀନ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ତଥ୍ୟ ମଗାଯାଇଥିଲା। ମାତ୍ର ଏହି ସୂଚନା ଉକ୍ତ କାର୍ଯ୍ୟାଳୟରୁ ମିଳିଲା ନାହିଁ। ପରେ ଏହି ମାମଲାର ଦ୍ୱିତୀୟ ଶୁଣାଣି ରାଜ୍ୟ ସୂଚନା ଆୟୁକ୍ତଙ୍କ ଦ୍ୱାରା କରାଯାଇଥିଲା। ଏହାର ଉତ୍ତର ଦେବା ପାଇଁ ସୂଚନା ଆୟୁକ୍ତ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ନୋଟିସ୍ ପଠାଇଥିଲେ। କଟକ ଜିଲା ପରିଷଦରେ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପତ୍ରସଂଖ୍ୟା ୨୬୯୪/୧୯।୧୦।୨୦୨୨ରେ ରାଜ୍ୟ ସୂଚନା ଆୟୁକ୍ତଙ୍କୁ ଏହି ବିଷୟରେ ଅବଗତ କରିଥିଲେ। ଏଥିରେ ଇଟା, ବାଲି, ସିମେଣ୍ଟ, ରଡ୍ ଓ ଚିପ୍ସ ଭଳି ସାମଗ୍ରୀ ବାକିରେ ଯନ୍ତ୍ରୀମାନେ କିଣି ଥାଆନ୍ତି ବୋଲି କୁହାଯାଇଛି। କିନ୍ତୁ ଶ୍ରମିକ ମଜୁରି କିପରି ଦୈନନ୍ଦିନ ଦିଆଯାଏ, ସେ ସମ୍ପର୍କରେ ଉଲ୍ଲେଖ ନାହିଁ। ପରେ ଏହି ମାମଲାକୁ ସୂଚନା ଆୟୁକ୍ତ ପତ୍ରସଂଖ୍ୟା ୪୨୩୦୪/ଓ.ଆଇ.ସିରେ ବନ୍ଦ କରି ଦେଇଥିଲେ। ତେଣୁ ବାକିରେ କାମ କରିବା ଅପେକ୍ଷା ମନୋନୀତ ଶ୍ରମିକ ପ୍ରତିନିଧିଙ୍କ ଦ୍ୱାରା କରିବାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅନୁରୋଧ କରାଯାଇଛି। ଏହାଛଡା ସମସ୍ତ ଦରକାରୀ କାଗଜପତ୍ର ମଧ୍ୟ ଅନୁଧ୍ୟାନ ପାଇଁ ପ୍ରଦାନ କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ଚିତ୍ରଶିଳ୍ପୀ ଡ. ଦୀନନାଥ ପାଠୀଙ୍କ ଅଷ୍ଟମ ବାର୍ଷିକ ପୁଣ୍ୟତିଥି, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଦୀନନାଥ ପାଠୀ ମେମୋରିଆଲ ଲେକ୍ଚର, ସ୍ଥାନ: ବି.କେ କଲେଜ ଅଫ୍ ଆର୍ଟ୍ସ ଆଣ୍ଡ କ୍ରାଫ୍ଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୧୯ତମ ଗୁରୁ ଦକ୍ଷିଣା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୦୦ତମ ଆଲୋଚନା ଚକ୍ର, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଉତ୍କଳ କରାଟେ ସ୍କୁଲର ୪୪ତମ ଫାଉଣ୍ଡେଶନ ଡେ', ସ୍ଥାନ: ପ୍ଲଟ ନଂ. ୪ଏ, ୟୁନିଟ୍-୯, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଜାତୀୟ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ସତ୍ୟବାଦୀ ବାଳକ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଖୋର୍ଦ୍ଧା
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜଟଣୀ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ଖେଳ ପଡ଼ିଆ, ଭୀମପୁରା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- କମ୍ରେଡ ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ, ନୀଳଗିରି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଭଲିବଲ୍ ପ୍ରଦର୍ଶନୀ ମ୍ୟାଚ, ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ଖେଳପଡ଼ିଆ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ହଟାଡ଼ିଆ ପଡ଼ିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କ୍ରୀଡ଼ା ଦିବସ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ୱାକାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୭ ଟା ୩୦।

## ମୟୂରଭଞ୍ଜ
- ଜାତୀୟ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୮ଟା୩୦।
- ଦିବ୍ୟାଙ୍ଗଙ୍କୁ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: କୁଳିଅଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ପିସିପୁର ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।
- ସ୍ପୋର୍ଟ୍ସ ହଷ୍ଟେଲ ଓ ଇଣ୍ଡିପେଣ୍ଡେଣ୍ଟ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ
- ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଶିବିର, ସ୍ଥାନ: ବୁଗୁଡ଼ା ସୁନାକେରା, ସମୟ: ସକାଳ ୮ଟା।
- ଚିକିଟି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପାତ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଭେୟର ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ବ୍ଲକ କୃଷି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## କନ୍ଧମାଳ
- ଖୋର୍ଦ୍ଧା ଜିଲାର ଜିଲାପରିଷଦ ପ୍ରତିନିଧିମାନଙ୍କ ଏକ୍ସପୋଜର ଭିଜିଟ୍, ସ୍ଥାନ: ଦାରିଙ୍ଗବାଡି ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳ, ସମୟ: ଅପରାହ୍ନ ୧ଟା ୧୫ରୁ ଅପରାହ୍ନ ୫ଟା ୪୫।

## ଢେଙ୍କାନାଳ
- କ୍ରୀଡ଼ା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ସାଇ ହଷ୍ଟେଲ, ଢେଙ୍କାନାଳ, ସମୟ: ସକାଳ ୭ଟା୩୦।
- ସ୍କୁଲସ୍ତରୀୟ ହକି ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା୩୦।

## ଜଗତ୍‌ସିଂହପୁର
- ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପୌରପାଳିକା ପକ୍ଷରୁ ସ୍ୱଚ୍ଛତା ସଚେତନତା ରାଲି, ସ୍ଥାନ: ୧୫ ନଂ. ୱାର୍ଡ, ବଡ଼ପଡ଼ିଆ, ପାରାଦୀପ, ସକାଳ ୮ ଟା।

## କେନ୍ଦ୍ରାପଡ଼ା
- ଜାତୀୟ କ୍ରୀଡ଼ା ଦିବସ ପାଳନ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଓସ୍ତପୁର, କେନ୍ଦ୍ରାପଡ଼ା ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ : ଯାଜପୁର ହକି ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବନ୍ଧୁତାପୂର୍ଣ୍ଣ ହକି ମ୍ୟାଚ, ବ୍ୟାଡମିଣ୍ଟନ ମ୍ୟାଚ, ସ୍ଥାନ : ଯାଜପୁର ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୦ଟା।
- ସନ୍ତରଣ ପ୍ରତିଯୋଗିତା, ସ୍ଥାନ : ବିଜୁ ପଟ୍ଟନାୟକ ସୁଇମିଂ ପୁଲ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼
- ପ୍ରୟୋଗ ତାଲିମ ଶିବିରର ଅନ୍ତିମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଲାଠିପଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଲବଣି ଖିଆ ପର୍ବ, ସ୍ଥାନ: କଣ୍ଟିଲୋ ସେବକସାହି, ସମୟ: ମଧ୍ୟାହ୍ନ ୧୨ଟା୩୦।
- କାଳୀୟଦଳନ ଓ ଲବଣିଖିଆ ପର୍ବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜାତୀୟ କ୍ରୀଡ଼ା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ସଦ୍‌ଭାବନା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରୁ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ, ରାୟଗଡା, ସମୟ: ସକାଳ ୭ ଟା ।
- ପ୍ରଧାନ ମନ୍ତ୍ରୀ ଜନମନ ପରିଯୋଜନାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କୁର୍ଲି, କୁଡୁବାଲି ପଦର, କାଡ୍ରାଗୁମା, ବିଷମକଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ କ୍ରୀଡା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ଗୁଣପୁର, ସମୟ: ସନ୍ଧ୍ୟା ୬ ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ କ୍ରୀଡ଼ା ଦିବସ ଅବସରରେ ଶୋଭଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ନିକଟରୁ ଆର୍‌ସିଡି ହାଇସ୍କୁଲ ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ, ସ୍ଥାନ: ହିର୍ଲିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ
- କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ୧୬ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସିୟୁଓର ସୁନାବେଡ଼ା କ୍ୟାମ୍ପସ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ ଟା ।
- ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ବିକାଶ ବିଭାଗର ମିଳିତ ପରିଚାଳନା ବୈଠକ, ସ୍ଥାନ : ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ : ଅପରାହ୍ନ ୩ ଟା ୩୦ ।
- ଜିଲାସ୍ତରୀୟ ମନିଟରିଂ କମିଟି ବୈଠକ, ସ୍ଥାନ : ସଦ୍‌ଭାବନା ଗୃହ, କୋରାପୁଟ, ସମୟ: ଅପରାହ୍ନ ୪ଟା ୩୦ ।କୃଷି

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଭରତ ସ୍କାଉଟ୍ସ ଏବଂ ଗାଇଡ୍ସର ପାଞ୍ଚ ଦିନିଆ ରାଜ୍ୟ ପୁରସ୍କାର ଟେଷ୍ଟିଙ୍ଗ କ୍ୟାମ୍ପ, ସ୍ଥାନ : ସମ୍ବଲପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଜିଲାକ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ-ହିନ୍ଦ କ୍ଲବ ବନାମ ଅଫତାବ କ୍ଲବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା୧୫ ।

## ବଲାଙ୍ଗୀର
- ଅସୀ ଚାଳନା ପ୍ରଶିକ୍ଷଣ, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ ।

## ସୁବର୍ଣ୍ଣପୁର
- ଜାତୀୟ କ୍ରୀଡା ଦିବସ ଅବସରରେ ମିନି ମାରାଥନ, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ସକାଳ ୭ଟା ୩୦।
- ଭାଜପା ପକ୍ଷରୁ ଅଭିଯୋଗ ଶୁଣାଣି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ନ୍ୟାଶନାଲ ସ୍ପୋର୍ଟ୍ସ ଡେ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା, ସ୍ଥାନ: ଝାରବନ୍ଧ ହାଇସ୍କୁଲ, ସମୟ: ଅପରାହ୍ନ ୨ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ବେହେରାମାଲ ତାରିଣୀ ମନ୍ଦିର, ସମୟ: ସକାଳ ୭ଟା।
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ବୁଦାପଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼
- ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ମିନି ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଲୁହୁରାଡିପା ନୂଆ ବସଷ୍ଟାଣ୍ଡ, ସମୟ: ସକାଳ୮ଟା।

## ରାଉରକେଲା
- ସାରସ୍ୱତ କବି ବୈଠକ, ସ୍ଥାନ: ଶକ୍ତିନଗର, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟ କ୍ରୀଡ଼ା ଦିବସ ପାଳନ, ସ୍ଥାନ: ସେକ୍ଟର-୨ ମାକ୍ସମୁଲାର ଭବନ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ଜାତୀୟ କ୍ରୀଡା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ପୁରୁଣା ଜିଲାପାଳ ଅଫିସ ରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଜାତୀୟ କ୍ରୀଡା ଦିବସ ଅବସରରେ ସେମିନାର, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ, ହଲ, ସମୟ: ସକାଳ ୯ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି
- ଆୟୁଷ୍ମାନ ଆରୋଗ୍ୟ ଶିବିର, ସ୍ଥାନ: କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।
- ଚାରା ରୋପଣ କାର୍ଯକ୍ରମ, ସ୍ଥାନ: ଜିଲିଙ୍ଗଦର, ଜୁନାଗଡ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜଳସେଚନ ପ୍ରକଳ୍ପ ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ତନିସ୍କର ନୂତନ ଜୁଏଲେରୀ ଷ୍ଟୋର ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ବିବିସି ପଡ଼ା, ସମୟ: ଅପରାହ୍ନ ୫ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଜଗନ୍ନାଥ ମନ୍ଦିର, ସମୟ ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ
- ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଇନଡୋର ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।
- ସନ୍ତରଣ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ସନ୍ତରଣାଗାର, ବୌଦ୍ଧ, ସମୟ: ସକାଳ ୮ଟା ୩୦।
- ଏନଏସିସ୍ତରୀୟ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳପଡିଆ, ବୌଦ୍ଧ, ସମୟ : ଅପରାହ୍ନ ୩ଟା।
- ନନ୍ଦନବନ ପୁନରୁଦ୍ଧାର ନେଇ ବୈଠକ, ସ୍ଥାନ: ଯାଯାବର ଖଜୁରୀପଡା, ହରଭଙ୍ଗା, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗ୍ରହ ସ୍ଥିତି ଅନୁଯାୟୀ ଅସଜଡ଼ା ପରିବାର ଓ କର୍ମକ୍ଷେତ୍ର ସକାଶେ ଚିନ୍ତିତ ରହିବେ। ସଭାସମିତି ଏବଂ ଆଲୋଚନା କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ ପ୍ରତିହତ କରିପାରିବେ। ପ୍ରିୟ ବନ୍ଧୁଙ୍କ ସହ ନୂତନ ସ୍ଥାନ ବୁଲିଯିବାର ସୁଯୋଗ ଜୁଟିବ। ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ ଫଳ ପାଇବେ ଏବଂ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବନାହିଁ।

**ବୃଷ** ଘରର କେତେକ ଅକୁହା ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବ୍ୟବସାୟ, ପରିବହନ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସ୍ୱାର୍ଥହାନି ଆଶଙ୍କାରେ ନିଜର ପ୍ରିୟ ବ୍ୟକ୍ତିମାନେ କ୍ରମଶଃ ଦୂରେଇଯିବାର ଉପକ୍ରମ କରିପାରନ୍ତି। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ଲେଖାପଢ଼ାରେ ସନ୍ତୁଷ୍ଟ ରହିପାରନ୍ତି।

**ମିଥୁନ** ଆଜି ଆପଣ ଭଲକାମ କରିବାକୁ ଯାଇ ମଧ୍ୟ ଅପଦସ୍ତ ହୋଇପାରନ୍ତି। ଅଯଥା ବଡ଼ଭାଇପଣିଆ ଦେଖାଇଲେ ଭଲ ବଦଳରେ ମନ୍ଦଫଳ ଭୋଗିବାକୁ ପଡ଼ିବ। ରୋଗିଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ମିଳିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ ନ ହେବାରୁ ଅନ୍ୟମାନଙ୍କୁ ସନ୍ଦେହଚକ୍ଷୁରେ ଦେଖିପାରନ୍ତି।

**କର୍କଟ** ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ପ୍ରତ୍ୟେକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହେବ। କର୍ମଜଞ୍ଜାଳର ତୀବ୍ରତା ମାନସିକ ଶାନ୍ତି ଭଗ୍ନ କରିବା ସହ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଅବଶ୍ୟ ଘରୋଇ ସମସ୍ୟା କିମ୍ବା ଟଙ୍କା ପଇସାର ଅଭାବକୁ ବନ୍ଧୁ ସମାଧାନ କରିପାରନ୍ତି। ପରକଥାକୁ ବିଶ୍ୱାସକରି କାମକଲେ ଅସୁବିଧାର ସମ୍ମୁଖୀନ ହେବେ।

**ସିଂହ** ପ୍ରତ୍ୟେକ କାର୍ଯ୍ୟକୁ ସଫଳତାର ସହ ସମ୍ପନ୍ନ କରିବେ। ଟେନ୍‌ସନ ଲାଗିରହିବା ସହ କେତେକ ଲୋକ ଅସନ୍ତୁଷ୍ଟ ହୋଇପାରନ୍ତି। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ପ୍ରତ୍ୟେକ ବିଷମ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହୋଇପାରନ୍ତି। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**କନ୍ୟା** ବନ୍ଧୁ କଥା ରଖି ଯଥା ସମୟରେ ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବେ, ଯାହାଦ୍ୱାରା କି ଆପଣଙ୍କ କାମ ସୁବିଧାରେ ହୋଇଯିବ। କେତେକ କ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାମାନ୍ୟ କଥାକୁ ନେଇ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ପରିବାରରେ ଅସୁବିଧା ନ ଥିଲେ ମଧ୍ୟ କିଛି ନା କିଛି କାରଣରୁ ଟେନ୍‌ସନ ଲାଗିରହିବ। ଭଲ ସମ୍ପର୍କ ନ ଥିବା ଲୋକଙ୍କ କଥାକୁ ବିଶ୍ୱାସକଲେ ଅସୁବିଧା ଭୋଗିବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତରୁ ଶୁଭଫଳ ପାଇବେ। ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ଦୁଶ୍ଚିନ୍ତାର କାରଣ ହେବାର ସୂଚନା ରହିଛି।

**ବିଛା** ଆଜିର ଗ୍ରହ ସ୍ଥିତି ପ୍ରଭାବରୁ ମନରେ ନକାରାତ୍ମକ ଭାବନା ଜାଗ୍ରତ ହେବ। ପରିବାର ଭିତରେ ଟିକିଏ ଟିକିଏ କଥାରେ ରାଗି ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିବାର ସୂଚନା ରହିଛି। ରାଜନୀତି, ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ।

**ଧନୁ** ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ବଦାନ୍ୟତାରୁ ଯାହା ଚାହୁଁଛନ୍ତି ତାହା ପାଇବେ। ମୂଳା ନକ୍ଷତ୍ର ବ୍ୟକ୍ତିଙ୍କ ପାଇଁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ସାମାଜିକସ୍ତରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା, ନୂତନ କର୍ମାରମ୍ଭ, ବନ୍ଧୁଙ୍କ ସହ ଆଲୋଚନା ବିଫଳ ହେବନି।

**ମକର** ଆଜି ଯାହା କରନ୍ତୁ ନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। କୌଣସି ବନ୍ଧୁ ନିକଟରେ ରହିଯାଇଥିବା ବାକି ଟଙ୍କା ଆଜି ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ଗୋପନୀୟ କଥା ପ୍ରକାଶ କରିବା ଠିକ୍ ହେବନାହିଁ।

**କୁମ୍ଭ** ଆଜି ବନ୍ଧୁ ଗହଣରେ ପାରସ୍ପରିକ ଆଲୋଚନା ଓ ସହମତିରେ ନିଷ୍ପତ୍ତି ନେବାରେ ସମର୍ଥ ହେବେ। ପଡ଼ୋଶୀ ସାଧାରଣ କଥାରୁ କଳହ କରିପାରନ୍ତି। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ ନଚେତ୍ ପରେ ପସ୍ତେଇବାକୁ ପଡ଼ିପାରେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାର ସୂଚନା ଅନୁଭବ କରିବେ।

**ମୀନ** ଆଜି ଦିନଟି ସାମଗ୍ରିକ ଦୃଷ୍ଟିରୁ ବହୁତ ଭଲରେ ଅତିବାହିତ ହେବ। ମାତ୍ର ସାମୟିକ ସ୍ୱାସ୍ଥ୍ୟହାନି ସାଙ୍ଗକୁ ପାଖପଡ଼ୋଶୀଙ୍କ କଟୁକ୍ତି ମନରେ ଗଭୀର ରେଖାପାତ କରିପାରେ। ବହୁତଗୁଡ଼ାଏ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ଆଜି ହଠାତ୍ ଆବଶ୍ୟକତା ପୂରଣ ଲାଗି ଧାର କରିବାକୁ ପଡ଼ିବ। ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ିବାର ଚେଷ୍ଟା ବିଫଳ ହେବନାହିଁ।

ଆଜି ଅଗଷ୍ଟ ୨୯ ତାରିଖ, ରାଷ୍ଟ୍ରୀୟ କ୍ରୀଡ଼ା ଦିବସ, ଧ୍ୟାନ୍‌ଚାନ୍ଦଙ୍କ ଜନ୍ମଦିବସ, ଭାଦ୍ରବ କୃଷ୍ଣପକ୍ଷ ଗୁରୁବାର, ଶ୍ରୀମନ୍ଦିରରେ କାଳୀୟଦଳନ ଏକାଦଶୀ ଓ ଧେନୁକାସୁର ବଧ ପ୍ରସ୍ତାବ, କାଳୀୟଦଳନ ବେଶ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ଆର୍ଦ୍ରା/ମିଥୁନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୩୪ମି. ଗତେ ଘ.୦୭।୧୩ମି. ମଧ୍ୟେ, ଘ.୧୦।୩୨ମି. ଗତେ ଘ.୦୧।୦୨ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୦ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଜନସଂଖ୍ୟା ବୃଦ୍ଧି ହାରକୁ ...

ଆତ୍ମହତ୍ୟା ହାର ଦେଶର ଜନସଂଖ୍ୟା ବୃଦ୍ଧି ଓ ମୋଟ ଆତ୍ମହତ୍ୟା ଧାରାଠାରୁ ଅଧିକ ରହିଛି। ଗତ ଦଶନ୍ଧିରେ ୦ରୁ ୨୪ ବର୍ଷୀୟଙ୍କ ଜନସଂଖ୍ୟା ୫୮୨ ନିୟୁତରୁ ୫୮୧ ନିୟୁତକୁ ହ୍ରାସ ପାଇଥିଲା। କିନ୍ତୁ ସମାନ ଅବଧି ମଧ୍ୟରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ୬,୬୫୪ରୁ ୧୩,୦୪୪କୁ ବୃଦ୍ଧି ପାଇଥିଲା। ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ର, ତାମିଲନାଡୁ ଓ ମଧ୍ୟପ୍ରଦେଶରେ ସର୍ବାଧିକ ଅର୍ଥାତ୍ ଜାତୀୟ ହାରର ଏକ-ତୃତୀୟାଂଶ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଛନ୍ତି। ଦକ୍ଷିଣ ଭାରତୀୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଜାତୀୟ ହାରର ୨୯% ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ମାମଲା ନଜରକୁ ଆସିଛି। ଅନ୍ୟପକ୍ଷେ କୋଟା ଭଳି ସହରରେ କୋଚିଂ ସେଣ୍ଟରଗୁଡ଼ିକରେ ପଢୁଥିବା ପିଲାଙ୍କ ଆତ୍ମହତ୍ୟା ସଂଖ୍ୟା ବଢ଼ିଚାଲିଛି। ଏଥିଯୋଗୁ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା କ୍ଷେତ୍ରରେ ରାଜସ୍ଥାନ ଦେଶରେ ୧୦ମ ରାଜ୍ୟ ପାଲଟିଛି।

ପୋଲିସ ପଞ୍ଜୀକୃତ ଫାଷ୍ଟ ଇନ୍‌ଫର୍ମେଶନ ରିପୋର୍ଟ (ଏଫ୍‌ଆଇଆର୍) ଆଧାରରେ ଏନ୍‌ସିଆର୍‌ବି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ତେବେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟାର ପ୍ରକୃତ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଅନୁମାନ କରାଯାଉଛି। ସାମାଜିକ ଅପବାଦ, ଆତ୍ମହତ୍ୟା ଉଦ୍ୟମର ଅପରାଧୀକରଣ ଯୋଗୁ ପ୍ରକୃତ ଆତ୍ମହତ୍ୟା ସଂଖ୍ୟା ସାମ୍ନାକୁ ଆସିପାରୁ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୧୭ର ମେଣ୍ଟାଲ ହେଲ୍‌ଥକେୟାର ଆକ୍ଟ ମାନସିକ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମକୁ ଅପରାଧମୁକ୍ତ କରିଥିଲେ ହେଁ ଉପଯୁକ୍ତ ରିପୋର୍ଟିଂ କରାଯାଉ ନାହିଁ। ସେହିପରି ଗ୍ରାମାଞ୍ଚଳରେ ଆତ୍ମହତ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଠିକ୍ ଭାବେ ହୋଇପାରୁ ନ ଥିବାରୁ ଡେଟାରେ ମଧ୍ୟ ତାଳମେଳ ରହୁନାହିଁ। ଆଇସିଥ୍ରୀ ମୁଭ୍‌ମେଣ୍ଟ ପ୍ରତିଷ୍ଠାତା ଗଣେଶ କୋହଲି କହିଛନ୍ତି, ଆମ ଶିକ୍ଷାନୁଷ୍ଠାନଗୁଡ଼ିକରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଚ୍ୟାଲେଞ୍ଜ ବଢ଼ିଚାଲିଥିବା ଏହି ରିପୋର୍ଟରୁ ଜଣାପଡୁଛି। ତେଣୁ ଶିକ୍ଷା ବ୍ୟବସ୍ଥାରେ ଏପରି ପାଠ୍ୟକ୍ରମକୁ ସାମିଲ କରାଯିବା ଉଚିତ, ଯାହାକି ପିଲାଙ୍କୁ ପରସ୍ପର ସହ ପ୍ରତିଯୋଗିତା ପରିବର୍ତ୍ତେ ନିଜ ନିଜ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରେରିତ କରିବ। ଏଥିସକାଶେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏକ ବ୍ୟବସ୍ଥିତ, ବ୍ୟାପକ ଓ ପ୍ରଭାବଶାଳୀ କଲେଜ କାଉନ୍‌ସେଲିଂ ସିଷ୍ଟମ୍ ରହିବା ଉଚିତ ବୋଲି କୋହଲି ମତବ୍ୟକ୍ତ କରିଛନ୍ତି।

## ୯ ଜଣଙ୍କୁ ଆଜୀବନ ...

ଲଳିତ ମୋହନ ବରାଳ, କ୍ଷିତୀଶ ଆଚାର୍ଯ୍ୟ, ଚୈତନ୍ୟ ସେଠୀ, ଉମେଶ ଚନ୍ଦ୍ର ଖଟୁଆ, ଭିକାରୀ ଚରଣ ସେଠୀ, ମଳୟ କୁମାର ବାରିକ ଓ ପ୍ରମୋଦ ବିଶ୍ୱାଳ। ତେବେ ଅରବିନ୍ଦ ଖଟୁଆଙ୍କୁ ସାକ୍ଷ୍ୟ ପ୍ରମାଣ ନ ମିଳିବାରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ମୁଣ୍ଡ ମାମଲା ପରିଚାଳନା କରୁଥିଲେ। ପ୍ରତିପକ୍ଷଙ୍କ ପାଇଁ ଆଇନଜୀବୀ ବି.କେ. ନାୟକ ଓ ଏ.କେ. ନାୟକ ମାମଲା ପରିଚାଳନା କରୁଥିଲେ।

୨୦୨୧ ଜାନୁଆରୀ ୨ରେ ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳ ବାଇକ୍‌ରେ ଘରକୁ ଆସୁଥିଲେ। ଏହି ସମୟରେ ଜଅଁକୋଠି ନିକଟରେ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଘଟଣାସ୍ଥଳରେ କୁଳମଣିଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଦିବ୍ୟସିଂହଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାରେ ତତ୍କାଳୀନ ଆଇନମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାହାଙ୍ଗା ଥାନାରେ କୁଳମଣିଙ୍କ ପୁଅ ରମାକାନ୍ତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ନଂ.୫/୨୧ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ପୋଲିସ ୯ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରଫୁଲ୍ଲ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଅଭିଯୁକ୍ତ ବିଜୟ କୁମାର ବରାଳ ଏବେ ବି ଫେରାର ଅଛନ୍ତି। ସେହି ସମୟରେ ଭାଜପା ଓ କଂଗ୍ରେସ ପକ୍ଷରୁ ତତ୍କାଳୀନ ମନ୍ତ୍ରୀ ଜେନାଙ୍କ ଗିରଫ ଦାବି କରାଯାଇ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ପରେ କୋର୍ଟଙ୍କ ଆଦେଶ ବଳରେ ସାଲେପୁର ଏସ୍‌ଡିପିଓ ଘଟଣାର ନିରପେକ୍ଷ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ। ଏପରିକି ପୋଲିସ ରୁଜୁ କରିଥିବା ମାମଲାରେ ମନ୍ତ୍ରୀ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ଥିଲା। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି ରମାକାନ୍ତ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ନଂ. ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ପୂର୍ବତନ ମନ୍ତ୍ରୀ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ଘଟଣାରେ ଜଡ଼ିତ ଥିବା ମନ୍ତ୍ରୀ ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି) ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ କଲ୍ ରେକର୍ଡ ସମେତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲଙ୍କ ସିଡିଆର୍ ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର କୋର୍ଟଙ୍କୁ ସମୟ ମାଗି ତତ୍କାଳୀନ ଥାନା ଅଧିକାରୀ ଅଡୁଆରେ ପଡ଼ିଥିଲେ। ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ହାଜର ହୋଇ ତଥ୍ୟ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସମୟ ଗଡ଼ାଇବା ପରେ କୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ। ଶେଷରେ ପୋଲିସ ଚାର୍ଜଶିଟ କଲ୍ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲେ। ଇତି ମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷୀ ପ୍ରମାଣ ଓ ମାମଲାରୁ ପାରିପାର୍ଶ୍ୱିକ ଅବସ୍ଥାକୁ ଆଖି ଆଗରେ ରଖି ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟ ୧୫।୯।୨୦୨୩ରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ୩୦୨, ୫୦୬, ୧୦୨(ବି) ପରି ସଙ୍ଗିନ ଦଫାରେ ମାମଲା ଚାଲୁ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ବିଧାୟକ ହୋଇଥିବାରୁ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିସନାଲ ଡିଷ୍ଟ୍ରିକ ସେସନ୍ସ ଜଜ କମ୍ ସ୍ପେଶାଲ କୋର୍ଟ ଭୁବନେଶ୍ୱରକୁ ସ୍ଥାନାନ୍ତର କରିବାକୁ ଆଦେଶ ଦେଇଥିଲେ। ତେବେ ଏହାର ବିରୋଧରେ ପୂର୍ବତନ ମନ୍ତ୍ରୀ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ, ଯାହାକି ଏବେ ବିଚାରାଧୀନ ରହିଛି।

## ବରଗଡ଼-ନୂଆପଡ଼ା ନୂଆ ...

ଜାମସେଦପୁର-ପୁରୁଲିଆ-ଆସାନସୋଲ ରେଲଲାଇନକୁ ମଧ୍ୟ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏସବୁ ପ୍ରକଳ୍ପ କାର୍ଯ୍ୟ ୫ ବର୍ଷ ମଧ୍ୟରେ ଶେଷ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିଇଏ) ବୈଠକରେ ମୋଟ ୬,୪୫୬ କୋଟି ଟଙ୍କା ବ୍ୟୟ ଅଟକଳରେ ଉପରୋକ୍ତ ୩ ରେଳ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୭ ଜିଲାକୁ ସାମିଲକରି ହେବାକୁ ଥିବା ଏହି ୩ ରେଳ ପ୍ରକଳ୍ପ ଦ୍ୱାରା ଭାରତୀୟ ରେଲୱେ ନେଟ୍‌ୱର୍କରେ ଅଧିକ ପ୍ରାୟ ୩୦୦ କିଲୋମିଟର ଯୋଡ଼ି ହେବ। ପ୍ରକଳ୍ପଗୁଡ଼ିକ ସହିତ ୧୪ଟି ନୂତନ ଷ୍ଟେଶନ ନିର୍ମାଣ କରାଯିବ। ନୂଆ ଲାଇନ ପ୍ରକଳ୍ପ ଦ୍ୱାରା ପ୍ରାୟ ୧୩୦୦ ଗାଁ ଓ ୧୧ ଲକ୍ଷ ଜନସଂଖ୍ୟାକୁ ରେଳ ସଂଯୋଗ ଯୋଗାଇ ଦିଆଯିବ। ସେହିପରି ଟ୍ରାକ୍ ସଂଖ୍ୟା ବୃଦ୍ଧି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୩୦୦ ଗାଁ ଓ ପ୍ରାୟ ୧୯ ଲକ୍ଷ ଜନସଂଖ୍ୟାକୁ ଉନ୍ନତ ରେଳ ଯୋଗାଯୋଗ ସେବା ମିଳିପାରିବ। କୃଷିଜାତ ଦ୍ରବ୍ୟ, ସାର, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଚୂନପଥର ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ମାର୍ଗ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ବାର୍ଷିକ ୪୫ ନିୟୁତ ଟନ୍ (ଏମ୍‌ଟିପିଏ) ପରିମାଣର ଅତିରିକ୍ତ ମାଲ ପରିବହନ ସହଜ ହେବ ବୋଲି ବୁଧବାର ଭୁବନେଶ୍ୱରସ୍ଥିତ ରେଳ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି। ସେ କହିଛନ୍ତି, ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରେଳ ସଂଯୋଗ ବିହୀନ ଅଞ୍ଚଳକୁ ରେଳସେବା ପ୍ରଦାନ କରି ଲଜିଷ୍ଟିକ ଦକ୍ଷତାରେ ଉନ୍ନତି ଆଣିବ। ରେଳ ଲାଇନ ବୃଦ୍ଧି ଏବଂ ପରିବହନ ନେଟ୍‌ୱର୍କ ବିସ୍ତାର ହେବା ଫଳରେ ଯୋଗାଣ ଶୃଙ୍ଖଳା ସୁବ୍ୟବସ୍ଥିତ ହେବ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଭାରତୀୟ ରେଲୱେର ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ବିକାଶ ସହିତ ଟ୍ରେନ ଚଳାଚଳକୁ ସହଜ କରାଯିବା ଦ୍ୱାରା ଭିଡ଼ ହ୍ରାସ ପାଇବ। ଏହାସହ ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ପାଇଁ ରୋଜଗାର ସୁଯୋଗ ବୃଦ୍ଧି କରିବ। ପ୍ରକଳ୍ପ ନିର୍ମାଣ ସମୟରେ ପ୍ରାୟ ୧ କୋଟି ୧୪ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ ।

## କାଳିଆ ବଦଳରେ ...

ହୋଇଥିଲେ ସେମାନଙ୍କୁ ସାମିଲ ଲାଗି ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ଥିବା ୪୫ ଲକ୍ଷ ୭୬ ହଜାର ୫୨୪ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୯ ଲକ୍ଷ ୧୨ ହଜାର ୧୨୨ ଭୂମିହୀନ ଚାଷୀ ସହାୟତା ରାଶି ପାଇବେ। ତେବେ କେବେଠାରୁ ଏହି ଯୋଜନା ଆରମ୍ଭ ହେବ ସେ ସମ୍ପର୍କରେ କୃଷିମନ୍ତ୍ରୀ କୌଣସି ସୂଚନା ଦେଇନାହାନ୍ତି।

## ଇ-କେୱାଇସି ଯାଞ୍ଚ ...

କାର୍ଡ ଆବଣ୍ଟନ କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବଦଳରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ଇ-କେୱାଇସି ବାଧ୍ୟତାମୂଳକ କରାଯାଇଛି। ଜଣେ ହିତାଧିକାରୀ ଟିପଚିହ୍ନ ଦେବାବେଳେ ତାଙ୍କର ସମସ୍ତ ବିବରଣୀ ଜଣାପଡ଼ିବ। ଭୂତ ରାଶନ କାର୍ଡ, ମୂଷା ରାଶନ କାର୍ଡ, ମୃତ ବ୍ୟକ୍ତିଙ୍କ ନାମରେ ନିଆଯାଉଥିବା ରାଶନ ଏହି ଇ-କେୱାଇସି ଦ୍ୱାରା ସହଜରେ ଧରାପଡ଼ିଯିବ। ଆଉ ଜାଲିଆତି କରାଯାଇ ପାରିବ ନାହିଁ। ଇ-କେୱାଇସି ପରେ ଯେଉଁ କାର୍ଡ ବାହାରିବ ସେସବୁକୁ ନୂଆ ହିତାଧିକାରୀଙ୍କୁ ଦିଆଯିବ। ଇ-କେୱାଇସି ଦାଖଲ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରାଯାଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ବିଧାନସଭା ପ୍ରଶ୍ନୋତ୍ତର ବେଳେ ୩୬୨ ନମ୍ବର ପ୍ରଶ୍ନରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ଅମର ନାୟକ ପଚାରିଥିଲେ, ରାଜ୍ୟରେ ଲୋକଙ୍କର ଖାଦ୍ୟ ଗ୍ରହଣରେ ପରିବର୍ତ୍ତନ ହୋଇଛି। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବହୁ ଲୋକ ରାତ୍ରିଭୋଜନରେ ରୁଟି ବ୍ୟବହାର କରୁଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ସହ ଗହମ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି କି। ମନ୍ତ୍ରୀ କହିଛନ୍ତି, ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଜ୍ୟର ରାଶନ କାର୍ଡ ହିତାଧିକାରୀଙ୍କୁ ୨୦୨୨ ଜୁଲାଇଠାରୁ ମାସିକ ମୁଣ୍ଡ ପିଛା ୫ କିଲୋଗ୍ରାମ ଏବଂ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ପରିବାର ପିଛା ୩୫ କିଲୋଗ୍ରାମ ଚାଉଳ ଯୋଗାଇ ଦିଆଯାଉଛି। ହିତାଧିକାରୀଙ୍କୁ ଗହମ ଯୋଗାଇ ଦେବାକୁ ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି। ବିଜେଡି ସଭ୍ୟ ପ୍ରତାପ ଦେବ ପଚାରିଥିଲେ ୨୦୨୨ ଯାଏ ହିତାଧିକାରୀଙ୍କୁ ଚାଉଳ ସହ ଗହମ ଦିଆଯାଉଥିଲା। ଭାରତୀୟ ଖାଦ୍ୟ ନିଗମ ରାଜ୍ୟରୁ ଚାଉଳ ନ ଉଠାଇ ଏହାକୁ ଆଡଜଷ୍ଟ କରିଥିବା ସତ୍ୟ କି। କଂଗ୍ରେସ ସଭ୍ୟ ଅଶୋକ ଦାସ ପଚାରିଥିଲେ, ଆସନ୍ତା ୧ ମାସ ମଧ୍ୟରେ ଇ-କେୱାଇସି ଦାଖଲ ନ କଲେ ହିତାଧିକାରୀଙ୍କ ରାଶନ କାର୍ଡ କଟିଯିବା କଥା ସତ୍ୟ କି। ଯେଉଁମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି, ସେମାନେ ମାସକ ଭିତରେ ଜମା କରିବା ସମ୍ଭବ ନୁହେଁ । ଏହାର ସମୟ ସୀମା ବଢ଼ାଇବେ କି। ବିଜେଡି ସଭ୍ୟ ଅଶ୍ୱିନୀ ପାତ୍ର ହିତାଧିକାରୀଙ୍କୁ ପୂର୍ବଭଳି କିରୋସିନ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିବା ବେଳେ ଭାଜପା ସଭ୍ୟ ମାନସ ଦତ୍ତ ପୁରୁଣା ବାଲେଶ୍ୱରରେ ଡିଲର ନିଯୁକ୍ତି କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୋସ ପଚାରିଥିଲେ, ରାଜ୍ୟ ସରକାର ନୂତନ ରାଶନ କାର୍ଡ ମାସକ ମଧ୍ୟରେ ଦେବାକୁ କହିଥିବା ବେଳେ ୨ ମାସ ଗଡ଼ିଗଲାଣି। ୧୦ ଲକ୍ଷ ହିତାଧିକାରୀ ଆବେଦନ କରି ଚାହିଁ ରହିଛନ୍ତି। କେବେ ସୁଦ୍ଧା ସେମାନଙ୍କୁ ନୂତନ ରାଶନ କାର୍ଡ ମିଳିବ। ମନ୍ତ୍ରୀ ଉତ୍ତରରେ କହିଛନ୍ତି, କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ହିତାଧିକାରୀଙ୍କୁ ଗହମ ବଦଳରେ କେବଳ ଚାଉଳ ଦିଆଯାଉଛି। ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ବାଣ୍ଟିବା ପାଇଁ ୧୧ ହଜାର ୯୩୧ ଜଣ ଡିଲର ଅଛନ୍ତି। ଆବଶ୍ୟକ ହେଲେ ଆଉ ଡିଲର ନିଯୁକ୍ତି ଦିଆଯିବ। ୨୦୧୩ ପୂର୍ବରୁ ହିତାଧିକାରୀଙ୍କୁ ଚାଉଳ, ଗହମ, ପାମୋଲିନ ତେଲ, ଆୟୋଡିନ ଲୁଣ, ଚିନି ଯୋଗାଇ ଦିଆଯାଉଥିଲା। ତାହା ପରବର୍ତ୍ତୀ ସମୟରେ ବନ୍ଦ ହୋଇଗଲା। ଏବେ ଲୋକଙ୍କୁ ଚାଉଳ ସହିତ କେତେକ ସ୍ଥାନରେ ମାଣ୍ଡିଆ ମଧ୍ୟ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଦଶମ ପାସ୍ ନକଲି ଡାକ୍ତର ଗିରଫ

ଭୁବନେଶ୍ୱର,୨୮।୮
(ସତ୍ୟଜିତ୍ ରାଉତ)

**ବିକୁଥିଲେ ନକଲି ଔଷଧ**

- ୫ଜଣଙ୍କଠାରୁ ଠକିନେଇଛନ୍ତି ୧.୧୬ ଲକ୍ଷ ଟଙ୍କା
- ଔଷଧ ର୍ୟାକେଟ୍‌କୁ ନେଇ ପୋଲିସର ତନାଘନା

ଶିକ୍ଷାଗତ ଯୋଗ୍ୟତା ଦଶମ, ହେଲେ କାମ ଥିଲା ଅତି ଚତୁର। ନିଜକୁ ଡାକ୍ତର ପରିଚୟ ଦେଇ ଘର ଘର ବୁଲି ସ୍ୱାସ୍ଥ୍ୟ ସମସ୍ୟା ପଚାରି ବୁଝୁଥିଲେ। କର୍କଟଠୁ ଆରମ୍ଭ କରି କିଡ୍‌ନୀ, ଡାଇବେଟିସ୍, ଗ୍ୟାସ୍ ଭଳି ବହୁ ରୋଗ ଭଲ କରିଦେବାକୁ କହି ନକଲି ଔଷଧ ବିକି ଠକୁଥିଲେ। ଏଭଳି ଜଣେ ନକଲି ଡାକ୍ତରଙ୍କୁ ଧରିଛି କମିଶନରେଟ୍ ପୋଲିସ। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ଅଜିତ କୁମାର କାଣ୍ଡି (୪୭)। ତାଙ୍କଠାରୁ ASCLEPIUS WELLNESS PVT.LTD ଲେଖାଥିବା ବିଭିନ୍ନ ପ୍ରକାରର ଔଷଧ ଜବତ ହୋଇଛି। ଲକ୍ଷ୍ମୀସାଗର ଥାନା ପକ୍ଷରୁ ଅଭିଯୁକ୍ତ ଅଜିତଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଅଜିତ କିଛିଦିନ ହେଲା ବାଇକ୍‌ରେ ସତ୍ୟନଗର, ଲକ୍ଷ୍ମୀସାଗର ସମେତ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଘୂରି ବୁଲୁଥିଲେ। ସାଧାରଣ ଲୋକଙ୍କୁ ଡାକ୍ତର ବୋଲି ପରିଚୟ ଦେଇ ଫସାଉଥିଲେ। ତାଙ୍କଠାରୁ ଔଷଧ ଖାଇଲେ ଅତି କମ୍ ଦିନରେ ମାରାତ୍ମକ କର୍କଟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଜଟିଳ ରୋଗ ଭଲ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ବହୁ ଲୋକ ମଧ୍ୟ ତାଙ୍କଠାରୁ ଔଷଧ କିଣି ଖାଉଥିଲେ। ହେଲେ ସେମାନଙ୍କ ରୋଗ ଭଲ ହେବା ପରିବର୍ତ୍ତେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିଲା। କାହାର ଚର୍ମରୋଗ ତ ଆଉ କାହାର ପେଟରୋଗ ହୋଇଥିଲା। ଏପରିକି ଏକାଧିକ ଲୋକ ଡାକ୍ତରଖାନାରେ ମଧ୍ୟ ଭର୍ତ୍ତି ହୋଇଥିଲେ। ତେବେ ଅଜିତଙ୍କଠାରୁ ଔଷଧ କିଣି ଖାଇଥିବା ଲକ୍ଷ୍ମୀସାଗର ଅଞ୍ଚଳର ବୈକୁଣ୍ଠ ସାହୁ ମଙ୍ଗଳବାର ଥାନାରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତାଙ୍କ ସହ ଅନ୍ୟ ୪ଜଣ ଅଜିତଙ୍କଠାରୁ ଗତ ୪ ମାସ ହେବ ୧ ଲକ୍ଷ ୧୬ ହଜାର ଟଙ୍କାର ଔଷଧ ଖାଇ ଠକେଇର ଶିକାର ହେବା ସହ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଥିବା ଏତଲାରେ ଦର୍ଶାଇଥିଲେ। ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୩୧୬(୨), ୩୧୯(୨)ରେ ଏକ ମାମଲା (ନଂ.୪୬୫/୨୦୨୪) ରୁଜୁ କରାଯାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଭିଯୁକ୍ତ ଅଜିତ ଯେଉଁ ଔଷଧ ବିକ୍ରି କରୁଥିଲେ, ସେଥିରେ କମ୍ପାନୀର ନାମ ASCLEPIUS WELLNESS PVT.LTD ଲେଖାରହିଛି। ମାତ୍ର ଆଇଏସ୍‌ଆଇ ମାର୍କ ସହ ଅନ୍ୟାନ୍ୟ ବୈଧ ତଥା ଆବଶ୍ୟକ ତଥ୍ୟ ନ ଥିବାରୁ ପୋଲିସ ଏହାକୁ ନକଲି ବୋଲି କହୁଛି। ତେବେ ଏହି ଔଷଧ ର୍ୟାକେଟର ଚେରକୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଥିଲେ ମଧ୍ୟ ଏହା ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଇଛି। ଔଷଧ କେଉଁଠି ତିଆରି ହେଉଥିଲା, ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଓ ଏହାର ମାଷ୍ଟରମାଇଣ୍ଡ କିଏ ଆଦି ଜାଣିବାକୁ ତଦନ୍ତ ଜାରି ରହିଥିବା ଜୋନ୍ ଏସିପି ମାନସ କୁମାର ଦେଓ କହିଛନ୍ତି। ତେବେ ଅଭିଯୁକ୍ତ ଅଜିତଙ୍କ ଭଳି ଅନ୍ୟ କେହି ଏପରି କହୁଥିଲେ ତାଙ୍କ କଥାକୁ ବିଶ୍ୱାସ ନ କରି ପ୍ରକୃତ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ କରିବାକୁ ଏସିପି ପରାମର୍ଶ ଦେଇଛନ୍ତି। ଏଥିସହ ଏଭଳି ଘଟଣା ନଜରକୁ ଆସିଲେ ପୋଲିସକୁ ଖବର ଦେବାକୁ ସେ କହିଛନ୍ତି।




ଗିରଫ ଅଜିତ କୁମାର କାଣ୍ଡି ଓ ଜବତ ନକଲି ଔଷଧ।

# ସାତକୋଶିଆରେ ପୁଣି ଆରମ୍ଭହେବ ବ୍ୟାଘ୍ର ପ୍ରକଳ୍ପ

**୫ବର୍ଷରେ ଆସିବ ୧୪ ବାଘ**



ଭୁବନେଶ୍ୱର,୨୮।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ଅନୁଗୋଳ ଜିଲାର ସାତକୋଶିଆରେ ପୁଣି ଆରମ୍ଭ ହେବ ବ୍ୟାଘ୍ର ପ୍ରକଳ୍ପ। ଏଥିପାଇଁ ବନ ବିଭାଗ ପକ୍ଷରୁ ୫ ବର୍ଷିଆ ଯୋଜନା ହେବ। ୫ ବର୍ଷରେ ପର୍ଯ୍ୟାୟକ୍ରମେ ଏଠାକୁ ପ୍ରାୟ ୧୪ଟି ବାଘ ଅଣାଯିବ। ମହାରାଷ୍ଟ୍ରର ତଡବା ଜଙ୍ଗଲରେ ବାଘମାନଙ୍କ ଜେନେଟିକ ଓଡ଼ିଶା ବାଘଙ୍କ ସହ ସାମଞ୍ଜସ୍ୟ ଥିବାରୁ ସେଠାରୁ ବାଘ ଆଣିବାକୁ ନିଷ୍ପତ୍ତି ହୋଇଛି। ଏନେଇ ପୁଣିଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମୋଦନ ଦେଇଛନ୍ତି। ଏଥିପାଇଁ ଏନ୍‌ଟିସିଏ କେତେକ ସର୍ତ୍ତ ରଖିଛି। ସବୁ ସର୍ତ୍ତ ମାନି ବ୍ୟାଘ୍ର ପ୍ରକଳ୍ପ ଚଳାଇବୁ ବୋଲି ପିସିସିଏଫ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧିଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯିବ। ଇତିମଧ୍ୟରେ କୋର୍ ଏରିଆରୁ ସମସ୍ତ ଜନବସତି ଖାଲି କରାଯାଇଛି। ବଫର ଏରିଆରୁ ୬ଟି ଗାଁ ଖାଲି ହୋଇଥିବାବେଳେ ଆଉ କିଛି ଗାଁ ଖାଲି କରାଯିବ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୮ରେ ଦେଶରେ ଓଡ଼ିଶା ପ୍ରଥମଥର ଅନ୍ତଃରାଜ୍ୟ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକଳ୍ପ ଆରମ୍ଭ କରିଥିଲା। ମଧ୍ୟପ୍ରଦେଶରୁ ସାତକୋଶିଆ ଆସିଥିଲେ ମହାବାଳ ବାଘ ମହାବୀର ଓ ବାଘୁଣୀ ସୁନ୍ଦରୀ। କାହ୍ନା ଅଭୟାରଣ୍ୟରୁ ମହାବୀର ଓ ବାନ୍ଧବଗଡ଼ରୁ ଆସିଥିଲା ସୁନ୍ଦରୀ। ଏହି ପ୍ରକଳ୍ପ ପାଇଁ ୧୯ କୋଟିର ବଜେଟରୁ ୮ କୋଟି ଖର୍ଚ୍ଚ ହୋଇଥିଲା। ଯତ୍ନ ଅଭାବରୁ ୫ ମାସରେ ଅସୁସ୍ଥ ହୋଇ ମରିଗଲା ମହାବୀର। ମହାବୀରର ମୃତ୍ୟୁ ପରେ ବିବାଦ ଭିତରେ ବାନ୍ଧବଗଡକୁ ଫେରିଯାଇଥିଲା ସୁନ୍ଦରୀ। ଏନ୍‌ଟିସିଏ ସୁନ୍ଦରୀକୁ ନେଇଯିବା ପରେ ମାତ୍ର ୪ବର୍ଷରେ ଏହି ପ୍ରକଳ୍ପ ଫେଲ୍ ମାରିଥିଲା। ସ୍ଥାନୀୟ ଲୋକଙ୍କ ଅସହଯୋଗ ଓ ବନ ଅଧିକାରୀଙ୍କ ଅପାରଗତା ପାଇଁ କୋଟି କୋଟି ଟଙ୍କା ପାଣିରେ ପଡିଥିଲା। ସାତକୋଶିଆର ଅଭୟାରଣ୍ୟ ମାନ୍ୟତା ବଜାୟ ରଖିବାକୁ ଏବେ ଜଙ୍ଗଲରେ ବାଘ ନିହାତି ରହିବା ଆବଶ୍ୟକ ହୋଇପଡିଥିବାରୁ ଏହି ପ୍ରକଳ୍ପକୁ ପୁଣିଥରେ ଆରମ୍ଭ କରାଯାଉଥିବା କୁହାଯାଉଛି।

# ସଡ଼କ ଦୁର୍ଘଟଣାରେ ଦିନକୁ ୧୬ ମୃତ୍ୟୁ

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୮।୮
(ଶର୍ମିଷ୍ଠା ପାଣିଗ୍ରାହୀ)

ସଡ଼କ ଦୁର୍ଘଟଣା ଘଟିଲେ ଦୁର୍ଘଟଣା ସ୍ଥଳରେ ଦୁର୍ଘଟଣାଗ୍ରସ୍ତଙ୍କ ନିକଟରେ ତୁରନ୍ତ ପହଞ୍ଚି ସହାୟତା ପ୍ରଦାନର ଆବଶ୍ୟକତା ରହିଛି। ଏଥିପାଇଁ ଆମ୍ବୁଲାନ୍ସ, ପୋଲିସ ଟିମ୍, ଅଗ୍ନିଶମ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ତଥା ସମ୍ପୃକ୍ତ ସମସ୍ତେ ଯେପରି କ୍ରିୟାଶୀଳ ହୋଇ କମ୍ ସମୟ ମଧ୍ୟରେ ସେଠାରେ ସହାୟତା ପାଇଁ ପହଞ୍ଚିବେ ସେଥିପ୍ରତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ଗତ ୫ ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ସମ୍ପର୍କିତ ଏକ ତୁଳନାତ୍ମକ ଦୃଷ୍ଟିପାତ କରାଯାଇଥିଲା। ରାଜ୍ୟରେ ବର୍ଷକୁ ପ୍ରାୟ ୫ହଜାର ଓ ଦିନକୁ ପ୍ରାୟ ୧୬ ଜଣଙ୍କ ସଡ଼କ ଦୁର୍ଘଟଣାରେ ପ୍ରାଣହାନି ଘଟୁଛି। ଦୁର୍ଘଟଣାରେ ଜାତୀୟ ମୃତ୍ୟୁସଂଖ୍ୟା ହାର ୩୭ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୪୭ ପ୍ରତିଶତ ରହିଛି। ୨୦୨୩ ମସିହାରେ ଗ୍ରାମାଞ୍ଚଳରେ ଅଧିକ ଦୁର୍ଘଟଣା ୬୩.୧% ଘଟିଥିବାବେଳେ ମୃତ୍ୟୁସଂଖ୍ୟା ୬୭.୭% ରହିଥିଲା। ସେହିପରି ସହରାଞ୍ଚଳରେ ଦୁର୍ଘଟଣା ସଂଖ୍ୟା ୩୬.୯% ଥିବାବେଳେ ମୃତ୍ୟୁସଂଖ୍ୟା ୩୨.୩% ରହିଥିଲା। ଚଳିତ ବର୍ଷ ୨୦୨୪ ଜାନୁଆରୀରୁ ମେ' ମାସ ସୁଦ୍ଧା ୫ହଜାର ୩୬୦ ଦୁର୍ଘଟଣା ଘଟି ୨ହଜାର ୬୫୭ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରାୟ ୬୩ ପ୍ରତିଶତ ମୃତ୍ୟୁ ହେଲ୍‌ମେଟ ପିନ୍ଧି ନ ଥିବା ଯୋଗୁ ଘଟିଛି।

ଅସାବଧାନତା ଏବଂ ବେପରୁଆ ଭାବେ ଗାଡ଼ି ଚାଳନା, ଗାଡ଼ିଚାଳକଙ୍କ ବଦଳରେ ଲାଇସେନ୍ସ ନ ଥିବା ହେଲ୍‌ପରଙ୍କ ଦ୍ୱାରା ଗାଡି ଚାଳନା, ନିଶାସକ୍ତ ହୋଇ ଗାଡ଼ିଚାଳନାରୁ ଦୁର୍ଘଟଣା ଘଟୁଛି। ବେଆଇନ ଭାବେ ରାସ୍ତା କଡ଼ରେ ଗାଡ଼ି ପାର୍କିଂ ଯୋଗୁ ଯାନବାହନ ଚାଳନାରେ ବ୍ୟାଘାତ ଘଟି ମଧ୍ୟ ଦୁର୍ଘଟଣା ହେଉଛି। ବିଭିନ୍ନ ନିର୍ମାଣ ଜୋନରେ ବର୍ଜ୍ୟବସ୍ତୁ ରାସ୍ତାପାର୍ଶ୍ୱରେ ଅବ୍ୟବସ୍ଥିତ ଭାବେ ପଡ଼ିରହିବା କାରଣରୁ ଏବଂ ନିର୍ମାଣ ସ୍ଥଳରେ ସୂଚନା ସଂକେତ (ମେନ୍ ଆର୍ଟ ୱାର୍କ) ନ ଲାଗିବା ଫଳରେ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ ପ୍ରତି ଛକ ଜାଗା ଜଙ୍କସନ ସ୍ଥାନରେ ସତର୍କ ସୂଚନା ଲଗାଯିବାକୁ ନିଶ୍ଚିତ କରାଯିବା, ହାଇମାଷ୍ଟ ଆଲୋକ ବ୍ୟବସ୍ଥା କରାଯିବା, ସଡ଼କ କର୍ତ୍ତୃପକ୍ଷ ରାସ୍ତା ଉନ୍ନତୀକରଣରେ ଇଞ୍ଜିନିୟରିଂ ଜ୍ଞାନ କୌଶଳ ପ୍ରୟୋଗରେ ଉନ୍ନତି, ପ୍ରତି ପୋଲିସ ଷ୍ଟେଶନରେ ସଡ଼କ ସୁରକ୍ଷା ଅଧିକାରୀ ପଦନାମିତ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥି ଏସ୍, ପରିବହନ କମିଶନର ଅମିତାଭ ଠାକୁର, ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଅନ୍ୟ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ସତ୍ୟପାଠ ଦାଖଲ କଲେ ରାଜ୍ୟ ସରକାର

କଟକ,୨୮।୮ (କାର୍ତ୍ତିକ ସାହୁ)

**ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ମାମଲା**

ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧ ନ ଥିବା ସଂକ୍ରାନ୍ତରେ ରୁଜୁ ମାମଲାରେ ରାଜ୍ୟ ସରକାର ବୁଧବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ରାଜ୍ୟର ୨୪ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧର ସ୍ଥିତି ସଂକ୍ରାନ୍ତରେ ଉକ୍ତ ସତ୍ୟପାଠରେ ଦର୍ଶାଯାଇଛି। ପରବର୍ତ୍ତୀ ସମୟରେ ଅନ୍ୟ ସ୍କୁଲଗୁଡ଼ିକର ମୌଳିକ ସୁବିଧା ବିଷୟରେ ଅବଗତ କରାଯିବ। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧୦ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିସହ ଏନେଇ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା। ରାଜ୍ୟର ୪୫ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରେ ମୌଳିକ ସୁବିଧା ନାହିଁ ବୋଲି ଦର୍ଶାଯାଇଥିଲା। ଆଇନଜୀବୀ ପ୍ରଫୁଲ୍ଲ ରଥଙ୍କୁ ଆମିକସକ୍ୟୁରୀ ଭାବେ ନିଯୁକ୍ତ କରାଯାଇଛି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ସମେତ ୫ ଜଣଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି।



❝ ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। –ଶ୍ରୀମା

-କାଳୀୟଦଳନ
ଏକାଦଶୀ ଉପବାସ
ଓ ହଳ ନିଷେଧ




# ବୌଦ୍ଧ କାହାଣୀରେ ବିବିଧତା



ଦେବଦତ୍ତ ପଟ୍ଟନାୟକ

ରାମାୟଣର ଅନେକ ସଂସ୍କରଣ ଅଛି। ସେଥିମଧ୍ୟରେ ସଂସ୍କୃତ ରାମାୟଣକୁ ମୂଳ ରାମାୟଣ ବୋଲି ଗ୍ରହଣ କରାଯାଏ। ଏହିସବୁ ସଂସ୍କରଣ ବିଭିନ୍ନ କାହାଣୀକୁ ନେଇ ଏକ ରାମାୟଣ ପରମ୍ପରା ସୃଷ୍ଟିକରିଛି ଓ କାହାଣୀ ସମ୍ପର୍କିତ ଆମ ବିଚାରକୁ ପରିପୁଷ୍ଟ କରିଛି। ସେହିପରି ବୁଦ୍ଧଙ୍କ ଜୀବନୀ ଉପରେ ଅନେକ ସଂସ୍କରଣ ଅଛି। ତେବେ ପାଲି ସଂସ୍କରଣକୁ ମୂଳ ତଥା ପ୍ରକୃତ ବୋଲି ଗ୍ରହଣ କରାଯାଏ। ଊନବିଂଶ ଶତାବ୍ଦୀରେ ବାସ୍ତବ ବିଚାରଧାରାର ବିକାଶ ଘଟିବାରୁ ପ୍ରକୃତ ବୁଦ୍ଧଙ୍କ ଧାରଣା ପ୍ରାଥମିକତା ଲାଭକଲା। ତେବେ ଗବେଷକଙ୍କ ଅନୁଯାୟୀ ବୁଦ୍ଧଙ୍କ ସମ୍ପର୍କରେ ଆମ ପାଖରେ ଥିବା ପ୍ରାୟ ପ୍ରତ୍ୟେକ ତଥ୍ୟ ସମ୍ଭବତଃ ତାଙ୍କ ଅନୁଗାମୀଙ୍କ ଦ୍ୱାରା ସାମ୍ନାକୁ ଅଣାଯାଇଥିଲା। ବୁଦ୍ଧଙ୍କ ଜୀବନୀ ଲେଖାହେବା ପୂର୍ବରୁ ତାହା କେବଳ ମୌଖିକ ଭାବେ ପ୍ରଚାର କରାଯାଇଥିଲା। ଏହି କାରଣରୁ କାଳ୍ପନିକ କାହାଣୀରୁ ସତ୍ୟକୁ ପୃଥକ୍ କରିବା ଅତି କଷ୍ଟକର। ଯେଉଁମାନେ କାହାଣୀକୁ ପ୍ରଚାରପ୍ରସାର କରୁଥିଲେ ସେମାନେ ବାସ୍ତବତା ଉପରେ ଧ୍ୟାନଦେଇ ନ ଥିଲେ, ଯାହା ଆମେ ଏବେ କରୁଛୁ।

ବୁଦ୍ଧଙ୍କ ଜୀବନ କିପରି କ୍ରମବିକଶିତ ହୋଇଥିଲା ତାହା ଅତ୍ୟନ୍ତ କୌତୂହଳପୂର୍ଣ୍ଣ। ଅବଶ୍ୟ, ବୁଦ୍ଧଙ୍କ ମା' ଏକ ହାତୀକୁ ସ୍ୱପ୍ନରେ ଦେଖିବା, ତାଙ୍କୁ ଏକ ଶାଳଗଛ ମୂଳରେ ଜନ୍ମଦେବା ଏବଂ କିଛିଦିନ ପରେ ମୃତ୍ୟୁ ହେବାକୁ ନେଇ ଏକ ଜନ୍ମ କାହାଣୀ ଅଛି। ପରେ ବୁଦ୍ଧଙ୍କ ମାଉସୀ ତାଙ୍କୁ ଲାଳନପାଳନକରି ବଡ଼ କରିଥିଲେ। ସେ ଜଣେ ସୁନ୍ଦରୀ ରାଜକୁମାରୀଙ୍କୁ ବିବାହ କରିଥିଲେ ମଧ୍ୟ ଜୀବନର ଆନନ୍ଦ ଉପଲବ୍ଧି ପାଇଁ ଏକାକୀ ରହୁଥିଲେ। ଦିନେ ସେ ଘରୁ ବାହାରକୁ ଯାଇ ରୋଗ, ମୃତ୍ୟୁ ଏବଂ ବାର୍ଦ୍ଧକ୍ୟକୁ ଦେଖିଲେ ଏବଂ ସଂସାର ଛାଡ଼ିବା ଲାଗି ନିଷ୍ପତ୍ତି ନେଲେ। ଅଶ୍ୱତ୍ଥ ବୃକ୍ଷ ମୂଳରେ ଜ୍ଞାନ (ବୁଦ୍ଧତ୍ୱ) ପ୍ରାପ୍ତହେବା ପରେ ସେ କଠୋର ସଂଯମତାର ବ୍ୟର୍ଥତାକୁ ଅନୁଭବକଲେ ଏବଂ ସନ୍ତୁଳନ ଜୀବନକୁ ଉତ୍ସାହିତ କଲେ। ବୁଦ୍ଧ ତାଙ୍କ ବାଣୀ ରାଜା ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଚାରକରି ଶେଷରେ ଦୁଇଟି ଶାଳଗଛ ମୋକ୍ଷ ବା ନିର୍ବାଣପ୍ରାପ୍ତ ହୋଇଥିଲେ। ଏହିପରି ଶାଳଗଛର ସମ୍ପର୍କ ଜନ୍ମ ଓ ମୃତ୍ୟୁ ସହ ଥିବାବେଳେ ଅଶ୍ୱତ୍ଥ ଗଛର ସମ୍ପର୍କ ଜ୍ଞାନ ସହ ରହିଛି। କାହାଣୀ ପ୍ରସାରଣକାରୀମାନେ ବୃକ୍ଷ ସଂସ୍କୃତିରେ ଥିବା ମୂଲ୍ୟବୋଧକୁ ପ୍ରକାଶ କରିଛନ୍ତି।



ବୁଦ୍ଧଙ୍କ ଅସ୍ଥିକୁ ନେଇ ରାଜାମାନଙ୍କ ମଧ୍ୟରେ ଯୁଦ୍ଧ ହୋଇଛି ଏବଂ ଶେଷରେ ତାହାକୁ ସ୍ତୂପ ମଧ୍ୟରେ ରଖାଯାଇଛି। ସମ୍ରାଟ ଅଶୋକ ତାଙ୍କ ବିଶାଳ ସାମ୍ରାଜ୍ୟରେ ୮୪,୦୦୦ ସ୍ଥାନରେ ଅସ୍ଥିଗୁଡ଼ିକୁ ନ୍ୟାୟୋଚିତ ଭାବେ ବଣ୍ଟନ କରିଥିଲେ। ସମାନ ପ୍ରକାର କାହାଣୀ ମଧ୍ୟ ଚାଇନାରେ ଅଛି। ମିଙ୍ଗ ସମ୍ରାଟ ତାଙ୍କ ସାମ୍ରାଜ୍ୟର ସବୁଆଡ଼େ ବୁଦ୍ଧଙ୍କ ଦେହାବଶେଷ ଓ ଭାରତର ପ୍ରତିମୂର୍ତ୍ତିଗୁଡ଼ିକୁ ବଣ୍ଟନ କରିଥିଲେ। ଥାଇଲାଣ୍ଡରେ ମଧ୍ୟ ଏଭଳି ଏକ କାହାଣୀ ରହିଛି। ଏକ ପ୍ରକୃତ ଅବଶେଷ ଆଣିବା ଲାଗି ଅଶୋକ କିଭଳି ଦକ୍ଷିଣପୂର୍ବ ଏସିଆ ଗସ୍ତ କରିଛନ୍ତି ତାହା ଏଥିରେ ବର୍ଣ୍ଣନା କରାଯାଇଛି। ବୁଦ୍ଧଙ୍କ କାହାଣୀ ଦକ୍ଷିଣ ପୂର୍ବ, ପୂର୍ବ ଏବଂ କେନ୍ଦ୍ର ଏସିଆର ସବୁଆଡ଼େ ବ୍ୟାପିଥିବାରୁ ଏହାର କ୍ରମବିକାଶ ଅନେକ ଉପାୟରେ ହୋଇଥିଲା। କର୍ମକୁ ବୁଝାଇବା ଲାଗି ଗୋଟିଏ ସେଟ୍‌ର କାହାଣୀ ସୃଷ୍ଟି କରାଯାଇଥିଲା। ଶାକ୍ୟ ବଂଶର ରାଜକୁମାର ସିଦ୍ଧାର୍ଥ ଗୌତମଙ୍କ ଜୀବନ କିଭଳି ପୂର୍ବ ୫୫୦ ଜନ୍ମର ଶେଷ ଥିଲା , ସେ ସମ୍ପର୍କରେ ଜାତକଗୁଡ଼ିକରେ ବର୍ଣ୍ଣନା କରାଯାଇଛି। ବୁଦ୍ଧ ଭାବେ ଜନ୍ମ ହେବା ପୂର୍ବରୁ ତାଙ୍କୁ ପଶୁ, ପକ୍ଷୀ, ରାଜା, ବଣିକ ଏବଂ ଧର୍ମଯାଜକ ଅନେକ ରୂପ ନେବାକୁ ପଡ଼ିଥିଲା ବୋଲି ଏଥିରେ ଉଲ୍ଲେଖ ଅଛି। ଏହି ୫୫୦ ପୂର୍ବଜୀବନରେ ସେ କେବଳ ଏକ ପୁରୁଷ ରୂପରେ ଜନ୍ମ ନେଇଛନ୍ତି, ଯାହା ଲିଙ୍ଗଗତ ପକ୍ଷପାତକୁ ପ୍ରକାଶ କରେ।

ବୁଦ୍ଧଙ୍କ ପୂର୍ବଜନ୍ମ ସମ୍ପର୍କିତ କାହାଣୀ ସବୁ ଅଛି। ସେଥିରେ ସେ ଜୀବନର ସବୁ କ୍ଷେତ୍ରରେ ବିଶ୍ୱାସଯୋଗ୍ୟ ହେବା ଭଳି ତୁସିତ ସ୍ୱର୍ଗ (ଏକ ଦିବ୍ୟ କ୍ଷେତ୍ର ଯେଉଁଠି ବୋଧିସତ୍ତ୍ୱ ଓ ଈଶ୍ୱର ବାସ କରିଥାନ୍ତି)ର ନିଷ୍ପତ୍ତି ନେଇଛନ୍ତି। ଚାଇନିଜ୍ ଏବଂ ଜାପାନିଜ୍ ଇତିହାସରେ ବୁଦ୍ଧଙ୍କ ମାତା ମାୟା ଏବଂ ତାଙ୍କ (ମାୟା) ଭଉଣୀ ଗୌତମୀଙ୍କୁ ନେଇ ବିବାଦୀୟ କାହାଣୀଗୁଡ଼ିକ ଅଛି, ଯିଏ ଶେଷରେ ତାଙ୍କର ସାବତ ମାଆ ହୋଇଛନ୍ତି। ତାଙ୍କ ସମ୍ପର୍କୀୟ ଭାଇ ଦେବଦତ୍ତଙ୍କ ସହ ତାଙ୍କର ଶତ୍ରୁତାର କାହାଣୀ ମଧ୍ୟ ଅଛି। ଦେବଦତ୍ତ ବୁଦ୍ଧଙ୍କ ଅନୁଗାମୀ ହୋଇ ବୁଦ୍ଧଙ୍କ ପରେ ବୌଦ୍ଧ ସଂଗଠନର ନେତୃତ୍ୱ ସେ ନେବାକୁ ଚାହିଁଛନ୍ତି, କିନ୍ତୁ ତାହା କରିବାକୁ ତାଙ୍କୁ ବାରଣ କରାଯାଇଥିଲା। ଲୋକଙ୍କୁ ଅଧିକ ଉତ୍ତମ ଏବଂ ଶାକାହାରୀ ହେବା ପାଇଁ ଆଶ୍ରମର ଆଦେଶ ଦରକାର ବୋଲି ଦେବଦତ୍ତ ଚାହାନ୍ତି, ଯାହାକୁ ବୁଦ୍ଧ ଅସ୍ୱୀକାର କରିଛନ୍ତି। ଦେବଦତ୍ତ ବୁଦ୍ଧଙ୍କୁ ହତ୍ୟାକରିବାକୁ ଚେଷ୍ଟାକରି ନର୍କରେ ନିକ୍ଷେପିତ ହେବା ସହ ସେଠାରେ ସେ ଅସୀମ ଯନ୍ତ୍ରଣା ଭୋଗିଥିବା କଥା ଉଲ୍ଲେଖ ରହିଛି। ଚାଇନିଜ୍ ଇତିହାସରେ ବୁଦ୍ଧ ଜଙ୍ଗଲରେ ନୁହେଁ ବରଂ ପର୍ବତ ଉପରେ ଭ୍ରମଣ କରୁଥିବା ବର୍ଣ୍ଣନା କରାଯାଇଛି। ସେଥିପାଇଁ ଚାଇନା ଓ ଜାପାନ ପରମ୍ପରାରେ ପାହାଡ଼ଗୁଡ଼ିକୁ ଜ୍ଞାନର ମହତ୍ତ୍ୱପୂର୍ଣ୍ଣ ସ୍ଥଳୀ ଭାବେ ଦେଖାଯାଏ। ଜାପାନୀ ପରମ୍ପରାରେ ବୁଦ୍ଧଙ୍କ ମୃତ୍ୟୁ ମହାମାରୀର ଏକ ସିଣ୍ଟୋ ଦେବତା ସହ ଜଡ଼ିତ, ଯିଏ ବୁଦ୍ଧଙ୍କ କରୁଣାର ସୁଯୋଗ ନେଇ ତାଙ୍କୁ ମରିବାକୁ ଯୋଜନା କରିଥିଲେ। ବୁଦ୍ଧ ନେଉଥିବା ପ୍ରତ୍ୟେକ ନିଃଶ୍ୱାସ ପାଇଁ ସେ ୧ ହଜାର ମଣିଷକୁ ମାରିଦେବାକୁ ଧମକ ଦେଇଛନ୍ତି। ତେଣୁ ବୁଦ୍ଧ ନିର୍ବାଣ ଚାହିଁଛନ୍ତି । ଏହିପରି, ଆମେ ବୁଦ୍ଧଙ୍କ କାହାଣୀକୁ ନେଇ ବିଶ୍ୱର ବିଭିନ୍ନ ସ୍ଥାନରେ ନାଟକୀୟ ଢଙ୍ଗରେ ବ୍ୟାପକ ପରିବର୍ତ୍ତନ ହୋଇଥିବା ଦେଖିବାକୁ ପାଉ।

ମହାଯାନ ବୌଦ୍ଧଧର୍ମରେ, ଅନେକ ହଜାର ବୁଦ୍ଧଙ୍କ ମଧ୍ୟରେ ଜଣେ ଶାକ୍ୟମୁନି ରହିଛନ୍ତି। ଚାଇନା ଓ ଜାପାନରେ ସବୁଠୁ ଲୋକପ୍ରିୟ ବୁଦ୍ଧ ହେଉଛନ୍ତି ବିରୋଚନ ଏବଂ ଅମିତାଭ। ଅମିତାଭ ବୁଦ୍ଧଙ୍କ ନାମ ସାରା ଜୀବନ ଜପ କରିବା ଦ୍ୱାରା ସେ ଆପଣଙ୍କୁ ତାଙ୍କର ସ୍ୱତନ୍ତ୍ର ପବିତ୍ର ଭୂମି ସ୍ୱର୍ଗ (ସୁଖାବତୀ)କୁ ନେଇପାରିବେ ଯେଉଁଠାରେ ଜଣେ ମହିଳାଙ୍କ ଗର୍ଭରୁ ନୁହେଁ, ବରଂ ପଦ୍ମଫୁଲରୁ ଜନ୍ମହୁଏ । ଲକ୍ଷ୍ୟକଲେ ଜଣାଯାଏ, ଆଶ୍ରମ ବ୍ୟବସ୍ଥାରେ ଲିଙ୍ଗଗତ ପକ୍ଷପାତ ଥିଲା। ଦେଖିବାକୁ ଗଲେ ମହାଯାନ ବୌଦ୍ଧଧର୍ମରେ କୌଣସି ଧ୍ୟାନ କିମ୍ବା ରୀତିନୀତିର ଆବଶ୍ୟକତା ନାହିଁ, କେବଳ ଅମିତାଭଙ୍କ ନାମ ଜପ ଦରକାର। କିନ୍ତୁ ଜେନବା ଜାପାନର ବୌଦ୍ଧଧର୍ମରେ ନାମ ଜପ କରିବାକୁ ପଡ଼ିବ ନାହିଁ, କେବଳ ତୁମକୁ ଧ୍ୟାନକରିବାକୁ ହେବ ଏବଂ ନିଜକୁ ବୁଦ୍ଧ ହେବା ପାଇଁ ବିଚାର କରିବକୁ ପଡ଼ିବ। ବୌଦ୍ଧଧର୍ମର ବିଶ୍ୱାସ ଓ କାହାଣୀଗୁଡ଼ିକରେ ଥିବା ବ୍ୟାପକ ବିବିଧତା ଆମ ମନରେ ପ୍ରଶ୍ନ ସୃଷ୍ଟିକରେ ଯେ ପ୍ରକୃତରେ କ'ଣ କେବଳ ଗୋଟିଏ ବୌଦ୍ଧଧର୍ମ ଅଛି।

–devduttofficial@gmail.com

# ପ୍ରାକୃତିକ ବନ୍ଧନକୁ ଗୁରୁତ୍ୱ



ଇପ୍ସିତା ମହାନ୍ତି

ଜନସଂଖ୍ୟା ଅନୁଯାୟୀ ଆମ ଦେଶରେ ପ୍ରାକୃତିକ ସମ୍ପଦର ଅଭାବ ରହିଛି। ବିଶ୍ୱ ଜନସଂଖ୍ୟାର ୧୮ ପ୍ରତିଶତ ଲୋକ ଆମ ଦେଶରେ ରୁହନ୍ତି। କିନ୍ତୁ ଆମ ପାଖରେ ବୈଶ୍ୱିକ ଭୂମିର ମାତ୍ର ୨.୪ ପ୍ରତିଶତ ଭୂମି ସହ ୨ ପ୍ରତିଶତ ଜଙ୍ଗଲ ଏବଂ କେବଳ ଚାରି ପ୍ରତିଶତ ବିଶୁଦ୍ଧ ଜଳ ଉପଲବ୍ଧ ଅଛି। ଭବିଷ୍ୟତରେ ଜନସଂଖ୍ୟାର ଚାପ ବଢ଼ିବା ସହ ଏହି ଉତ୍ସଗୁଡ଼ିକ ଆହୁରି ହ୍ରାସ ପାଇବ। ବର୍ତ୍ତମାନ ଯେଉଁ ହାରରେ ଆମେ ପ୍ରାକୃତିକ ସମ୍ପଦ ବ୍ୟବହାର କରୁଛୁ, ୨୦୩୦ ସୁଦ୍ଧା ଆମକୁ ୨୫ ଗୁଣରୁ ଅଧିକ ପ୍ରାକୃତିକ ସମ୍ପଦ ଆବଶ୍ୟକ ପଡ଼ିବ।

ସମ୍ପ୍ରତି ପରିବେଶ ଉପରେ ବିପଦ ମାଡ଼ି ଚାଲିଛି। ଅର୍ଥଶାସ୍ତ୍ର ଏବଂ ଶାନ୍ତି ସଂସ୍ଥାନ (ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇକୋନୋମିକ୍ସ ଆଣ୍ଡ ପିସ୍)ର ସୂଚନା ଅନୁଯାୟୀ, ଯଦି ଖାଦ୍ୟ ସୁରକ୍ଷା ପ୍ରତି ୨୫ ପ୍ରତିଶତ ବିପଦ ରହିବ, ତେବେ ଦେଶରେ ବିବାଦ ତଥା ସଂଘର୍ଷର ଆଶଙ୍କା ୩୬ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇବ। ଯଦି ସମ ପରିମାଣରେ ଜଳର ଅଭାବ ଦେଖାଦେବ, ତେବେ ବିବାଦୀୟ ପରିସ୍ଥିତି ୧୮ ପ୍ରତିଶତକୁ ବୃଦ୍ଧି ପାଇବ। ଜୈବ ବିବିଧତା ଦୃଷ୍ଟିରୁ ଆମ ଦେଶରେ ଥିବା ଚାରୋଟି ହଟ୍‌ସ୍ପଟ୍‌ର ୯୦ ପ୍ରତିଶତ କ୍ଷେତ୍ର ହ୍ରାସ ପାଇଛି। ମିଳିତ ଜାତିସଂଘର ତଥ୍ୟ ଅନୁଯାୟୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଭାରତକୁ ପ୍ରତିବର୍ଷ ହାରାହାରି ୭ ବିଲିୟନ ଆମେରିକୀୟ ଡଲାରର ଆର୍ଥିକ କ୍ଷତି ସହିବାକୁ ପଡୁଛି ; ଯେଉଁଥିପାଇଁ ବିଗତ ୫ ବର୍ଷରେ ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ଭାରତର ମାନ୍ୟତା ହ୍ରାସ ପାଇଛି। ୨୦୨୨ରେ ଭାରତ ୧୨୧ତମ ସ୍ଥାନରେ ଥିଲା। ୨୦୨୪ରେ ଅବଶ୍ୟ ଏଥିରେ ସାମାନ୍ୟତମ ଉନ୍ନତି ଘଟିଛି। ଭାରତ ରହିଛି ୧୧୨ତମ ସ୍ଥାନରେ, ଯାହା ଅନ୍ୟ ବିକାଶଶୀଳ ରାଷ୍ଟ୍ରଙ୍କ ତୁଳନାରେ ନଗନ୍ୟ।

ଏଭଳି ସ୍ଥିତିରେ ପ୍ରାକୃତିକ ବନ୍ଧନ ପାଇଁ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ବାସ୍ତବରେ ଏହି ପ୍ରାକୃତିକ ବନ୍ଧନ କ'ଣ ? ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକୃତିରୁ ଯାହା ନେଇଛୁ କିମ୍ବା ନେଉଛୁ, ତାହାକୁ ସେହି ଅନୁପାତରେ ଆମେ ପ୍ରକୃତିକୁ ଫେରାଇଦେବା ଉଚିତ, ଏହି ପ୍ରତିବଦ୍ଧତା ହିଁ ହେଉଛି ପ୍ରାକୃତିକ ବନ୍ଧନ। ଯଦି ଆମେ ପ୍ରକୃତିକୁ ଏସବୁ ଫେରାଇବା ନାହିଁ ଅବା ପରିଶୋଧ କରିବା ନାହିଁ, ତେବେ ପ୍ରକୃତି ନିକଟରେ ଋଣୀ ହୋଇଯିବା। ପ୍ରକୃତି ଆମ ଜୀବନର ଆଧାର, କିନ୍ତୁ ଏହାର ଋଣ ପରିଶୋଧ କରିବାକୁ ଭୁଲି ଯାଉଛୁ। ଆକଳନ କହୁଛି, ଭାରତରେ ଜଳବାୟୁ ବିପର୍ଯ୍ୟୟ ହେତୁ ୨୦୫୦ ସୁଦ୍ଧା ୪.୫କୋଟି ଭାରତୀୟ ଅନ୍ୟତ୍ର ସ୍ଥାନାନ୍ତର ହେବାକୁ ବାଧହେବେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଚରମ ପାଣିପାଗଜନିତ ଘଟଣାର ପରିଣାମ ସ୍ୱରୂପ ସ୍ଥାନାନ୍ତର ହେଉଥିବା ଲୋକଙ୍କ ସଂଖ୍ୟା ବର୍ତ୍ତମାନ ସଂଖ୍ୟାର ୩ ଗୁଣ ବଢ଼ିଯିବ। ବିଶ୍ୱ ଜଳବାୟୁ ବିପଦ ସୂଚକାଙ୍କ ୨୦୨୧, ଅନୁସନ୍ଧାନ ଗୋଷ୍ଠୀ ଜର୍ମାନୱାଚ୍‌ର ବାର୍ଷିକ ସୂଚକାଙ୍କ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ଶୀର୍ଷ ୧୦ଟି ଦେଶଙ୍କ ମଧ୍ୟରେ ଭାରତକୁ ସ୍ଥାନିତ କରିଛି। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ବିଶ୍ୱର ତାପମାତ୍ରା କ୍ରମାଗତ ବୃଦ୍ଧି ଘଟୁଛି। ଅଦିନିଆ ବୃଷ୍ଟି ତଥା ଅପବୃଷ୍ଟିର ହାର ବଢ଼ି ଚାଲିଛି। ଏହି କାରଣରୁ ୨୦୩୫ ପର୍ଯ୍ୟନ୍ତ ଖାଦ୍ୟର ମୂଲ୍ୟ ବାର୍ଷିକ ୩.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ।

ବଢ଼ିଚାଲିଥିବା ବୈଶ୍ୱିକ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ମୁକୁଳିବା ପାଇଁ ରାଜନୈତିକ ଦଳଗୁଡ଼ିକ ପାଖରେ କି କି ଯୋଜନା ରହିଛି? ଏହି ସ୍ୱର୍ଣ୍ଣକାତର ବିଷୟ କୌଣସି ନିର୍ବାଚନରେ ଆଲୋଚନାର ପ୍ରସଙ୍ଗ ମଧ୍ୟ ପାଲଟି ନାହିଁ। ଯଦି ଠିକ୍ ଭାବରେ ଦେଖାଯିବ ନିର୍ବାଚନ ମଧ୍ୟ ପରିବେଶୀୟ ଦୃଷ୍ଟିକୋଣରୁ କ୍ଷତିକାରକ। ସେଥିପାଇଁ ଦେଶର ଗଣତାନ୍ତ୍ରିକ ସଂରଚନାକୁ ସବୁଜ ଗଣତନ୍ତ୍ର ଅଧୀନରେ ଅନ୍ତର୍ଭୁକ୍ତ କରିପାରିନାହୁଁ। ଜଳବାୟୁ ପରିବର୍ତ୍ତନର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶରେ ଏକ ସବୁଜିମାସମ୍ପନ୍ନ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ମନେହୁଏ। ଏଥିସହ ବଢ଼ିଚାଲିଥିବା ପ୍ରାକୃତିକ ସମ୍ପଦର ଶୋଷଣ ବନ୍ଦହେବା ଉଚିତ। ନଚେତ୍ ପରିବେଶର ବିନାଶ ମୂଲ୍ୟରେ ଚାଲିଥିବା ବିକାଶ ଶେଷରେ ଆମକୁ ଧ୍ୱଂସ ଆଡ଼କୁ ନେଇଯିବ। ତେଣୁ ବେଳହୁଁ ସତର୍କ ରହିବା ସହ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ପ୍ରତିବଦ୍ଧତା ଆବଶ୍ୟକ।

ବୈପାରିଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ଅଗଣା କହିଲେ ମାତ୍ର ୫୦୦ ବର୍ଗଫୁଟ। କିନ୍ତୁ ଏଠାରେ ପରିବା ଚାଷକରି କେରଳର ପଦ୍ମା ସୁରେଶ ପରିବାରର ଆବଶ୍ୟକତା ପୂରଣ କରିବା ସହ ବଳକା ପରିବା ବଜାରରେ ବିକ୍ରି କରୁଛନ୍ତି । ଏଥିରେ ମାସକୁ ୫,୦୦୦ ଟଙ୍କା ସଞ୍ଚୟ କରିପାରୁଛନ୍ତି। ପଦ୍ମାଙ୍କ ବୟସ ଏବେ ୪୮ । ସେ ପିଲାଦିନେ ସ୍କୁଲରେ ପଢ଼ିବା ସମୟରେ ତାଙ୍କ ପିତାଙ୍କ ସହ ବହୁ ସମୟ କୃଷିକାମରେ କଟାଉଥିଲେ। କୃଷି ପ୍ରତି ଆଗ୍ରହ ସେହି ସମୟରୁ ସୃଷ୍ଟି ହୋଇଥିଲା ଓ ବିବାହ କରିବା ପରେ ସେ ଅଗଣାରେ ଗ୍ରୋ–ବ୍ୟାଗ୍‌ରେ ଚାଷ କରୁଛନ୍ତି। ୨୦୦ ଗ୍ରୋ–ବ୍ୟାଗ୍‌ରେ ସେ ଲଙ୍କା, ଚେରି ଟମାଟୋ, ବିନ୍ସ, କାକୁଡ଼ି, ବାଇଗଣ, ଭେଣ୍ଡି ଓ ଶୀତଦିନେ କୋବି ଆଦି ୨୦ ପ୍ରକାର ପରିବା ଚାଷ କରୁଛନ୍ତି। ଏହି ଚାଷ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ କରାଯାଉଛି। ସେ ପରିବାର ପାଇଁ କେବଳ ଆଳୁ , ରସୁଣ, ପିଆଜ , ହଳଦୀ କିଣୁଛନ୍ତି। ପଦ୍ମା ପ୍ରତି ରବିବାର ପରିବା ବିକ୍ରିକରି ପାଖାପାଖି ୧୦୦୦ ଟଙ୍କା ରୋଜଗାର କରୁଛନ୍ତି। ଏହାବାଦ ପରିବାରର ପରିବା ଖର୍ଚ୍ଚ ବାବଦରେ ୧୫,୦୦୦ ଟଙ୍କା ବଞ୍ଚାଇପାରୁଛନ୍ତି। ଏହି ଚାଷ ପାଇଁ ଜୈବିକ ଖତ ଓ କୀଟନାଶକ ପ୍ରୟୋଗ କରାଯାଉଛି ଓ ଏହସବୁକୁ ପଦ୍ମା ନିଜେ ପ୍ରସ୍ତୁତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଅଗଷ୍ଟ ୧୯୭୫

- ଲେଫ୍‌ଟନାଣ୍ଟ ଜେନେରାଲ ଏସ୍.ପି. ମାଲହୋତ୍ରା ବ୍ରିଗେଡ ଅଫ୍ ଦି ଗାର୍ଡ୍ସର ନୂଆ କର୍ଣ୍ଣେଲ ନିଯୁକ୍ତ।
- ସ୍ୱାଧୀନତା ସଂଗ୍ରାମର ବୀର ପୁରୁଷ ତଥା ହିନ୍ଦୁସ୍ଥାନୀ ସେବା ଦଳର ପ୍ରତିଷ୍ଠାତା ଡଃ ଏନ୍.ଏସ୍. ହର୍ଦ୍ଦିକରଙ୍କ ପରଲୋକ।
- ନାମ୍ବିଆ ଦିବସ ସ୍ମାରକୀ ଉପଲକ୍ଷେ ଭାରତୀୟ ଡାକ ଓ ତାର ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ ଟିକେଟ ଉନ୍ମୋଚିତ ।

# ପ୍ରବଞ୍ଚନାର ଭିନ୍ନରୂପ



ବୈକୁଣ୍ଠନାଥ ମିଶ୍ର

କବି ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଛୋଟ ମୋର ଗାଁଟି'ର ଏକ କବିତାଂଶ ହେଲା
ଚଉକିଦାର ଗୋବରା ଭୋଇ –
ଚିଲମଟାଣି ରାତିଟା ଶୋଇ। ସକାଳୁ କହେ ଚୋରକୁ କାଲି ଲୁଲାଇ ଦେଲି ଭୁଆଁଟି – ଛୋଟ ମୋର ଗାଁଟି। ଭୁଆଁ ବୁଲାଇବାର ଅର୍ଥ ପ୍ରବଞ୍ଚନାର ଏକ ପ୍ରାୟୋଜିତ ପ୍ରୟାସ। ବାସ୍ତବରେ ଗୋବରା ଚୋରକୁ ଭୁଆଁ ବୁଲାଇବା ପରିବର୍ତ୍ତେ ଗ୍ରାମବାସୀଙ୍କୁ ମିଥ୍ୟା ଦ୍ୱାରା ଭ୍ରମିତ କରିବାରେ ସଫଳ ହେଉଥିଲା। ମିଥ୍ୟା ସଫଳତାକୁ ଆମେ ଏତେ ସୁନ୍ଦର ଭାବେ ଲୋକ ସମକ୍ଷରେ ଉପସ୍ଥାପନା କରୁ ଯଦ୍ଦ୍ୱାରା ତାହା ମିଛ ସତ୍ୟର ରୂପ ନେଇ ତଡ଼ିତ ବେଗରେ ସଂଚରିତ ହୋଇଯାଏ। ଗୋବରା ଭୋଇ ରାତିରେ ଗଞ୍ଜେଇ ସେବନ କରି ଶୋଇଯାଏ ଓ ନିଶାନ୍ତେ ଅତି ସୁନ୍ଦରଭାବେ ତା'ର ବୀରତ୍ୱର ଗାଥା ଗ୍ରାମବାସୀଙ୍କ ସମ୍ମୁଖରେ ବଖାଣେ ଯେ ସେ କିପରି ଚୋରକୁ କୌଶଳରେ ଗ୍ରାମରୁ ବିତାଡ଼ିତ କରିବାରେ ସକ୍ଷମ ହେଲା। ଲୋକେ ତା' କଥାକୁ କେବଳ ବିଶ୍ୱାସ କରନ୍ତି ନାହିଁ; ବରଂ ତା' ଯୋଗୁ ଲୋକଙ୍କ ଧନଜୀବନ ସୁରକ୍ଷିତ ରହୁଥିବାରୁ ତା' ଉପରେ ଅଜାଡ଼ି ଦିଅନ୍ତି ଅସୁମାରି ପ୍ରଶଂସା। ଏହି ଉପସ୍ଥାପନାର ତାତ୍ପର୍ଯ୍ୟ ଏହି ଯେ ଆମ ସମାଜରେ ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ରଙ୍ଗବୋଳା ମିଥ୍ୟା ଆଡୁଆଳରେ ସତ୍ୟତା ନିଜର ସତ୍ତା ହରାଏ।

ଏ ସମ୍ବନ୍ଧରେ ଏକ ସତ୍ୟ ଘଟଣାର ଅବତାରଣା ପ୍ରାସଙ୍ଗିକ ମନେହୁଏ। ବହୁବର୍ଷ ତଳେ ଆମ ଅଞ୍ଚଳରେ ବର୍ଷା ଅନାବୃଷ୍ଟି ଯୋଗୁ ଗଜାମରୁଡ଼ିରେ ଚାଷୀକୁଳ ଚିନ୍ତାରେ ଥାଆନ୍ତି। ଗ୍ରାମର ଭାଗବତ ଟୁଙ୍ଗିରେ ଚାଷୀମାନେ ବସି ସମ୍ଭାବ୍ୟ ଦୁର୍ଦ୍ଦିନ କଥା ଆଲୋଚନା କରୁଥାନ୍ତି। ଏହି ସମୟରେ ଜଣେ ଯୋଗୀ କେନ୍ଦରା ବଜାଇ ଗୀତଗାଇ ଭିକ୍ଷା ଯାଚନା କରୁଥାଏ। ଯୋଗୀକୁ ଦେଖି ଜଣେ ଯୁବଚାଷୀ ଉତ୍କ୍ଷିପ୍ତ ସ୍ୱରରେ କହିଲା– ଆରେ ବର୍ଷା ତ ନାହିଁ। ଏସନ ଚାଷ ଉଜୁଡ଼ିବାକୁ ବସିଲାଣି। ଆମ ପିଲାଏ କ'ଣ ଖାଇବେ – କେମିତି ବଞ୍ଚିବେ ସେ ଚିନ୍ତା ଆମକୁ ଘାରିଛି। ଏପରି ସମୟରେ ତୁ ଭିକ ମାଗୁଛୁ। ଯଥାଶୀଘ୍ର ଏ ଗାଁ ଛାଡ଼ି ଚାଲିଯା। ଯୋଗୀ ପାଟିରୁ ବାହାରି ଆସିଲା– ଦେଖ ଆଜି କେମିତି ବର୍ଷା ହେଉଛି। ଯୋଗୀ ଭାବିଥିଲା ଗ୍ରାମଲୋକେ ଖୁସି ହୋଇ ତାକୁ ଛାଡ଼ିଦେବେ। ମାତ୍ର ଯୁବକମାନେ ଯୋଗୀକୁ ନେଇ ଭାଗବତ ଟୁଙ୍ଗିରେ ବନ୍ଦୀକରି ରଖିଲେ। ଯୋଗୀପୁଅ ବିଚରା ଭଗବାନଙ୍କୁ ଡାକୁଥାଏ। ଏପରି କଥା କାହିଁକି ତା' ତୁଣ୍ଡକୁ ଆସିଲା। କିନ୍ତୁ ସନ୍ଧ୍ୟା ସୁଦ୍ଧା ପ୍ରବଳ ବର୍ଷା ହେଲା । ଯୋଗୀଙ୍କ ପ୍ରଶଂସାରେ ତମାମ ଗାଁ ଶତମୁଖ। ପରେ ଭାଗବତ ଟୁଙ୍ଗି ଆଶ୍ରମର ରୂପ ନେଲା ଓ ଯୋଗୀ ବନିଗଲେ ବାବା। ଆମେ ଏହାକୁ କ'ଣ କହିବା ଆତ୍ମରକ୍ଷା ପାଇଁ ପ୍ରବଞ୍ଚନାର ସହାୟତା ନା ସଂଯୋଗ। ସେ ଯାହା ହେଉ ଲୋକେ ବାବାଙ୍କୁ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ବାବା ନିଜ ମନ୍ଦକାମନାରେ ବଶୀଭୂତ ହୋଇ ସମୟ ସୁବିଧା ଦେଖି ଗ୍ରାମର କନ୍ୟାଟିଏ ଧରି ଅନ୍ତର୍ଦ୍ଧାନ ହୋଇଗଲେ। ସେଦିନ ସେ ଭବିଷ୍ୟବାଣୀ ନ ଥିଲା ବାବାଙ୍କର ଦୈବୀ ସାଧନାର ଫଳ। ବରଂ ଏହାକୁ ଏକ ପ୍ରବଞ୍ଚନା କହିବା ଅଧିକ ସମୀଚୀନ ହେବ।



ଭାରତବର୍ଷ ମୁନିଋଷିଙ୍କର ଦେଶ। ଆମ ଉତ୍କଳ ମଧ୍ୟ କେଉଁ ଗୁଣରେ କମ୍ ନୁହେଁ। ବହୁ ଜ୍ଞାନୀ, ଗୁଣୀ, ସାଧୁସନ୍ଥ ଛୁଟି ଆସିଛନ୍ତି ଏଠାକୁ। ସେମାନେ ଲଭିଛନ୍ତି ସିଦ୍ଧି ଓ ବିଦ୍‌ବତ୍ତା। ଆଜି କିନ୍ତୁ ସେ ସମୟ ନାହିଁ। ପ୍ରକୃତ ସାଧୁ ନୀରବି ଯାଇଛନ୍ତି ଓ ତାଙ୍କ ସ୍ଥାନରେ ପ୍ରବଞ୍ଚକ ଭଣ୍ଡ ସାଧୁଙ୍କର ଆବିର୍ଭାବ ଘଟିଛି। ବାବା ନକଲିକୁ ଭକ୍ତ ନକଲି। ଦୁଇ ନକଲିଙ୍କର ମିଳନରେ ମୁଖରିତ ହୁଏ ଆଶ୍ରମ । ବାବା କିନ୍ତୁ ତଥାକଥିତ ଭକ୍ତଙ୍କର ଏ ଅସହାୟତାର ଫାଇଦା ଉଠାନ୍ତି। ବିପୁଳ ସମ୍ପତ୍ତି ଆହରଣ ସହ ନିଜକୁ ସ୍ୱର୍ଗାଧିପତି ମନେକରନ୍ତି। ମନୁ ସଂହିତା କହନ୍ତି–

ମନ୍ୟନ୍ତେ ବୈପାପକୃତୋ ନ କଶ୍ଚିତ୍ପଶ୍ୟତୀତିନଃ
ତାଂସ୍ତୁ ଦେବାଃ ପ୍ରପଶ୍ୟନ୍ତି ସ୍ୱ ସ୍ୟୈବାନ୍ତର ପୁରୁଷ ସଃ॥ (୮ମ ଅଧ୍ୟାୟ ୫ମ ଶ୍ଳୋକ)

ଅର୍ଥାତ୍– ପାପକାରୀମାନେ ମନେକରନ୍ତି ଯେ ସେମାନଙ୍କୁ କେହି ଦେଖୁନାହିଁ। ମାତ୍ର ତାଙ୍କୁ ଦେବତାମାନେ ଓ ଆପଣା ଶରୀରସ୍ଥିତ ପୁରୁଷ ଦେଖନ୍ତି।

ଏବେ ଆସନ୍ତୁ ଜାଣିବା ଭବିଷ୍ୟବାଣୀ ମାଧ୍ୟମରେ ଜନମାନସକୁ ପ୍ରଭାବିତ ଓ ଭ୍ରମିତ କରୁଥିବା କତିପୟ ଜ୍ୟୋତିଷ ବିଶାରଦଙ୍କୁ। ଜ୍ୟୋତିଷଶାସ୍ତ୍ର ଏକ ଶାସ୍ତ୍ରଗତ ବିଦ୍ୟା। କିନ୍ତୁ ଏହି ବିଦ୍ୟାକୁ ଠିକ୍‌ଭାବେ ବୋଧଗମ୍ୟ କରିବା ଓ ଠିକ୍ ନିରୂପଣ କରିବାରେ ଦେଖାଦିଏ ବିରାଟ ଅସମାନତା। ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପଞ୍ଜିକାରେ ତିଥି ନିରୂପଣ କରିବାରେ ଦେଖାଦିଏ ଅସମାନତା ଓ ଘୋର ଅମେଳ। ଏପରି କି କୌଣସି ଏକ ତିଥି ନିରୂପଣରେ ଅମେଳ ଯୋଗୁ କିଛି ଜ୍ୟୋତିର୍ବିଦ୍ ଉଚ୍ଚ ନ୍ୟାୟାଳୟର ହସ୍ତକ୍ଷେପ ଲୋଡ଼ିଥିଲେ। ପ୍ରତ୍ୟହ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହେଉଥିବା ରାଶିଫଳ ବିଚାରକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ ଗୋଟିଏ ନିର୍ଦ୍ଦିଷ୍ଟ ରାଶିର ରାଶିଫଳ ଗୋଟିଏ ଖବରକାଗଜରେ ଅତ୍ୟନ୍ତ ଶୁଭଫଳର ସୂଚନା ଦିଆଯାଉଥିବା ବେଳେ ଅନ୍ୟ ଖବରକାଗଜରେ ଏହା ଅଶୁଭ ବୋଲି ଦର୍ଶାଯାଇଥାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା – ଏବର୍ଷ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସମସ୍ତ ଜ୍ୟୋତିଷ ଭବିଷ୍ୟବାଣୀ କରିଥିଲେ ଯେ ବିଜୁ ଜନତା ଦଳ ବହୁମତ ଏପରି କି ଦୁଇ/ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲକରି ପୁନର୍ବାର ଓଡ଼ିଶାରେ ଶାସନ କରିବ। ଅବଶ୍ୟ କେତେକ ଜ୍ୟୋତିଷ ଆକଳନ କରିଥିଲେ ଯେ ବିଜେଡିର ସଂଖ୍ୟା କିଛି କମିବ କିନ୍ତୁ ଶାସନଗାଦି ଅଳଂକୃତ କରିବାରେ ଏହା ଆଦୌ ବାଧକ ହେବନାହିଁ। କିନ୍ତୁ ଫଳ କ'ଣ ହେଲା ଆମେ ଦେଖିଲୁ। ସେହିପରି ଭାଜପା କେନ୍ଦ୍ରରେ ଏକକ ସଂଖ୍ୟା ଗରିଷ୍ଠତାର ପ୍ରାକ୍ ସୂଚନା ମଧ୍ୟ ଭୁଲ୍ ସାବ୍ୟସ୍ତ ହୋଇଛି। ଭାଜପାକୁ ଏକାକୀ ୨୪୦ ଆସନରେ ସୀମିତ ରହିବାକୁ ହୋଇଛି। ଏପରି କି ସାମାଜିକ ଗଣ ମାଧ୍ୟମରେ ବୁଥ୍ ବାହୁଡ଼ା (ଏକ୍‌ଜିଟ୍ ପୋଲ) ଆକଳନ ମଧ୍ୟ ଠିକ୍ ହେଲାନାହିଁ।

ଏ ସବୁ ଦେଖି ଶୁଣି ସାଧାରଣ ମଣିଷ ମନରେ ପ୍ରଶ୍ନ ଉଠେ ସେ କାହାକୁ ବିଶ୍ୱାସ କରିବ ? ସତ୍ୟତା ତା'ର ସତ୍ତା ହରାଇଲାଣି। ସାମାଜିକ ଗଣମାଧ୍ୟମରେ ଯେପରି କମ୍ପାନୀମାନେ ତାଙ୍କ ଉତ୍ପାଦିତ ସାମଗ୍ରୀକୁ ଶ୍ରେଷ୍ଠତା ଦେଇ ଅନ୍ୟ ଉତ୍ପାଦଗୁଡ଼ିକୁ ଉପେକ୍ଷା କରୁଛନ୍ତି, ଏହା ଦ୍ୱାରା ସାଧାରଣ ଗ୍ରାହକଟି ମାନସିକ ଦ୍ୱିଧା ମଧ୍ୟକୁ ଠେଲି ହୋଇଯାଉଛି। ଘରେ ଘରେ ଦ୍ରବ୍ୟ କିଣାକୁ ନେଇ ଭିନ୍ନ ମତ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମୟରୁ 'ଗରିବୀ ହଟାଓ'ର ସ୍ଲୋଗାନ ଦେଶବାସୀ ଶୁଣି ଆସୁଛନ୍ତି। ତଥାପି ଗରିବୀ ହଟୁନାହିଁ। ପ୍ରତି ନିର୍ବାଚନରେ ଗରିବୀ କଲ୍ୟାଣ ସବୁଦଳର ପ୍ରମୁଖ ଇସ୍ତାହାର। କିନ୍ତୁ ଧନୀ ଅଧିକ ଧନୀ ହେଉଥିବା ବେଳେ ଗରିବ ତା'ର ଭାଗ୍ୟକୁ ଆଦରି ପଡ଼ିରହିଛି। ଏହା କ'ଣ ପ୍ରବଞ୍ଚନା ନୁହେଁ ?

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ: ୯୯୩୭୪୫୦୫୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଧାରାବାହିକ ସାପ୍ତାହିକ ହେଉ

ମହାଶୟ,
ଦୂରଦର୍ଶନ(ଟିଭି)ରେ ମନୋରଞ୍ଜନ ନାମରେ ପ୍ରତିଦିନ ପ୍ରସାରିତ ହେଉଥିବା ଧାରାବାହିକ ଗୁଡିକ ଦୈନିକ ପରିବର୍ତ୍ତେ ସାପ୍ତାହିକ ହେଲେ ଭଲ ହୁଅନ୍ତା । ଦେଖିବାକୁ ମିଳୁଛି ନୂଆ ଧାରାବାହିକର ମୂଳ କାହାଣୀ ଅଳ୍ପ କେତେଦିନ ଭିତରେ ଶେଷ ହୋଇଯାଏ । ପରେ ପ୍ରତ୍ୟେକ ଦିନ ତାକୁ ଚଳାଇ ରଖିବା ପାଇଁ ପ୍ରଯୋଜକ/ ନିର୍ଦ୍ଦେଶକମାନେ ଯାହା ଯେମିତି ମନକୁ ଆସିଲା ଏଣୁତେଣୁ କାହାଣୀମାନ ସୃଷ୍ଟିକରି ବଢ଼େଇ ଚାଲୁଛନ୍ତି । ଫଳରେ ନା ସେଥିରେ କୌଣସି ସାମଞ୍ଜସ୍ୟ ରହୁଛି ନା ସମାଜୋପଯୋଗୀ କୌଣସି ବାର୍ତ୍ତା। ଏ ସବୁକୁ ଦେଖିଲେ ଲାଗେ ଯେମିତି କୌଣସି ବି ଓଡ଼ିଆ ପରିବାରରେ ଶାନ୍ତି ନାହିଁ । କେବଳ କଳି ତକରାଳ ଆରୋପ ପ୍ରତ୍ୟାରୋପ । ସ୍ନେହ ସୌହାର୍ଦ୍ଦ୍ୟ ଭାବ ପ୍ରୀତି ଶିଷ୍ଟାଚାର କିଛି ନାହିଁ। ସବୁଠି ସମସ୍ତଙ୍କ ମଧ୍ୟରେ ଯେମିତି ଛଳନା ପ୍ରବଞ୍ଚନା ପ୍ରତାରଣା। ଭାଷା ଶୁଣିଲେ ଲାଗେ ଯେମିତି 'ଓଡ଼ିଆ ଗୋଟିଏ ଭାଷା ନୁହେଁ' । ତରବରିଆ ଭାବରେ ଲେଖା ଯାଉଥିବା ସଂଳାପରେ ରହୁଛି କିଛି ଖଣ୍ଡିଆ ଇଂରାଜୀ ଶବ୍ଦ। ଏମିତି ଗର୍ଜନ ତର୍ଜନ ଓ ବିକୃତ ଭାଷାକୁ ନେଇ ସୃଷ୍ଟି ହେଉଛି ଆମ ଓଡ଼ିଆ ଧାରାବାହିକ । ଧାରାବାହିକଗୁଡ଼ିକ ସାପ୍ତାହିକ ହେଲେ ପ୍ରଯୋଜକ/ ନିର୍ଦ୍ଦେଶକମାନେ ସମାଜୋପଯୋଗୀ କାହାଣୀ ଚିନ୍ତାକରିବା ପାଇଁ ଯଥେଷ୍ଟ ସମୟ ପାଇପାରନ୍ତେ । ସରସ ସୁନ୍ଦର ଅସରନ୍ତି ଓଡ଼ିଆ ଶବ୍ଦ ଭଣ୍ଡାରରୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ମଧୁର ଓଡ଼ିଆ ଶବ୍ଦ ଖୋଜି ସେଥିରେ ସୁନ୍ଦର ସଂଳାପ ସୃଷ୍ଟିକରି ଧାରାବାହିକଗୁଡିକୁ ଅଧିକ ସର୍ବଜନାଦୃତ ଓ ଆକର୍ଷଣୀୟ କରିପାରନ୍ତେ । ଆଶା କରୁଛି ପ୍ରଯୋଜକମାନେ ଧାରାବାହିକଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ଏ ଦିଗରେ ନିଶ୍ଚୟ ଧ୍ୟାନ ଦେବେ ।

–ବୀରମାଧବ ଦାସ ,ବଡ଼ କସବା, ବାଲିଆପାଳ,ବାଲେଶ୍ୱର

## ଚିରନ୍ତନୀ

ସମୀର କହିଲାଣି ଆକାଶ କଥା
ମଳିନ କିପାଁ ସଖୀ ! ନୟନପତା
ଚଳଇ ଧେନୁ ଗୋଷ୍ଠେ କମ୍ପନ କିପାଁ ଓଷ୍ଠେ ?
ମରମେ ଲୁଚିଛି କି ସରମ ବ୍ୟଥା
ମଳିନ କିପାଁ ସଖୀ ନୟନପତା ?
–(ପ୍ରଭାତ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 6 | | 3 | 5 | 2 | 1 |
| 1 | | | | | | | | 6 |
| | | | | | | | 3 | |
| | | | | | 9 | | 8 | |
| | 8 | 5 | 7 | 4 | | 3 | | |
| | | 1 | 3 | | | 2 | | |
| | 4 | | 2 | | | | | |
| | 5 | 2 | | | | 9 | | 4 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 9 | 8 | 1 | 2 | 7 | 4 | 5 |
| 5 | 8 | 1 | 7 | 4 | 6 | 3 | 2 | 9 |
| 2 | 7 | 4 | 3 | 5 | 9 | 8 | 1 | 6 |
| 1 | 9 | 5 | 4 | 6 | 3 | 2 | 8 | 7 |
| 8 | 2 | 3 | 5 | 7 | 1 | 6 | 9 | 4 |
| 6 | 4 | 7 | 9 | 2 | 8 | 1 | 5 | 3 |
| 7 | 5 | 6 | 1 | 8 | 4 | 9 | 3 | 2 |
| 4 | 3 | 8 | 2 | 9 | 7 | 5 | 6 | 1 |
| 9 | 1 | 2 | 6 | 3 | 5 | 4 | 7 | 8 |

ଗତକାଲିର ଉତ୍ତର

# ମାଈ ହାତୀ 'ମାମା'ର ମୃତ୍ୟୁ

## ହର୍‌ପିସ ଭୂତାଣୁରେ ଆକ୍ରାନ୍ତ ସନ୍ଦେହ



ମାମାର ଫାଇଲ୍ ଫଟୋ।

ବାରଙ୍ଗ,୨୮।୮ (ଲିଙ୍ଗରାଜ ରାଉତ)

୧୦ଦିନ ତଳେ ଭରତପୁର ଜଙ୍ଗଲରେ ହାତୀ 'ରାମୁ'ର ମୃତ୍ୟୁ ହୋଇଥିବାବେଳେ ବୁଧବାର ଚନ୍ଦକା-ଡମପଡ଼ା ଅଭୟାରଣ୍ୟର କୁମାରଖୁଣ୍ଟିର ହାତୀ ପାଠଶାଳାରେ ସାଢେ ୭ ବର୍ଷର ମାଈ ହାତୀ 'ମାମା'ର ମୃତ୍ୟୁ ଘଟିଛି। ୨ ହାତୀଙ୍କ ମୃତ୍ୟୁ ପରେ ଏବେ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ପାଠଶାଳାରେ 'ମାମା' ମରି ପଡ଼ିଥିବା ବୁଧବାର ସକାଳେ କର୍ମଚାରୀ ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ହର୍‌ପିସ ଭୂତାଣୁ ଯୋଗୁ ମୃତ୍ୟୁ ହୋଇଥିବା ବନ ବିଭାଗ ସନ୍ଦେହ କରୁଛି। ଗତ ୨ ଓ ୧୬ ତାରିଖରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷ 'ମାମା' ସହ ପାଠଶାଳାରେ ଥିବା ସମସ୍ତ ହାତୀଙ୍କ ସ୍ୱାବ ଟେଷ୍ଟ ପାଇଁ ଓୟୁଏଟିକୁ ସାମ୍ପଲ ପଠାଇଥିଲେ। ଏହି ଟେଷ୍ଟ ପରେ ହର୍‌ପିସର ଲକ୍ଷଣ ଜଣାପଡ଼ି ନ ଥିଲା। ବୁଧବାର ମଧ୍ୟ ଅନ୍ୟ ହାତୀଙ୍କ ସାମ୍ପଲ ସ୍ୱାବ ଟେଷ୍ଟ ପାଇଁ ଓୟୁଏଟିକୁ ପଠାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଶରତଚନ୍ଦ୍ର ବେହେରା କହିଛନ୍ତି। ମାମାର ମୃତ୍ୟୁ ପରେ କୁମାରଖୁଣ୍ଟି ହାତୀ ପାଠଶାଳାରେ ହାତୀସଂଖ୍ୟା ହ୍ରାସ ପାଇ ୪ରେ ପହଞ୍ଚିଛି। ଅନ୍ୟପଟେ 'ମାମା' ନନ୍ଦନକାନନରେ ଥିବାବେଳେ ମାହୁନ୍ତଙ୍କ ବୋଲ ମାନିବା ସହ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଫୁଟବଲ ଖେଳି ବେଶ୍ ଚର୍ଚ୍ଚାରେ ରହିଥିଲା। ୨୦୧୭ ନଭେମ୍ବର ୩ରେ ମା'ଛେଉଣ୍ଡ 'ମାମା'କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ବନଖଣ୍ଡର ରାମେଶ୍ୱରରୁ ନନ୍ଦନକାନନକୁ ଅଣାଯାଇଥିଲା। ସେତେବେଳେ ତାକୁ ମାତ୍ର ୫ ମାସ ହୋଇଥିଲା। ଧୀରେଧୀରେ ମାହୁନ୍ତଙ୍କ ସ୍ନେହରେ ବାନ୍ଧି ହୋଇ ନନ୍ଦନକାନନରେ ବଢ଼ିବାରେ ଲାଗିଥିଲା। ସାଢେ ସାତ ବର୍ଷ ବୟସରେ ଜଙ୍ଗଲରେ ଶିକାରୀଙ୍କୁ ରୋକିବାକୁ ପ୍ରଶିକ୍ଷଣ ନେବା ନିମନ୍ତେ ଗତ ମାର୍ଚ୍ଚ ୮ରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର କୁମାରଖୁଣ୍ଟିରେ ଥିବା ହାତୀ ପାଠଶାଳାରେ ରହି ପାଠପଢ଼ିବା ଆରମ୍ଭ କରିଥିଲା। ତେବେ ତାଲିମ ନେଇ ଜଙ୍ଗଲ ଜଗିବା କାର୍ଯ୍ୟରେ ନିୟୋଜିତ ହେବା ପୂର୍ବରୁ ବୁଧବାର ସେ ଆଖି ବୁଜିଦେଇଛି। ୨୦୨୧ରେ ଚନ୍ଦକା ଅଭୟାରଣ୍ୟରେ ଏକ ହାତୀ ରେସ୍କ୍ୟୁ ସେଣ୍ଟର ନିର୍ମାଣ କରାଯାଇଥିବାବେଳେ ଜଣେ ବି ସ୍ଥାୟୀ ଡାକ୍ତର ଏଠାରେ ନ ଥିବା ଜଣାପଡ଼ିଛି।

## ଯନ୍ତ୍ରଣାରେ ଛଟପଟ 'ହୀରା'



ପ୍ରାଣୀ ଉଦ୍ୟାନ ନନ୍ଦନକାନନର ହାତୀ ସଫାରିର ହାତୀଶାଳାରେ ରହୁଥିବା ଅନ୍ୟତମ ଆକର୍ଷକ 'ହୀରା' ଗୋଡ଼ରେ ଯନ୍ତ୍ରଣା ଦେଖାଦେଇଛି। ସେ ଥଣ୍ଡାରେ ଆକ୍ରାନ୍ତ ହୋଇଥିଲା। ଖବର ପାଇ ନନ୍ଦନକାନନ ଡାକ୍ତରମାନେ ହାତୀଶାଳକୁ ଯାଇ ତା'ର ଚିକିତ୍ସା ଆରମ୍ଭ କରିଥିଲେ। ୧୧ ଦିନ ତଳେ ତା'ର ୨ ଗୋଡ଼ରେ ଇଞ୍ଜେକସନ ଦେଇଥିଲେ। ପର୍ଯ୍ୟାୟକ୍ରମେ ଥଣ୍ଡାରୁ 'ହୀରା' ମୁକ୍ତ ହୋଇଯାଇଥିଲେ ମଧ୍ୟ ଗୋଡ଼ର ଯନ୍ତ୍ରଣା ବଢ଼ିଯାଇଛି। ଡାହାଣ ଗୋଡ଼ ଠିକ୍ ଥିବାବେଳେ ବାମ ଗୋଡ଼ ଫୁଲି ରହି ଦରଜ ରହୁଛି। ଫଳରେ ଚାଲିବାରେ କଷ୍ଟ ଅନୁଭବ କରିବା ସହ ଛୋଟେଇ ଛୋଟେଇ ଚାଲୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଡାକ୍ତରମାନେ ଯାଇ ସାଲାଇନ ଓ ଇଞ୍ଜେକ୍ସନ ଦେଇ ଫେରିଥିଲେ ମଧ୍ୟ 'ହୀରା' ଗୋଡ଼ରେ ସୁଧାର ଆସିପାରି ନ ଥିବା ଜଣାପଡ଼ିଛି।

# ପାଇଖାନା ଟାଙ୍କିରେ ଗଲା ୨ ଜୀବନ

## ସେଣ୍ଟ୍ରିଂ ଖୋଲିବାକୁ ପଶିଥିବା ମିସ୍ତ୍ରି, ମହିଳା ଶ୍ରମିକ ମୃତ

ବଇଣ୍ଡା, ୨୮।୮ (ପରିକ୍ଷିତ ସାହୁ)

ନୂଆ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିଲା ବେଳେ ଯାଇଛି ୨ ଜୀବନ। ଭିତରକୁ ପଶିଥିବା ମିସ୍ତ୍ରି ଓ ମହିଳା ଶ୍ରମିକଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି। ଅନୁଗୋଳ ଜିଲା କିଶୋରନଗର ଥାନା ଧଉରାପାଲି ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ୨ ଜଣ ହେଲେ କିଶୋରନଗର ଥାନା ବଏଜା ଗ୍ରାମର ରାଜମିସ୍ତ୍ରି ଆର୍ତ୍ତତ୍ରାଣ ମିର୍ଦ୍ଧା (୪୦) ଓ ବାମୁର ପଞ୍ଚାୟତ ରେଙ୍ଗାଳବେଢ଼ା ଗ୍ରାମର ମହିଳା ଶ୍ରମିକ ରିନା ମାହାର (୩୨)। ଘଟଣାରୁ ଜଣାପଡ଼ିଛି, ଓସ୍କାପାଲି ଅଞ୍ଚଳର ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧଉରାପାଲି ଗ୍ରାମରେ ଜମି କିଣି ଘର ନିର୍ମାଣ କରୁଛନ୍ତି। ଏହି ଘର ନିର୍ମାଣର ଠିକା ରାଜମିସ୍ତ୍ରି ଆର୍ତ୍ତତ୍ରାଣ ନେଇଥିଲେ। ବୁଧବାର ସକାଳ ୮ଟାରେ ମିସ୍ତ୍ରି ଆର୍ତ୍ତତ୍ରାଣଙ୍କ ସହ ଅନ୍ୟ ଶ୍ରମିକମାନେ କାମକୁ ଆସିଥିଲେ। ଆର୍ତ୍ତତ୍ରାଣ ଓ ମହିଳା ଶ୍ରମିକ ରିନା ନୂଆ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ସହ ଭିତରେ ଥିବା ବର୍ଷା ପାଣି ବାହାର କରିବାକୁ ଟାଙ୍କି ଭିତରକୁ ପଶିଥିଲେ। ଅନ୍ୟ ଶ୍ରମିକମାନେ ଘର ନିର୍ମାଣ କାର୍ଯ୍ୟରେ ବ୍ୟସ୍ତ ଥିଲେ। ହେଲେ ଘଣ୍ଟାଏ ପରେ ମଧ୍ୟ ମିସ୍ତ୍ରି ଆର୍ତ୍ତତ୍ରାଣ ଓ ମହିଳା ଶ୍ରମିକ ରିନା ଟାଙ୍କି ଭିତରୁ ନ ବାହାରିବାରୁ ଅନ୍ୟ ଶ୍ରମିକଙ୍କ ସହ ଘର ମାଲିକଙ୍କ ସମ୍ପର୍କୀୟମାନେ ସନ୍ଦେହରେ ସେଠାକୁ ଯାଇଥିଲେ। ଟାଙ୍କି ଭିତରେ ମିସ୍ତ୍ରି ଓ ମହିଳା ଶ୍ରମିକ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସେମାନେ ତୁରନ୍ତ ବାମୁର ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବାମୁର ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଅଚେତ ଅବସ୍ଥାରେ ଟାଙ୍କି ଭିତରୁ ବାହାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, କିଶୋରନଗର ଥାନା ଆଇଆଇସି ବିଭୂତି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ତହସିଲଦାର ପ୍ରଧାନ ରେଡ୍‌କ୍ରସ ପାଣ୍ଠିରୁ ଉଭୟ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଥାନାରେ ନମ୍ବର ୮/୨୦୨୪ ଓ ୯/୨୦୨୪ ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିବା ପୋଲିସ ସୂଚନା ଦେଇଛି। ସେହିପରି ବାମୁର ସରପଞ୍ଚ ସଞ୍ଜୀବ କୁମାର ପ୍ରଧାନ ମୃତ ମହିଳା ଶ୍ରମିକଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନା ବାବଦ ୩ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଏଥିସହ ଅଧିକ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଖବରପାଇ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ରାଜ୍ୟରେ ୩୯୨.୮ ମେଗାୱାଟ୍ ପବନ ଶକ୍ତି ଉତ୍ପାଦନ ହେବ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ଅଣ ପାରମ୍ପରିକ ଶକ୍ତି ଉତ୍ସ ପବନରୁ ୩୯୨.୮ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ହେବ। ଏଥିପାଇଁ ବିଭିନ୍ନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। କୋରାପୁଟର ଦେଓମାଳିରେ ୪୯.୫ ମେଗାୱାଟ, ନବରଙ୍ଗପୁର ଜିଲା ଉମରକୋଟରେ ୪୮ ମେଗାୱାଟ, ଭଦ୍ରକର ଧାମରାରେ ୪୮.୩ ମେଗାୱାଟ, ଜଗତସିଂହପୁର ଜିଲାର ଶଙ୍ଖେଶ୍ୱରଠାରେ ୪୯.୫ ମେଗାୱାଟ, ସମ୍ବଲପୁରର କୁସୁମାଠାରେ ୪୯.୫, ନବରଙ୍ଗପୁରର ପାପାଡ଼ାହାଣ୍ଡିଠାରେ ୯୯ ମେଗାୱାଟ ପବନର ବିଦ୍ୟୁତ୍‌ଶକ୍ତି ଉତ୍ପାଦନ ପାଇଁ ବ୍ୟବସ୍ଥା ରହିଛି ବୋଲି ବୁଧବାର ବିଧାନସଭା ପ୍ରଶ୍ନକାଳରେ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହି ସୂଚନା ଦେଇଛନ୍ତି। ବିଜେଡି ସଭ୍ୟ ମନୋହର ରାନ୍ଧାରୀ ପଚାରିଥିଲେ ରାଜ୍ୟରେ ପବନରୁ କେତେ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାକୁ ସରକାର ଯୋଜନା କରିଛନ୍ତି। କଂଗ୍ରେସ ସଭ୍ୟ ଗଣେଶ୍ୱର ବେହେରା ପଚାରିଥିଲେ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ୱିଣ୍ଡ ଏନର୍ଜି ଓଡ଼ିଶାରେ କେତେକ ପବନ ଶକ୍ତି ଉତ୍ପାଦନ ପାଇଁ ଆକଳନ କରିଛି। ବିଜେଡି ସଭ୍ୟ ଧ୍ରୁବ ସାହୁ ପଚାରିଲେ, ରାଜ୍ୟରେ ଜଳ ଓ ତାପଜ ବିଦ୍ୟୁତ ଶକ୍ତି ବ୍ୟତୀତ ଅଣ ପାରମ୍ପରିକ ଶକ୍ତି ଉତ୍ପାଦନ କେତେ ହେଉଛି। ରାଜନଗର ପେଣ୍ଠଠାରେ ଏକ ୱିଣ୍ଡ ଏନର୍ଜି ପ୍ରକଳ୍ପ କରିବେ କି। ମନ୍ତ୍ରୀ କହିଲେ ପୁରୀ ସମୁଦ୍ରକୂଳରେ ଏକ ୱିଣ୍ଡ ଏନର୍ଜି ଟାୱାର ଲାଗିଥିଲା। ଏହା ଲୋ ଏରିଆ ହେବାରୁ ତାହା କାର୍ଯ୍ୟକ୍ଷମ ହୋଇ ପାରିଲା ନାହିଁ। ହାଇପାୱାର ୱିଣ୍ଡ ଏନର୍ଜି ଟାୱାର ଲାଗିଲେ ପବନରୁ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇପାରିବ। ପ୍ରସ୍ତାବିତ ପ୍ରକଳ୍ପ ସଫଳ ହେଲେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପବନ ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି।

# ଓଡ଼ିଶାର ୬ ସ୍ଥାନରେ ହେବ ୧୯ ରେଡିଓ ଷ୍ଟେଶନ

## ଦେଶର ୨୩୪ ନୂଆ ସହରରେ ୭୩୦ ଚ୍ୟାନେଲ ଖୋଲିବ

ଭୁବନେଶ୍ୱର,୨୮।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶାରେ ସୁଦୃଢ଼ ହେବା ସହ ବ୍ୟାପକ ହେବ ରେଡିଓ ପରିସର। ୬ ସ୍ଥାନରେ ଖୋଲିବ ଆଉ ୧୯ଟି ରେଡ଼ିଓ ଷ୍ଟେଶନ। ଏହାକୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ପ୍ରଦାନ କରାଯାଇଛି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଘରୋଇ ଏଫଏମ୍ ରେଡିଓ ତୃତୀୟ ପର୍ଯ୍ୟାୟ ନୀତି ଅଧୀନରେ ଦେଶର ମୋଟ ୨୩୪ ନୂଆ ସହରରେ ୭୩୦ଟି ଚ୍ୟାନେଲ ଖୋଲିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ମାତୃଭାଷାରେ ସ୍ଥାନୀୟ ପ୍ରସଙ୍ଗର ଅଧିକ ପ୍ରସାରଣ ଏବଂ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ଲକ୍ଷ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୬ ସ୍ଥାନ ସ୍ଥାନ ପୁରୀ, ଭଦ୍ରକ, ବାଲେଶ୍ୱର, ବାରିପଦା, ବ୍ରହ୍ମପୁର ଓ ସମ୍ବଲପୁରଠାରେ ରେଡ଼ିଓ ଷ୍ଟେଶନ ପ୍ରତିଷ୍ଠା ହେବ। ବ୍ରହ୍ମପୁରରେ ୪ଟି ରେଡିଓ ଷ୍ଟେଶନ ପ୍ରତିଷ୍ଠା ହେବାକୁ ଥିବାବେଳେ ଅନ୍ୟ ସ୍ଥାନଗୁଡ଼ିକରେ ୩ଟି ଲେଖାଏ ଷ୍ଟେଶନ ଖୋଲିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି।

ବ୍ରଡ୍‌କାଷ୍ଟିଂ ଏକ୍ସପର୍ଟ ସୁବ୍ରତ ପତି କହିଛନ୍ତି, ଏହା ଏକ ବହୁ ପ୍ରତିକ୍ଷୀତ ଘୋଷଣା। ରେଡିଓ ପାଇଁ ଏହା ଏକ ଖୁସିର ଖବର। ବିଶେଷ କରି ଭୁବନେଶ୍ୱର, କଟକ, ରାଉରକେଲାକୁ ଛାଡ଼ି ଅନ୍ୟ ସ୍ଥାନଗୁଡ଼ିକରେ ଏହା ପ୍ରତିଷ୍ଠା ହେବାର ଆବଶ୍ୟକତା ଥିଲା। ଏଫ୍‌ଏମ୍ ରେଡିଓ ଷ୍ଟେଶନ ୨୦୦୭ରୁ ଆରମ୍ଭ ହୋଇଥିଲେ ହେଁ ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ୩ଟି ଖୋଲାଯାଇଥିଲା ତାହା ବନ୍ଦ ହୋଇଯାଇଥିଲା। ଏବେ ପୁରୀରେ ରେଡିଓ ଷ୍ଟେଶନ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବା ସହ ବ୍ରହ୍ମପୁର ଭଳି କମର୍ସିଆଲ ସ୍ଥାନରେ ଏହା ଭଲ ଚାଲିବ। କହିବାକୁ ଗଲେ ଏହାଏକ ସୁନ୍ଦର ପଦକ୍ଷେପ ବୋଲି ସୁବ୍ରତ ପ୍ରକାଶ କରିଛନ୍ତି।


**OFFICE OF THE SUPERINTENDENT**
**FAKIR MOHAN MEDICAL COLLEGE & HOSPITAL, BALASORE**
(Formerly known as Government Medical College & Hospital, Balasore)
At/PO/Dist. - Balasore, Pin - 756001 (Odisha)
Letter No. - 4181/S/FMMCHB Date : 27.08.2024

**Cancellation Tender Notice for ORTHOPEDIC IMPLANTS FMMCH, Balasore**

No.E-245 : Tender notice no-4037/FMMCH Dt-16.08.24 of O/o the Superintendent, FMMCH, Balasore for ORTHOPEDIC IMPLANTS is here by cancelled due to some unavoidable cause.

Sd./- Superintendent FMMCH, Balasore
OIPR-10134/11/0013/2425

**GOVERNMENT OF ODISHA** No.O-223
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE : SUNDARGARH**
AT/PO - Sankara, Sundargarh-770020, E-mail address - serw_sundargarh@yahoo.com
**No. Tender Online - RWCCESNG-08 of 2024-25, Letter No. 1971/Dtd. 27.08.2024**

**e-Procurement NOTICE**

1. Type of the Work : Roads (DMF)
2. Class of Contractor : As specified in the column-6 of the Annexure
3. Time of Completion : As specified in the column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the column-4 of the Annexure
6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG-08 of 2024-25 | 02.09.2024 11:00 AM | 23.09.2024 5:00 PM | 21.09.2024 5:00 PM | 24.09.2024 11:00 AM | Will be intimated separately |

Further details can be seen from the website www.tendersodisha.gov.in

Sd./-Chief Engineer (Design & Quality Control)
Chief Construction Engineer (I/C)
Rural Works Circle, Sundargarh
OIPR-25133/11/0015/2425

**ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର**
**ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି**

No. CAD-959: ଏତଦ୍ୱାରା ଗଞ୍ଜାମ ଜିଲ୍ଲାର ୨୨ (ବାଇଶିଟି) ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟ ଗୁଡ଼ିକର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ପାଇଁ ନିମ୍ନଲିଖିତ ଦିନ, ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇଛି। ଏହି ଦିନ ଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଅଣକୁଶଳୀ ଶ୍ରମଜୀବୀଙ୍କର ପରିବାର ସଦସ୍ୟ, ଯୋଜନା ସହ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଏହି ଜନଶୁଣାଣି ଉପରୋକ୍ତ ଯୋଜନାରେ ୨୦୨୩-୨୪ (ସେପ୍ଟେମ୍ବର ୨୦୨୩ଠାରୁ ମାର୍ଚ୍ଚ ୨୦୨୪) ଆର୍ଥିକ ବର୍ଷର କାର୍ଯ୍ୟକାରୀ ହୋଇଥିବା ସମୁଦାୟ ପ୍ରକଳ୍ପର ସଂଖ୍ୟା, କାମ ଶେଷ ହୋଇଥିବା ପ୍ରକଳ୍ପର ସଂଖ୍ୟା, ପାଇଥିବା ଅର୍ଥର ପରିମାଣ, ଖର୍ଚ୍ଚ ହୋଇଥିବା ଅର୍ଥର ପରିମାଣ, ପଞ୍ଜୀକୃତ ହୋଇଥିବା ପରିବାର ସଂଖ୍ୟା, କାର୍ଯ୍ୟପତ୍ର ଯୋଗାଣ ହୋଇଥିବା ସଂଖ୍ୟା, କାମ ପାଇଁ ଦାବି କରିଥିବା ପରିବାର ସଂଖ୍ୟା, ୧୦୦ ଦିନ କାର୍ଯ୍ୟ ସମାପ୍ତ କରିଥିବା ପରିବାରର ସଂଖ୍ୟା, ଶ୍ରମ ଯୋଗାଣ ସୃଷ୍ଟି ହୋଇଥିବା ଦିନର ସଂଖ୍ୟା, ବେକାରି ଭତ୍ତା ଦିଆଯିବା ସମ୍ପର୍କେ ସାମାଜିକ ସମୀକ୍ଷାରେ ମିଳିଥିବା ଆପତ୍ତି ଅଭିଯୋଗ ସଂଖ୍ୟା ଏବଂ ଫଇସଲା ହୋଇଥିବା ଅଭିଯୋଗ ଇତ୍ୟାଦିର ସମୀକ୍ଷା ବ୍ଲକସ୍ତରୀୟ ଜନଶୁଣାଣି ଦ୍ୱାରା କରାଯିବ।

ଏଣୁ ଆପଣଙ୍କୁ ଅନୁରୋଧ, ଆପଣମାନେ ଏହି ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣିରେ ବହୁ ସଂଖ୍ୟାରେ ଯୋଗ ଦେଇ ଉପରୋକ୍ତ କାର୍ଯ୍ୟକାରିଣୀକୁ ନେଇ ଆପଣଙ୍କର କୌଣସି ଆପତ୍ତି ଅଭିଯୋଗ ଥିଲେ ଉତ୍ଥାପନ କରିପାରିବେ।

| କ୍ରମିକ ନଂ. | ବ୍ଲକର ନାମ | ତାରିଖ | ସମୟ | ସ୍ଥାନ | କ୍ରମିକ ନଂ. | ବ୍ଲକର ନାମ | ତାରିଖ |
|---|---|---|---|---|---|---|---|
| ୧ | ଆସ୍କା | ୦୨.୦୯.୨୦୨୪ | ୧୧.୦୦ ଦିବା | ପଞ୍ଚାୟତ ସମିତି କାର୍ଯ୍ୟାଳୟ | ୧୨ | ଜଗନ୍ନାଥପ୍ରସାଦ | ୧୭.୦୯.୨୦୨୪ |
| ୨ | ବେଗୁନିଆପଡ଼ା | ୦୩.୦୯.୨୦୨୪ | | | ୧୩ | କବିସୂର୍ଯ୍ୟନଗର | ୧୮.୦୯.୨୦୨୪ |
| ୩ | ବେଲଗୁଣ୍ଠା | ୦୪.୦୯.୨୦୨୪ | | | ୧୪ | ଖଲ୍ଲିକୋଟ | ୧୯.୦୯.୨୦୨୪ |
| ୪ | ଭଞ୍ଜନଗର | ୦୫.୦୯.୨୦୨୪ | | | ୧୫ | କୁକୁଡ଼ାଖଣ୍ଡି | ୨୦.୦୯.୨୦୨୪ |
| ୫ | ବୁଗୁଡ଼ା | ୦୬.୦୯.୨୦୨୪ | | | ୧୬ | ପାତ୍ରପୁର | ୨୧.୦୯.୨୦୨୪ |
| ୬ | ଛତ୍ରପୁର | ୦୯.୦୯.୨୦୨୪ | | | ୧୭ | ପୋଲସରା | ୨୩.୦୯.୨୦୨୪ |
| ୭ | ଚିକିଟି | ୧୦.୦୯.୨୦୨୪ | | | ୧୮ | ପୁରୁଷୋତ୍ତମପୁର | ୨୪.୦୯.୨୦୨୪ |
| ୮ | ଧରାକୋଟ | ୧୧.୦୯.୨୦୨୪ | | | ୧୯ | ରଙ୍ଗେଇଲୁଣ୍ଡା | ୨୫.୦୯.୨୦୨୪ |
| ୯ | ଦିଗପହଣ୍ଡି | ୧୨.୦୯.୨୦୨୪ | | | ୨୦ | ସାନଖେମୁଣ୍ଡି | ୨୬.୦୯.୨୦୨୪ |
| ୧୦ | ଗଞ୍ଜାମ | ୩୧.୦୮.୨୦୨୪ | | | ୨୧ | ଶେରଗଡ଼ | ୨୭.୦୯.୨୦୨୪ |
| ୧୧ | ହିଞ୍ଜିଳିକାଟୁ | ୧୩.୦୯.୨୦୨୪ | | | ୨୨ | ସୋରଡ଼ା | ୩୦.୦୯.୨୦୨୪ |

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
OIPR-19372/11/0006/2425

**कार्यपालक अभियन्ता का कार्यालय**
**ग्रामीण कार्य विभाग, कार्य प्रमण्डल, कोडरमा।**
**अति अल्पकालीन ई–पुर्ननिविदा आमंत्रण सूचना**

ई–निविदा संख्या:- 03(RI)/2024-25/RWD/EE/KODERMA दिनांक :-28.08.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/KODERMA/ 07/2024-25 | प्रखण्ड चन्दवारा अन्तर्गत टिकवाटांड़ से ताराटांड़ तक पथ का निर्माण कार्य। (लं0–1.500 किमी0) | 1,32,98,800.00 | एक करोड़ बत्तीस लाख अंठानवे हजार आठ सौ रू0 मात्र। | 09 (नौ) माह | द्वितीय |
| 2. | RWD/KODERMA/ 08/2024-25 | प्रखण्ड चन्दवारा अन्तर्गत थाम पंचायत ग्राम पुरनाडीह भाया बनहा नवादा तक पथ निर्माण कार्य। (लं0–1.800 किमी0) | 1,54,02,200.00 | एक करोड़ चौवन लाख दो हजार दो सौ रू0 मात्र। | 09 (नौ) माह | द्वितीय |

1. वेबसाईट में निविदा प्रकाशन की तिथि:–02.09.2024
2. ई–निविदा प्राप्ति की अंतिम तिथि एवं समय:–09.09.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–11.09.2024 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा झारखण्ड, पिन– 825410
5. ई–निविदा प्रकोष्ठ का दूरभाष सं0– 8709561933/06534-297102
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है। ह0/–
कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, कोडरमा।
PR 333898 Rural Work Department(24-25)D

**DIRECTORATE OF AYUSH**
(Ayurveda, Yoga & Naturopathy, Unani, Siddha & Homoeopathy)
Department of Health & Family Welfare, Govt. of Odisha
Heads of Department Building, 3rd Floor (Annex), Unit-5, Bhubaneswar-751001
Tel : 0674-2394577, Email : directorayushodisha@gmail.com, Web : www.ayushodisha.nic.in
No.4-CE-Misc-01/2022-5876/DAYUSH dated 27 Aug 2024

**ADVERTISEMENT (WALK-IN-INTERVIEW)**

No.E-238 : A walk-in-interview is to be conducted on 18.09.2024 at 11.00 A.M. in the Conference Hall of Directorate of AYUSH, Odisha, Bhubaneswar to select the candidates for engagement against the following posts on contractual basis with consolidated remuneration in Government Homoeopathic Medical Colleges of the State.

| Sl. No. | Name of the post | Number of vacant post | Consolidated fixed remuneration per month |
|---|---|---|---|
| 1 | Professor | 18 | Rs.50,000/- |
| 2 | Reader | 38 | Rs.40,000/- |

The interested candidates can log on to www.ayushodisha.nic.in for details of information in respect of number of vacant post (Discipline wise), age, eligible criteria, general information and instructions along with application form etc. for the said Walk-in-Interview.

The authority reserves the right to cancel the contractual engagement process at any time without assigning any reason thereof.

Director, AYUSH, Odisha reserves the right to modify or cancel the advertisement partially and/or fully without assigning any reason thereof.

Director, AYUSH, Odisha reserves the right to cancel any and/or all the applications without assigning any reason thereof.

Sd./- Director, AYUSH, Odisha Bhubaneswar
OIPR-10056/11/0002/2425

**GOVERNMENT OF ODISHA**
**OFFICE OF THE CHIEF SUPERINTENDING ENGINEER, SUNDARGARH (R&B) DIVISION, SUNDARGARH**
ଓଡ଼ିଶା ସରକାର
e-mail ID : pwd_sng@yahoo.co.in No.B-198

**"e"-Procurement Notice**

**Bid Identification No. - SE-R&B-SNG-17 OF 2024-25**
Letter No.4855 Date - 27.08.2024

| | | |
|---|---|---|
| 1 | The superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for execution of Road work as detailed in DTCN | |
| 2 | Nature of work | Road Works |
| 3 | No. of work | 01 (One) No. |
| 4 | Tender Cost | Rs.10,000/- |
| 5 | Class of Contractor | B |
| 6 | Availability of Bid document in the Website | From 10:00 A.M. Date-30.08.2024 to 05:00 P.M. Date-10.09.2024 |
| 7 | Date of Opening of Bid | 11:00 A.M. On Dt. 11.09.2024 |
| 8 | The Bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum / corrigendum / cancellation of tender can also be seen in the said website only. | |

Sd./- Additional Chief Engineer Sundargarh (R&B) Division
OIPR-34043/11/0013/2425

**GOVERNMENT OF CHHATTISHGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER**
**MINIMATA BANGO DAM DIVISION NO.03, MACHADOLI DISTT.KORBA (C.G.)**
**e-PROCUREMENT TENDER NOTICE**
**e-Procurement Portal: https://eproc.cgstate.gov.in**
**(SECOND CALL)**
System Tender No.157884
NIT No.:09/SAC/2024-25, Dated 28.08.2024

**Online Tenders are invited for the following works up 16.09.2024 at 17.30 Hour**
**Name of Work: TREATMENT OF BUCKET NO.4 OF E.D.A. OF MINIMATA BANGO DAM.**
**Probable Amount of Contract: Rs.391.70 Lakhs**

The details can be viewed and downloaded online directly from the Government of Chhatishgarh Integrated e-Procurement Portal (https://eproc.cgstate.gov.in.) from Date 04.09.2024 at 17.31 Hours. (IST) onwards.

**NOTE:** All eligible/intrested contractors/bidders are mandated to get enrolled on the Integrated e-Procurement portal (https://eproc.cgstate.gov.in.) and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

Sd./- EXECUTIVE ENGINEER
MINIMATA BANGO DAM DIVISION NO.03, MACHADOLI, C.G.
G-242502054/9

**OFFICE OF THE MUNICIPAL COUNCIL : BALANGIR**
Address : Office of the Balangir Municipal Council, Balangir, Opp. of Rajendra Park Balangir, Pin : 767001, Ph. No. : 06652 232720, Email ID : bgrme1972@gmail.com
Letter No. - 3269 Date - 23.08.2024

**REQUEST FOE PROPOSAL**

No.C-487 : Balangir Municipality invites Request for Proposal (RFP) in Double Covers from reputed NGOS/CBOs/Agencies/Joint Ventures/Company/ Service providers for Providing Sanitation services in the Designated Zones under Balangir Municipality.

The sealed RFP document supported by relevant details and proof of their eligibility is to be submitted in closed covers addressed to the Executive Officer, Balangir Municipality, Dist. - Balangir (Odisha), PIN-767001 on or before 1.00 PM 18.09.2024 through Speed Post/Registered Post/Courier only. The complete RFP document can be downloaded from the Balangir District website (https://balangir.odisha.gov.in/) from 28.08.2024 onwards. Any changes/correction/corrigendum in respect the above shall be placed on Balangir District website only. All bidders are requested to go through the website before submission of proposal. Balangir Municipality reserves the right to reject any or all the RFP without assigning any reason thereof.

Sd./- Executive Officer Balangir Municipality
OIPR-13169/11/0009/2425

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**
**VERY – VERY SHORT TIME**
**E-Procurement Notice**
Tender Reference No.- RCD/DUMKA/1400 Date :- 28.08.2024

| | | |
|---|---|---|
| 1 | Name of Work- | Improvement of Riding Quality of Kharouni Chowk to Durgapur Road (Total Length-18.825 Km) under Road Division Dumka for the year 2024-25. |
| 2 | Estimated cost(In Rs) | Rs 10,66,48,605.00 |
| 3 | Time of completion | Five Months |
| 4 | Date of Publication of Tender on Website | 03.09.2024 at 10.30 AM |
| 5 | Last date/Time for receipt of bids | 10.09.2024 Up to 12.00 Noon |
| 6 | Date of opening of Tender | 11.09.2024 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in
Executive Engineer, Road Construction Department, Road Division, Dumka
PR 333870 Road (24-25)_D

**झारखंड सरकार**
**कार्यपालक अभियंता का कार्यालय**
**सिंचाई प्रमंडल दुमका**

**ई–प्रोक्योरमेंट सूचना**
**e-Tender Ref. No: WRD/Irr.Div.Dumka/ SBD-IFB-03/2024-25 (3rd call ) Dt : 27.08.2024**

| | | |
|---|---|---|
| 1. | कार्य का नाम | Construction of office building Water ways circle at Bijaypur, Dumka |
| 2. | प्राक्कलित राशि (रू0 में) | रू0 3,36,96,673.72 (रूपये तीन करोड़ छत्तीस लाख छियान्वे हजार छः सौ तीहत्तर एवं पैसे बहत्तर मात्र) |
| 3. | परिमाण विपत्र का मूल्य (रू0 में) | रू0 10,000/– (रूपये दस हजार मात्र) (Online mode Only) |
| 4. | अग्रधन की राशि (रू0 में) | रू0 3,37,000.00/– (रूपये तीन लाख सेंतीस हजार मात्र) (Online mode Only) |
| 5. | कार्य समाप्ति की अवधि | 365 दिन |
| 6. | वेबसाईट पर निविदा प्रकाशन की तिथि एवं समय | दिनांक 02.09.2024 पूर्वाहन 11.00 बजे |
| 7 | वेबसाईट से निविदा डाउनलोड करने की तिथि एवं समय | दिनांक 02.09.2024 पूर्वाहन 11.00 बजे से दिनांक 20.09.2024 अपराह्न 5.00 बजे तक |
| 8. | निविदा प्रपत्र ऑनलाईन प्राप्त करने की अंतिम तिथि एवं समय | दिनांक 20.09.2024 अपराह्न 5.00 बजे तक। |
| 9. | तकनीकी निविदा खोलने की तिथि एवं समय | दिनांक 23.09.2024. अपराह्न 3.00 बजे |
| 10. | निविदा प्रकाशित करने वाले पदाधिकारी का नाम एवं पता | कार्यपालक अभियन्ता, सिंचाई प्रमंडल दुमका Mob. No- +919801476699 Email ID- eedmkirr@gmail.com |
| 11. | ई0–निविदा आमंत्रण सेल का हेल्प लाईन न0 | 06432357181 |

नोट: सिर्फ ई0–निविदा ही स्वीकार किये जायेंगें।
(1) निविदा शुल्क एवं अग्रधन की राशि केवल online mode द्वारा स्वीकार्य होगी।
(2) निविदा शुल्क एवं अग्रधन की राशि का ई– भुगतान जिस खाता से किया जायेगा उसी खाते में अग्रधन की राशि वापस होगी, अगर खाता को बन्द कर दिया जाता है तो इसकी सारी जवाबदेही सम्बंधित निविदादाता की होगी।
(3) प्राक्कलित राशि घट–बढ़ सकती है।
(4) राज्य सरकार द्वारा निर्गत सभी अद्यतन आदेश/परिपत्र लागु होंगें।
(5) ज्यादा जानकारी http://jharkhandtenders.gov.in पर प्राप्त की जा सकती है।

कार्यपालक अभियन्ता सिंचाई प्रमंडल दुमका
PR 333865 (Water Resource)24-25*D

## ସଂକ୍ଷେପରେ

### ୪୦ ଲିଟର ମଦ ଜବତ, ୨ ଶହ ଲିଟର ପୋଚ ନଷ୍ଟ

**ତିହିଡ଼ି,୨୮।୮(ସଞ୍ଜିତ ବଳ):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମରେ ଚୋରା ଦେଶୀ ମଦ ଭାଟି ଉପରେ ମଙ୍ଗଳବାର ରାତିରେ ତିହିଡ଼ି ପୋଲିସ ଚଢ଼ାଉ କରିଛି। ପୋଲିସ ୪୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ୨ ଶହ ଲିଟର ପୋଚକୁ ନଷ୍ଟ କରିଥିବା ଜଣାପଡ଼ିଛି। ତାଳପଦାରେ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଛି। କିଛି ବର୍ଷ ପୂର୍ବେ ପଞ୍ଚାୟତର ଏକ ସ୍କୁଲ ପାର୍ଶ୍ୱରେ ମଧ୍ୟ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିଲା। ପୋଲିସ ଚଢ଼ାଉ କରି ଏହି ଭାଟିକୁ ବନ୍ଦ କରିଥିଲା। ଅନ୍ୟ ଏକ ଜଙ୍ଗଲିଆ ସ୍ଥାନରେ ଦେଶୀମଦ ଭାଟି କରାଯାଇ ମଦ ପ୍ରସ୍ତୁତ ହେଉଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇଥିଲା। ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ପ୍ରବୀଣ ଗିରି, ଏଏସ୍‌ଆଇ କମଳାକାନ୍ତ ଶତପଥୀ, ପାର୍ଥ ବେହେରା ପ୍ରମୁଖ ସେହି ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ମଦ ପ୍ରସ୍ତୁତକାରୀମାନେ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ଚଢ଼ାଉ ସମୟରେ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ମଦ ବିରୋଧୀ ମହିଳା ପୋଲିସକୁ ସହାୟତା କରିଥିଲେ।

### ସମବାୟ ସମିତି ସମ୍ପାଦକଙ୍କ ପରଲୋକ

**ଅସୁରାଳି,୨୮।୮(ସନ୍ତୋଷ ପ୍ରଧାନ)**

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଧୂଷୁରୀ ସେବା ସମବାୟ ସମିତି ଓ ପାଳସାହି ସେବା ସମବାୟ ସମିତିର ସମ୍ପାଦକ ରଞ୍ଜନ କୁମାର ମାଝୀ (୪୧)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ୧୫ ଦିନ ହେବ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେ ଧାମନଗରର ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ପ୍ରଥମେ ସମବାୟ ବ୍ୟାଙ୍କ ଓ ପରେ ଧୂଷୁରୀ ସମବାୟ ସମିତି, ପାଳସାହି ସମବାୟ ସମିତିକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବା ସହ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଶେଷରେ ତାଙ୍କ ଜନ୍ମ ମାଟି ରଇପୁର ପଞ୍ଚାୟତ କଣ୍ଟିକା ପାଳସାହି ଗ୍ରାମରେ ସତ୍କାର କରାଯାଇଥିଲା। ପୁତୁରା ପ୍ରକାଶ ମାଝୀ ମୁଖାଗ୍ନି ଦେଇଥିଲେ।



### ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

#### ଛେଳି ଚୋରି ଅଭିଯୋଗ

**ଭଣ୍ଡାରିପୋଖରୀ,୨୮।୮(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଥାନା ଅଧୀନ ଚନ୍ଦ୍ରଭାନୁପୁର ଗ୍ରାମରୁ ଛେଳି ଚୋରି କରୁଥିବା ବେଳେ ଜଣେ ଯୁବକ ସ୍କୁଟି ସହ ଧରାପଡ଼ିଛନ୍ତି। ଗ୍ରାମର ସନ୍ଦୀପ କୁମାର ସାହୁଙ୍କ ଛେଳି ବୁଧବାର ପଡ଼ିଆରେ ଚରୁଥିବା ବେଳେ ପୂର୍ବାହ୍ନ ୧୧ଟା ସମୟରେ ଯାଜପୁର ଜିଲା ବିଞ୍ଝାରପୁର ଥାନା ବାଙ୍କିପାଳ ଗ୍ରାମର ଉକ୍ତ ଯୁବକ ଜଣକ ସ୍କୁଟି ଯୋଗେ ଛେଳିକୁ ଚୋରି କରୁଥିବା ଦେଖି ପାଖ ବିଲରେ କାର୍ଯ୍ୟକରୁଥିବା ସନାତନ ବେହେରା, କୈଳାସ ସେଠୀ, ଗଙ୍ଗାଧର ସାହୁ, ଚକ୍ରଧର ବିଶ୍ୱାଳ, ଶିବରାମ ନାୟକ ଓ କିଶୋର କୁମାର ଦାଶ ତାଙ୍କୁ କାବୁ କରି ସନ୍ଦୀପଙ୍କୁ ଖବର ଦେଇଥିଲେ। ପୂର୍ବରୁ ସେ ଏହି ସ୍ଥାନରୁ ୨୦ରୁ ୨୫ଛେଳି ଚୋରି କରି ନେଇଥିବା ସ୍ୱୀକାର କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ସନ୍ଦୀପ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି।

# ସ୍ୱାବଲମ୍ବୀ ହୋଇଛନ୍ତି ୪୫ ମହିଳା



ବୁଣାକାର ମହିଳାଙ୍କ ସହ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

### ଶହୀଦ ସ୍ମୃତି ହସ୍ତତନ୍ତ ଉତ୍ପାଦକ ଗୋଷ୍ଠୀ ବଢ଼ାଇଛି ବାସୁଦେବପୁର ଗୌରବ

**ବାସୁଦେବପୁର,୨୮।୮(ନାରାୟଣ ପ୍ରସାଦ ବାରିକ୍)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତୁଆଁ ପଞ୍ଚାୟତର ଓଲଗଡ଼ା ଗ୍ରାମରେ ଗଢ଼ି ଉଠିଥିବା ଶହୀଦ ସ୍ମୃତି ହସ୍ତତନ୍ତ ଉତ୍ପାଦକ ଗୋଷ୍ଠୀ ଏବେ ବାସୁଦେବପୁର ଅଞ୍ଚଳର ଗୌରବ ବଢ଼ାଇଛି। ଏହି ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହାତତିଆରି ବେଡସିଟ୍, ତକିଆ ଖୋଳ, କଭର, ଲୁଙ୍ଗି, ଗାମୁଛା, ଶାଢ଼ୀ, ଉତ୍ତରୀୟ, ଡ୍ରେସ୍, କପଡ଼ା, ଓଢ଼ଣୀ, ରୁମାଲର ଚାହିଦା ଦିନକୁ ଦିନ ବଢ଼ି ବଢ଼ି ଚାଲିଥିବା ବେଳେ ୪୫ ମହିଳା ଏହି ସବୁ ସାମଗ୍ରୀ ପ୍ରସ୍ତୁତି କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବର୍ତ୍ତମାନ ଏହି ଉତ୍ପାଦକ ଗୋଷ୍ଠୀରେ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ୨୦୨୦ ଜାନୁୟାରୀ ୧୦ରେ ମାତ୍ର ୩ଟି ତନ୍ତ ପକାଇ ୩୦ ଜଣ ମହିଳା ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ବର୍ତ୍ତମାନ ଏହି ହସ୍ତତନ୍ତ ସଂଖ୍ୟା ୨୧ରେ ପହଞ୍ଚିବା ସହ ୪୫ ମହିଳା କାର୍ଯ୍ୟ କରୁଛନ୍ତି। ଏହି ହସ୍ତତନ୍ତ ପାଇଁ ଆବଶ୍ୟକ ତନ୍ତଗୁଡ଼ିକ ମାଣିଆବନ୍ଧରୁ ଅଣାଯାଉଥିବା ବେଳେ ହସ୍ତତନ୍ତ ସାମଗ୍ରୀ କଞ୍ଚାମାଲ ଗୁଡ଼ିକ ଟସର ସୂତା, ସମ୍ବଲପୁରୀ ସୂତା, ରଙ୍ଗସୂତା ଆଦି ଗୋପାଳପୁର ସୋନପୁର ଅଞ୍ଚଳରୁ ଅଣାଯାଉଛି। ଉତ୍ପାଦକ ଗୋଷ୍ଠୀର ମହିଳାମାନଙ୍କୁ ହସ୍ତତନ୍ତ ବିଭାଗ ପକ୍ଷରୁ ଟ୍ରେନିଂ ଦିଆଯାଉଛି। ଏହି ଗୋଷ୍ଠୀର ଭିତ୍ତିଭୂମିର ବିକାଶ ଓ ଉତ୍ପାଦିତ ସାମଗ୍ରୀର ବିକ୍ରି ବଜାର ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ ବୋଲି ବିପିଏମ୍ ବୀଣାପାଣି ପଣ୍ଡା କହିଛନ୍ତି। ବୁଧବାର ଅପରାହ୍ନରେ ଭଦ୍ରକର ନୂଆ ଜିଲାପାଳ ଦିଲୀପ କୁମାର ରାଉତରାଏ ଏହି ଉତ୍ପାଦକ ଗୋଷ୍ଠୀ ପରିଦର୍ଶନ କରି ଆବଶ୍ୟକତାକୁ ଗୁରୁତ୍ୱ ଦେବା ସହ ସେମାନଙ୍କର ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଜିଲାପାଳ ରାଉତରାଏ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ସରୋଜ ଦତ୍ତ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ବିପିଏମ୍ ବୀଣାପାଣି ପଣ୍ଡା ପ୍ରମୁଖ ଏହି ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଓ ହସ୍ତତନ୍ତ ବୁଲି ଦେଖିଥିଲେ।

ଏକ ଅଣସଙ୍କଟ ସ୍ଥାନରେ ୨୧ଟି ହସ୍ତତନ୍ତ ରହିଥିବାରୁ ମହିଳା ବୁଣାକାରମାନଙ୍କ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଅସୁବିଧା ଉପୁଜିବା ସହ ଉତ୍ପାଦିତ ସାମଗ୍ରୀ ବିକ୍ରି ବଜାର ସୃଷ୍ଟି ପାଇଁ ଉତ୍ପାଦକ ଗୋଷ୍ଠୀ ସଭାପତି ଚନ୍ଦ୍ରକାନ୍ତୀ ସୂତାର, ସମ୍ପାଦିକା ମାମିନା ବନ୍ଧ, ଏମ୍‌ବିକେ ରଶ୍ମିବାଳା ପାଢ଼ୀ ଓ ଅନ୍ୟ ମହିଳା ବୁଣାକାର ମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୁଣାକାରମାନଙ୍କ ସମସ୍ୟା ଦୂର ପାଇଁ ତୁରନ୍ତ ଏକ ଆବଶ୍ୟକ ସରକାରୀ ସ୍ଥାନ ନିରୁପଣ ସହ ମୌଳିକ ସମସ୍ୟା ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉତ୍ପାଦିତ ହସ୍ତତନ୍ତ ସାମଗ୍ରୀ ବିକ୍ରି ନେଇ ହସ୍ତତନ୍ତ ଉଚ୍ଚ ବିଭାଗୀୟ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

# ବସ୍‌ଷ୍ଟାଣ୍ଡର ପ୍ରସ୍ତାବିତ ଜାଗା ପରିଦର୍ଶନ କଲେ ଜିଲାପାଳ



ଆମ ବସ୍‌ଷ୍ଟାଣ୍ଡର ପ୍ରସ୍ତାବିତ ଜାଗା ପରିଦର୍ଶନ କରୁଛନ୍ତି ଜିଲାପାଳ।

### ରାଜ୍ୟ ରାଜପଥ ପାର୍ଶ୍ୱରେ ନିର୍ମାଣ ହେବ ଡାକବଙ୍ଗଳା

**ତିହିଡ଼ି,୨୮।୮(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ିରେ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଜାଗାରେ ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ସ୍ଥିର ହୋଇଛି। ସେହିପରି ବ୍ଲକ୍ କାର୍ଯ୍ୟାଳୟଠାରୁ କିଛି ଦୂର ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ଡାକବଙ୍ଗଳା ନିର୍ମିତ ହେବ। ଜିଲାପାଳ ଦିଲୀପ ରାଉତରାୟ ମଙ୍ଗଳବାର ପ୍ରସ୍ତାବିତ ୨ ଜାଗାର କ୍ଷେତ୍ର ପରିଦର୍ଶନ କରିଛନ୍ତି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ୭୯ ଡେସିମିଲ ଜାଗା ଫାଙ୍କା ପଡ଼ିଥିବା ବେଳେ ଅନ୍ୟ ଜାଗାରେ ଡାକବଙ୍ଗଳା, ବିଭାଗୀୟ କାର୍ଯ୍ୟାଳୟ ଓ ଡାକବଙ୍ଗଳା ଚୌକିଦାରଙ୍କ ସରକାରୀ ଗୃହ ଆଦି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବସ୍‌ଷ୍ଟାଣ୍ଡ ପାଇଁ ୧ ଏକରରୁ ଅଧିକ ଜାଗାର ଆବଶ୍ୟକତା ଥିବାରୁ ଡାକବଙ୍ଗଳା ଓ ଅନ୍ୟ ଗୃହ ସବୁକୁ ଭାଙ୍ଗି ଦେବାକୁ ଜିଲାପାଳ ରାଉତରାୟ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦୀପକ କୁମାର ପାଣିଗ୍ରାହୀଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ତିହିଡ଼ିରେ ଡାକବଙ୍ଗଳା ନିର୍ମାଣ ପାଇଁ ଚୟନ ହୋଇଥିବା ୧୪ ଡେସିମିଲ ସରକାରୀ ଜାଗାକୁ ମଧ୍ୟ ଜିଲାପାଳ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ମଣ୍ଡଳ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଜ୍ୟୋତିର୍ମୟ କର, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଶୁକଦେବ ମଲିକ, ସାମାଜିକ କର୍ମୀ ରଘୁନାଥ ପାତ୍ର, ସୀତାକାନ୍ତ ନାୟକ ସମେତ ସ୍ଥାନୀୟ ଅଧିବାସୀ ଉପସ୍ଥିତ ଥିଲେ।

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ସଚେତନତା

### ରାଜନୈତିକ ଦଳଙ୍କୁ ନେଇ ବୈଠକ

**ଭଦ୍ରକ,୨୮।୮(ସନାତନ ରାଉତ)**

ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଉପ ଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଯୋଗଦେଇ ସଂଶୋଧନର କାର୍ଯ୍ୟସୂଚୀ, ପ୍ରଣାଳୀ, ରାଜନୈତିକ ଦଳର ଜନପ୍ରତିନିଧି, କର୍ମୀ, ବୁଥ୍ ଏଜେଣ୍ଟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମସ୍ତ ବିଏଲ୍‌ଓମାନେ ଆସନ୍ତା ଅକ୍ଟୋବର ୧୮ ପର୍ଯ୍ୟନ୍ତ ଘରକୁ ଘର ବୁଲି ଆପ୍ ଜରିଆରେ ସଂଶୋଧନ କରିବେ। ନୂଆ ଭୋଟର ଏବଂ ସ୍ଥାନାନ୍ତର, ମୃତ୍ୟୁ ଆଦି କ୍ଷେତ୍ରରେ ବାଦ୍ ହେବାକୁ ଥିବା ନାମ, ଭୋଟରଙ୍କ ନାମ ଠିକଣା ସଂଶୋଧନ, ସ୍ପଷ୍ଟ ଦେଖାଯାଉ ନ ଥିବା ଫଟୋ ସ୍ଥାନରେ ଉନ୍ନତମାନର ଫଟୋ ସ୍ଥାନିତ ଆଦି ସଂକ୍ରାନ୍ତରେ ପରିବାର ମୁଖ୍ୟଙ୍କ ଦସ୍ତଖତ ସହ ଉଦ୍ଦିଷ୍ଟ ଫର୍ମାଟରେ ଦାଖଲ କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଅତ୍ୟଧିକ ଭୋଟର ଥିବା ଓ ଅଧିକ ଦୂରତା ଥିଲେ ପୃଥକ ବୁଥ୍ ପାଇଁ ପ୍ରସ୍ତାବ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଆପତ୍ତି, ଅଭିଯୋଗ ପାଇଁ ସ୍ୱତନ୍ତ୍ର ଅଭିଯାନ ଦିବସ ଭଦ୍ରକ ଜିଲାରେ ନଭେମ୍ବର ୨, ୧୦, ୧୬ , ୨୪ ଓ ସରକାରୀ ଛୁଟି ଦିବସରେ ବିଏଲ୍‌ଓମାନେ ସକାଳ ୧୦ଟାରୁ ଅପରାହ୍ନ ୫ଟା ଯାଏ ବୁଥ୍ ଖୋଲା ରଖି ନିଜେ ଉପସ୍ଥିତ ରହିବେ। ୨୦୨୫ ଜାନୁୟାରୀ ୧ ତାରିଖରେ ନୂଆ ଭୋଟର ତାଲିକା ପ୍ରକାଶ ପାଇବ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ବଢୁଛି ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା

**ଭଦ୍ରକ,୨୮।୮(ସନାତନ ରାଉତ)**

ଭଦ୍ରକ ବ୍ଲକ ଗେଲଟୁଆ ପଞ୍ଚାୟତ ବଗମରା ଆଦିବାସୀସାହିରେ ଝାଡ଼ାବାନ୍ତିରେ ୯ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ୫ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟ ଆକ୍ରାନ୍ତମାନଙ୍କ ଚିକିତ୍ସା ପାଇଁ ଏକ ଡାକ୍ତରୀ ଟିମ୍ ଗାଁକୁ ପଠାଯିବା ସହ ଲୋକମାନଙ୍କୁ ସଚେତନ କରାଯାଉଛି। ନଳକୂପରେ ହାଲୋଜିନ୍ ବଟିକା ପକାଇବା ସହ ପରିବେଶ ପରିଚ୍ଛନ୍ନ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜଣଙ୍କର ମୃତ୍ୟୁ ହୋଇଥିବାରୁ ଏହା ଝାଡ଼ାବାନ୍ତି ଯୋଗୁ ହୋଇଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା ଏହାକୁ ଅସ୍ୱୀକାର କରିଛନ୍ତି। ଝାଡ଼ାବାନ୍ତିରେ କାହାରି ମୃତ୍ୟୁ ହୋଇନାହିଁ। ଜଣଙ୍କର ମୃତ୍ୟୁ ଅନ୍ୟ କାରଣରୁ ହୋଇଛି ବୋଲି କହିଛନ୍ତି। ଗାଁରେ ଡାକ୍ତରୀ ଟିମ୍ ମୁତୟନ ସହ ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ଡା. ବେହେରା କହିଛନ୍ତି।

# ବୈଦିକ ବ୍ରାହ୍ମଣ ସମାଜର ସମାବେଶ



**ଭଦ୍ରକ,୨୮।୮(ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ବାରିକପୁର ବଜାରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ବୈଦିକ ବ୍ରାହ୍ମଣ ପରିଷଦର ସମାବେଶ ଅନୁଷ୍ଠିତ ହୋଇଯାଇଛି। କାଶୀନାଥ ପଣ୍ଡାଙ୍କ ପୌରୋହିତ୍ୟ ତଥା ଅଧ୍ୟାପକ ନିହାର ରଞ୍ଜନ କରଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ରୋଟାରିୟାନ ଶିଶିର କୁମାର ମିଶ୍ର ମୁଖ୍ୟ ଅତିଥି, 'ଅମୃତ ଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ସଭାପତି ପଣ୍ଡିତ ନିରଞ୍ଜନ ଦାଶ ବିଶିଷ୍ଟ ଅତିଥି, ସୁଦର୍ଶନ ପଣ୍ଡା, ଆର୍ଯ୍ୟ ସଂସ୍କୃତି ସୁରକ୍ଷା ପରିଷଦର ସମ୍ପାଦକ ପୀତବାସ ପଣ୍ଡା, ତ୍ରିଲୋଚନ ପଣ୍ଡା, ବିମ୍ବାଧର ତ୍ରିପାଠୀ, ସ୍ନେହାଶିଷ ପଣ୍ଡା, ଶ୍ରୀଚନ୍ଦନ ମହାପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପ୍ରତି ଦେଶ ଓ ବିଦେଶରେ ବିଶେଷ କରି ବାଂଲାଦେଶ ଓ ପାକିସ୍ତାନରେ ସନାତନ ଧର୍ମ ସଂକଟରେ ରହିଛି। ଆମ ଭାରତ ବର୍ଷରେ ସୃଷ୍ଟ ଆମ ପରିଚୟ, ଆମ ଗୌରବ ଓ ଅସ୍ମିତାର ସମ୍ପତ୍ତି, ଆର୍ଯ୍ୟ ସଂସ୍କୃତି, ସନାତନ ଧର୍ମ ତଥା ବୈଦିକ ଚେତନାର ସୁରକ୍ଷା ବ୍ରାହ୍ମଣ ସମାଜର ଲକ୍ଷ୍ୟ ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାବେଶରେ ଶ୍ରୀବତ୍ସ କରଶର୍ମା ଓ ଗଦାଧର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ପ୍ରଦୀପ କୁମାର ବାନାର୍ଜୀ ସମ୍ପାଦକୀୟ ତଥା ଅତିଥି ପରିଚୟ ପ୍ରଦାନ , ସତ୍ୟରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ, ପବିତ୍ର ମୋହନ ମିଶ୍ର, ଶ୍ରୀକାନ୍ତ ପଣ୍ଡା ଓ ପ୍ରଫୁଲ୍ଲ ଉପାଧ୍ୟାୟ ବେଦ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବ୍ରତ କୁମାର ଦୀକ୍ଷିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶହୀଦ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ଜିଲାପାଳ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଶହୀଦ ପୀଠରେ ମାଲ୍ୟାର୍ପଣ କରୁଛନ୍ତି।

**ବାସୁଦେବପୁର,୨୮।୮(ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ଶହୀଦ ପୀଠ ଇରମରେ ବୁଧବାର ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ ପହଞ୍ଚି ୨୯ ଜଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏଥିସହ ଶହୀଦ ସ୍ମୃତିସ୍ତମ୍ଭ ଓ ନିକଟରେ ଥିବା ଶହୀଦ ଓ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଜିଲାପାଳ ରାଉତରାଏଙ୍କ ସହ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ସରୋଜ ଦତ୍ତ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ବଳ, ସମିତିସଭ୍ୟାଙ୍କ ପ୍ରତିନିଧି ରଞ୍ଜୁ ମଲିକ୍ ପ୍ରମୁଖ ଶହୀଦ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ପରେ ଶହୀଦ ପୀଠ ନିକଟସ୍ଥ ଆଇବିରେ ଶହୀଦ ପୀଠ ବିକାଶର ନକ୍ସା ଦେଖି ନିର୍ମାଣାଧୀନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଯନ୍ତ୍ରୀ ପ୍ରଶାନ୍ତ କୁମାର ସ ଓ ନିରାକାର ମହାପାତ୍ରଙ୍କଠାରୁ ଜିଲାପାଳ ପଚାରି ବୁଝିଥିଲେ। ଏହି ପ୍ରକଳ୍ପ ସଂଲଗ୍ନ ଅଞ୍ଚଳରେ କେତେକ ବିଦ୍ୟୁତ୍ ଖୁଣ୍ଟି ଅସୁବିଧା ସୃଷ୍ଟି କରୁଥିବା ଯନ୍ତ୍ରୀଙ୍କଠାରୁ ଜିଲାପାଳ ଅବଗତ ହେବା ପରେ ଏ ଦିଗରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ବେଳେ ବିପିଏମ୍ ବୀଣାପାଣି ପଣ୍ଡା ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟିଲେ ରାସ୍ତାପାର୍ଶ୍ୱ ବ୍ୟବସାୟୀ

### ଥଇଥାନ କରିବାକୁ ଦାବି

**ତିହିଡ଼ି,୨୮।୮(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡ଼ି ବଜାର ରାସ୍ତା ପାର୍ଶ୍ୱରେ ଦୀର୍ଘ ଦିନ ହେଲା ବିଭିନ୍ନ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ମଙ୍ଗଳବାର ଜିଲାପାଳଙ୍କୁ ଭେଟିଛନ୍ତି। ତିହିଡ଼ି ପଞ୍ଚାୟତ ସମିତି ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ବ୍ୟବସାୟୀ ଜିଲାପାଳଙ୍କୁ ଭେଟି ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ, ସେମାନଙ୍କୁ ଥଇଥାନ କରାଯିବା ପରେ ଉଚ୍ଛେଦ କରିବାକୁ ନାରାୟଣ ନାଥ, କୃଷ୍ଣଚନ୍ଦ୍ର ପୃଷ୍ଟି, ରଘୁନାଥ ନାୟକ, ଜ୍ୟୋତିପ୍ରକାଶ ବେହେରା ପ୍ରମୁଖ ବ୍ୟବସାୟୀ ଦାବି ଜଣାଇଛନ୍ତି।

ଅଭିଯୋଗ ମୁତାବକ, ସେମାନେ ମିର୍ଜାପୁର ମୌଜାର ଖାତା ନଂ. ୧୦୯୪ ପ୍ଲଟ୍ ନଂ. ୨୪୭୪ ଓ ୨୪୭୬ ରାସ୍ତା ପାର୍ଶ୍ୱରେ ସେମାନେ ଦୀର୍ଘଦିନ ହେବ ଫଳ ଓ ଅନ୍ୟାନ୍ୟ ଦୋକାନ କରିଛନ୍ତି। ରୋଜଗାରର ଅନ୍ୟ କୌଣସି ପନ୍ଥା ନ ଥିବାରୁ ପରିବାର ଚଳାଇବାକୁ ସେହି ଦୋକାନ ଉପରେ ନିର୍ଭର କରିଥାନ୍ତି। ୨୦୨୧ରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ୍ ଦିଆଯିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଦାବି କରି ଏକ ମକଦ୍ଦମା (ନଂ. ଡବ୍ଲୁପି(ସି) ୬୭୨/୨୧) ରୁଜୁ କରିଥିଲେ। ମାମଲାର ବିଚାର ପରେ ହାଇକୋର୍ଟଙ୍କ ପକ୍ଷରୁ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ତତ୍କାଳୀନ ତହସିଲଦାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ସେମାନଙ୍କ ଦୋକାନକୁ ଉଚ୍ଛେଦ କରିଥିଲେ। ସେମାନେ ଏଥିରେ ଅସନ୍ତୋଷ ପ୍ରକାଶ କରି ତହସିଲଦାରଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ କୋର୍ଟ ନିର୍ଦ୍ଦେଶ ଅବମାନନା ମକଦ୍ଦମା ରୁଜୁ କରିଥିଲେ। ହାଇକୋର୍ଟ ମାମଲାର ବିଚାର ପୂର୍ବକ ତୁରନ୍ତ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସେମାନଙ୍କୁ ଥଇଥାନ କରାଯାଇ ନ ଥିବା ବେଳେ ପୁଣି ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବା ପରିତାପର ବିଷୟ ବୋଲି ଅଭିଯୋଗରେ ଦର୍ଶାଯାଇଛି। ହାଇକୋର୍ଟ ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ପ୍ରକୃତରେ କେଉଁ ବ୍ୟବସାୟୀ ଥଇଥାନ ହୋଇଛନ୍ତି, ତାର ତଦନ୍ତ କରାଯିବା ପରେ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ବ୍ୟବସାୟୀମାନଙ୍କୁ କହିଥିବା ଜଣାପଡ଼ିଛି।

# ବିକଶିତ ଓଡ଼ିଶା ବାର୍ତ୍ତା ନେଇ ଗଡ଼ିଲା କୌଶଳ ରଥ

### ୪ ଦିନ ଧରି ବୁଲିବ

**ଭଦ୍ରକ,୨୮।୮(ସନାତନ ରାଉତ)**

ଭଦ୍ରକ ଜିଲାରେ ବୁଧବାର ଦକ୍ଷ ଓଡ଼ିଶା ଓ ବିକଶିତ ଓଡ଼ିଶାର ବାର୍ତ୍ତା ନେଇ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି। ଜିଲାପାଳ ଦିଲ୍ଲୀପ ରାଉତରାଏ ନଡ଼ିଆ ଭାଙ୍ଗି, ଫିତାକାଟି ପତାକା ପ୍ରଦର୍ଶନ ପୂର୍ବକ ରଥ ପରିକ୍ରମାର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କାର୍ଯ୍ୟକ୍ରମର ସଂଯୋଜକ ଜିଲା ଦକ୍ଷତା ଓ ନିୟୋଜନ ଅଧିକାରୀ ଅନୀତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦକ୍ଷ ଓଡ଼ିଶା ବିକଶିତ ଓଡ଼ିଶା ବାର୍ତ୍ତାର ପ୍ରଚାର ସହିତ ସ୍କୁଲ, କଲେଜ, ଶିଶୁଯତ୍ନ ଅନୁଷ୍ଠାନ ଆଦିର ଛାତ୍ରୀଛାତ୍ରମାନଙ୍କୁ ନୂତନ ଜ୍ଞାନ କୌଶଳ, ବୈଷୟିକ ଶିକ୍ଷା, ଦକ୍ଷତା ବିକାଶ ଆଦି ସମ୍ପର୍କରେ ଅବଗତ କରାଇବା ଆଭିମୁଖ୍ୟ ନେଇ ରାଜ୍ୟର ସମସ୍ତ ଜିଲା ପରିକ୍ରମା କରୁଥିବା ଏହି କୌଶଳ ରଥ ଅଗଷ୍ଟ ୨୮ ରୁ ୩୧ ପର୍ଯ୍ୟନ୍ତ ୪ ଦିନ ଧରି ଭଦ୍ରକ ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫେଲୋସିପ୍ ଶିଶୁଯତ୍ନ ଅନୁଷ୍ଠାନ, ମୁକ୍ତାଶ୍ରୟ ଗୃହ ଆସିଆନା, ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଦରିଦ୍ର ନାରାୟଣ ସେବାଶ୍ରମ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ, ଫେଲୋସିପ୍‌ର ଯୋଗମାୟା ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବାଲ୍ୟ ବିବାହ ନିଷେଦ୍ଧ ଜିଲା ସଂଯୋଜକ ପ୍ରଦ୍ୟୁମ୍ନ ରଞ୍ଜନ ରାଉତ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ଜୟକିଷାନ ମଲ୍ଲିକ୍, ଗାୟତ୍ରୀ ବେହେରା, ବିଭୂତି ପାଣିଗ୍ରାହୀ, ଶୁଭସ୍ମିତା ସୂତ୍ରଧର, ଦିଲୀପ ଶେଖର ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଲେ

### ନିମ୍ନମାନର ଖାଦ୍ୟ ପ୍ରସ୍ତୁତି ଅଭିଯୋଗ

**ଧାମନଗର,୨୮।୮(ସନ୍ତୋଷ କୁମାର ମହାପାତ୍ର)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ଅଙ୍ଗନୱାଡି କେନ୍ଦ୍ରରେ ପୋକ ସାଲୁବାଲୁ ଚାଉଳ ଓ ଡାଲି, ପଚା ପନିପରିବାରେ ଖାଦ୍ୟ ପ୍ରସ୍ତୁତି କରାଯାଇ ପିଲାଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ଅନେକ ସମୟରେ କେନ୍ଦ୍ରରେ ରୋଷେଇ ନ ହେବା ଆଦି ବିଭିନ୍ନ ଅଭିଯୋଗ କରି ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇଛନ୍ତି। ସୂଚନା ମୁତାବକ, ଗତ ୨ ବର୍ଷ ହେଲା ଗ୍ରାମର ମଧ୍ୟସ୍ଥଳରେ ନୂତନ ଅଙ୍ଗନୱାଡି ଘର ନିର୍ମାଣ ହୋଇଥିଲା। ପୂର୍ବରୁ ଅଙ୍ଗନୱାଡି କର୍ମୀଙ୍କ ଘରେ କେନ୍ଦ୍ର ଚାଲୁଥିଲା।



ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ଗ୍ରାମବାସୀ।

ଅଙ୍ଗନୱାଡି କର୍ମୀ ଅନେକ ସମୟରେ କେନ୍ଦ୍ରରେ ଅନୁପସ୍ଥିତ ରହିବା, ପଞ୍ଜୀକୃତ ସମସ୍ତ ଶିଶୁ ନ ଆସିବା, ଯେଉଁ ଦିନ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ଆସନ୍ତି ଉକ୍ତ ଦିନ ରୋଷେଇ ନ କରିବା, ରୋଷେଇ ସାମଗ୍ରୀ ବ୍ୟତୀତ ଅନ୍ୟାନ୍ୟ ସରକାରୀ ସାମଗ୍ରୀ ଅଙ୍ଗନୱାଡି କର୍ମୀ ତାଙ୍କ ନିଜ ଘରେ ରଖିବା, ଦୀର୍ଘଦିନ ଧରି କେନ୍ଦ୍ରରେ ରୋଷେଇ ହେଉ ନ ଥିବା ପ୍ରତିବାଦରେ ସ୍ଥାନୀୟ ଲୋକେ ମଙ୍ଗଳବାର ଅଭିଯୋଗ କରିବା ପରେ ଅଙ୍ଗନୱାଡିକେନ୍ଦ୍ରରେ ତାଲା ପକାଇଥିଲେ। ଅଙ୍ଗନୱାଡି ସହାୟିକା ଗୋଲାପି ଯେନା କହିଛନ୍ତି, ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ରୋଷେଇ ହୁଏ ନାହିଁ ଏବଂ ରୋଷେଇ ହେଉ ନ ଥିବା ପୋକ ସାଲୁବାଲୁ ଡାଲି, ପଚା ଆଳୁ ଓ ପିଆଜ ଅଙ୍ଗନୱାଡି କର୍ମୀ ତାଙ୍କୁ ରୋଷେଇ କରିବାକୁ ଦେଇଥାନ୍ତି। ବୁଧବାର ସୁପରଭାଇଜର କାଜଲ ନାୟକ କେନ୍ଦ୍ରକୁ ଆସିଥିଲେ। ତେବେ କେନ୍ଦ୍ର ବନ୍ଦ ରହୁଥିବା ଅଭିଯୋଗକୁ ସୁପରଭାଇଜର ନାୟକ ଅସ୍ୱୀକାର କରିବା ସହ ସମସ୍ତ ଖାଦ୍ୟ ସାମଗ୍ରୀ ଅଙ୍ଗନୱାଡି ଗୃହରେ ରଖିବା ଓ ପ୍ରତ୍ୟେକ ଦିନ ରୋଷେଇ କରିବା ପାଇଁ ଚେତାବନୀ ଦେଇଥିବା କହିଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ଯୁବତୀଙ୍କ ମୃତ୍ୟୁ

ବାରିପଦା,୨୮।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅଧୀନ ଗୁଡ଼ିପୋଖରୀ ଗ୍ରାମରେ ବଜ୍ରପାତରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଗରାମ ମୁର୍ମୁଙ୍କ ଝିଅ ସୁମିତ୍ରା(୧୮)। ଏ ନେଇ ବାରିପଦା ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ, ବୁଧବାର ସୁମିତ୍ରା ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ୪୫ କେଜି ଗୋମାଂସ ଜବତ, ଅଭିଯୁକ୍ତ ଗିରଫ

କୁଲିଅଣା,୨୮।୮(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ନୋଧନା ନିକଟରୁ ୪୫ କେଜି ଗୋମାଂସ ଜବତ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଅଦ୍ଧାରକୁଲି ଗ୍ରାମର ଜୟରାମ ଟୁଡୁ। ସେ ବାଇକରେ ଗୋମାଂସ ନେଇ ବିକ୍ରି କରିବାକୁ ଆସିଥିଲେ। ନୋଧନା ନିକଟରେ ଗ୍ରାମବାସୀ ତାଙ୍କୁ ସନ୍ଦେହରେ ଅଟକାଇବା ପରେ ସେ ଗୋମାଂସ ଆଣିଥିବା ଜଣାପଡ଼ିଥିଲା। ପରେ ଗ୍ରାମବାସୀ ତାଙ୍କୁ ପୋଲିସ ଜିମା ଦେଇଥିଲେ। ଏନେଇ ଥାନାରେ ଏକ ମାମଲା(ନଂ. ୧୨୦/୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ତାଙ୍କ ବାଇକ୍ ମଧ୍ୟ ଜବତ ହୋଇଛି।

### ଏବିଭିପି ପକ୍ଷରୁ ବିକ୍ଷୋଭ


ରାଇରଙ୍ଗପୁର,୨୮।୮(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଲେଜର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଛାତ୍ର ସଂଗଠନ ପକ୍ଷରୁ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଦାବିନେଇ ରାଇରଙ୍ଗପୁର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ଫଳରେ କଲେଜରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ସଂଗଠନର ଛାତ୍ର ନେତା ଭୁବନେଶ୍ୱର ମହାନ୍ତ, ଦେବାଶିଷ ଆଚାର୍ଯ୍ୟ, ଓମ୍ ମହାନ୍ତ, ବିନତୀ ମହାନ୍ତ, ଅଳିଭା ମହାନ୍ତ, ସୁନିତା ମହାନ୍ତ, ଛିନା ଗିରି ପ୍ରମୁଖ ସାମିଲ ହୋଇଥିଲେ।

# ପଦଯାତ୍ରାରେ ବାହାରିଲେ ସେବାୟତ

## ମଠ, ମନ୍ଦିର ସମ୍ପତ୍ତିର ପୁନରୁଦ୍ଧାର ଦାବି

ବାରିପଦା,୨୮।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପଦଯାତ୍ରାରେ ସାମିଲ ସେବାୟତମାନେ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେଙ୍କ ଜମିଜମା ସମ୍ପତ୍ତିର ପୁନରୁଦ୍ଧାର ଓ ବିଭିନ୍ନ ସମସ୍ୟାକୁ ନେଇ ସେବାୟତ ସଂଘ ପକ୍ଷରୁ ବୁଧବାର ପଦଯାତ୍ରା ଆରମ୍ଭ ହୋଇଛି। ଦେବୋତ୍ତର ଓ ପୌର ପରିଷଦ ବିଭାଗ ଅଧୀନରେ ଥିବା ମଠ ଓ ମନ୍ଦିରର ଜବରଦଖଲ ସମ୍ପତ୍ତିଗୁଡ଼ିକ ଉଦ୍ଧାର ନିମନ୍ତେ ପ୍ରଶାସନର ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି । ଏପରିକି ଉଚ୍ଚ ନ୍ୟାୟଳୟର ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରାଯାଉଛି। ଯାହା ଫଳରେ ଅଚଳାଚଳ ସମ୍ପତ୍ତିର ମାଲିକ ବୋଲାଉଥିବା ମହାପ୍ରଭୁଙ୍କ ରୀତିନୀତିରେ ବାଧା ଉପୁଜିଛି। ଏହାର ସମାଧାନ ନିମନ୍ତେ ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ସେବାୟତମାନେ ଭୁବନେଶ୍ୱର ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ନେଇ ଅଭିଯୋଗପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି।

ଦେବୋତ୍ତର ବିଭାଗ ଅଧୀନରେ ପରିଚାଳିତ ମଠ ମନ୍ଦିରଗୁଡ଼ିକର ସୁପରିଚାଳନା ନିମନ୍ତେ ୪୪ ହଜାର ୭ଶହ ଏକର ଜମି ଖଞ୍ଜାଯାଇଛି । ସେଥି ମଧ୍ୟରୁ ପାଖାପାଖି ୪୦ହଜାର ଏକର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକଙ୍କ ଜବରଦଖଲ ଏବଂ ବାରିପଦା ପୌର ପରିଷଦ ଅଧୀନରେ ରହିଛି । ଫଳରେ ଉକ୍ତ ଜମିରୁ ରାଜସ୍ୱ ଆଦାୟ ହୋଇପାରୁ ନ ଥିବାରୁ ମନ୍ଦିର ପରିଚାଳନା ନିମନ୍ତେ ଅର୍ଥର ଅଭାବ ଦେଖାଦେଉଛି । ଫଳରେ ଠାକୁରଙ୍କ ରୀତିନୀତିରେ ବ୍ୟାଘାତ ହେଉଥିବା ବେଳେ ଏଥିରେ ସୁଧାର ଆସିପାରୁ ନାହିଁ। ସମ୍ପତ୍ତିର ପୁନରୁଦ୍ଧାର ନିମନ୍ତେ ୨୦୧୯ରୁ ରାଜ୍ୟ ସରକାରଙ୍କ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇ ପଦଯାତ୍ରାକୁ ରୋକାଯାଇଥିଲା। ଦୀର୍ଘ ବର୍ଷ ଧରି ସରକାରଙ୍କ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିବାରୁ ମଠ ମନ୍ଦିରଗୁଡ଼ିକରେ ରୀତିନୀତି ଯଥାରୀତି ସମ୍ପନ୍ନ ହେବାରେ ବାଧା ଉପୁଜିବାରେ ଲାଗିଛି। ଏହାକୁ ନେଇ ସେବାୟତମାନେ ପଦଯାତ୍ରାରେ ବାହାରି ୧୮ନଂ ଜାତୀୟ ରାଜପଥରେ ଯାଇ ବେତନଟୀଠାରେ ବିଶ୍ରାମ କରିଛନ୍ତି। ପଦଯାତ୍ରାରେ ବୟସ୍କ ସେବାୟତମାନେ ସାମିଲ ହୋଇଥିବା ବେଳେ କିଛି ଯୁବକ ମଧ୍ୟ ରହିଛନ୍ତି ।

# ବିଦ୍ୟାଳୟରେ ଶୋକସଭା

## ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ ଘଟଣା

ଖୁଣ୍ଟା,୨୮।୮(ଦେବରଂଜନ ବେହେରା)

ଖୁଣ୍ଟା ହାଇସ୍କୁଲ ପରିସରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ଛାତ୍ରୀ ନିବାସର ୬ଶ୍ରେଣୀ ଛାତ୍ରୀ ମଧୁସ୍ମିତା ବେହେରାଙ୍କ ଗତ ୨୪ ରାତ୍ରୀରେ ମୃତ୍ୟୁ ଘଟଣାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

ମୃତ ଛାତ୍ରୀ ମଧୁସ୍ମିତାଙ୍କ ଅମର ଆତ୍ମାର ସଦଗତି ପାଇଁ ବିଦ୍ୟାଳୟ ପରିସରରେ ଏକ ଶୋକଶୋଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଗୁରୁପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ,ଶିକ୍ଷକ, କସ୍ତୁରବା ଗାନ୍ଧୀ ଛାତ୍ରୀନିବାସର କର୍ମଚାରୀଙ୍କ ସହିତ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ମଧୁସ୍ମିତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ। ମଧୁସ୍ମିତା ଚଳିତ ଶିକ୍ଷା ବର୍ଷରେ ଖୁଣ୍ଟା ହାଇସ୍କୁଲରେ ନାମ ଲେଖାଇବା ସହ କସ୍ତୁରବା ଗାନ୍ଧୀ ଛାତ୍ରୀ ନିବାସରେ ରହି ପଢୁଥିଲେ। ଅଳ୍ପଦିନର ଅଧ୍ୟୟନ ମଧ୍ୟରେ ସେ ସମସ୍ତ ଶିକ୍ଷୟିତ୍ରୀ , ଶିକ୍ଷକ ସହପାଠିନୀ ଏବଂ ହଷ୍ଟେଲ କର୍ମଚାରୀଙ୍କର ପ୍ରିୟ ହୋଇପାରିଥିଲେ। ଶୋକସଭାରେ ତାଙ୍କ ଅମର ଆତ୍ମାର ସଦଗତି କାମନା ଲାଗି ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।



ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶୋକସଭା।

# ୫ ଦିନ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଗୋପବନ୍ଧୁ ନଗର, ୨୮।୮
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା କସ୍ତୁରବା ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରୀ ମଧୁସ୍ମିତା ବେହେରା (୧୨)ଙ୍କ ଗତ ଶନିବାର ରାତିରେ ମୃତ୍ୟୁ ଘଟିଥିଲା। ସ୍କୁଲ ନିକଟରୁ ଡାକ୍ତରଖାନା ମାତ୍ର ୫୦୦ ମିଟର ଦୂର ହୋଇଥିଲେ ମଧ୍ୟ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିବା ମଧୁସ୍ମିତାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଡାକ୍ତରଖାନା ନେଇ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ମଧୁସ୍ମିତାଙ୍କ ମୃତ୍ୟୁକୁ ୫ ଦିନ ବିତି ଯାଇଥିଲେ ମଧ୍ୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିରୋଧରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ କୁହୁଳିବାରେ ଲାଗିଲାଣି। ତେବେ ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀ ଓ ଏବିଇଓ କୁଳମଣି ନାଏକଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ସଚିବଙ୍କୁ ଜଣାଯାଇଛି ବୋଲି କହିଛନ୍ତି।

# ଲାଲବଜାର ରାଜା ପୂଜା କମିଟିର ବୈଠକ



ବୈଠକରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନେ।

ବାରିପଦା,୨୮।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବୈଠକରେ ପୌରହିତ୍ୟ କରିଥିଲେ। ସମସ୍ତ କମିଟିର ସଦସ୍ୟମାନଙ୍କୁ ନେଇ ଗଣେଶ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜା ୧୮ ବର୍ଷରେ ପ୍ରଦାର୍ପଣ କରୁଛି। ସେପ୍ଟେମ୍ବର ୭ରେ ଅନୁଷ୍ଠିତ ହେବାକୁ ଥିବା ଗଣେଶ ପୂଜାକୁ କିପରି ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପୂଜାକୁ ମହାଆଡମ୍ବରରେ ପାଳନ କରାଯିବା ପାଇଁ କମିଟି ସଦସ୍ୟ ଓ ଉପଦେଷ୍ଟା ମଣ୍ଡଳୀ ସମ୍ମତି ପ୍ରକାଶ କରିଛନ୍ତି। ବୈଠକରେ କମିଟିର ପ୍ରତିଷ୍ଠାତା ସଦସ୍ୟମାନେ ଉପସ୍ଥିତ ରହି ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଗଣେଶ ଚନ୍ଦ୍ର ଦାସ, ବରିଷ୍ଠ ଆଡ୍‌ଭୋକେଟ ବିଭୁପ୍ରସାଦ ଦାଶ, ଆଡ୍‌ଭୋକେଟ ଜ୍ୟୋତିପ୍ରକାଶ ରଥ, ପାର୍ଥସାରଥୀ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ତିମିରିକାନ୍ତ ଦାସଙ୍କ ନେତୃତ୍ୱରେ ବୈଠକରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ବାରିପଦା ସହରର ଅନୁଷ୍ଠିତ ହେଉଥିବା ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ମଣ୍ଡପର ବିଶେଷତ୍ୱ ରହିଥାଏ। ଏଠାରେ ପୂଜା ପାଉଥିବା ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତିକୁ ଲାଲବଜାର ରାଜା ଭାବେ କୁହାଯାଇଥାଏ। ଏଠାକାର ଘଟ ଉତ୍ତୋଳନଠାରୁ ଆରମ୍ଭ କରି ପୂଜାବିଧି, ପ୍ରସାଦ ବଣ୍ଟନ ଓ ବିସର୍ଜନରେ ସ୍ୱତନ୍ତ୍ରତା ରହିଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ଉଦଳା,୨୮।୮(ସନ୍ତୋଷ କୁମାର ବାଛିନୀ)

ଉଦଳା ମହାବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼. ଯତୀନ କୁମାର ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ପରିଚାଳନା କମିଟି ସଭାପତି ଚିନ୍ତାମଣି ମହାନ୍ତ ଏବଂ ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନା ଯୁବ ରେଡକ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ସମୁଦାୟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉପସ୍ଥିତ ଅତିଥିମାନେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ରକ୍ତଦାନ ମହତ ଦାନ ଏହାକୁ ଆଜିର ସମାଜରେ ସମସ୍ତେ ବୁଝିବା ଜରୁରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ହେଲିନା ଦାସ, ପ୍ରଭାତ କୁମାର ସାହୁ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗୋଲକ ବିହାରୀ ନାୟକ, ଦିଲୀପ କୁମାର ପାଇଯୋଶୀ, ତପସ୍ୱିନୀ ବେହେରା, ଅଧ୍ୟାପକ ଡ. ଆଲୋକ ରଞ୍ଜନ ପ୍ରଧାନ, ରେହେନା ସୁଲତାନ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରତିଷ୍ଠା ଉତ୍ସବ



ପ୍ରତିଷ୍ଠା ଦିବସରେ ଉପସ୍ଥିତ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତାମାନେ।

ମୋରଡ଼ା,୨୮।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାରେ ଥିବା ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ହିନ୍ଦୁ ପରିଷଦ ମୋରଡ଼ା ପ୍ରଖଣ୍ଡ ଆନୁକୂଲ୍ୟରେ ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭାଗବତ ବାରିକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଭାପତି ଅଜୟ କୁମାର ପାଳ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୋରଡ଼ା ପ୍ରଖଣ୍ଡର ସମ୍ପାଦକ ଅକ୍ଷୟ କୁମାର ପତି ସଭାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ଲକ୍ଷ୍ମଣ ମହାନ୍ତ, ବରେନ୍ଦ୍ର କୁମାର ଦାସ, ମିଥୁନ ମହାନ୍ତ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

# ଛାତ୍ରୀଛାତ୍ରଙ୍କ କ୍ଷେତ୍ର ପରିଦର୍ଶନ




କ୍ଷେତ୍ର ପରିଦର୍ଶନରେ ଯାଇଥିବା ଛାତ୍ରୀଛାତ୍ର।

ବାରିପଦା,୨୮।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଉଭୟ ଅଟୋମୋଟିଭ ଓ ଆଇଟିବିଭାଗର ଛାତ୍ରୀଛାତ୍ରମାନେ ଦକ୍ଷତା ବୃଦ୍ଧିପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସେମାନେ ସରକାରୀ ପଲିଟେକ୍‌ନିକ୍ ମୟୂରଭଞ୍ଜ ଓ ଟିକରପଡ଼ାକୁ ଯାଇ ବୈଷୟିକ ଶିକ୍ଷାର ପ୍ରାକ୍ଟିକାଲ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଅଟୋମୋଟିଭ ବିଭାଗର ଧନ୍ଦାମୂଳକ ଶିକ୍ଷକ ଦିଗବିଜୟ ମହାନ୍ତ ଓ ଆଇଟି ବିଭାଗର ଶିକ୍ଷକ ଜଗନ୍ନାଥ ସୁତାରଙ୍କ ତତ୍ତ୍ୱାବଧାନରେ ଏହି କ୍ଷେତ୍ର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ, ଭୋକେସନାଲ ଇନଚାର୍ଜ ଶିକ୍ଷକ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ ଓ ଅନ୍ୟ ଶିକ୍ଷୟିତ୍ରୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ କ୍ଷେତ୍ର ପରିଦର୍ଶନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପଲିଟେକ୍‌ନିକ୍ ପ୍ରିନ୍ସିପାଲ ଇଂ. କମ୍ବୁପାଣି ମେହେର ଓ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କଲେଜ ପରିସରରେ ଚାରାରୋପଣ

ବିଶୋଇ,୨୮।୮(ଅମିତ ଦାସ)

ବିଶୋଇ ବ୍ଲକ ମଣଦାସ୍ଥିତ କଳିଙ୍ଗ ଡିଗ୍ରୀ ମହାବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ମାଧ୍ୟମରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭୂପତି କୁମାର ମହାନ୍ତ ଉଦ୍‌ଘାଟନ କରି ଜୀବଜଗତରେ ବୃକ୍ଷରୋପଣର ଆଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ପରିସରରେ ୩୫୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟବାନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଉତ୍ସାହ ସହିତ ଶ୍ରମଦାନ ଓ ଚାରାରୋପଣ କରିଥିବା ଦେଖିବାକୁ ମିଳିଥିଲା। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଜନଶୁଣାଣି ଶିବିର ଜନଶୂନ୍ୟ

**ଔପଦା,୨୮।୮(ଧରିତ୍ରୀ ପଣ୍ଡା):** ଔପଦା ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଶିବିର ଜନଶୂନ୍ୟ। ବ୍ଲକ ସଭାଗୃହରେ ବ୍ଲକ ଏମଜିଏନଆରଇଜିଏସ୍ ସଂଯୋଜକ ଜ୍ୟୋତିପ୍ରଶ୍ନ ପୃଷ୍ଟିଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିମ୍ବା ପାତ୍ର ଉପସ୍ଥିତ ଥିବା ବେଳେ ଉପାଧ୍ୟକ୍ଷ ପ୍ରଭାକର ସାହୁ, ନିଜର ସ୍ୱାର୍ଥ ପାଇଁ ନେତାମାନେ ଦଳ ପରିବର୍ତ୍ତନ କରୁଛନ୍ତି ବୋଲି କହିଥିଲେ। ଜନଶୁଣାଣି ଶିବିରରେ ହାତଗଣତି କେତେଜଣ କର୍ମଚାରୀଙ୍କୁ ଛାଡିଦେଲେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ନ ଥିବା ବେଳେ ଯନ୍ତ୍ରୀମାନଙ୍କୁ ମଧ୍ୟ ଶିବିରରେ ଦେଖା ମିଳି ନ ଥିଲା। ଏମଜିଏନଆରଇଜିଏସ୍ କାମରେ ସୂଚନା ଫଳକ ଲାଗୁ ନ ଥିବା ଅଭିଯୋଗ ହୋଇଥିଲା। ୨ରୁ ୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଗୌତମ ପଣ୍ଡା ଉପସ୍ଥିତ ଥିଲେ।

## ଅଧ୍ୟାପକ ଭକ୍ତ ମହାନ୍ତିଙ୍କ ସ୍ମୃତିସଭା

**ଖଇରା, ୨୮।୮(ଉତ୍କଳବନ୍ଧୁ ପଣ୍ଡା):** ଖଇରା ମହାବିଦ୍ୟାଳୟର ପୂର୍ବତନ ଶିକ୍ଷା ବିଭାଗ ଅଧ୍ୟାପକ ସ୍ୱର୍ଗତ ଭକ୍ତକିଶୋର ମହାନ୍ତିଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ମଙ୍ଗଳବାର ଖଇରା ତୋରାଣୀପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଚିନ୍ତାମଣି ସାହାଣୀ, ଶଶିକାନ୍ତ ଦାସ, ନିର୍ମଳଚନ୍ଦ୍ର ଦାସ, ଦେବେନ୍ଦ୍ର ରାଉତ, ଆନନ୍ଦ କୁମାର ନାୟକ, ଡା. ପ୍ରଭାକର ପଣ୍ଡା, ନରସିଂହ ପାଣି, ବିଷ୍ଣୁପ୍ରସାଦ ମିଶ୍ର, ସନ୍ତୋଷ ମଲ୍ଲିକ, ପ୍ରିୟଦର୍ଶିନୀ ପାଲ, ସୁଜାତା ମିଶ୍ର, ଡା ହରେକୃଷ୍ଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପନା ସହ ବିଭିନ୍ନ ସଙ୍ଗଠନ ସହ ଜଡିତ ରହି ସଙ୍ଗଠନକୁ ବଳିଷ୍ଠ କରିବାରେ ତାଙ୍କର ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଡା. ରଘୁନାଥ ପତ୍ରୀ ବେଦପାଠ କରିଥିଲେ।

# ଜାତୀୟ ରାଜପଥରେ ବସୁଛି ସାପ୍ତାହିକ ହାଟ

ଝାରପଖୋରିଆ,୨୮।୮(ହରେକୃଷ୍ଣ ଦାସ)

ମୟୂରଭଞ୍ଜ ଜିଲା ଝାରପଖୋରିଆ ଦେଇ ୧୮ ଓ ୪୯ନଂ. ଜାତୀୟ ରାଜପଥ ଯାଇଛି। ଏହି ରାଜପଥ ୪ ଥାକିଆ ବିଶିଷ୍ଟ ହୋଇଥିବାରୁ ବେଶ ଓସାରିଆ ହୋଇଛି। ପୁଣି ବଜାର ଅଞ୍ଚଳ ହୋଇଥିବା ଯୋଗୁ ଅଧିକ ଚଉଡ଼ା ହୋଇଛି। ତେବେ ଏହି ଜାତୀୟ ରାଜପଥ ଉପରେ ସାପ୍ତାହିକ ହାଟ ବସୁଛି। ଶତାଧିକ ଦୋକାନୀ ସାଇକେଲ, ମୋଟର ସାଇକେଲ, ଟେମ୍ପୁ ଇତ୍ୟାଦି ରାଜପଥ ଉପରେ ରଖୁଥିବାରୁ ଭିଡ଼ ଜମୁଛି। ଫଳରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ସାପ୍ତାହିକ ହାଟକୁ ସ୍ଥାନାନ୍ତର ପାଇଁ ଝାରପଖୋରିଆ ପଞ୍ଚାୟତର ନାଏବ ସରପଞ୍ଚ ଚେଷ୍ଟା କରିବା ସତ୍ତ୍ୱେ ସଫଳ ପାଇ ପାରି ନାହାନ୍ତି। କିଛି ଦିନ ପାଇଁ ରାଜପଥଠାରୁ ଦୂରରେ ଦୋକାନ ଖୋଲିଥିବା ବେଳେ ପୁଣି ଯଥା ପୂର୍ବଂ ତଥା ପରଂ ଅବସ୍ଥା ଦେଖିବାକୁ ମିଳିଛି। ନାଏବ ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଇବା ସହ ଥାନା, ତହସିଲଦାର ଓ ବିଡିଓଙ୍କ ସହାୟତା ମଧ୍ୟ ନେଇଥିଲେ। ହେଲେ ଏଥିରେ କୌଣସି ସୁଧାର ଆସି ପାରିନାହିଁ। ଜିଲା ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।




ସାପ୍ତାହିକ ହାଟ ଯୋଗୁ ଜାତୀୟ ରାଜପଥରେ ଭିଡ଼ ଜମିଛି।

# ବ୍ଲକ ସମ୍ମୁଖରେ ମହିଳା ମହାସଂଘର ଗଣ ବିକ୍ଷୋଭ




ବ୍ଲକ ସମ୍ମୁଖରେ ଆନ୍ଦୋଳନରତ ମହିଳାମାନେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/
କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୮।୮

ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ନିଖିଳ ଉତ୍କଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମହାସଂଘ ପକ୍ଷରୁ ବୁଧବାର ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇ ଆନ୍ଦୋଳନ କରିଥିଲେ। ବାଲିଆପାଳ ବ୍ଲକ ମହାସଂଘର ସଭାପତି ରଞ୍ଜୁଲତା ଗିରିଙ୍କ ନେତୃତ୍ୱରେ ହଜାରେରୁ ଊର୍ଦ୍ଧ୍ୱ ମହିଳା ଦାବି ପୂରଣ ପାଇଁ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିକଟରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବିଭିନ୍ନ ନାରାବାଜି ଦେଇ ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡ, ଜାମକୁଣ୍ଡା ଛକ, ପାରୁଳିଆ ଛକ ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲା ମହାସଂଘର ସଭାପତି ସାରଦାମଣି ଗିରି ଯୋଗଦେଇ ୬ଦଫା ଦାବି ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ଦିଆଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଭତ୍ତା ପ୍ରଦାନ, ମିଶନ ଶକ୍ତିର ନିୟମ ମଞ୍ଚ କମିଟି ଗଠନ, ଇସି ସଦସ୍ୟା, ପଞ୍ଚାୟତ କମିଟି ଓ ବ୍ଲକ କମିଟି ପୁନର୍ଗଠନ, ବିଧିବଦ୍ଧ ଭାବେ ସଭାସମିତି ଆୟୋଜନ, ଗୋଷ୍ଠୀ ପାଇଁ ହେଉଥିବା ଯୋଜନା ଓ ସମସ୍ତ ତଥ୍ୟ ସମ୍ପର୍କରେ ସୂଚନା, ଗ୍ରୁପ୍‌ରୁ ଆଦାୟ କରାଯାଉଥିବା ଅର୍ଥର ହିସାବ ଦିଆଯିବା, ପୂର୍ବଭଳି ସିଡିପିଓଙ୍କୁ ଦାୟିତ୍ୱ ଅର୍ପଣ କରାଯିବା ଆଦି ଦାବିପତ୍ରରେ ଦର୍ଶାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଜିଲା ମହାସଂଘର ସଭାପତି ସାରଦାମଣି ଗିରି, ବ୍ଲକ ସଭାପତି ରଞ୍ଜୁଲତା ଗିରି ଓ ସମ୍ପାଦିକା ମାଳତୀ ବାରିକଙ୍କ ସମେତ ସଦସ୍ୟାମାନେ ଚେତାବନୀ ଦେଇଥିଲେ।

# ଆବେଦନକାରୀଙ୍କୁ ଦେବାକୁ ପଡ଼ିବନି ଦେୟ

## ସୁଭଦ୍ରା ଯୋଜନା ନେଇ ଜିଲାପାଳଙ୍କ ସମୀକ୍ଷା

**ବାଲେଶ୍ୱର, ୨୮।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ନେଇ ମଙ୍ଗଳବାର ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ଅଧ୍ୟକ୍ଷତା କରି ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୭ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଯୋଜନା ଶୁଭାରମ୍ଭ କରାଯିବ। ଯୋଜନାର ଠିକ୍ କାର୍ଯ୍ୟକାରିତା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ହିତାଧିକାରୀମାନେ ଯେପରି ଠିକ୍ ସୂଚନା ପାଇବେ ଏବଂ ଆବେଦନ କରିପାରିବେ, ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ ଦେଇଥିଲେ। ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ପାଇଁ ଦରଖାସ୍ତ ଫର୍ମ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, କମନ ସର୍ଭିସ୍ ସେଣ୍ଟର ଏବଂ ମୋ ସେବା କେନ୍ଦ୍ରରେ ବଣ୍ଟନ କରାଯିବ। କମନ ସର୍ଭିସ୍ ସେଣ୍ଟର ଏବଂ ମୋ ସେବା କେନ୍ଦ୍ରରେ ଫର୍ମ ଦାଖଲ ହେବ। ସେଠାରେ ଏହାର ଡିଜିଟାଇଜେଶନ ହେବ ଓ ଆବେଦନକାରୀମାନଙ୍କୁ ଫର୍ମ ଦାଖଲର ପ୍ରମାଣ ସ୍ୱୀକୃତିର ପ୍ରିଣ୍ଟ ମିଳିବ। ଆବେଦନକାରୀଙ୍କୁ କୌଣସି ସ୍ତରରେ ଏଥିପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ହିତାଧିକାରୀମାନେ ସମସ୍ତେ ଯେପରି ସୁବିଧାରେ ଆବେଦନ କରିପାରିବେ, ସେଥିପାଇଁ ଯଥେଷ୍ଟ ସଂଖ୍ୟକ ଫର୍ମ ସୁବିଧା କରିବାକୁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଜିଲା, ଉପଖଣ୍ଡ ଓ ବ୍ଲକସ୍ତରରେ ବିଭିନ୍ନ ପ୍ରମୁଖ ସ୍ଥାନରେ ହୋଡ଼ିଂ, ବ୍ୟାନର ଆଦି ଲଗାଯିବା, ସାମାଜିକ ଗଣମାଧ୍ୟମ ଓ ଖବରକାଗଜ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଚାର ପ୍ରସାର ନିମନ୍ତେ ବୈଠକରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ, ନୀଳଗିରି ଉପଜିଲାପାଳ (ଭାରପ୍ରାପ୍ତ) ଶୁଭଶ୍ରୀ ରଥ, ଜିଲା ସମାଜ ମଙ୍ଗଳ ଅଧିକାରୀ (ଭାରପ୍ରାପ୍ତ) ତଥା ଡେପୁଟି କଲେକ୍ଟର ଗାୟତ୍ରୀ ସୋରେନଙ୍କ ସମେତ ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଡିଓ ଓ ତହସିଲଦାରମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଓ ପ୍ରଶାସନିକ ଅଧିକାରୀ।

# ମୃତଦେହ ଆଣିଥିବା ଆମ୍ବୁଲାନ୍ସକୁ ଅଟକ ରଖିଲେ ଗ୍ରାମବାସୀ



କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ।

## ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟଣା

**ନୀଳଗିରି, ୨୮।୮(ପ୍ରଶାନ୍ତ ବିଶ୍ୱାଳ)**

ହାଇଦ୍ରାବାଦରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଛି। ଶ୍ରମିକଙ୍କ ମୃତଦେହକୁ ଆଣିଥିବା ଆମ୍ବୁଲାନ୍ସକୁ ଗ୍ରାମବାସୀ ଅଟକ ରଖି କ୍ଷତିପୂରଣ ଦାବିରେ ନୀଳଗିରି ଝରଣାଘାଟି କପ୍ତିପଦା ୧୯ ନଂ. ରାଜ୍ୟ ରାଜପଥର ଛତ୍ରପୁରଠାରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ।

ସୂଚନା ଯେ, ନୀଳଗିରି ବ୍ଲକ ଛତ୍ରପୁର ଗ୍ରାମର ପ୍ରଭାକର ମହାକୁଡ଼ଙ୍କ ପୁଅ ପ୍ରତାପ (୩୫) ଗତ ୯ ମାସ ତଳେ ଜଣେ ଲେବର ଠିକାଦାରଙ୍କ ମାଧ୍ୟମରେ ହାଇଦ୍ରାବାଦସ୍ଥିତ ଏକ ମେଡିଶିନ ପ୍ରସ୍ତୁତକାରୀ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ ପାଇଁ ଯାଇଥିଲେ। ଗତ ୨୬ ତାରିଖରେ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ସେଠାରେ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଅପରପକ୍ଷରେ ସେଠାରେ ପୂର୍ବରୁ ମୃତ ଶ୍ରମିକଙ୍କୁ ଖାଇବା ପିଇବା, ମାସିକ ଦରମା ନିୟମିତ ପ୍ରଦାନ ନ କରିବା ସହ ନିର୍ଯାତନା ଦେଉଥିବା ନେଇ ପ୍ରତାପ ପରିବାର ଲୋକଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଏହାପରେ ପରିବାର ଲୋକେ ଠିକାଦାରଙ୍କୁ ଏ ସମ୍ପର୍କରେ କହିବାରୁ ସେ କୌଣସି କଥା ବୁଝି ନ ଥିଲେ। ମୃତ୍ୟୁ ଖବର ପାଇବା ପରେ ମୃତକଙ୍କ ପରିବାର ପକ୍ଷରୁ ବରହମପୁର ଥାନାରେ ଲିଖିତ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହାଇଦ୍ରାବାଦରୁ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହ ଆସି ବୁଧବାର ଗ୍ରାମରେ ପହଞ୍ଚିବା ପରେ ଗାଁ ଲୋକେ ଆମ୍ବୁଲାନ୍ସକୁ ଅଟକାଇ ଦୁଇ ଘଣ୍ଟା ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ଫକୀରମୋହନ ସାହିତ୍ୟ ଘର ପକ୍ଷରୁ ସାହିତ୍ୟ ଚର୍ଚ୍ଚା



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

- ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପ୍ରଥମ ପୁଣ୍ୟତିଥି
- 'ଜୟନ୍ତ ମହାପାତ୍ର ସ୍ପେଶିଆଲ' ପୁସ୍ତକ ଉନ୍ମୋଚିତ

**ବାଲେଶ୍ୱର, ୨୮।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପ୍ରଥମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଏହି ଅବସରରେ ଫକୀରମୋହନ ସାହିତ୍ୟ ଘର ପକ୍ଷରୁ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରି ଦିବଙ୍ଗତ କବିଙ୍କ ସ୍ମୃତିଚାରଣ କରି ବିଶ୍ୱବିଦ୍ୟାଳୟରେ ତାଙ୍କ ସଂଗ୍ରହାଳୟ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ସହ ପଦ୍ମଶ୍ରୀ ଉପାଧିକୁ ନିଜ ଦ୍ୱିତୀୟଘର ମନେ କରୁଥିବା ବିଶ୍ୱବିଦ୍ୟାଳୟର ପାଠାଗାରକୁ ପ୍ରଦାନ କରିଥିବା ନେଇ କୃତଜ୍ଞତା ଜ୍ଞାପନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତଭାଷଣ ଦେଇ କବି ଜୟନ୍ତ ମହାପାତ୍ର ହେଉଛନ୍ତି ପ୍ରଥମ ଭାରତୀୟ କବି ଯିଏକି ଇଂଲିଶ କବିତା ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ଜିତିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜର୍ନାଲ ଅଫ୍ ଦ ଓଡ଼ିଶା ଆଗମନ ଅଫ୍ ଇଂଲିଶ ଷ୍ଟଡିଜର ସଭାପତି ଡ. ସାନ୍ତ୍ୱନା ହାଲଦାର ଓ ମୁଖ୍ୟ ଆଲୋଚକ ଡ. ଶାନ୍ତନୁ କୁମାର ସର ଯୋଗଦେଇ କବିଙ୍କ କାବ୍ୟିକ ଦୃଷ୍ଟିକୋଣ ସହ ତାଙ୍କ ବିବିଧ ରଚିତ କବିତା ଗୁଡ଼ିକର ବିଚାର, ବର୍ଣ୍ଣନା ଓ ବିଶ୍ଳେଷଣ କରିଥିଲେ।

ଜର୍ନାଲ ଅଫ ଦ ଓଡ଼ିଶା ଆଗମନ ଅଫ ଇଂଲିଶ ଷ୍ଟଡ଼ିଜର ଆଜୀବନ ସଦସ୍ୟ ବିଜୟ କୁମାର ଦେ, ଯୁଗ୍ମ ସଚିବ ଡ. ରବିନାରାୟଣ ସାସମଲ, କୋଷାଧ୍ୟକ୍ଷ ଡ. ମାନସ ରଞ୍ଜନ ସାମଲ ଓ ସବ୍‌ଏଡିଟର ଡ. ଗୀତାଶ୍ରୀ ରାଏ ଏହି ସାହିତ୍ୟଚର୍ଚ୍ଚାରେ ଯୋଗ ଦେଇଥିଲେ। ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀଛାତ୍ର ଇତିଶ୍ରୀ ବାରିକ, ରଶ୍ମିତା ରାଉତ, ରାଜେଶ କୁମାର ମାଇତି ଓ ଅଭିଲିପ୍ସା ମହାନ୍ତିଙ୍କ ଦ୍ୱାରା କବିଙ୍କ ଲିଖିତ କବିତା ଆବୃତ୍ତି କରାଯାଇଥିଲା। ଏହି ଅବସରରେ ଜର୍ନାଲ ଅଫ ଦ ଓଡ଼ିଶା ଆଗମନ ଅଫ ଇଂଲିଶ ଷ୍ଟଡ଼ିଜ ତରଫରୁ 'ଜୟନ୍ତ ମହାପାତ୍ର ସ୍ପେଶିଆଲ' ନାମକ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଜୟନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ, ଡ୍ରାଇଭର କୋର୍ଟଚାଲାଣ

**ବାଲିଆପାଳ, ୨୮।୮(ଗୋପାଳ ଚନ୍ଦ୍ର ସାହୁ):** ବାଲିଆପାଳ ଥାନା ଆଇଆଇସି ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ ଚାଉଳନ୍ତି ଗ୍ରାମରେ ପହଞ୍ଚି ୨ଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଗିରଫ ୨ ଡ୍ରାଇଭର କାର୍ତ୍ତିକ ଚନ୍ଦ୍ର ଜେନା ଓ ରାଜେନ୍ଦ୍ର ବଡୁଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ ୨ ଡ୍ରାଇଭରଙ୍କୁ ଗିରଫ କରିଥିଲେ। ମାମଲା (ନଂ. ୧୭୫/୨୪)।

## ଶିଶୁକନ୍ୟାକୁ ବାଲ୍‌ଟିରେ ବୁଡ଼ାଇ ହତ୍ୟା ମାମଲା: ଜେଲ୍ ଗଲେ ମାଉସୀ

**ବାଲେଶ୍ୱର, ୨୮।୮(ବାଞ୍ଛାନିଧି ଦେ)**

ଜଣେ ଅଢ଼େଇ ବର୍ଷର ଶିଶୁକନ୍ୟାକୁ ପାଣି ବାଲ୍‌ଟିରେ ବୁଡ଼ାଇ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ମାଉସୀଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୩୦୨/୨୪) ରୁଜୁ ହୋଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଟାଉନ ଥାନା ଅଧୀନ ଚୂନଭାଟି ଅଞ୍ଚଳରେ।

ମିଳିଥିବା ସୂଚନା ମୁତାବକ, ଚୂନଭାଟି ଅଞ୍ଚଳ ତଳସାହିରେ ଶାନ୍ତି ଜେନାଙ୍କ ସହ ତାଙ୍କର ୩ଝିଅ ମାନୁ, ସସ୍ମିତା, ବିଶାଖା ଏବଂ ମାନୁଙ୍କ ଅଢ଼େଇ ବର୍ଷର ଶିଶୁକନ୍ୟା ଈଶ୍ୱରୀ ରୁହନ୍ତି। ଗତ ୨୬ ତାରିଖ ଅପରାହ୍ନରେ ସମସ୍ତେ କାମକୁ ଯାଇଥିଲେ। ଶିଶୁକନ୍ୟା ସହ ମାଉସୀ ବିଶାଖା ଘରେ ଥିଲେ। ଏହି ସମୟରେ ବିଶାଖା ଏକ ପାଣି ବାଲ୍‌ଟିରେ ଶିଶୁକନ୍ୟାଙ୍କୁ ବୁଡ଼ାଇ ହତ୍ୟା କରିଥିଲେ। ଘରେ ପହଞ୍ଚି ଏ ସମ୍ପର୍କରେ ଶିଶୁକନ୍ୟାଙ୍କ ଆଈ ଶାନ୍ତି ଜେନା ଜାଣିବା ପରେ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ଅଶୋକ କୁମାର ନାୟକ ତଦନ୍ତ ପୂର୍ବକ ଅଭିଯୁକ୍ତ ମାଉସୀ ବିଶାଖା ଜେନାଙ୍କୁ ବୁଧବାର ଗିରଫ କରିଥିଲେ। ମୃତ ଶିଶୁକନ୍ୟା ଜନ୍ମ ହେବା ପରେ ତାଙ୍କ ମା' ଓ ବାପାଙ୍କ ମଧ୍ୟରେ ବିଚ୍ଛେଦ ହୋଇଥିବାରୁ ମା' ମାନୁ ଶିଶୁକନ୍ୟାକୁ ନେଇ ବାପ ଘରେ ଆଶ୍ରୟ ନେଇଥିଲେ।

## ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

**ବାଲେଶ୍ୱର, ୨୮।୮(ବାଞ୍ଛାନିଧି ଦେ)**

ବାଲେଶ୍ୱର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍‌ପ ୟୁ'ର ମିଳିତ ସହଯୋଗରେ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଛି। ବରିଷ୍ଠ ଡା. ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡା. ସୁଜିତ ନାରାୟଣ ମହାପାତ୍ର କୌଣସି ବ୍ୟକ୍ତି ଜୀବନ କାଳ ମଧ୍ୟରେ ସ୍ୱଇଚ୍ଛାରେ ଚକ୍ଷୁଦାନ ପାଇଁ ସମ୍ମତି ଦେଇପାରିବେ ବୋଲି କହିଥିଲେ। ଡା. ସଞ୍ଜୀବ ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, ମନୋଜ ଦାସ ଓ ରମଣୀକାନ୍ତ ଭଞ୍ଜ ପ୍ରମୁଖ ଥିଲେ। ଏକ ସଚେତନତା ଶୋଭାଯାତ୍ରା ଫିରିଂପାଟଣା ସ୍କୁଲରୁ ବାହାରି ସହର ପରିକ୍ରମା କରିଥିଲା।


## ଖାରିପାଣି ମତ୍ସ୍ୟ ଚାଷୀମାନେ ଧ୍ୟାନ ଦିଅନ୍ତୁ

### ଖାରିପାଣି ମତ୍ସ୍ୟ/ଚିଙ୍ଗୁଡି ଫାର୍ମ ପଞ୍ଜୀକରଣର ନବୀକରଣ ପାଇଁ ଆବେଦନର ସୁବର୍ଣ୍ଣ ସୁଯୋଗ

**(୭ ଜାନୁଆରୀ, ୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ)**

No.M-29

- ଯେହେତୁ ଆମ ରାଜ୍ୟରେ ବହୁତ ଗୁଡ଼ାଏ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡି ଫାର୍ମର ପଞ୍ଜୀକରଣର (Registration) ଅବଧି ସରିଯାଇଛି ଏବଂ ସେଗୁଡିକର ନବୀକରଣ (Renewal) ପାଇଁ ଦରଖାସ୍ତ ଉପକୂଳ ଜଳକୃଷି ପ୍ରାଧିକରଣ (CAA), ଚେନ୍ନାଇଙ୍କ ନିକଟରେ ଦାଖଲ କରାଯାଇନାହିଁ, ଏଥିପାଇଁ CAA ଦ୍ୱାରା ୮ ଜାନୁୟାରୀ, ୨୦୨୪ରେ ସଂଶୋଧିତ ନୂତନ ନିୟମାବଳୀ ଅନୁସାରେ ଦରଖାସ୍ତରେ ହୋଇଥିବା ବିଳମ୍ବକୁ **ଥରେ ମାତ୍ର କ୍ଷମା କରିବାର ବ୍ୟବସ୍ଥା** ରହିଅଛି ।
- ଏହି ବ୍ୟବସ୍ଥା ଅନୁସାରେ **ଜୁନ୍, ୨୦୦୫ ମସିହା** ପରଠାରୁ ପଞ୍ଜୀକରଣ ହୋଇଥିବା ସମସ୍ତ ଖାରିପାଣି ମତ୍ସ୍ୟ/ ଚିଙ୍ଗୁଡି ଫାର୍ମ **୭ ଜାନୁୟାରୀ, ୨୦୨୫** ସୁଦ୍ଧା ନିଜ ଫାର୍ମର ପଞ୍ଜୀକରଣର ନବୀକରଣ ପାଇଁ CAA, ଚେନ୍ନାଇଙ୍କ ନିକଟରେ **ସିଧାସଳଖ ଭାବରେ** ଆବେଦନ କରିବେ ଏବଂ ଏହାର ଏକକିତା ନକଲ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।
- ଏହି ବ୍ୟବସ୍ଥା **୭ ଜାନୁୟାରୀ, ୨୦୨୫** ପରେ ଲାଗୁ ହୋଇପାରିବ ନାହିଁ ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡି ଚାଷୀମାନେ ଅତିରିକ୍ତ ଶୁଳ୍କ **(ପ୍ରତି ୫ ବର୍ଷରେ ପଞ୍ଜୀକରଣର ନବୀକରଣ ଶୁଳ୍କର ଦୁଇଗୁଣା)** ସିଧାସଳଖ CAA, ଚେନ୍ନାଇଙ୍କ ନିକଟରେ ଦାଖଲ କରି ନିଜ ଫାର୍ମର ପଞ୍ଜୀକରଣର ନବୀକରଣ କରିପାରିବେ ।
- ଏଥିପାଇଁ ସମସ୍ତ ଖାରିପାଣି ମତ୍ସ୍ୟ/ଚିଙ୍ଗୁଡି ଚାଷୀମାନେ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ଉପଯୁକ୍ତ କାଗଜପତ୍ର ଏବଂ ଗୋଟିଏ ବିଳମ୍ବ ହେତୁ କାରଣ ଦର୍ଶାଯାଇଥିବା ପତ୍ର ସହିତ ଯଥୋଚିତ ଶୁଳ୍କ ସହ **ସିଧାସଳଖ CAA, ଚେନ୍ନାଇଙ୍କୁ ପ୍ରେରଣ କରିବେ** ଏବଂ ଏହାର ଏକକିତା ନକଲ ବ୍ଲକ/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ନିକଟରେ ଦାଖଲ କରିବେ ।
- ଅଧିକ ବିବରଣୀ ପାଇଁ ବ୍ଲକ/ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକର ୱେବସାଇଟ୍‌ରେ କ୍ଲିକ୍ କରନ୍ତୁ **http://fisheries.odisha.gov.in/**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
ଫୋନ୍: ୦୬୭୧-୨୪୧୪୦୬୧, ଫ୍ୟାକ୍ସ: ୦୬୭୧-୨୪୧୦୫୨୧
ଇ-ମେଲ: director.odifish@gmail.com
OIPR-06030/11/0014/2425



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2024-25, ତା.20.08.2024ରିଖ

(1)ଇ-ଟେଣ୍ଡର ସଂ.21-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (P.Way)/ବଡ଼ମାଲ ପରିସୀମା ଅଧୀନସ୍ଥ ଦେଓଗାଁ ରୋଡ଼ (Ex)-ଟିଟିଲାଗଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,99,58,777.80, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,49,800/- ।

(2)ଇ-ଟେଣ୍ଡର ସଂ.22-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (P.Way)/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ଟିଟିଲାଗଡ଼ (In)-ନରଲା ରୋଡ଼ (Ex) ମଧ୍ୟସ୍ଥ ସେକ୍ସନରେ 30.09.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,99,82,060/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,50,000/- ।

(3)ଇ-ଟେଣ୍ଡର ସଂ.23-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (P.Way)/ଅମ୍ଭୋଦଳା ପରିସୀମା ଅଧୀନସ୍ଥ ନରଲା ରୋଡ଼ (In)-ଦୋଇକାଲୁ (In) ମଧ୍ୟସ୍ଥ ସେକ୍ସନରେ 30.09.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,90,87,907.15, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,45,500/- ।

(4)ଇ-ଟେଣ୍ଡର ସଂ.24-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (P.Way)/ଅମ୍ଭୋଦଳା ପରିସୀମା ଅଧୀନସ୍ଥ ଲାଞ୍ଜିଗଡ଼ ରୋଡ଼ (Ex)-କୁନାଗଡ଼ ମଧ୍ୟସ୍ଥ ସେକ୍ସନରେ 30.09.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 78,32,802.46, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,56,700/- ।

(5)ଇ-ଟେଣ୍ଡର ସଂ.25-eT-DENS-SBP-24
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର (P.Way)/ମୁନିଗୁଡ଼ା ପରିସୀମା ଅଧୀନସ୍ଥ ଦୋଇକାଲୁ(Ex)-ଥେରୁବାଲି ମଧ୍ୟସ୍ଥ ସେକ୍ସନରେ 30.09.2025 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ସମସ୍ତ ପର୍ମାନେଣ୍ଟ ୱେ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,91,55,224.75, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,45,800/- ।

(6)ଇ-ଟେଣ୍ଡର ସଂ.28-eT-DENS-SBP-24
**କାର୍ଯ୍ୟର ନାମ :** 03(ତିନି) ବର୍ଷ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳରେ ସହାୟକ ମଣ୍ଡଳ ଯନ୍ତ୍ରୀ/ଟିଟିଲାଗଡ଼ ପରିସୀମା ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର (P.Way)/ବଡ଼ମାଲ ଏବଂ ସିନିୟର ସେକ୍ସନ ଇଂଜିନିୟର (P.Way)/ଟିଟିଲାଗଡ଼ଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ପ୍ରତ୍ୟେକରୁ ଗୋଟିଏ ହିସାବରେ ଟାଟା LPT-613 କିମ୍ବା ଅନୁରୂପ ମଡେଲ ଭଳି 4.5MT ବୋଝେଇ କ୍ଷମତା ବିଶିଷ୍ଟ 02(ଦୁଇ) ଗୋଟି ନନ୍-ଏସି ଟ୍ରକ୍ ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 63,39,960/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,26,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/- ।

(7)ଇ-ଟେଣ୍ଡର ସଂ.29-eT-DENS-SBP-24
**କାର୍ଯ୍ୟର ନାମ :** 03(ତିନି) ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ଟିଟିଲାଗଡ଼ଙ୍କ ନିମନ୍ତେ (ମହିନ୍ଦ୍ରା ବୋଲେରୋ, କ୍ୟାମ୍ପର/TATA-207 DI କ୍ରିଭ କିମ୍ବା ଅନୁରୂପ ମଡେଲ ଭଳି) ଆନୁମାନିକ 1 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ 01(ଏକ) ଗୋଟି ପିକ୍-ଅପ୍ ଭ୍ୟାନ(5 ସିଟର)ଭଡ଼ା ସୂତ୍ରରେ ନେବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 14,20,921.23, ବିଡ୍ ସିକ୍ୟୁରିଟି (ଟଙ୍କାରେ): 28,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 2,360/- ।

କାର୍ଯ୍ୟ ଶେଷ ହେବା ଅବଧି: 30.09.2025 (କ୍ରମ ସଂ.1 ଠାରୁ 5 ପାଇଁ) ଏବଂ 36 ମାସ (କ୍ରମ ସଂ. 6 ଏବଂ 7 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.09.2024 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-464/P/24-25



## झारखण्ड सरकार, ग्रामीण कार्य विभाग
कार्यपालक अभियंता का कार्यालय
कम्बाईण्ड बिल्डिग, प्रथम तल्ला, एल०सी० रोड, धनबाद

### ई-अल्पकालीन निविदा आमंत्रण सूचना

ई–निविदा संख्या:- 13/RWD/DHANBAD/24-25 — दिनांक :- 24-08-2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या/पैकेज संख्या | प्रखण्ड | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|---|
| 1 | RWD/DHANBAD/ /12/24-25 | टुण्डी | कुबरीटॉड़ बजरंगबली मंदिर से कारीटॉड़ तक पथ निर्माण कार्य (लम्बाई –2.200 कि0मी0) | 231.149 | दो करोड़ एकतीस लाख चौदह हजार नौ सौ | 12 माह | प्रथम |
| 2 | RWD/DHANBAD/ /13/24-25 | टुण्डी | गोविन्दपुर–गिरिडीह मुख्य पथ से आमबगान विरामपुर होते मोहनाद आर0ई0ओ0 रोड तक पथ निर्माण (लम्बाई –5.40 कि0मी0) | 705.384 | सात करोड़ पॉच लाख अड़तीस हजार चार सौ | 18 माह | प्रथम |

2. वेबसाईट में निविदा प्रकाशन की तिथि:– 31.08.2024
3. ई–निविदा प्राप्ति की अंतिम तिथि एवं समय:– 09.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय:– 11.09.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद, पिन– 826001
6. ई–निविदा प्रकोष्ठ का दूरभाष सं0– 0326–3554757

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद
PR 333967 Rural Work Department (24-25)_D



## झारखण्ड सरकार
ग्रामीण कार्य विभाग कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, जमशेदपुर
rwdjamshedpur@gmail.com

### ई–अति अल्पकालिन पुनर्निविदा आमंत्रण सूचना

ई–अति अल्पकालिन पुनर्निविदा संख्या:- RWD/EE/JSR/STPKG/06/RII/2023-24
दिनांक :- 28.08.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| 1. | RWD/EE/JSR/STPKG/10/2023-24 | बकरा से काथसकरा तक पथ का सुदृढ़ीकरण कार्य। (लं–1.000 कि0मी0) | 64,50,700.00 | चौंसठ लाख पचास हजार सात सौ रू0 मात्र | 15 माह | तृतीय |
| | | हाता–मुसाबनी रोड से कुलामारा तक पथ का सुदृढ़ीकरण कार्य। (लं–16.820 कि0मी0) | 10,82,37,400.00 | दस करोड़ बिरासी लाख सैंतीस हजार चार सौ रू0 मात्र | | |
| | | तिलाबनी पथ से उपरबांधा तक पथ का सुदृढ़ीकरण कार्य। (लं–1.400 कि0मी0) | 89,92,800.00 | नवासी लाख बानवे हजार आठ सौ रू0 मात्र | | |
| | | हाता–मुसाबनी रोड से सीताडांगा तक पथ का सुदृढ़ीकरण कार्य। (लं–0.770 कि0मी0) | 34,82,500.00 | चौतीस लाख बिरासी हजार पाँच सौ रू0 मात्र | | |
| | | कोढ़ासोल स्कूल से सुंडीधारा होते हुए सुदगढ़ीया भाया तक पथ का सुदृढ़ीकरण कार्य। (लं–3.735 कि0मी0) | 2,12,91,400.00 | दो करोड़ बारह लाख एकानवे हजार चार सौ रू0 मात्र | | |
| | | कुल | 14,84,54,800.00 | चौदह करोड़ चौरासी लाख चौवन हजार आठ सौ रू0 मात्र | | |

2. वेबसाईट में निविदा प्रकाशन की तिथि :– 30.08.2024।
3. ई–निविदा प्राप्ति की अंतिम तिथि एवं समय :– 09.09.2024 अपराह्न 5.00 बजे तक।
4. निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5. निविदा खोलने की तिथि एवं समय :– 10.09.2024 अपराह्न 5.00 बजे।
6. निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7. ई–निविदा प्रकोष्ठ का दूरभाष सं0– 0657–2298902।
8. विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, जमशेदपुर
PR.NO.333955 REO(24-25):D

## ସଂକ୍ଷେପରେ

### ଜିଲାପାଳଙ୍କୁ ଏନ୍‌ଏଚ୍‌ଆରସିଙ୍କ ସର୍ତ୍ତମୂଳକ ସମନ

କେନ୍ଦୁଝର,୨୮।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଡ୍ରେନ୍‌ରେ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ଏନ୍‌ଏଚ୍‌ଆରସି ଜିଲାପାଳଙ୍କୁ ସର୍ତ୍ତମୂଳକ ସମନ କରିଛନ୍ତି। ପୂର୍ବରୁ କମିଶନ ୫ ଜୁଲାଇ ୨୦୨୪ରେ ଜିଲାପାଳଙ୍କୁ ରିପୋର୍ଟ ମାଗିଥିଲେ। ବାରମ୍ବାର ସୂଚିତ କରିଥିଲେ ହେଁ ରିପୋର୍ଟ ନ ମିଳିବାରୁ ଏଭଳି ସର୍ତ୍ତମୂଳକ ସମନ କରି ୧୮ଅକ୍ଟୋବର ୨୦୨୪ ରେ ସବିଶେଷ ରିପୋର୍ଟ ସହ ହାଜର ହେବାକୁ କୁହାଯାଇଛି। ୧୧ ଅକ୍ଟୋବର ୨୪ ସୁଦ୍ଧା ରିପୋର୍ଟ ଦାଖଲ କଲେ ବ୍ୟକ୍ତିଗତ ହାଜରରୁ ବାଦ ହୋଇ ପାରିବେ ବୋଲି ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଫେବୃୟାରୀ ୧୬ରେ ମୂର୍ତ୍ତି ରାଓ ନାମକ ବ୍ୟକ୍ତି ଘରୁ ବାହାରି ଫୁଲ ଆଣିବାକୁ ଯାଇ ନିଖୋଜ ହୋଇଥିଲେ। ୧୮ ତାରିଖରେ ପିଲାମାନେ ଖେଳୁଥିବା ସମୟରେ ଆନନ୍ଦପୁର ପୌରାଞ୍ଚଳର ୭ ନମ୍ବର୍ ୱାର୍ଡ ଡ୍ରେନ୍‌ରେ ମୃତଦେହ ଦେଖିଥିଲେ। ଖୋଲା ଡ୍ରେନ୍‌ରେ ପଡ଼ି ସେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମାନବାଧିକାର କମିଶନ ନିକଟରେ ମୃତକଙ୍କ ସମ୍ପର୍କୀୟଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଘଟଣାର ସବିଶେଷ ବିବରଣୀ କମିଶନ ନିକଟରେ ଦାଖଲ କରିବାକୁ ନିବେଦନ କରାଯାଇଥିଲା। ଅଭିଯୋଗ କ୍ରମେ ଜାତୀୟ ମାନବାଧିକାର କମିଶନ ୧୯ ଫେବୃଆରୀ ୨୦୨୪ରେ ୨୭୬୨ /୨୦୨୪ ରେ ମାମଲା ରୁଜୁ କରି ନୋଟିସ୍ କରିଥିଲେ।

### ମା’ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ମାଟି ଉଠିଲା

ରାମଚନ୍ଦ୍ରପୁର,୨୮।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ସାଇଁକୁଳ ଗ୍ରାମରେ ଜଗତଜନନୀ ମା’ ଦୁର୍ଗାଙ୍କ ମୂର୍ତ୍ତି ପାଇଁ ସିଦ୍ଧେଶ୍ୱର ମନ୍ଦିର ପାର୍ଶ୍ୱ ପଡ଼ିଆରୁ ମାଟି ଉଠିଛି। ପୂଜକ ଉପେନ୍ଦ୍ର ତ୍ରିପାଠୀ, ପଣ୍ଡିତ ସୁରେନ୍ଦ୍ର ପଣ୍ଡା, ଲକ୍ଷ୍ମଣ ଦାସଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିବା ବେଳେ ପୂଜା ସଙ୍କଳ୍ପର ଦାୟିତ୍ୱ ବ୍ରହ୍ମାନନ୍ଦ ପଟ୍ଟନାୟକ ତୁଲାଇଥିଲେ। ଶାରଦୀୟ ଦୁର୍ଗା ପୂଜାରେ ମା’ଙ୍କ ମୃଣ୍ମୟୀ ମୂର୍ତ୍ତିର ସ୍ଥାପନ ପାଇଁ ମାଟି ଅନୁକୂଳ ହୋଇଛି। ପୂଜା କମିଟିର ସଦସ୍ୟ ସନ୍ତୋଷ ସ୍ୱାଇଁ, ଅଶୋକ ଘଡ଼େଇ, ବ୍ରହ୍ମାନନ୍ଦ ସାମଲ, ବସନ୍ତ ସାମଲ, ବିଷ୍ଣୁ ସାମଲ, ରାମ ଚକ୍ର, ପ୍ରାଣକୃଷ୍ଣ ପରିଡ଼ା, ପ୍ରଦୀପ୍ତ ମାହାନ୍ତି, ଅରୁଣ ଭୂୟାଁ, ନରେଶ ପରିଡ଼ା, ଚଗୁଲୁ ଚକ୍ର, ଗୁମାନି ବେହେରା, କୁଳମଣୀ ବେହେରା, ହରମୋହନ ପରିଡ଼ା, ମିନା ପରିଡ଼ା ସହଯୋଗ କରିଥିଲେ।

### ଭାଜପାର ନୂତନ ସଦସ୍ୟତା ଗ୍ରହଣ କର୍ମଶାଳା

ଆନନ୍ଦପୁର,୨୮।୮(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ରାମଚନ୍ଦ୍ରପୁର ମଣ୍ଡଳରେ ଭାଜପାର ସଦସ୍ୟ ଗ୍ରହଣ କର୍ମଶାଳା ଆୟୋଜିତ ହୋଇଯାଇଛି। ରାମଚନ୍ଦ୍ରପୁର ମଣ୍ଡଳ ଶାଳଦେଇ ଓଡ଼ପଡାଠାରେ ଅନୁଷ୍ଠିତ କର୍ମଶାଳାରେ ସ୍ଥାନୀୟ ଭାଜପା ମଣ୍ଡଳ ସଭାପତି ତ୍ରିଥବାସୀ ଜେନାଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘଷିପୁରା ଭାଜପା ନେତା ଡ଼. ଶମ୍ଭୁନାଥ ରାଉତ, ରାଜେଶ ସିଂ, ଏମ୍‌ପି ପ୍ରତିନିଧି ଶିବେନ୍ଦ୍ର ଚକ୍ର ଉପସ୍ଥିତ ରହି କର୍ମୀ ଓ ସାଧାରଣ ଲୋକଙ୍କୁ ଭାଜପାର ସ୍ୱାଭିମାନତା ଉପରେ ବୁଝାଇଥିଲେ। କର୍ମଶାଳାରେ ଦଳର ଦାୟିତ୍ୱବୋଧକୁ ନେଇ ନୂଆ ସଦସ୍ୟ ଯୋଡ଼ି ହେବେ ବୋଲି ଏମ୍‌ପି ପ୍ରକାଶ କରିଛନ୍ତି।

# ପିଚୁ ଉପରେ ମୋରମ ପକାଇ ରାସ୍ତା ମରାମତି

କେନ୍ଦୁଝର,୨୮।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ରିଜର୍ଭ ପୋଲିସ ଓ ପରେଡ ପଡିଆ (ଷ୍ଟାଡିୟମ) ରାସ୍ତାରେ ବଡ ଖାଲ ସୃଷ୍ଟି ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିଲା। ସେଥିରେ ବର୍ଷା ପାଣି ଜମି ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିଲା। ଉକ୍ତ ଖବର ଧରିତ୍ରୀରେ ଅଗଷ୍ଟ ୨୫ରେ ‘ରିଜର୍ଭ ପୋଲିସ ଓ ଷ୍ଟାଡ଼ିୟମ ରାସ୍ତା ବିପର୍ଯ୍ୟସ୍ତ’ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି କରାଯାଇଛି। ମାତ୍ର ପିଚୁ ରାସ୍ତାରେ ମୋରମ ପକାଇ ଖାଲକୁ ସମତୁଲ କରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଅନେକ ସମୟରେ ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପଡ଼ି ଆହତ ହୋଇଥିବା ବେଳେ ଗାଡ଼ି ଭାଙ୍ଗୁଥିବାରୁ ଅସନ୍ତୋଷ ଦେଖାଦେଇଥିଲେ। ପୋଲିସ



ପିଚୁ ରାସ୍ତା ଉପରେ ମୋରମ ପକାଯାଇ ସମତୁଲ କରାଯାଇଛି।

କର୍ମଚାରୀମାନେ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଥିଲେ। ଏପରିକି ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ମଧ୍ୟ ଅତିଥି ତଥା ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି କରିଥିଲା। ଏ ନେଇ ଖବର ପ୍ରକାଶ ପରେ ଉକ୍ତ ଖାଲରେ ମୋରମ ପକାଯାଇ ମରାମତ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ପିଚୁ ରାସ୍ତାରେ ମୋରମ ପଡ଼ିଥିବାରୁ ବର୍ଷାରେ କାଦୁଅ ହୋଇ ଅଧିକ ବିପଦପୂର୍ଣ୍ଣ ହେବା ସହ ପୁଣି ଖାଲଖମା ହୋଇପଡ଼ିଛି। ଅନ୍ୟପକ୍ଷରେ ପିଚୁ ରାସ୍ତାରେ ପିଚୁ ଚିପ୍ସ ଓ ମେଟାଲ ବଦଳରେ ମୋରମ ପକାଇ କିଭଳି ମରାମତି କରାଯାଉଛି, ତାହାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ରାସ୍ତାକୁ ନେଇ ପୂର୍ତ୍ତ ବିଭାଗ ଓ ପୌରପାଳିକା କର୍ତ୍ତୃପକ୍ଷଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଉକ୍ତ ରାସ୍ତାର ମରାମତି କାମ କିଏ କଲା ସେ ନେଇ ଉଭୟ ବିଭାଗ ଅସ୍ୱୀକାର କରୁଛନ୍ତି। ଅନ୍ୟପକ୍ଷରେ ଉକ୍ତ ରାସ୍ତା କାହା ଅଧୀନରେ ରହିଛି, ତାହାକୁ ନେଇ ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ହୋଇଛି। ଥାନା ଛକଠାରୁ ରିଜର୍ଭ ପୋଲିସ ଦେଇ ଜେଲ ରୋଡ୍ ଛକ ରାସ୍ତା କାହାର ତାହାକୁ ନେଇ ଉଭୟ ବିଭାଗ ପରସ୍ପର ବିରୋଧରେ ମତ ଦେଉଛନ୍ତି। ପୌରପାଳିକା ଇଞ୍ଜିନିୟର ସଂଗ୍ରାମ ବେହେରା କହିଛନ୍ତି, ଏହି ରାସ୍ତା କାହାର ଜାଣି ନାହାନ୍ତି। ଏହାର ମରାମତି ସେ କରି ନ ଥିବା କହିଥିଲେ। ପୂର୍ତ୍ତ ବିଭାଗ ଇଞ୍ଜିନିୟର ରାକେଶ କୁମାର ଟପୋ କହିଛନ୍ତି, ଏହି ରାସ୍ତା ଆମର ନୁହେଁ କିମ୍ବା ମରାମତି କାମ ଆମେ କରିନୁ। ଏହା ପୌରପାଳିକାର ବୋଲି ସେ କହିଥିଲେ। ବୋଧହୁଏ ଏହି କାରଣରୁ ଏ ରାସ୍ତା ଅବହେଳିତ ହୋଇ ରହିଛି ବୋଲି ମତ ପ୍ରକାଶ ପାଇଛି। ରାସ୍ତାରେ ମୋରମ କିଏ ପକାଇଲା ଓ ରାସ୍ତା ମରାମତି ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳଙ୍କୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଚିନ୍ତା ବଢ଼ାଇଛି ମଛାଳୋ ଗଳାପୋଲ




ରାମଚନ୍ଦ୍ରପୁର,୨୮।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ମଛାଳୋ ବିଶ୍ୱତାରିଣୀ ମନ୍ଦିର ନିକଟଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥରରେ ନିର୍ମିତ ଗଳାପୋଲ ଏବେ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ାଇଛି। କମ ଉଚ୍ଚତା ଓ କମ ଓସାର ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହା ସମ୍ପ୍ରସାରଣ କରିବା ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ମଙ୍ଗଳବାର ମଛାଳୋ ଗ୍ରାମର ଭେଙ୍କଟେସ ଜେନା ଓ ଜଳସୁଆଁ ଗ୍ରାମର ପ୍ରମୋଦ ସା ଗଳାପୋଲ ଅତିକ୍ରମ କରୁଥିବା ବେଳେ ସାମ୍ନାସାମ୍ନି ହୋଇ ଧକ୍କା ହୋଇଥିଲେ। ଉଭୟଙ୍କର କିଛି କ୍ଷତି ହୋଇ ନ ଥିଲେ ବି ବଡ଼ ବିପଦ ଟଳିଯାଇଥିଲା। ଅନୁରୂପ ଅଗଷ୍ଟ ୧୬ରେ ଏକ ପିକ୍‌ଅପ୍ ଭ୍ୟାନ ପୋଲରେ ଏକ ଘଣ୍ଟା ଧରି ଫସି ରହିଥିଲା। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା। ୨୦ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ମଛାଳୋ ନିକଟରେ ଗଳାପୋଲ ନିର୍ମାଣ କରାଯାଇଥିଲା। ଏହାର ଆକରକୁ ନେଇ ସେ ସମୟରେ ସ୍ଥାନୀୟ ଲୋକ ଆପତ୍ତି କରିଥିଲେ। ଏଥିରେ ଗାଡ଼ିମଟର ଯିବାରେ ସମସ୍ୟା ହେବାରୁ ଗ୍ରାମବାସୀ ନୂଆଦିଲ୍ଲୀ ଯାଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତତ୍କାଳୀନ ଏମ୍‌ପି ଶକୁନ୍ତଳା ଲାଗୁରୀଙ୍କୁ ଜଣାଇଥିଲେ। ଗଳାପୋଲରେ ଚାରିଚକିଆ ଯାନ ଯିବାରେ ସମସ୍ୟା ହେଉଛି। ଗାଡ଼ିଗୁଡ଼ିକ ସାଇଁକୁଳ କିମ୍ବା ହସନପୁର ଟୋଲପ୍ଲାଜା ବୁଲି ଆସୁଥିବା ପୂର୍ବତନ ସରପଞ୍ଚ ମନୋଜ ଜେନା କହିଛନ୍ତି। ସେହିପରି ଏକା ସାଙ୍ଗେ ୨ ବାଇକ ଅତିକ୍ରମ କରିବାରେ କଷ୍ଟ ହେଉଛି। ରାସ୍ତା ଉପରେ ମଛାଳୋ, ରୁଦ୍ରନାରାୟଣପୁର, ନାଉକଣା, ଜଳସୁଆଁ ଗ୍ରାମର ଲୋକେ ନିର୍ଭର କରୁଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ଏନ୍‌ଏଚ୍‌ଏଆଇ ତୁରନ୍ତ ଗଳାପୋଲର ଉଚ୍ଚତା ବୃଦ୍ଧି କରିବା ସହ ସମ୍ପ୍ରସାରଣ କରିବାକୁ ମଛାଳୋ ଗ୍ରାମର ରିଙ୍କୁ ନାଏକ, ଶାନ୍ତନୁ ବାରିକ, ସମ୍ବିତ ସାହୁ, ପ୍ରଶାନ୍ତ ମହାନ୍ତ, ସୁରେନ୍ଦ୍ର ବାରିକ, ପ୍ରତାପ ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ଟ୍ରକ୍ ମାଲିକଙ୍କ ଆନ୍ଦୋଳନ ଜାରି



ଆନ୍ଦୋଳନସ୍ଥଳରେ ଟ୍ରକ୍ ମାଲିକ ଓ ସଂଘ କର୍ମକର୍ତ୍ତା।

ଚମ୍ପୁଆ,୨୮।୮(ମହେଶ୍ୱର ଦାସ)

ଟ୍ରକ୍ ମାଲିକ ସଂଘ ସମନ୍ୱୟ କମିଟି ଦ୍ୱାରା ଡାକରା ଦିଆଯାଇଥିବା ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ ବିଭିନ୍ନ ଟ୍ରକ୍ ମାଲିକ ସଂଘ ସମର୍ଥନ ଦେଉଥିବା ବେଳେ ଶତାଧିକ ଟ୍ରକ୍ ମାଲିକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଟ୍ରକ୍ ମାଲିକମାନେ ୭ ଦଫା ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ବେଳେ ବାହାରୁ ଆସୁଥିବା ଟ୍ରକ୍‌ଗୁଡ଼ିକୁ ଜାତୀୟ ରାଜପଥରେ ଅଟକ ରଖିଛନ୍ତି। ସଂଘ ପକ୍ଷରୁ ଦିନ ରାତି ଏହି ଆନ୍ଦୋଳନ ଚାଲୁ ରହିଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ଶୁସାନ୍ତ ବାରିକ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ଖଣି ଅଞ୍ଚଳରେ ୮ ଗୋଟି ସଂଘର ୧୫ ହଜାର ଟ୍ରକ୍ ମାଲିକ ପରିବହନ ବ୍ୟବସାୟ ଉପରେ ନିର୍ଭର କରିଆସୁଛନ୍ତି। ଖଣି କମ୍ପାନୀଗୁଡ଼ିକ ପାଇପ ଯୋଗେ, ରେଳ ପଥ ଓ ଟ୍ରେଲରରେ ମାଲ ପରିବହନ କରୁଥିବାରୁ ଟ୍ରକ୍ ମାଲିକମାନେ କାମ ଧନ୍ଦା ହରାଇ ବସିଛନ୍ତି। ସଡ଼କ ପଥରେ ୫୦ ପ୍ରତିଶତ ଖଣିଜ ପରିବହନ, ଜିଲା ଟ୍ରକ୍ ମାଲିକଙ୍କୁ ଅଗ୍ରାଧିକାର ଭିତ୍ତିରେ ଲୋଡିଂ ବ୍ୟବସ୍ଥା, ଉଚିତ ପରିବହନ ମୂଲ୍ୟ, ଓଏମ୍‌ସି ଖଣିରୁ ସଡ଼କ ପଥରେ ପରିବହନ, ଖଣି ମାଲିକ କିମ୍ବା ପରିବହନକୁ ବିରୋଧ ଆଦି ଦାବି ନେଇ ସଂଘ ପୂର୍ବରୁ ଜିଲାପାଳ, ଉପ ଜିଲାପାଳ ଚମ୍ପୁଆ, ଖଣି ମାଲିକ ଓ ପରିବହନ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ମିଳି ନ ଥିବାରୁ ଟ୍ରକ୍‌ମାଲିକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

### ଆଦିବାସୀ ନେତା ପ୍ରମୋଦ ନାଏକଙ୍କ ସ୍ମୃତିଚାରଣ

ଆନନ୍ଦପୁର,୨୮।୮(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କୋଳିମାଟି ପଞ୍ଚାୟତ କୁମଡ ଗ୍ରାମର ମୂରବୀ ତଥା ଆଦିବାସୀ ନେତା ପ୍ରମୋଦ ନାଏକଙ୍କ ଏକାଦଶରେ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏକମାତ୍ର ପୁଅ ରଞ୍ଜନ ନାଏକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବରେ ଭାଜପା ନେତା ବିଚିତ୍ର କୁମାର ଚକ୍ର ଯୋଗଦେଇ ଦିବଂଗତଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଲୋକଙ୍କୁ ପ୍ରମୋଦଙ୍କ ନୀତି ଆଦର୍ଶ ବିଷୟରେ କହିବା ସହ ତାଙ୍କ ଗୁଣଗାନ କରିଥିଲେ। ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଉଦ୍ୟୋଗୀ ଦୋଳଗୋବିନ୍ଦ ନାଏକ, ସାମାଜିକକର୍ମୀ ପ୍ରଭାକର ନାଏକ, କ୍ଷେତ୍ରବାସୀ ନାଏକ, କରୁଣାକର ନାଏକ, ଧନେଶ୍ୱର ନାଏକ, ରାମଚନ୍ଦ୍ର ନାଏକ, ଭାରତ ନାଏକ, ହଳଧର ନାଏକ, ହରେକୃଷ୍ଣ ନାଏକ, ସ୍ତ୍ରୀ ସୀତା ଦେବୀ, ଝିଅ ଜୁଲି, ଲିଲିଙ୍କ ସହ ଜ୍ୱାଇଁ ପ୍ରଶାନ୍ତ ନାଏକ, ନାରୀନେତ୍ରୀ ରୁଞ୍ଜି ନାଏକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭଣଜା ସୁବ୍ରତ ନାଏକ ଧନ୍ୟବାଦ ଦେଇଥିଲେ।

# କୃଷ୍ଣମୟ ହେଲା ପଳସା ଗ୍ରାମ



ଯୋଡ଼ା,୨୮।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ପଳସା ଗ୍ରାମରେ ମଙ୍ଗଳବାର କୃଷ୍ଣଲୀଳା ଲୋକନୃତ୍ୟ ସଂଘ ଆନୁକୂଲ୍ୟରେ ନନ୍ଦଉତ୍ସବ ଓ ଶ୍ରୀକୃଷ୍ଣ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଲୀଳା ଲୋକନୃତ୍ୟ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ମୁଖ୍ୟ ବକ୍ତାଭାବେ ବଡବିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଅସିତ୍ ପ୍ରଧାନ, ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲା ବଣେଇ କଦମ୍ବ କେଶରୀ ସାଂସ୍କୃତିକ କଳା ପରିଷଦର ସଭାପତି ଦଶରଥ ସାହୁ, ସଙ୍କୀର୍ତ୍ତନ ଗୁରୁ ଖିରେଶ୍ୱର ବିଶାଳ ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ପ୍ରଥମଥର ପାଇଁ ସଂଘ ପକ୍ଷରୁ ନନ୍ଦଉତ୍ସବ ଆୟୋଜିତ ହୋଇଥିବା ବେଳେ ଗ୍ରାମ କୃଷ୍ଣମୟ ହୋଇଯାଇଥିଲା। ୫୦ ଗୋଟି କୃଷ୍ଣଲୀଳା ଦଳର ପ୍ରତିନିଧି ମଣ୍ଡଳୀ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସଂଘର ସଭାପତି ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। କୃଷ୍ଣଲୀଳା ଲୋକନୃତ୍ୟ ସଂଘର ଉପ ସଭାପତି ସୁରେଶ ଚନ୍ଦ୍ର ମହାକୁଡ଼, ଉପଦେଷ୍ଟା ଶରତ ବାରିକ, ରାଉତରାୟ ଆପଟ୍ଟ, ସହକାରୀ କୋଷାଧକ୍ଷ ଗଜେନ୍ଦ୍ର ବାରିକ, କାର୍ଯ୍ୟକାରୀ ସଦସ୍ୟ ହିରଣ୍ୟ ବେହେରା, ଦୀପକ ବାରିକ, ମିତ୍ରଭାନୁ ମହାକୁଡ, ବୈକୁଣ୍ଠ ବାରିକ, କୃପାସିନ୍ଧୁ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅତିଥିଙ୍କ ଦ୍ୱାରା କୃଷ୍ଣବେଶୀ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିରୁଡ଼ି ଆକ୍ରମଣରେ ଶିଶୁ ମୃତ, ୨ ଗୁରୁତର

କେନ୍ଦୁଝର/ଯୋଡ଼ା/ ବଡବିଲ (ନରେଶ ଚନ୍ଦ୍ର ପଟ୍ଟନାୟକ/ମାନସ ମହାନ୍ତି/ ଦେବପ୍ରିୟ ରଣା),୨୮।୮

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କାଶିଆ ଗ୍ରାମରେ ବିରୁଡି ଆକ୍ରମଣରେ ବୁଧବାର ଜଣେ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତା ଜଣଙ୍କ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ଯୋଗେନ୍ଦ୍ର ଲାଗୁରିଙ୍କ କନ୍ୟା ମାନିକା ଲାଗୁରି(୭)। ସେ ମାମୁଘରକୁ ବୁଲିବାକୁ ଆସିଥିଲେ। ଘଟଣାରେ ତାଙ୍କ ୨ ମାଉସୀ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ଶିଶୁ ଜଣକ ମାଉସୀ ସୁବତା ମୁଣ୍ଡା(୨୪) ଓ ରଶ୍ମୀ ମୁଣ୍ଡାଙ୍କ ସହ ବିଲକୁ ଯାଇଥିଲେ। ସେଠାରେ ପୂର୍ବାହ୍ନ ୧୦ ଟା ୩୦ ସମୟରେ ୩ ଜଣ ବିରୁଡ଼ି ଆକ୍ରମଣର ଶିକାର ହୋଇଥିଲେ। ପାଖ ବିଲରେ କାମ କରୁଥିବା ଅନ୍ୟମାନେ ସମସ୍ତଙ୍କୁ ଉଦ୍ଧାର କରି ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶିଶୁଙ୍କ ଅପରାହ୍ନ ୩ ଟାରେ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ସୁବତା ଓ ରଶ୍ମୀ ଚିକିତ୍ସାଧୀନ ରହିଛନ୍ତି। ଘଟଣାରେ ବାମେବାରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ବନସୁରକ୍ଷା ସମିତି ସମନ୍ୱୟ ବୈଠକ

ପାଟଣା,୨୮।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ କାର୍ଯ୍ୟାଳୟ ପରିସରରେ ବୁଧବାର ବନାଞ୍ଚଳସ୍ତରୀୟ ବନ ସୁରକ୍ଷା ସମିତି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବନ ବିହାରୀ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ର ବେହେରା, ୨୯ ନମ୍ବର ଜୋନ୍ ଜିଲାପରିଷଦ ସଦସ୍ୟ ବୁଦ୍ଧଦେବ ମାହାକୁଡ଼, ୨୨ ନମ୍ବର ଜୋନ୍‌ର ପ୍ରଫୁଲ୍ଲ ନାୟକ, ବଡ଼ ପାଟଣା ସରପଞ୍ଚ ବିନତୀ ବାନରା, ଖବରଦାତା ନୃସିଂହ ନାଥ ସିଂ, ପାଟଣା ବନପାଳ ପିଅନ ନାଏକ, ସାହାରପଡ଼ା ବନପାଳ ଭୂପତି ସେଠୀ, ପାଟଣା ଓ ସାହାରପଡ଼ା ବ୍ଲକ୍‌ର ୨୦ ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ବନ ସଂରକ୍ଷଣ ସମିତିର ସଭାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ମନୁଷ୍ୟ, ହାତୀ ଲଢ଼େଇ କିଭଳି ନ ହେବ, ହାତୀ ଓ ବନ୍ୟପ୍ରାଣୀଙ୍କ ସହ ସେଲ୍ଫି ନ ନେବା, ବନ୍ୟପ୍ରାଣୀଙ୍କୁ ଘଉଡ଼ାଇବାକୁ ଟ୍ରାକ୍ଟର ଶବ୍ଦ ନ କରିବାକୁ ବନ ସଂରକ୍ଷକ ଧନ୍‌ରାଜ ସଚେତନ କରାଇବା ସହ ନିର୍ବାଚିତ ପ୍ରତିନିଧିମାନେ ଅପିଲ କରିଥିଲେ। ଅନ୍ୟଥା ବନ୍ୟପ୍ରାଣୀ ଆଇନ ଅନୁଯାୟୀ ଉଲଂଘନ କାରୀଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କହିଥିଲେ।

### ବିଦ୍ୟାଳୟ ତାଲା ଭାଙ୍ଗି ୨ କୁଇଣ୍ଟାଲ ଚାଉଳ ନେଇଗଲେ

ପାଟଣା,୨୮।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ହୀରପଶି ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ୨ କୁଇଣ୍ଟାଲ ମଧ୍ୟାହ୍ନଭୋଜନ ଚାଉଳ ନେଇଯାଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରାଧାନ ଶିକ୍ଷକ ଯଦୁମଣି ମହାନ୍ତ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ.୨୫୦/୨୪) ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି।

# ୩୦ରେ ହାଇଜେନିକ୍ ମାଛ ମଣ୍ଡିର ଶିଳାନ୍ୟାସ



ଖବରଦାତା ସମ୍ମିଳନୀରେ ଏମ୍‌ପି ଓ ଅନ୍ୟମାନେ।

ବାଲେଶ୍ୱର, ୨୮।୮(ବାଞ୍ଛାନିଧି ଦେ)

ଓଡ଼ିଶାରେ ପ୍ରଥମ ଓ ଭାରତବର୍ଷର ଦ୍ୱିତୀୟ ହାଇଜେନିକ୍ ଫିସ୍ ମାର୍କେଟର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଆସନ୍ତା ୩୦ତାରିଖରେ ବସ୍ତା ବ୍ଲକ ଅଧୀନ ବାହାର୍ଦ୍ଦା କୃଷି ଫାର୍ମରେ ଆୟୋଜିତ ହେବ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରୟାସରେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅନ୍ତର୍ଗତ ଏହି ଫିସ୍ ମାର୍କେଟ ପାଇଁ ୭୮.୨୫ କୋଟି ଅନୁଦାନ ମଞ୍ଜୁର ହୋଇଛି। ଏନେଇ ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ହି ଅତ୍ୟାଧୁନିକ ଫିସ ମାର୍କେଟରେ ବିକ୍ରୟ, ସଂରକ୍ଷଣ, ଶୀତଳଭଣ୍ଡାର, ପ୍ରକ୍ରିୟାକରଣ ଆଦିର ବ୍ୟବସ୍ଥା ରହିବ। ୨୦ ଏକରରୁ ଉର୍ଦ୍ଧ୍ୱ ସ୍ଥାନରେ ନିର୍ମିତ ଫିସ୍ ମାର୍କେଟ କାର୍ଯ୍ୟକାରୀ ହେଲେ ଜିଲାର ମତ୍ସ୍ୟଜୀବୀ ଓ ବ୍ୟବସାୟୀଙ୍କ ପାଇଁ ଏକ ବରଦାନ ହେବ। ନିଜର ଉତ୍ପାଦ ଓ ବ୍ୟବସାୟ ପାଇଁ ସେମାନଙ୍କର ପଡୋଶୀ ରାଜ୍ୟ ଉପରେ ନିର୍ଭରଶୀଳତା କମିବ। ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଏମ୍‌ପି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ନେତା ରବୀନ୍ଦ୍ର ଅଣ୍ଡିଆ, ଜିଲା ଉପସଭାପତି କମଳଲୋଚନ ଦାସ, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହସଂଯୋଜକ ରଣଜିତ ପୁଷ୍ଟି ଓ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

#### ବାହାର୍ଦ୍ଦା କୃଷି ଫାର୍ମ ନିରୂପଣ କଲେ ଏମ୍‌ପି

ସୂଚନାଥାଉ କି, ବସ୍ତା ବ୍ଲକ ବାହାର୍ଦ୍ଦା କୃଷିଫାର୍ମଠାରେ ରାଜ୍ୟର ସର୍ବବୃହତ୍ ହାଇଜେନିକ ମାଛ ମଣ୍ଡି ନିର୍ମାଣ ପାଇଁ ବୁଧବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସ୍ଥାନ ନିରୂପଣ କରିଛନ୍ତି। ଫାର୍ମ ଅଧୀନ ୨୦ଏକର ଜମିରେ ଏହି ହାଇଜେନିକ ମାଛ ବଜାର ନିର୍ମାଣ ହେବ। ପରିଦର୍ଶନ ବେଳେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା ଉପସ୍ଥିତ ଥିଲେ।

# ସରକାରୀ କୋଠା ନିର୍ମାଣରେ କାରଖାନା ବର୍ଜ୍ୟ ବ୍ୟବହାର

କେନ୍ଦୁଝର,୨୮।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରର ମାଧପୁର ନିକଟରେ ଉଦ୍ୟାନ ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ନିର୍ମାଣ କାର୍ଯ୍ୟରେ ମାଟି ବଦଳରେ କାରଖାନା ବର୍ଜ୍ୟ ବ୍ୟବହାର ହେଉଛି। ତେଣୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟୀ ହୋଇଛି। ଏଥିସହ ବର୍ଷା ପାଣିରେ ବର୍ଜ୍ୟ ଭାସିଯାଇ ନାଳ, ପୋଖରୀରେ ମିଶୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ୭୨ ଡେସିମିଲ ଜମି ମଧ୍ୟରୁ ୩୦୦୦ ବର୍ଗ ଫୁଟ୍‌ରେ ୬୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ ହେଉଛି। କୋଠା ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ସରିବାକୁ ଥିବାବେଳେ ମାତ୍ର ୧୦ ପ୍ରତିଶତ କାର୍ଯ୍ୟ ହୋଇଛି।



ଉଦ୍ୟାନ ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ ବ୍ୟବହାର।

କୋଠା ନିର୍ମାଣ ପାଇଁ ମାଟି, ମୋରମ ବଦଳରେ କାରଖାନା ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଚାରିପାଖ ପୋତାଯାଉଛି। ଫଳରେ ପରିବେଶ ପ୍ରଦୂଷିତ ହେଉଛି। ଉକ୍ତ ଜମି ଦେଇ ସହରର ଜଳ ନିଷ୍କାସନ ହେଉଥିବାରୁ କଳାଗୁଣ୍ଡ ପାଣିରେ ଭାସି ତଳକୁ ବୋହି ଯାଉଛି । ବର୍ଷାପାଣିରେ ବର୍ଜ୍ୟବସ୍ତୁ ଧୋଇ ନିକଟସ୍ଥ ପୋଖରୀ, ଚାଷ ଜମି, ନାଳରେ ମିଶୁଥିବାରୁ ଜଳ ଓ ମୃତ୍ତିକା ପ୍ରଦୂଷିତ ହେଉଛି। ଏହାକୁ ରୋକାଯାଇ ତୁରନ୍ତ ପ୍ରତିକାର କରିବାକୁ ସ୍ଥାନୀୟ ଲୋକେ ଜିଲାପାଳ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟକୁ ଜଣାଇ କଳାଗୁଣ୍ଡକୁ ହଟାଇବା ପାଇଁ ଦାବି କରିଛନ୍ତି। ଉଦ୍ୟାନ କୃଷି ବିଭାଗର ସହକାରୀ ଯନ୍ତ୍ରୀ ଇଂ.

#### ବଢୁଛି ଅସନ୍ତୋଷ

ଏସ୍. ଶୁଭଲକ୍ଷ୍ମୀ କଳାଗୁଣ୍ଡ ବ୍ୟବହାର କରାଯାଉଥିବା ସ୍ୱୀକାର କରିଛନ୍ତି। କାଦୁଅ ହୋଇଯାଉଥିବାରୁ ଉପରିସ୍ଥ ଅଧିକାରୀଙ୍କ ଅନୁମତିରେ ଏହା ପକାଇ ଖାଲ ପୋତାଯାଉଛି। ବର୍ଷା କମିଲେ ତା ଉପରେ ମାଟି ପକାଯାଇ କାମ ଆରମ୍ଭ ହେବ। ବର୍ଷା ଜଳ ନିଷ୍କାସନ ପାଇଁ କେନାଲ ବ୍ୟବସ୍ଥା ନ ଥିବାରୁ କାମ ବିଳମ୍ବ ହେଉଥିବା କୁହାଯାଇଛି। ତେବେ ପୂର୍ବରୁ ଖରା ଦିନରେ କାମ ଆରମ୍ଭ ନ କରି, ଜଳ ନିଷ୍କାସନ ପାଇଁ ସୁବ୍ୟବସ୍ଥା କରା ନ ଯାଇ କାମ ହେଉଥିବାରୁ ଆଗାମୀ ଦିନରେ ସମସ୍ୟା ସୃଷ୍ଟି ହେବ। ଏହି ଜଳ ଜମା ହୋଇ ଲୋକଙ୍କ ଘରେ ପଶିବ ବୋଲି ମତପ୍ରକାଶ ପାଉଛି।

# କ୍ଷୀରୋଦାମଣି ନୃତ୍ୟ ସଙ୍ଗୀତ ବିଦ୍ୟାଳୟ ଉଦ୍‌ଘାଟିତ

କାଳିପଦା, ୨୮।୮(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦାସ୍ଥିତ କ୍ଷିରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୁଧବାର କ୍ଷୀରୋଦାମଣି ନୃତ୍ୟ ସଂଗୀତ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରତିଷ୍ଠାତା ଅବସରପ୍ରାପ୍ତ ସେନାଧିକାରୀ ମାନସ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅମର୍ଦ୍ଦାସ୍ଥିତ ସିଦ୍ଧେଶ୍ୱର ସଙ୍ଗୀତ ନୃତ୍ୟ ବିଦ୍ୟାଳୟ ଡାଇରେକ୍ଟର ତାପସ କୁମାର ବେହେରା, ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ପାଢ଼ୀ, ତବଲିଷ୍ଟ ରଞ୍ଜିତ୍ କୁମାର ଜେନା, ନୃତ୍ୟଗୁରୁମା ଆର୍ଯ୍ୟସ୍ମୃତି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।



ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ଉଦ୍‌ଘାଟନ ଉତ୍ସବ।

**ସମୟ ନେଲେ ବିଧାୟକ ଅରୁଣ ସାହୁ**

କଟକ,(କାର୍ତ୍ତିକ ସାହୁ): ନୟାଗଡ଼ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଛି। ବିଧାୟକ ଅରୁଣ ସାହୁ ଓକିଲଙ୍କ ମାଧମରେ ହାଜର ହୋଇ ସତ୍ୟପାଠ ଦାଖଲ ନିମନ୍ତେ ସମୟ ଦେବାକୁ ଆବେଦନ କରିଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଅରୁଣଙ୍କୁ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି।

# ରେଳ ପ୍ରକଳ୍ପ ବିକାଶକୁ ତ୍ୱରାନ୍ୱିତ କରିବ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ଓଡ଼ିଶାର ୨ ନୂଆ ରେଳ ଲାଇନ ଓ ଗୋଟିଏ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିଛି। ବରଗଡ଼ ରୋଡ ଓ ନୂଆପଡ଼ା ରୋଡ ୧୩୮କି.ମି. ନୂଆ ରେଳ ଲାଇନ ନିର୍ମାଣ ପାଇଁ ୨୯୨୬କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ଲାଇନ ହେବା ପରେ ବରଗଡ଼ରୁ ରାୟପୁରକୁ ଯୋଗାଯୋଗ ସହଜ ହେବ। ସେହିପରି ସୁନ୍ଦରଗଡ଼ ଜିଲା ସରଡେଗାରୁ ଛତିଶଗଡ଼ର ଭଲୁମୁଡ଼ାକୁ ୩୭ କି.ମି. ନୂଆ ଡବଲ ଲାଇନ ପାଇଁ ୧୩୬୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଜାମସେଦପୁର-ଆସାନସୋଲ ମଧ୍ୟରେ ୧୨୧କି.ମି. ଲମ୍ବ ତୃତୀୟ ଲାଇନ ପାଇଁ ୨୧୭୦କୋଟି ଟଙ୍କା ବ୍ୟୟବରାଦ ହୋଇଛି। ନୂଆ ରେଳ ପ୍ରକଳ୍ପ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା ସହ ଯାତ୍ରାକୁ ସହଜ କରିବ। ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ୍‌ରେ ନିଆଯାଇଥିବା ନିଷ୍ପତ୍ତି


ମନମୋହନ ସାମଲ

ଓଡ଼ିଶାବାସୀଙ୍କ ଲାଗି ସ୍ମରଣୀୟ ହୋଇ ରହିବ। ଓଡ଼ିଶାର ରେଳ ବିକାଶ ପାଇଁ ୫୭୩୬କୋଟି ଟଙ୍କା ବ୍ୟୟରେ ଏସବୁ ପ୍ରକଳ୍ପ ନିର୍ମାଣ ହେବାକୁ ଯାଉଛି। ଓଡ଼ିଶାର ସାମଗ୍ରିକ ବିକାଶ ଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତିଶ୍ରୁତିବଦ୍ଧତା ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ କୃତଜ୍ଞତା ଜଣାଇବା ସହିତ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମନମୋହନ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପୂରଣ କରିବ। ନୂତନ ରେଳ ପ୍ରକଳ୍ପ ଯୋଗୁ ଓଡ଼ିଶାର ଆର୍ଥିକ ବିକାଶ ଦୃଢ଼ ହେବ। ବିଶେଷଭାବେ ପଶ୍ଚିମ ଓଡ଼ିଶାରେ ଗମନାଗମନ ଦୃଢ଼ ହେବା ସହ କୃଷି, ଶିଳ୍ପ, ପର୍ଯ୍ୟଟନ ଓ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହୋଇପାରିବ। ବନଜାତ ଦ୍ରବ୍ୟକୁ ରାଜ୍ୟ ତଥା ରାଜ୍ୟ ବାହାରକୁ ପହଞ୍ଚାଇ ପାରିବ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଆର୍ଥିକ ସ୍ଥିତି ମଜଭୁତ ହେବ। ରାଜ୍ୟରେ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ତ୍ୱରାନ୍ୱିତ ହେବ । ଏଥିରେ ରାଜ୍ୟରେ ଲକ୍ଷାଧିକ ଓଡ଼ିଆ ଯୁବଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମନମୋହନ କହିଛନ୍ତି । କେନ୍ଦ୍ରରେ ମୋଦି ସରକାର ଗଠନ ଦିନରୁ ଓଡ଼ିଶାର ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି । ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳି ପାରୁ ନ ଥିଲା ଏବଂ ଓଡ଼ିଶାରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ମାତ୍ର ଏବେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ହୋଇଥିବାରୁ ସମସ୍ତ ବାଧା ଦୂର ହୋଇଛି ବୋଲି ମନମୋହନ କହିଛନ୍ତି।


ନୂଆଦିଲ୍ଲୀରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ (ବାମ) ବୁଧବାର ଡିଟିସି ବସ୍‌ରେ ଯାତ୍ରା କରୁଛନ୍ତି।

# ଭାଇଙ୍କୁ ଭାଇର ପ୍ରଶ୍ନ

ଭୁବନେଶ୍ୱର,୨୮।୮(ଅନିଲ ଦାସ)

ବିଧାନସଭାରେ ସାନ ଭାଇ ବଡ଼ ଭାଇଙ୍କୁ ପ୍ରଶ୍ନ କରିଛନ୍ତି। ବିଜେଡି ବଲାଙ୍ଗୀର ବିଧାୟକ ତଥା ସାନ ଭାଇ କଳିକେଶ ସିଂହଦେଓ ବଡ଼ ଭାଇ ତଥା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ପ୍ରଶ୍ନ କରିବା ଏବଂ ବଡ଼ ଭାଇଙ୍କ ଉତ୍ତରକୁ ନେଇ ବିଧାନସଭାରେ ହାସ୍ୟରୋଳ ସୃଷ୍ଟି ହୋଇଥିଲା। ବୁଧବାର ବିଧାନସଭା ପ୍ରଶ୍ନକାଳରେ କଳିକେଶ ଶକ୍ତିମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସେ କହିଥିଲେ, କେନ୍ଦ୍ର ସରକାର ୨୦୩୦ ମସିହା ସୁଦ୍ଧା ପବନ କଳରୁ ୪୩.୩୩ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ କରିବାକୁ


କନକବର୍ଦ୍ଧନ ସିଂହଦେଓ


କଳିକେଶ ସିଂହଦେଓ

ଲକ୍ଷ୍ୟ ରଖିଛନ୍ତି। ୨୦୨୨-୨୩ ରେ ୧୧.୫ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ହେଉଥିଲା। କେନ୍ଦ୍ର ସରକାରଙ୍କ ଲକ୍ଷ୍ୟକୁ କେମିତି ପୂରଣ କରିବେ । କଳିକେଶଙ୍କ ପ୍ରଶ୍ନର ଉତ୍ତର ରଖି କେ.ଭି. କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ଯୋଜନା କରାଯାଉଛି। ବିଜେଡି ସରକାରଙ୍କ ସମୟରେ କିଛି ହୋଇ ନ ଥିଲା। ଯାହା କେନ୍ଦ୍ର ସରକାର ଧାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର ସେହି ଲକ୍ଷ୍ୟ ପୂରଣ କରିବେ। ୩୧୯.୮ ମେଗାୱାଟ୍ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାଇ-ଭାଇ ଭିତରେ ପ୍ରଶ୍ନ ଉତ୍ତରକୁ ନେଇ କିଛି ସମୟ ପାଇଁ ଗୃହରେ ହସର ମାହୋଲ ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଯେ, କନକ ବର୍ଦ୍ଧନ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ରାଜା ତଥା ବିଧାୟକ ହୋଇଥିବା ବେଳେ ତାଙ୍କ କାକା ହେଉଛନ୍ତି ଅର୍କେଶ ଉଦୟ ସିଂହଦେଓ। ଅର୍କେଶଙ୍କ ପୁଅ ହେଉଛନ୍ତି କଳିକେଶ। ସମ୍ପର୍କରେ କଳିକେଶ ହେଉଛନ୍ତି କନକ ବର୍ଦ୍ଧନଙ୍କ କକା ପୁଅ ଭାଇ।

# ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଅ: କଂଗ୍ରେସ

କଟକ,୨୮।୮(ଶିଳ୍ପା ପ୍ରିୟଦର୍ଶିନୀ)

**କଟକ ଜିଲା କଂଗ୍ରେସ ପକ୍ଷରୁ ଦାବିପତ୍ର**

ନିର୍ବାଚନ ସମୟରେ ଭାଜପା ପକ୍ଷରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ଦିଆଯାଇଥିଲା। ରାଜ୍ୟରେ ଭାଜପା ସରକାର ଗଠନ ହେବାର ୩ମାସ ପୂରଣ ହେବାକୁ ଯାଉଛି କିନ୍ତୁ ରାଜ୍ୟ ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିପାରିନାହାନ୍ତି। ସରକାର ତୁରନ୍ତ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଅନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ କଟକ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ମନୋଜ ବିଶ୍ୱାଳଙ୍କ ନେତୃତ୍ୱରେ ଦଳ କର୍ମୀମାନେ ବୁଧବାର ସ୍ଥାନୀୟ ପାଲାମଣ୍ଡପସ୍ଥିତ ବିଦ୍ୟୁତ ବିଭାଗର ଏକ୍ସିଏନ୍ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ ଲିଙ୍କରୋଡ଼ ଶକ୍ତି ନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟରୁ କର୍ମୀମାନେ ବାହାରି ପାଲାମଣ୍ଡପ ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ସେମାନେ ଯନ୍ତ୍ରୀଙ୍କ ସହ ଉପଭୋକ୍ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଘରୋଇ ଉପଭୋକ୍ତାଙ୍କ ପାଇଁ ମାଗଣା ୩୦୦ ୟୁନିଟ୍ ବିଜୁଳି ଯୋଗାଇ ଦେବା ସହ ଆଉ ଅନେକ ଦାବି ପୂରଣ ପାଇଁ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ମନୋଜ କହିଛନ୍ତି, ସରକାର ଦେଇଥିବା ପ୍ରତିଶ୍ରୁତିପାଳନ ସହ ଉପଭୋକ୍ତା ଯେପରି ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ନ ହେବେ ସେଥିନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଏହାକୁ ପୂରଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବୁ। ଅପରପକ୍ଷରେ ବିଦ୍ୟୁତ୍ ବିଭାଗର ଏକ୍ସିଏନ୍ ମିଶ୍ର ଉକ୍ତ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ନିର୍ମଳ ସ୍ୱାଇଁ, କଟକ ନଗର (ଜିଲା)କଂଗ୍ରେସର ମୁଖପାତ୍ର ମାନସ ପରିଡ଼ା, ପୂର୍ବତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, କଟକ ନଗର ଯୁବ କଂଗ୍ରେସ ସଭାପତ ବପ୍ଳବ ଶିଳାଦିତ୍ୟ, ସୁରେନ୍ଦ୍ର ମହାରଣା, ଉଗ୍ରସେନ ଭୂୟାଁ, ନୀହାର ନନ୍ଦଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

# ବିଧାନସଭାରେ ମୋବାଇଲ, ପାଣିବୋତଲ ମନା

ଭୁବନେଶ୍ୱର,୨୮।୮(ଅନିଲ ଦାସ)

**ବିଧାୟକଙ୍କୁ ବାଚସ୍ପତିଙ୍କ ପରାମର୍ଶ**

ବିଧାନସଭା ଚାଲିଥିବା ବେଳେ ଗୃହର ସଦସ୍ୟମାନେ ମୋବାଇଲରେ ଫଟୋ ଉଠାଇବା ଏବଂ ମୋବାଇଲରେ କଥାବାର୍ତ୍ତା କରିବା ଦେଖିବାକୁ ମିଳୁଛି। ଏପରିକି ବିଧାୟକମାନେ ଗୃହକୁ ପାଣି ବୋତଲ ଆଣୁଛନ୍ତି। ପୂର୍ବରୁ ଏସବୁ ଉପରେ କଟକଣା ଥିଲେ ମଧ ଏହାକୁ ସଦସ୍ୟମାନେ ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ବାଚସ୍ପତି ସଦସ୍ୟମାନଙ୍କୁ ଦାଗିଦା କରିଛନ୍ତି। ବୁଧବାର ଶୂନ୍ୟକାଳ ଶେଷରେ ବାଚସ୍ପତି ସୁରମା ପାଢ଼ୀ ଏ ସମ୍ପର୍କରେ ନିର୍ଦ୍ଦେଶ ଦେଇ କହିଛନ୍ତି, ଗୃହ ଭିତରେ ମୋବାଇଲ ଫୋନ୍ ବ୍ୟବହାର ଓ ପାଣି ବୋତଲ ଉପଯୋଗ କରିବା ଅନୁଚିତ। ସୋର ବିଧାୟକ ମାଧବ ଧଡ଼ା ୧୨ଟା ୮ମିନିଟ୍‌ରେ ଗୃହରେ ଫଟୋ ଉଠାଇବା ଘଟଣା ନଜରକୁ ଆସିଛି । ସେହିପରି କିଛି ବିଧାୟକ ମଧ ଫୋନ୍‌ରେ କଥା ହେଉଛନ୍ତି । ଗୃହରେ ଏସବୁ କରିବା ଉଚିତ ନୁହେଁ । ଗୃହ ବାହାରେ ପାଣି ପିଇବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଛି । କିନ୍ତୁ ବିଧାୟକମାନେ ପାଣି ବୋତଲ ନେଇ ଗୃହକୁ ଆସୁଛନ୍ତି । ଏଥିରୁ କ୍ଷାନ୍ତ ରହିବା ପାଇଁ ସେ ବିଧାୟକମାନଙ୍କୁ ତାଗିଦା କରିଛନ୍ତି।

# ୩୦ରେ ବିଜୁ ଛାତ୍ର ଜନତା ଦଳର ସାଙ୍ଗଠନିକ ବୈଠକ

ଭୁବନେଶ୍ୱର,୨୮।୮ (ଅନିଲଦାସ)

ଚଳିତ ମାସ ୩୦ ତାରିଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଶଙ୍ଖ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହେବ। ଏଥିରେ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତା ତୃଣମୂଳ ସ୍ତରରୁ ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ସମ୍ପର୍କରେ ସାଙ୍ଗଠନିକ ଖସଡ଼ା ପ୍ରସ୍ତୁତ ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରାଯିବ। ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମକର୍ତ୍ତା ସୋସିଆଲ ମିଡିଆରେ କିପରି ଅଧିକ କ୍ରିୟାଶୀଳ ହେବେ ସେଥିପାଇଁ ମଧ୍ୟ ଦୃଷ୍ଟି ଦିଆଯିବ। ଏଥିରେ ସମସ୍ତ ଜିଲା ସଭାପତି, ଜୋନ୍ ସଭାପତି ଏବଂ ରାଜ୍ୟ କର୍ମକର୍ତ୍ତାଙ୍କ ସମେତ ସମସ୍ତ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିବେ। ବୈଠକରେ ବିଜେଡିର ବହୁ ବରିଷ୍ଠ ନେତୃତ୍ୱ ଯୋଗଦେବା ସହ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିବେ।


ଷ୍ଟାର୍ଟଅପ୍ ଓଡ଼ିଶା

**Startup Odisha** — A Startup, Innovation & Entrepreneurship Promotion Organization under MS & ME Department, Government of Odisha

## Cancellation of Walk-In-Interview

**Ref.No.:SO/II/2022-23/96/3533 Date:27.08.2024**

**No.CAD-945:**This is with reference to the Advertisement published on various Odia daily (Ref.No: SO/II/2023-24/76/3530 dated 23.08.2024) regarding the walk-in-interview which was initially scheduled on 30.08.2024 at 02.30 P.M at Startup Odisha stands cancelled due to administrative reasons. Please visit Startup Odisha website (www.startupodisha.gov.in.) for further updates regarding the Advertisement.

**By Order of the Executive Chairman**
**Sd./- Link Officer to CAO**
**Startup Odisha**
OIPR-43007/11/0003/2425

## Government of Odisha
## Higher Education Department

**Revised timeline for Phase-II e-Admission into U.G. Courses under SAMS in the Higher Education Institutions for the Academic Session 2024-25**

No. N-89: Timeline for Phase-II e-Admission in all (+3) Degree HEIs including Self Financing (Degree) Colleges/Sanskrit (Shastri) of the **State under Student Academic Management System (SAMS)** is given below. Any changes in the timeline will be published in the Newspapers as well as in the website **www.samsodisha.gov.in**. Kindly refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 2 | Last date for applying online CAF through **www.samsodisha.gov.in** | 02 Sep. 2024 (Monday) (upto 11.45 P.M.) |
| 3 | Editing of CAF (if required) for the CAF submitted earlier. No fresh CAF will be allowed during this period | 03 Sep. 2024 (Tuesday) (10.00 A.M.) |
| 4 | Publication of Provisional allotment of seats for 1st Selection along with the list of waitlisted applicants (in their upper choice HEIs) in HEI's e-Space as per the actual vacancy | 10 Sep. 2024 (Tuesday) (04.00 P.M.) |
| 5 | Reporting of selected applicants (with the downloaded intimation letter) and payment of admission fees at the allotted institutions, directly in online mode **(Net Banking/Bank Challan/NEFT/UPI etc.)** for taking admission (for Fist Round Admission) | 11 Sep. 2024 (Wednesday) (10.00 A.M.) to 13 Sep. 2024 (Friday) (05.00 P.M.) |
| 6 | Data updation of the admitted students in the e-space by the respective Institutions (for First Round Admission) | 11 Sep. 2024 (Wednesday) (10.00 A.M.) to 13 Sep. 2024 (Friday) (11.45 P.M.) |
| 7 | Publication of merit wise list among the waitlisted applicants from the list of waitlisted applicants provided in HEI's e-space at their Notice Board/Website and will also communicate to the applicants via Phone Call/SMS/What's-app | 17 September 2024 (04.00 P.M.) |
| 8 | Reporting of selected applicants from waiting list to take admission in one of the selected HEIs, where the **total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.)** | 18 Sept. 2024 (Wednesday) (10.00 A.M.) to 19 Sept. 2024 (Thursday) (05.00 P.M.) |
| 9 | **Admission Updation** of the selected student's data by the HEIs in their e-Space | 18 Sept. 2024 (Wednesday) (10.00 A.M.) to 19 Sept. 2024 (Thursday) (07.00 P.M.) |
| 10 | If vacancy still persist HEIs will **Call/What's-app** from the remaining waitlisted applicants merit wise to take admission, where the **total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.)** | 20 Sept. 2024 (Friday) (10.00 A.M.) to 21 Sept. 2024 (Saturday) (05.00 P.M.) |
| 11 | **Admission Updation** of the student's data by the HEIs in their e-Space | 20 Sept. 2024 (Friday) (10.00 A.M.) to 21 Sept. 2024 (Saturday) (05.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

OIPR-11001/11/0025/2425 **Sd./- Deputy Director, PTC Section**

## OFFICE OF THE SR. GENERAL MANAGER (ELECTRICAL)
## UPPER INDRAVATI HYDRO ELECTRIC PROJECT, MUKHIGUDA

OHPC — ISO 9001-14001 18001 Certified

**DIST: KALAHANDI-766026, ODISHA, E-mail:sgmel_uihep@ohpcltd.com**
**ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)**
Regd.Office OSPH & W.C. Building, Vanivihar Chhak, Janpath,Bhoinagar,Bhubaneswar- 751022
Tel:91-0674-2542983, 2542802, 2545526, 2542826, Fax:2542102, E-mail:ohpc.co@gmail.com/ md@ohpcltd.com
WEB: www.ohpcltd.com, CIN: U40101OR1995SGC003963

**NOTICE INVITING TENDER NO.UIHEP-13/2024-25, DATED:23.08.2024**

**No.CAD-932:**Sealed Tenders are invited in two part i.e. (i) Techno Commercial bid & (ii) Price Bid in separate sealed envelopes from the reputed original equipment manufacturers/reputed service provider having similar works experience for the work as mentioned below.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno commercial Bid |
|---|---|---|---|---|---|
| Repair of 01 No. Cooling Water Pump & 01 No. Service Water Pump of UIHEP, Mukhiguda | 708/- (inclusive of GST) | 1,800/- | From 29.08.2024 to 10.09.2024 upto 12.00 Hrs. | 10.09.2024 (upto 13.00 Hrs.) | 10.09.2024 at 16.30 Hrs. |

For details of the tender documents, terms and conditions please visit our website **www.ohpcltd.com**
OIPR-04008/11/0017/2425 **Sd./- C&P Head, UIHEP, Mukhiguda**

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ବଣାଇଁ ବନଖଣ୍ଡ

## OFFICE OF THE DIVISIONAL FOREST OFFICER
## BONAI FOREST DIVISION

**Ph.-06626-244454, Email: dfo.bonai@odisha.gov.in**
**Notice No.217/1F (Acct.) Dt.23.08.2024**

**WALK IN INTERVIEW**

**No.MM-133:**Bonai Forest Division requires qualified candidates with M.A. in Sociology/M.Sc. in Zoology/ Wildlife Biology/ Life Sciences/ Animal Biotechnology/ Microbiology/ Forestry/ Biodiversity Conservation/ Bio-chemistry/ Veterinary Science or allied subject from a recognized university for temporary engagement as Sociologist (Wildlife). The Walk-in-interview is scheduled to be held on 12.09.2024 at 11.00 AM at Conference Hall of Bonai Forest Division. The application form alongwith detailed role and responsibilities shall be available on the website www.sundargarh.odisha.gov.in.

**Sd./- Divisional Forest Officer, Bonai Division**
OIPR-08040/11/0007/2425

No. N-90

## ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

**ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୫୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପଟପ କିଣିବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ**

ଉଚ୍ଚଶିକ୍ଷା ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ Annual Higher Secondary Examination, 2024 ଓ Vocational Education Examination, 2024 ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରୀ ପରୀକ୍ଷା, 2024 ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ୧୫୦୦୦ ଛାତ୍ରଛାତ୍ରୀଙ୍କୁ 'ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା' ରେ ଲାପଟପ କିଣିବା ନିମନ୍ତେ (Direct Benefit Transfer – DBT) ମାଧ୍ୟମରେ ଟ.୩୦,୦୦୦/-ଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ।

ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଓ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବସାଇଟ www.dhe.odisha.gov.in ଓ State Scholarship Portal www.scholarship.odisha.gov.in ରେ ଉପଲବ୍ଧ ହେବ । ଯୋଗ୍ୟ ବିବେଚିତ ହିତାଧିକାରୀ ମାନେ www.scholarship.odisha.gov.in ରେ ନିଜର ଆଧାର ନମ୍ବର ଓ ଆଧାର ସହିତ ସଂଯୋଗ ହୋଇଥିବା ମୋବାଇଲ ନମ୍ବର ମାଧ୍ୟମରେ ରେଜିଷ୍ଟ୍ରେସନ କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ ନିଜର ବିବରଣୀ ତା: **୨୯.୦୮.୨୦୨୪** ରିଖ (ଆବେଦନର ଆରମ୍ଭ ତାରିଖ) ଠାରୁ **୨୮.୧୦.୨୦୨୪** (ଆବେଦନର ଶେଷ ତାରିଖ) ମଧ୍ୟରେ ପ୍ରଦାନ କରିବାକୁ ଅନୁରୋଧ।
++++++++++++++++

**ସ୍ୱା./-**
**ଯୁଗ୍ମ ଶାସନ ସଚିବ**
OIPR-11001/11/0028/2425

## OFFICE OF THE DIVISIONAL FOREST OFFICER
## BERHAMPUR DIVISION

**AT-COURTPETA, BRAHMAPUR-760004**
**Phone/Fax-0680-2281354, Mob-+91 7653908594**
**Email:dfo.berhampur@odisha.gov.in**
**No.06/1F 2024-25, Dated Brahmapur the 22nd August,2024**

**Short-Tender Call Notice for Procurement and Installation of Three Phase 62.5 KVA Silent Diesel Generator Set**

**No.MM-131:**Sealed tenders/ bids are invited from registered vendors for Procurement, Erection and Installation of Three Phase 62.5 KVA Silent Diesel Generator Set for Sonapur Eco Tourism Site of Berhampur Range under Brahmapur Forest Division. The eligibility criteria and detailed specifications are available in the tender document. The tender document and other details are available in the website www.odishaforest.in.ganjam.nic.in. The last date of receipt of bids is 02.09.2024 by 05.00 P.M.

**Sd./- Divisional Forest Officer,**
**Brahmapur Division**
OIPR-08038/11/0011/2425

## Zilla Swasthya Samiti, Sambalpur
## National Health Mission,Sambalpur

**Notice No.2429** **Date:27.08.2024**

**No.E-240:**Applications are invited from the contractual employees of NHM working in the same post under OSH&FW Society in other district desiring to be posted in Sambalpur district against the vacant post mentioned below.

| Sl.No. | Name of the Post | No. of Vacancies |
|---|---|---|
| 1. | MO Ayush-RBSK (Male) | 02 |
| 2. | MO Ayush- RBSK (Female) | 04 |
| 3. | BPM | 01 |
| 4. | Jr. Hospital Manager | 01 |
| 5. | Pharmacist- RBSK | 01 |

Interested Eligible in-house candidates may log on to http://Sambalpur.odisha.gov.in for details terms & conditions and application form etc. and may apply to the Post in the prescribed form to the Office of the Chief District Medical & Public Health Officer-cum-District Mission Director, Sambalpur on or before 12.09.2024 by 5.00 P.M. only through Speed Post/ Registered Post. Applications received after the due date & time will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel/ reject any or all the applications without assigning any reason thereof. This office will not be responsible for any postal delay.

**Sd./- CDM & PHO-cum-DMD**
**Sambalpur**
OIPR-10049/11/0005/2425

## NOTICE INVITING TENDER
## OFFICE OF THE CHIEF CSO-CUM-DISTRICT MANAGER
## ODISHA STATE CIVIL SUPPLIES CORPORATION LTD.
## DISTRICT: MAYURBHANJ

No. CAD-929: Cost of Tender Document: Rs.1000/- inclusive of GST for each CLUSTER/SUB-DIVISION i.e. for **Baripada Sub-Division (Tender No. 2031 Dt.23.08.2024), Kaptipada Sub-Division (Tender No. 2032 Dt.23.08.2024), Karanjia Sub-Division (Tender No. 2033 Dt.23.08.2024) & Rairangpur Sub-Division (Tender No. 2034 Dt.23.08.2024) under Mayurbhanj District.**

Online tenders are invited from eligible bidders for selection and appointment of transport contractors for transportation of (i) paddy from Paddy Purchase Centres (PPCs)/Mandis to Rice Mills (within or outside district) (ii) Custom Milled Rice (CMR) from Rice Mills to Rice Receiving Centers (RRCs)/Depots (within or outside district) in Mayurbhanj district for the KMS **2024-25 (Kharif & Rabi)**.

| | | |
|---|---|---|
| 1 | Availability of tender documents | From Date: 04.09.2024 downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 2 | Date, time and venue for pre-bid conference | On Dt.05.09.2024 at 11 A.M. O/o. Chief CSO-cum-District Manager, OSCSC Ltd., Mayurbhanj |
| 3 | Last date and time for online submission of completed tender documents with enclosures | Through GeM Portal: **www.gem.gov.in** upto **03.10.2024 till 5.30 P.M.** |
| 4 | Date, time and venue for opening of Technical Bid by the Tender Committee | On **Dt.04.10.2024 at 11.00 A.M.** at Office Chamber of Additional District Magistrate (Gen.), Mayurbhanj, Baripada |
| 5 | Date, time and venue of submission of original documents in support of scanned copies uploaded in the portal for verification | On **Dt.05.10.2024 at 11.00 A.M.** at Office Chamber of Additional District Magistrate (Gen.), Mayurbhanj, Baripada |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |
| 7 | Language of the tender | The tender should be prepared by the bidder in **English Language** only. |
| 8 | Name and address of the Officer Inviting Tender | Chief CSO-cum-District Manager, O.S.C.S.C. Ltd., Mayurbhanj |

**N.B.:**
1. If the office happens to be closed on the date of opening of tenders, tenders will be opened on the next working day in the same time.
2. District Tender Committee reserves the right to cancel any/all of the tenders at any time without assigning any reason thereof.
3. Further details can be obtained in the website **www.gem.gov.in**.
4. The bidder must deposit Tender Document Fee and EMD at the time of submission of tender through online payment gateway service.
5. Any amendment/cancellation/re-tender/corrigendum please refer to the website **www.gem.gov.in** & **www.foododisha.in**.

**Sd./- Chief CSO-cum-District Manager**
**OSCSC Ltd., Mayurbhanj**
OIPR-07046/11/0001/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଶିୟାନା
ପରିବାରବର୍ଗ


ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱସ୍ତରୀୟ ହେବ ୟୁପିଆଇ, ରୁପେ: ଶକ୍ତିକାନ୍ତ

ଭୁବନେଶ୍ୱର,୨୮।୮(ଅନୁରାଧା ମହାରଣା)

ୟୁପିଆଇ ଏବଂ ରୁପେକୁ ବିଶ୍ୱସ୍ତରୀୟ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପ୍ରସ୍ତୁତ ହେଉଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ବିଦେଶୀ ମାଟିରେ ୟୁପିଆଇ ପରି ଭିତ୍ତିଭୂମି ସୃଷ୍ଟିକରିବା, ଅନ୍ତର୍ଜାତୀୟ ବାଣିଜ୍ୟିକ ସ୍ଥାନରେ ୟୁପିଆଇ ଆପ୍ ମାଧ୍ୟମରେ କ୍ୟୁଆର୍ କୋଡ୍ ଆଧାରିତ ଦେୟ ଗ୍ରହଣ କରିବା ଏବଂ ସୀମା ପାରିତ ଟଙ୍କା ପଠାଇବା ପାଇଁ ଅନ୍ୟ ଦେଶର ଫାଷ୍ଟ ପେମେଣ୍ଟ ସିଷ୍ଟମ (ଏଫ୍‌ପିଏସ୍) ସହ ଲିଙ୍କ୍ କରିବାକୁ ପ୍ରାଥମିକତା ଦିଆଯାଉଛି। ମୁମ୍ବାଇର ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟର ଅଭିଭାଷଣରେ ଆର୍‌ବିଆଇ ଗଭର୍ନର କହିଛନ୍ତି, ଆର୍ଥିକ ବ୍ୟବସ୍ଥାରେ ଆତ୍ମବିଶ୍ୱାସ ବଜାୟ ରଖିବା ପାଇଁ ଗ୍ରାହକଙ୍କ ସୁରକ୍ଷା ନିଶ୍ଚିତ କରିବା


ଶକ୍ତିକାନ୍ତ ଦାସ

ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ଡିଜିଟାଲ ଆର୍ଥିକ ସେବା ଉପରେ ଗ୍ରାହକଙ୍କ ନିର୍ଭରଶୀଳତା ବୃଦ୍ଧି ପାଉଥିବାରୁ ବ୍ୟକ୍ତିଗତ, ଦକ୍ଷ ଏବଂ ନିରବଚ୍ଛିନ୍ନ ସେବା ପାଇଁ ସେମାନଙ୍କର ଆଶା ମଧ୍ୟ ବଢୁଛି। ଗଭର୍ନର ଦାସ କହିଛନ୍ତି, ମିସ୍ ସେଲିଂ ଏବଂ ଠକେଇ ସହ ନୂତନ ଟେକ୍ନୋଲୋଜି ବ୍ୟବହାର କାରଣରୁ ଡେଟା ଗୋପନୀୟତା ଏବଂ ସୁରକ୍ଷା ଉଲ୍ଲଂଘନ ଭଳି ବିପଦ ଦେଖାଦେଇଛି। ରିଅଲ-ଟାଇମ ମନିଟରିଂ ଏବଂ ନିୟାମକ ଅନୁପାଳନକୁ ସୁନିଶ୍ଚିତ କରିବା ଏବଂ ଏହି ଆହ୍ୱାନର ମୁକାବିଲା ପାଇଁ ଟେକ୍ନୋଲୋଜିର ଉତ୍ତମ ବ୍ୟବହାର କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଭ୍ରମସୃଷ୍ଟକାରୀ ବଟନ, ଲୁକ୍କାୟିତ ଚାର୍ଜ ଏବଂ ବାଧ୍ୟତାମୂଳକ ସେବା, ଡାର୍କ ପାଟର୍ନ ଡିଜିଟାଲ ମାର୍କେଟରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏସବୁ ନିୟନ୍ତ୍ରଣ ପାଇଁ ଭାରତ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶନାମା ଗ୍ରାହକମାନଙ୍କୁ ବ୍ୟବସାୟରେ ଟେକ୍ନୋଲୋଜିର ଅନୁପଯୁକ୍ତ ବ୍ୟବହାରରୁ ରକ୍ଷା କରିବାରେ ସହାୟକ ହେବ । ସାଇବର ସୁରକ୍ଷା ଭାରତର ଡିଜିଟାଲ ଆର୍ଥିକ ଇକୋସିଷ୍ଟମରେ ଏକ ଦୃଢ଼ ସ୍ତମ୍ଭ ଭାବରେ ଉଭାହୋଇଛି। ଅଧିକାଂଶ ଆର୍ଥିକ କାରବାର ଅନ୍‌ଲାଇନରେ ଘଟୁଛି, ଯେଉଁ କାରଣରୁ ସାଇବର ସୁରକ୍ଷା ପ୍ରତି ବିପଦ ମଧ୍ୟ ବଢୁଛି। ଏଭଳି ପରିସ୍ଥିତିରେ, ଏଆଇ ପରି ଟେକ୍ନୋଲୋଜିର ବିନିଯୋଗ ନୂଆ ବିପଦର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ସେ କହିଛନ୍ତି, ସାଇବର ସୁରକ୍ଷା ସମ୍ବନ୍ଧରେ ଗ୍ରାହକ ଏବଂ କର୍ମଚାରୀଙ୍କ ମଧ୍ୟରେ ସଚେତନତା ଅଭିଯାନ ଏକ ସୁରକ୍ଷିତ ଡିଜିଟାଲ ଅର୍ଥନୀତି ସୃଷ୍ଟି କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଆର୍‌ବିଆଇ ଗଭର୍ନର କହିଛନ୍ତି, ୟୁପିଆଇ ମାଧ୍ୟମରେ ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମି ଦିଗରେ ରିଜର୍ଭ ବ୍ୟାଙ୍କ ଏକ ବଡ଼ ପଦକ୍ଷେପ ନେଇଛି। ସେ କହିଛନ୍ତି, ଆଗାମୀ ଦିନରେ ପୂର୍ଣ୍ଣ କ୍ଷମତା ସହ ଲଞ୍ଚ ହେବ। ଜନଧନ ଆଧାର ମୋବାଇଲ-ୟୁପିଆଇ-ୟୁଏଲ୍‌ଆଇ ଭାରତର ଡିଜିଟାଲ ଜନସାଧାରଣ ଭିତ୍ତିଭୂମି ଯାତ୍ରାରେ ଏକ ମାଇଲଖୁଣ୍ଟ ବୋଲି ପ୍ରମାଣ କରିବାକୁ ଯାଉଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)

କ୍ରମାଗତ ୭ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୪ (୭୩.୮୦) ପଏଣ୍ଟ ବଢି ୮୧,୭୮୬ (୮୧,୭୮୫.୫୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୫ (୩୪.୬୦) ପଏଣ୍ଟ ବୃଦ୍ଧି ଘଟି ୨୫,୦୫୨(୨୫,୦୫୨.୩୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଫୋନ୍‌ପେରେ ୟୁପିଆଇର କ୍ରେଡିଟ୍ ଲାଇନ

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)

ଫୋନ୍‌ପେର ବହୁ ପ୍ରତୀକ୍ଷିତ ସେବା ତଥା ତା'ର ପ୍ଲାଟ୍‌ଫର୍ମରେ ୟୁପିଆଇ କ୍ରେଡିଟ୍ ଲାଇନ ଆରମ୍ଭ କରିବାକୁ ଘୋଷଣା କରିଛି। ଏପରିକି ଯେଉଁ ଉପଭୋକ୍ତାମାନେ ସେମାନଙ୍କ ବ୍ୟାଙ୍କରୁ କ୍ରେଡିଟ୍ ଲାଇନ ପାଇଥିବେ ଓ ସେମାନେ ବର୍ତ୍ତମାନ ଏହି କ୍ରେଡିଟ ଲାଇନଗୁଡ଼ିକୁ ଫୋନ୍‌ପେରେ ୟୁପିଆଇ ସହ ଲିଙ୍କ୍ କରିପାରିବେ ଏବଂ ନିରବଚ୍ଛିନ୍ନ ଭାବେ ବ୍ୟବସାୟିକ ପେମେଣ୍ଟ କରିପାରିବେ। ଏହି ବୈଶିଷ୍ଟ୍ୟ ଉପଭୋକ୍ତାମାନଙ୍କୁ ବହୁ ଲକ୍ଷ ବ୍ୟବସାୟୀଙ୍କଠାରୁ ସହଜରେ ବିଭିନ୍ନ ଜିନିଷ କିଣିବା ଏବଂ ସ୍ୱଳ୍ପ ମିଆଦୀ ଋଣର ଉପଯୋଗ କରିବାକୁ ସକ୍ଷମ କରିବ। ଯାହାଦ୍ୱାରା ସେମାନଙ୍କ ମାସିକ ବ୍ୟୟକୁ ଭଲ ଭାବେ ପରିଚାଳନା କରିବାରେ ସେମାନଙ୍କୁ ସାହାଯ୍ୟ ହେବ। ସମ୍ପ୍ରତି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୟୁପିଆଇ ପରିସରକୁ ସମ୍ପ୍ରସାରିତ କରି ୟୁପିଆଇରେ କ୍ରେଡିଟ ଲାଇନ ନାମକ ଏକ ପୂର୍ବ-ଅନୁମୋଦିତ କ୍ରେଡିଟ ଲାଇନକୁ ଅନ୍ତର୍ଭୁକ୍ତ କରିଛି। ଏ ସମ୍ପର୍କରେ ଫୋନ୍‌ପେର ପେମେଣ୍ଟ ମୁଖ୍ୟ ଦୀପ ଅଗ୍ରୱାଲ କହିଛନ୍ତି, ଆମ ପ୍ଲାଟ୍‌ଫର୍ମରେ ୟୁପିଆଇ କ୍ରେଡିଟ୍ ଲାଇନ ଆରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ୟୁପିଆଇରେ ରୁପେ କ୍ରେଡିଟ କାର୍ଡର ଅଭୁତପୂର୍ବ ସଫଳତା ପରେ ଏହା ହେଉଛି, ଆମର ଦ୍ୱିତୀୟ ଅଫର। ଯାହା ୟୁପିଆଇରେ କ୍ରେଡିଟ ବ୍ୟବହାରର ସମ୍ଭାବନାକୁ ବହୁଗୁଣିତ କରିବ।

# ଟେକ୍ ଚ୍ୟାଲେଞ୍ଜର ଫିନାଲେରେ କେଏଲ୍‌ଏଚ୍

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କେଏଲ୍‌ଏଚ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ବିଟେକ୍ ଇସିଇର ଛାତ୍ରୀଛାତ୍ରମାନେ ଜାତୀୟ ଟେକ୍ 'ଏଆଇଏମ୍ ଏନ୍‌ଏକ୍ସପି-୨୦୨୪' ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଏପରିକି ସେମାନେ ଉକ୍ତ ପ୍ରତିଯୋଗିତାର ଗ୍ରାଣ୍ଡ ଫିନାଲେ ପାଇଁ ମନୋନୀତ ହୋଇଛନ୍ତି ବୋଲି କେଏଲ୍‌ଏଚ୍ ଅଜିଜ୍ ନଗର କ୍ୟାମ୍ପସ୍ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଅନୁଷ୍ଠାନର ବି.ଟେକ୍ ଇସିଇ ଛାତ୍ରୀଛାତ୍ରଙ୍କ ଏକ ଟିମ୍ ଏଆଇଏମ୍ ଏନ୍‌ଏକ୍ସପି-୨୦୨୪ ଚ୍ୟାଲେଞ୍ଜର ଗ୍ରାଣ୍ଡ ଫିନାଲେ ପାଇଁ ମନୋନୀତ ହୋଇଛନ୍ତି। ହାଇଦ୍ରାବାଦଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ୨୩ଟି ଟିମ୍ ମଧ୍ୟରୁ ଏହି ଟିମ୍ ଶୀର୍ଷ ୪ଟି ଟିମ୍ ମଧ୍ୟରେ ସ୍ଥାନ ପାଇଛନ୍ତି। ଏହି ଟିମ୍ ଲକ୍ଷ୍ମୀ କୋର୍‌ଟି, ମେଘନା ଓ ନୌସିନ୍ ପ୍ରତିଯୋଗିତାରେ ଚମତ୍କାର କୌଶଳ ଓ ଇନୋଭେଶନ ଉପସ୍ଥାପନ କରିଛନ୍ତି।

ଏଆଇଏମ୍ ଏନ୍‌ଏକ୍ସପି-୨୦୨୪ ଚ୍ୟାଲେଞ୍ଜ ହେଉଛି, ଏକ ଜାତୀୟ ପ୍ରତିଯୋଗିତା ଯାହା ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଅଟୋନୋମସ ଡ୍ରାଇଭିଂ ଆଲ୍‌ଗୋରିଦମ୍‌ର ବିକାଶ ସହ ଜଡିତ ଆହ୍ୱାନଗୁଡ଼ିକ ଉପରେ ଆଧାରିତ ପ୍ରକଳ୍ପ ମାଧ୍ୟମରେ ଏଆଇ, ମୋବିଲିଟି ଓ ରୋବୋଟିକ୍ସ ସହ ନିୟୋଜିତ କରିଥାଏ।

ବିଆଇଟିଏସ୍ ହାଇଦ୍ରାବାଦଠାରେ ଆୟୋଜିତ ରିଜିଓନାଲ ଫିନାଲେରେ କେଏଲ୍‌ଏଚ୍ ଟିମ୍ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ଯେଉଁଥିରେ ଏକ କାଳ୍ପନିକ ପରିବେଶରେ ଆଡ୍‌ଭାନ୍ସଡ ସେନ୍ସର ଓ ଏଆଇ ଆଲ୍‌ଗୋରିଦମଗୁଡ଼ିକର ବ୍ୟବହାରକରି ଏକ ଅଟୋନୋମସ ଡ୍ରାଇଭିଂ ମଡେଲକୁ ପରିଚାଳନା କରିବା ଅନ୍ତର୍ଭୁକ୍ତ ଥିଲା।

ଏ ସମ୍ପର୍କରେ କେଏଲ୍‌ଏଚ୍ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ଭାଇସ୍ ଚାନ୍‌ସେଲର ଡ. ଜି.ପର୍‌ଧା ସାରଧି ବର୍ମା କହିଛନ୍ତି, ଆମର ଛାତ୍ରୀଛାତ୍ରଙ୍କ ପ୍ରଗତିଶୀଳ ସଫଳତା,ଉଦ୍ଭାବନ ଓ ଉତ୍କର୍ଷର ଉତ୍ସାହକୁ ଏହା ସୂଚିତ କରୁଛି, ଯାହାକୁ ୟୁନିଭର୍ସିଟିରେ ଆମେ ବିକଶିତ କରିଥାଉ।

# ଇଲେକ୍ଟ୍ରିକ୍ ମୋଟରସାଇକେଲ ସେଗ୍‌ମେଣ୍ଟରେ ଓଲାର ପ୍ରବେଶ

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)



କ୍ରମାଗତ ଭାବେ ଘରୋଇ ବଜାରରେ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରିକ୍ ଭେହିକଲ ବା ଇଭି) ର ଚାହିଦା ବୃଦ୍ଧିପାଇବା ସହ ଉଭୟ ସରକାରୀ ଓ କମ୍ପାନୀ ପକ୍ଷରୁ ମଧ୍ୟ ସବ୍‌ସିଡି ସୁବିଧା ଯୋଗାଇଦିଆଯାଉଛି। ଏପରିକି ଭାରତକୁ ଏକ ଗ୍ଲୋବାଲ ଇଭି ବଜାର ଓ ନୂଆ ଏନର୍ଜି ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଓଲା ଇଲେକ୍ଟ୍ରିକ ଇ-ମୋଟରସାଇକେଲ ସେଗ୍‌ମେଣ୍ଟରେ ପ୍ରବେଶ କରିଛି। ସେହିଭଳି ବ୍ରାଣ୍ଡର ସଙ୍କଳ୍ପକୁ ସୁଦୃଢ଼ କରିବା ସହ କମ୍ପାନୀ ନିକଟରେ ତା'ର ନୂତନ ଉତ୍ପାଦ ରେଞ୍ଜର ଶୁଭାରମ୍ଭ ସହିତ ଇଭି ଓ ଏନର୍ଜି କ୍ଷେତ୍ରରେ ଭବିଷ୍ୟତର ରୋଡ୍‌ମ୍ୟାପ୍ ମଧ୍ୟ ଘୋଷଣା କରିଛି।

ଉଲ୍ଲେଖଯୋଗ୍ୟ, ଓଲାର ରୋଡ୍‌ଷ୍ଟର, ରୋଡ୍‌ଷ୍ଟର ଏକ୍ସ ଓ ରୋଡ୍‌ଷ୍ଟର ପ୍ରୋ'ର ଶୁଭାରମ୍ଭ ସହିତ କମ୍ପାନୀ ଇଲେକ୍ଟ୍ରିକ ମୋଟରସାଇକେଲ ସେଗ୍‌ମେଣ୍ଟରେ ପ୍ରବେଶ କରିଛି ଏବଂ ୨୦୨୬ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ସୁଦ୍ଧା ବ୍ରାଣ୍ଡର ଯାନଗୁଡ଼ିକରେ ନିଜସ୍ୱ ସେଲର ଇଣ୍ଟିଗ୍ରେଶନ ସମ୍ପର୍କରେ ମଧ୍ୟ ଘୋଷଣା କରିଛି।

ରୋଡ୍‌ଷ୍ଟର ଏକ୍ସ, ରୋଡ୍‌ଷ୍ଟର ଓ ରୋଡ୍‌ଷ୍ଟର ପ୍ରୋ'ର ମୂଲ୍ୟ ଯଥାକ୍ରମେ ୭୪,୯୯୯ଟଙ୍କା, ୧,୦୪,୯୯୯ ଟଙ୍କା ଓ ୧,୯୯,୯୯୯ ଟଙ୍କା ରହିଛି।

କମ୍ପାନୀ ନିକଟରେ ତାମିଲନାଡୁର କ୍ରିଷ୍ଣାନଗରଠାରେ ଅବସ୍ଥିତ ବ୍ରାଣ୍ଡର ଫ୍ୟୁଚର ଫ୍ୟାକ୍ଟ୍ରିରେ ଓଲାର ବାର୍ଷିକ ଉତ୍ସବ 'ସଙ୍କଳ୍ପ-୨୦୨୪'ରେ ସ୍ୱଦେଶୀ ଭାବେ ବିକଶିତ ଭାରତ ୪୬୮୦ ସେଲ୍ ଓ ବ୍ୟାଟେରି ପ୍ୟାକ୍, ନୂଆ ଜେନ୍-୩ ପ୍ଲାଟ୍‌ଫର୍ମ ଓ ମୁଭ୍‌ଓଏସ୍ ୫କୁ ପ୍ରଦର୍ଶିତ କରାଯାଇଛି।

ଏ ସମ୍ପର୍କରେ ଓଲା ଇଲେକ୍ଟ୍ରିକ୍‌ର ସିଏମ୍‌ଡି ତଥା ପ୍ରତିଷ୍ଠାତା ଭାବିଶ ଅଗ୍ରୱାଲ କହିଛନ୍ତି, ଆଜି ଭାରତର ଦୁଇଚକିଆ ଯାନ ବଜାର ଦୁଇତୃତୀୟାଂଶ ମୋଟରସାଇକେଲକୁ ନେଇ ଗଠିତ ଥିଲାବେଳେ ଏହି ସେଗ୍‌ମେଣ୍ଟରେ ଓଲାର ପ୍ରବେଶ ସହିତ ଭାରତୀୟ ଦୁଇଚକିଆ ଯାନ ସେଗ୍‌ମେଣ୍ଟରେ ଇଭି ପ୍ରବେଶୀକରଣ ଅଧିକ ତ୍ୱରାନ୍ୱିତ ହେବା ପାଇଁ ପ୍ରସ୍ତୁତ ରହିଛି। ଆସନ୍ତା ବର୍ଷ ଆରମ୍ଭରୁ ବ୍ରାଣ୍ଡର ଯାନଗୁଡ଼ିକରେ ଆମର ନିଜସ୍ୱ ସେଲର ଏକତ୍ରୀକରଣ ସହ ଜଡିତ ହୋଇ ଭାରତରେ ଆମେ ମାସ୍ ଇଭି ଆଡପ୍ସନ ପାଇଁ ଏକ ନୂଆ ପର୍ଯ୍ୟାୟ ଆରମ୍ଭ କରିବା ପାଇଁ ଧାର୍ଯ୍ୟ କରିଛୁ। ଏହାଛଡା ଓଲା ଇଲେକ୍ଟ୍ରିକ ଏହାର ଦୁଇଟି ନୂଆ ମୋଟରସାଇକେଲ ସ୍ପୋର୍ଟ୍ସଷ୍ଟର ଓ ଆରୋହେଡ୍‌ର ଟିଜର ମଧ୍ୟ ଜାରି କରିଛି। ୧୧କେଡବ୍ଲ୍ୟୁର ଏକ ପିକ୍ ମୋଟର ଆଉଟପୁଟ ସହ ରୋଡ୍‌ଷ୍ଟର ଏକ୍ସ ହେଉଛି ସେଗ୍‌ମେଣ୍ଟର ସବୁଠାରୁ ଦ୍ରୁତ ଇଲେକ୍ଟ୍ରିକ ମୋଟର ସାଇକେଲ। ୨.୫ କେଡବ୍ଲ୍ୟୁଏଚ୍, ୩.୫ କେଡବ୍ଲ୍ୟୁଏଚ୍ ଓ ୪.୫ କେଡବ୍ଲ୍ୟୁଏଚ୍ ବ୍ୟାଟେରି ଭାରିଆଣ୍ଟରେ ଉପଲବ୍ଧ ରୋଡ୍‌ଷ୍ଟର ଏକ୍ସ କେବଳ ୨.୮ ସେକେଣ୍ଡ (୪.୫ କେଡବ୍ଲ୍ୟୁଏଚ୍ ଭାରିଆଣ୍ଟ ପାଇଁ)ରେ ୦ରୁ ୪୦ କି.ମି. ପ୍ରତି ଘଣ୍ଟାର ବେଗ ହାସଲ କରିଥାଏ। ଏଥିରେ ୧୨୪ କେଏମ୍‌ପିଏଚ୍‌ର ସର୍ବାଧିକ ବେଗ ରହିଛି ଏବଂ ଏହା ୨୦୦ କି.ମି.ର ଏକ ରେଞ୍ଜ (ଟପ୍ ଭାରିଆଣ୍ଟ) ପ୍ରଦାନ କରୁଛି।

# ୟୁଏସ୍‌ଏଫ୍‌ବି ସହ ସୁପର ଡଟ୍ ମନିର ସହଭାଗିତା

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି) ଏବଂ ସୁପର ଡଟ୍ ମନି ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ସ୍ଥାପିତ ହୋଇଛି। ଏପରିକି ଉଭୟ ସଂସ୍ଥାର ସହ ସହଭାଗିତାରେ ଏକ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ 'ସୁପର କାର୍ଡ'ର ଶୁଭାରମ୍ଭ କରାଯାଇଛି। ଏହି କ୍ରେଡିଟ୍ କାର୍ଡ ସୁପର ଡଟ୍ ମନିର ସ୍କାନ୍ ଆଣ୍ଡ ପେ ଫିଚରର ବ୍ୟବହାରକରି ନିୟମିତ ମର୍ଚ୍ଚାଣ୍ଟ ପେମେଣ୍ଟ ସମେତ ୟୁପିଆଇ ଟ୍ରାଞ୍ଜାକ୍ସନଗୁଡ଼ିକୁ ସପୋର୍ଟ କରୁଛି। ଏ ସମ୍ପର୍କରେ ୟୁଏସ୍‌ଏଫ୍‌ବିର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ଭାରତର ପ୍ରଥମ ଏଫ୍‌ଡି-ଲିଙ୍କ୍‌ଡ ୟୁପିଆଇ-ସକ୍ଷମ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡ ପ୍ରଦାନ କରିବା ପାଇଁ ଆମେ ସୁପର ଡଟ୍ ମନି ସହ ସହଭାଗିତା କରିଛୁ। ଏପରିକି ଆମର ସେବାଗୁଡ଼ିକୁ ସୁପର ଡଟ୍ ମନିର ପ୍ଲାଟ୍‌ଫର୍ମ ସହ ଏକତ୍ରିତକରି ଆମେ ଆମର ଉପଭୋକ୍ତାମାନଙ୍କୁ ଏକ ସକାରାତ୍ମକ କ୍ରେଡିଟ୍ ପ୍ରୋଫାଇଲ ନିର୍ମାଣ କରିବା ଏବଂ ଭବିଷ୍ୟତରେ ଅଧିକ ଋଣ ଉତ୍ପାଦଗୁଡ଼ିକ ପାଇଁ ପହଞ୍ଚ ହାସଲ ପାଇବା ଲାଗି ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ସୁପର ଡଟ୍ ମନିର ପ୍ରତିଷ୍ଠାତା ତଥା ସିଇଓ ପ୍ରକାଶ ସିକାରିଆ କହିଛନ୍ତି, ଏହି ୟୁନିଭର୍ସାଲ କ୍ରେଡିଟ୍ କାର୍ଡ ବହୁ ଲକ୍ଷ ଭାରତୀୟଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବାଟ ଫିଟାଇଛି। ଏପରିକି ଆମର ସର୍ବନିମ୍ନ ଭାରିଆଣ୍ଟ ମାତ୍ର ୧ ଡଲାରର ଏକ ଲିମିଟ୍ ସହ ଆସୁଥିଲାବେଳେ ଆଗକୁ ଆମର ଆର୍ଥିକ ସେବା ଇକୋସିଷ୍ଟମକୁ ବିସ୍ତାର କରିବା ଏବଂ ସମସ୍ତଙ୍କ ଲାଗି ଋଣ ପହଞ୍ଚକୁ ଗଣତାନ୍ତ୍ରିକ କରିବା ପାଇଁ ଉତ୍ସାହିତ ରହିଛୁ। ସେହିପରି ସୁପର ଡଟ୍ ମନି ଉପଭୋକ୍ତାଙ୍କୁ ୧୦୦ଟଙ୍କାରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ଏକ ଜମା ଆରମ୍ଭ କରି ସର୍ବନିମ୍ନ ୯୦ ଟଙ୍କାର ଲିମିଟ୍ ସହ ଏକ କ୍ରେଡିଟ୍ କାର୍ଡ ହାସଲ କରିବା ପାଇଁ ଅନୁମତି ଦେଉଛି। ଏହି ବିସ୍ତୃତ ରେଞ୍ଜ ସମସ୍ତ ବର୍ଗର ଗ୍ରାହକମାନଙ୍କୁ 'କ୍ରେଡିଟ୍ ଅନ୍ ୟୁପିଆଇ' ଇକୋସିଷ୍ଟମରେ ଅଂଶଗ୍ରହଣ କରିବା ପାଇଁ ମଧ୍ୟ ଅନୁମତି ଦେଉଛି। ଏହି ଜମା ଆଗକୁ ଅଧିକ ଆକର୍ଷଣୀୟ ହାରରେ ସୁଧ ସହ ଉପଭୋକ୍ତାଙ୍କୁ ନିଜର କ୍ରେଡିଟ୍ ପ୍ରୋଫାଇଲ ନିର୍ମାଣ କରିବା ପାଇଁ ମଧ୍ୟ ଅନୁମତି ଦେଇ ଦ୍ୱୈତ ଲାଭ ପ୍ରଦାନ କରିଥାଏ। ଏପରିକି କାର୍ଡଧାରୀମାନେ ବାଧାମୁକ୍ତ ଭାବେ ସୁପର୍‌କାର୍ଡସ ରିୱାର୍ଡ ପ୍ରୋଗ୍ରାମରେ ଯୋଗ ଦେଇପାରିବେ। କାର୍ଡଧାରୀମାନେ ସୁପର ୟୁପିଆଇ ପାଇଁ ଜୀବନକାଳ ପହଞ୍ଚ, ମିନ୍ତ୍ରା ଟ୍ରାଞ୍ଜାକ୍ସନ ଉପରେ ୫% ରିହାତି, କ୍ଲିୟରଟ୍ରିପ୍ ଉପରେ ୩% ଓ ଫ୍ଲିପ୍‌କାର୍ଟ ଉପରେ ୨% ରିହାତି ପାଇପାରିବେ। ଉପଭୋକ୍ତାମାନେ ସମସ୍ତ ଯୋଗ୍ୟ ଟ୍ରାଞ୍ଜାକ୍ସନ ଉପରେ ୦.୫%ର କ୍ୟାଶ୍‌ବ୍ୟାକ୍ ମଧ୍ୟ ପାଇପାରିବେ।


# Classified Everyday

0674-2580101, 2549949




**SALE**

**Demarcated gharabari plot for sale near Sudhanand Eng. College. 6K.M. from Hanspal Square. 7848939838.** D-75988

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ **Sum Hospital-2** ନିକଟସ୍ଥ **GrandBazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ **30ft.** ରାସ୍ତା ଥାଇ ଘରବାରି **SC/Gen plot** କିଣନ୍ତୁ। **9658562429.** D-75989

**Gharabari converted plots available near Hitech Square, Sundarpada, Bhubaneswar. For more details Contact- 9437226965, 9778832554.** D-1165

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9348871895, 9937787418.** D-1166

**Plot for sale at Puri Konark Marine Drive (850/- per Sqft). Contact: 6371703010.** D-1167




Newly open health benefits SPA by expert therapist. Contact- 9090400507. D-76148

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

**AFFIDAVIT**

I, Santosh Sahu, S/o Maheswar Sahu, R/o Vill.- Palia, Paliabindha, Dist.- Bhadrak, Pin- 756167, Odisha declare by this affidavit No.65AA 931419, dtd.17.05.2024 that now onwards I shall be known as SANTOSH KUMAR SAHU for all future purposes. D-1168

By virtue of an affidavit sworn before Executive Magistrate, Keonjhar, dated 28.08.2024, I, Kajal Sahu, Address: At/ P.O.: Ranki, P.S. Town, Dist.- Keonjhar, Odisha, Pin- 758002 declare that I have changed my name from Khusi Sahu to Kajal Sahu. Henceforth, I shall be known as Kajal Sahu for all purposes. D-1169

By virtue of an affidavit vide No.898, sworn before the Notary, Loisingha, Dtd.28.08.2024, I, Kousalya Mahala, W/o. Durgaprasad Chuhan, R/o. Village- Bhalupali, P.O.- Badibahal, Dist.- Balangir (Odisha) declare that I have changed my name from Kousalya Mahala to Jhasanetri Chuhan. Henceforth I shall be known as Jhasanetri Chuhan for all purposes. D-1170

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଧ-୧୧୭୧

**Ph.D**



**ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ସମ୍ମାନସୂଚକ ଅନରାରୀ ଡକ୍ଟରେଟ୍ ଉପାଧି ଲାଭ**

ଶ୍ରୀମଦ୍‌ଗୀତାକୁ ଓଡିଆ ଗଦ୍ୟ ଓ ପଦ୍ୟଶୈଳୀ ସହ ଇଂରାଜୀ ଭାଷାରେ ବଳିଷ୍ଠ ଶବ୍ଦ ସଂଯୋଜନାରେ ଉପସ୍ଥାପନା କରିବା ସହ ଶତାଧିକ ଧର୍ମ ପୁସ୍ତକ ଦ୍ୱାରା ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିବାରୁ, ହରିୟାନା ରାଜ୍ୟର ମ୍ୟାଜିକ ଆର୍ଟ ଆଣ୍ଡ ଲିଟରେଚର ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲା ଚାନ୍ଦୋଳ ନିକଟବର୍ତ୍ତୀ ନୂଆପଡା ଗ୍ରାମର ପଣ୍ଡିତ ନାଥ ବ୍ରହ୍ମ ଓ ଚମ୍ପାଦେବୀଙ୍କର ସେ ଚତୁର୍ଥ କନିଷ୍ଠ ସନ୍ତାନ ଅଟନ୍ତି।

ଧ-୧୧୬୪


# ପରିବହନ ସେବାରେ ଆରାମଦାୟକ ପରିବେଶର ଆବଶ୍ୟକତା

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)



ସାରା ଦେଶରେ ବହୁ ଲକ୍ଷ ଡ୍ରାଇଭର ଓ ଡେଲିଭରି ସହଯୋଗୀ ପ୍ରତିଦିନ ପରିବହନ ସେବା ଯୋଗାଇ ଦେଉଛନ୍ତି। ଏପରିକି ସେମାନଙ୍କ ସୁସ୍ଥତାକୁ ନଜରରେ ରଖି ଆମାଜନ୍ ଇଣ୍ଡିଆ ପକ୍ଷରୁ 'ପ୍ରୋଜେକ୍ଟ ଆଶ୍ରୟ'ର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ସମଗ୍ର ଲଜିଷ୍ଟିକ୍ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଡ୍ରାଇଭରମାନେ ଦେଶର ପ୍ରମୁଖ ସହରରେ ଏକ ରଣନୈତିକ ସ୍ଥାନରେ ରେଷ୍ଟ-ପଏଣ୍ଟଗୁଡ଼ିକ ଉପଲବ୍ଧ ପାଇପାରିବେ। ଏହି ପରିପ୍ରେକ୍ଷୀରେ ଗୁରୁଗ୍ରାମର ସେକ୍ଟର ୪୭, ମାଲିବୁ ଟାଉନ, ବୋଲିଭାର୍ଡଠାରେ ପ୍ରଥମ ଆଶ୍ରୟ ସେଣ୍ଟର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ଇଣ୍ଟରନ୍ୟାଶନାଲ ଲେବର ଅର୍ଗାନାଇଜେଶନର ଇଣ୍ଡିଆ କଣ୍ଟ୍ରି ଡାଇରେକ୍ଟର ମିସିକୋ ମିୟାମୋଟୋ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଅପରପକ୍ଷରେ କମ୍ପାନୀ ଉଦ୍ୟାସା ଫାଉଣ୍ଡେଶନ ସହଭାଗିତାରେ ଆରମ୍ଭ କରାଯାଇଥିବା ଏହି ସେଣ୍ଟର ସହ ଅତ୍ୟଧିକ ଜନଗହଳିପୂର୍ଣ୍ଣ ସ୍ଥାନରେ ଆଉ ୫ଟି ଆଶ୍ରୟ ସେଣ୍ଟର ସ୍ଥାପନ କରାଯିବ।

ଏ ସମ୍ପର୍କରେ ଆମାଜନ୍ ଇଣ୍ଡିଆର ପରିଚାଳନା ବିଭାଗ ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, ଆମେ ଆମର ବହୁ ପ୍ରତୀକ୍ଷିତ ପ୍ରକଳ୍ପର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଜରୁରୀ ସୁବିଧାଗୁଡ଼ିକ ସହ ଉତ୍ସର୍ଗୀକୃତ ସମସ୍ତ ଡେଲିଭରି ସହଯୋଗୀମାନଙ୍କ ପାଇଁ ରେଷ୍ଟ ପଏଣ୍ଟ ପ୍ରଦାନକରି ଆମେ ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରମାଣ ଦେଉଛୁ। ଆମାଜନ ହେଉ କିମ୍ବା ଅନ୍ୟ କମ୍ପାନୀଗୁଡ଼ିକର ଡେଲିଭରି ସହଯୋଗୀମାନେ ଯେପରି କାର୍ଯ୍ୟ କରିବା ସମୟରେ ସର୍ବୋତ୍ତମ ସମ୍ଭବ ଓ ସବୁଠାରୁ ଆରାମଦାୟକ ପରିବେଶ ପାଇପାରିବେ ତାହା ସୁନିଶ୍ଚିତ କରିବାକୁ ଆମେ ଲକ୍ଷ୍ୟ ରଖିଛୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ସେହିଭଳି ଏହି ରେଷ୍ଟ ପଏଣ୍ଟଗୁଡ଼ିକ ଯାତ୍ରା କରିବା ସମୟରେ ଡ୍ରାଇଭରମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣକରିବା ଲାଗି ସ୍ୱତନ୍ତ୍ର ଭାବେ ନିର୍ମିତ ସୁବିଧାଗୁଡ଼ିକର ଏକ ଶୃଙ୍ଖଳା ପ୍ରଦାନ କରିବ। ଏଠାରେ ଆରାମଦାୟକ ସିଟ୍, ସ୍ୱଚ୍ଛ ପାନୀୟ ଜଳ ପାଇଁ ପହଞ୍ଚ ଓ ମୋବାଇଲ ଚାର୍ଜିଂ ଷ୍ଟେଶନ ଉପଲବ୍ଧ ହେବ।

# ବିଏଫ୍‌ଆଇର ରଣନୈତିକ ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୮।୮ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସିକେ ବିର୍ଲା ଗ୍ରୁପ୍‌ର ହେଲଥ କେୟାର ୟୁନିଟ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ (ବିଏଫ୍‌ଆଇ) ୧୨ଟି ବେବିସାଇନ୍ସ ଆଇଭିଏଫ୍ କ୍ଲିନିକ୍‌କୁ ଅଧିଗ୍ରହଣ କରିଥିବା ସମ୍ପର୍କରେ ଘୋଷଣା କରିଛି। ଏପରିକି ଏହି ଅଧିଗ୍ରହଣ ୫୦୦ କୋଟିରୁ ଅଧିକ ମୂଲ୍ୟର ଏକ ନିରନ୍ତର ନିବେଶ ସହ ବିଏଫ୍‌ଆଇର ରଣନୈତିକ ସମ୍ପ୍ରସାରଣ ଯୋଜନାର ଏକ ପ୍ରମୁଖ ଅଂଶ ହୋଇଥିଲାବେଳେ ବର୍ତ୍ତମାନ ବିଏଫ୍‌ଆଇ ଦେଶବ୍ୟାପୀ ୫୦ଟି ଆଇଭିଏଫ କ୍ଲିନିକର ପରିଚାଳନା କରିବ। ବ୍ରାଣ୍ଡ କେରଳର ଏଆର୍‌ଏମ୍‌ସି ଆଇଭିଏଫ୍ ଚେନ୍‌କୁ ଅଧିଗ୍ରହଣ କରିବାର ୩ ମାସ ମଧ୍ୟରେ ଏହି ୨ୟ ଅଧିଗ୍ରହଣ ସମ୍ପର୍କରେ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ବିର୍ଲା ଫର୍ଟିଲିଟି ଆଣ୍ଡ ଆଇଭିଏଫ୍‌ର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଅବନ୍ତୀ ବିର୍ଲା କହିଛନ୍ତି, ବିଏଫ୍‌ଆଇରେ ଆମେ ଗର୍ଭଧାରଣର ଯତ୍ନକୁ ଅନ୍ତର୍ଭୁକ୍ତ କରିଛୁ। ଏପରିକି ଆମେ ରୋଗୀମାନଙ୍କ ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଚିକିତ୍ସା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥାଉ। ଯେଉଁଥିରେ ଫଳାଫଳକୁ ଉନ୍ନତ କରିବା ପାଇଁ ଆଡ୍‌ଭାନ୍ସଡ ଡାଇଗ୍ନୋଷ୍ଟିକ ଟେଷ୍ଟିଙ୍ଗ ଓ ତଥ୍ୟ ଆଧାରିତ ଠିକ ଔଷଧ ଆଦି ସାମିଲ ରହିଛି। ବିଏଫ୍‌ଆଇର ଚିଫ୍ ବିଜ୍‌ନେସ ଅଫିସର ଅଭିଷେକ ଅଗ୍ରୱାଲ କହିଛନ୍ତି, ଆମେ ଆମର ଅନ୍ତର୍ଜାତୀୟ ବିଶେଷଜ୍ଞତା ଓ ଅତ୍ୟାଧୁନିକ ଭିତ୍ତିଭୂମିକୁ ଉପଯୋଗ କରିବା ଏବଂ ଅନ୍ତର୍ଜାତୀୟ ମାନକକୁ ପୂରଣ କରୁଥିବା ଚମତ୍କାର ଗର୍ଭଧାରଣ ହାର ପ୍ରଦାନ କରିବା ପାଇଁ ସମଗ୍ର ଭାରତରେ ସମ୍ପ୍ରସାରଣ କରିଛୁ। ବେବିସାଇନ୍ସର ପ୍ରତିଷ୍ଠାତା ଡ. ମଞ୍ଜୁନାଥ ସିଏସ୍ କହିଛନ୍ତି, ଆମେ ଏହି ଶକ୍ତିଶାଳୀ ଜାତୀୟ ବ୍ରାଣ୍ଡ ସହ ଯୋଗଦେଇ ବେଶ ଉତ୍ସାହିତ ଅଛୁ, ଫଳରେ ଆମର ରୋଗୀମାନେ ଶିଳ୍ପର ସର୍ବୋତ୍ତମ ବିଜ୍ଞାନରୁ ଉପକୃତ ହେବେ,ମହାରାଷ୍ଟ୍ର, ତାମିଲନାଡୁ ଓ କର୍ଣାଟକ ଭଳି ରାଜ୍ୟରେ ବିଏଫ୍‌ଆଇର ଅଂଶ ଭାବେ ବିକଶିତ ହେଉଥିବାରୁ ଆମେ ପରିଚାଳନାଗତ ଅଗ୍ରଗତି ପାଇଁ ଆଶା ରଖିଛୁ।

# ଜବତ ସିମ୍‌ବକ୍ସ ଚାଇନାରେ ତିଆରି ହୋଇଥିଲା

## ଫେକ୍ ସିମ୍ ରାକେଟ ଧରିବାକୁ ପଶ୍ଚିମବଙ୍ଗ ଯିବ କମିଶନରେଟ ପୋଲିସ

■ ଇମିଗ୍ରେଶନ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଲା ପୋଲିସ

ଭୁବନେଶ୍ୱର,୨୮।୮
(ସତ୍ୟଜିତ୍ ରାଉତ)

ସିମ୍‌ବକ୍ସ ନେଟ୍‌ୱର୍କ ମାମଲାରେ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଚଳାଇଛି। ଜବତ ହୋଇଥିବା ସିମ୍‌ବକ୍ସ ଚାଇନାରେ ତିଆରି ହୋଇଥିବାବେଳେ ସେଗୁଡ଼ିକୁ ଚୋରାରେ ଭାରତକୁ ଅଣାଯାଉଥିଲା। ତେବେ ସିମ୍‌ବକ୍ସ ସମେତ ଜବତ ହୋଇଥିବା ବହୁ ସିମ୍ ଫେକ୍ ଏବଂ ଏସବୁ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲାରୁ ଆସିଥିଲା ବୋଲି କମିଶନରେଟ୍ ପୋଲିସ ତଦନ୍ତରେ ଜାଣିବାକୁ ପାଇଛି। ଏହି ଫେକ୍ ସିମ୍ କାର୍ଡ ରାକେଟକୁ ଧରିବାକୁ ଏକ ପୋଲିସ ସ୍ୱତନ୍ତ୍ର ଟିମ୍ ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ଯିବ ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଡିସିପି ସିଂ କହିଛନ୍ତି, ସିମ୍‌କାର୍ଡଗୁଡ଼ିକର ତଥ୍ୟ ମିଳିଥିବାବେଳେ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)କୁ ଯାଞ୍ଚ ଚାଲୁ ରହିଛି। ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ସିମ୍‌ବକ୍ସ ଜରିଆରେ ପ୍ରାୟତଃ କଲ୍ ଆସୁଥିଲା। କଲ୍‌ର ପ୍ରକୃତ ଉଦ୍ଦେଶ୍ୟ ଏଯାଏ ଜଣାପଡ଼ିନାହିଁ। ମଧ୍ୟପ୍ରାଚ୍ୟ ଦେଶରେ ଅପରେଟର୍ ଟୋକେନ୍ ଦେଇ ଏକ ଆପ୍ ଜରିଆରେ ଭାରତକୁ କଲ୍ କରାଉଥିଲେ। ଏହା କଲ୍ ମୂଲ୍ୟ ବହୁ ଶସ୍ତା ରହୁଥିଲା। ଫେକ୍ ସିମ୍‌ଗୁଡ଼ିକ ୨୪ ପ୍ରାଗଣାରୁ ଆକ୍ଟିଭ୍ ହୋଇଥିବାବେଳେ ଏହି ରାକେଟକୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଏହି ଟିମ୍ ୨୪ ପ୍ରଗଣା ଯାଇ ସ୍ଥାନୀୟ ପୋଲିସ ସହାୟତାରେ ସିମ୍ ଦୋକାନକୁ ଚିହ୍ନଟ କରିବା ସହ ଅଭିଯୁକ୍ତଙ୍କୁ ଧରିବ। ଫେକ୍ ସିମ୍ ରାକେଟ ଚଳାଉଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଶ୍ଚିମବଙ୍ଗ ପୋଲିସକୁ ଚିଠି ଲେଖାଯିବ ବୋଲି ସିଂ କହିଛନ୍ତି। ଡିସିପି ଆହୁରି କହିଛନ୍ତି ଯେ, ସିମ୍‌ବକ୍ସଗୁଡ଼ିକ ଚାଇନାରେ ତିଆରି ହୋଇଥିବା ବେଳେ ଭାରତକୁ ସେଗୁଡିକୁ ଚୋରା ଚାଲାଣ କରାଯାଇ ଅଣାଯାଉଥିଲା। ଗିରଫ ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳ ମାଷ୍ଟରମାଇଣ୍ଡ ବାଂଲାଦେଶର ଅଶାଦ୍ଦୁର ଜମାନ ସହ ଭୁବନେଶ୍ୱରରେ ଆସି ଲିଙ୍ଗରାଜ ହୋଟେଲରେ ରହିଥିବା ପୋଲିସକୁ କହିଥିଲେ। ହେଲେ ଏହି ତଥ୍ୟ ମେଳ ଖାଉ ନ ଥିବାବେଳେ ରେଳ ଷ୍ଟେଶନ ନିକଟ ଦ’ ନେଷ୍ଟ ହୋଟେଲରେ ସେମାନେ ରହିଥିଲେ ବୋଲି ଜଣାପଡ଼ିଥିବା ଡିସିପି ସିଂ କହିଛନ୍ତି। ଏନେଇ ହୋଟେଲ କର୍ତ୍ତୃପକ୍ଷଙ୍କୁ ପଚରାଉଚରା କରାଯିବ। ତେବେ ଅଶାଦ୍ଦୁର କେତେଥର ଭାରତ ଆସିଛନ୍ତି ତାହା ଜାଣିବାକୁ ଇମିଗ୍ରେଶନ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯାଇଛି। ଉଲ୍ଲେଖ୍ୟଯୋଗ୍ୟ, କମିଶନରେଟ୍ ପୋଲିସ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମଙ୍ଗରାଜ ପଏଣ୍ଟ ନିକଟ ମହାଦେବ ନଗରସ୍ଥିତ କୋଠା (ଖାନ୍ ମଞ୍ଜିଲ୍)ରେ ଚଢ଼ାଉ କରି ଗତ ୧୬ ତାରିଖରେ ରାଜୁଙ୍କୁ ଗିରଫ କରିବା ସହ ୭ଟି ସିମ୍‌ବକ୍ସ, ୫୦୦ରୁ ଊର୍ଦ୍ଧ୍ୱ ସିମ୍ ଆଦି ଜବତ କରିଥିଲା। ପରେ କଟକ ଏବଂ ରାଞ୍ଚିରେ ଏହି ନେଟ୍‌ୱର୍କର ଗୁମର ଖୋଲିବା ଆରମ୍ଭ ହୋଇଥିଲା। ଏଯାଏ ୧୭ଟି ସିମବକ୍ସ ଓ ହଜାରରୁ ଊର୍ଦ୍ଧ୍ୱ ସିମ୍ ଜବତ ହୋଇଛି।

# ଧରାପଡ଼ିଲା ୫ଜଣିଆ ଡକାୟତି ଗ୍ୟାଙ୍ଗ



ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଅନ୍ୟ ଥାନା ଅଧିକାରୀ।

## ମାରଣାସ୍ତ୍ର ସହ ୧୭ ବାଇକ୍, ୪ ଟ୍ରାକ୍ଟର ଜବତ

ବାଲେଶ୍ୱର, ୨୮।୮
(ବାଞ୍ଛାନିଧି ଦେ)

ବାଲେଶ୍ୱର ସହଦେବଖୁଣ୍ଟା ଆଦର୍ଶ ଥାନା ଅଧୀନ କସିମିଳା ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ୫ଜଣିଆ ଗ୍ୟାଙ୍ଗକୁ ପୋଲିସ କାବୁ କରିଛି। ସେମାନଙ୍କ ମଧ୍ୟରେ ଦୁଇଜଣ ନାବାଳକ ଅଛନ୍ତି। ସେମାନଙ୍କଠାରୁ ଦୁଇଟି ତେଲେଙ୍ଗା କଟୁରି, ମଦ ବୋତଲ, ଗ୍ଲାସ, ୧୧ଟି ଚୋରି ବାଇକ୍, ୪ଟି ଚୋରି ମୋବାଇଲ ଜବତ ହୋଇଥିବା ବୁଧବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀରେ ସିଟି ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ସଦର ଏସ୍‌ଡିପିଓ ଶଶାଙ୍କ ଶେଖର ବେହୁରା, ସହଦେବଖୁଣ୍ଟା ଥାନା ଭାରପ୍ରାପ୍ତ ଆଇଆଇସି ଅଶୋକ କୁମାର ନାୟକ, ଖଇରା ଥାନା ଆଇଆଇସି ଗୟାଧର ବେହେରା ଓ ଖନ୍ତାପଡ଼ା ଥାନା ଓଆଇସି ବିରଞ୍ଚି ନାରାୟଣ ସାହୁ ଉପସ୍ଥିତ ଥିଲେ।

ଏହି ଗ୍ୟାଙ୍ଗ ସ୍ଥାନୀୟ ଅଞ୍ଚଳରେ ଡକାୟତି ଓ ଛିନ୍‌ତାଇ ଯୋଜନା କରୁଥିବା ନେଇ ପୋଲିସ ଖବର ପାଇଥିଲା। ଆଇଆଇସି ଅଶୋକ କୁମାର ନାୟକ ସଦଳବଳ ଚଢାଉ କରି ଏହି ଗ୍ୟାଙ୍ଗକୁ ଗିରଫ କରିଥିଲେ। ଏ ସମ୍ପର୍କରେ ଏକ ମାମଲା (ନଂ. ୩୩୮/୨୪) ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ଏଥିସହ ବାଲିଆପାଳ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇ ୫ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୬ଟି ଚୋରି ବାଇକ ଉଦ୍ଧାର କରାଯାଇଛି। ଏ ସଂକ୍ରାନ୍ତରେ ମାମଲା (ନଂ.୧୭୬/୨୪) କରାଯାଇଛି। ସେହିପରି ଖଇରା ଏବଂ ଖନ୍ତାପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୪ଟି ଚୋରି ଟ୍ରାକ୍ଟର ଜବତ କରାଯାଇଥିବା ଏସ୍‌ପି ନାଥ ସୂଚନା ଦେଇଥିଲେ। ଏହି ଡକାୟତି ଗ୍ୟାଙ୍ଗ ନାମରେ ବାଲେଶ୍ୱର ସମେତ ଭଦ୍ରକ ଜିଲାର ବାସୁଦେବପୁର ଓ ଭଣ୍ଡାରିପୋଖରୀ ଥାନାରେ ବିଭିନ୍ନ ଆପରାଧିକ ମାମଲା ରହିଛି। ଅଭିଯୁକ୍ତମାନେ ବିଭିନ୍ନ ବଜାର, ଜନଗହଳିପୂର୍ଣ୍ଣ ସ୍ଥାନରୁ ବାଇକ୍ ଏବଂ ଟ୍ରାକ୍ଟର ଚୋରି କରୁଥିବା କୁହାଯାଇଛି। ଚୋରି ଟ୍ରାକ୍ଟରକୁ ଅଭିଯୁକ୍ତମାନେ ଲିଜ୍ ସୂତ୍ରରେ ଦେଇ ଅର୍ଥ ଉପାର୍ଜନ କରୁଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ମହିଳା ମାଓବାଦୀଙ୍କୁ ଗଣବଳାତ୍କାର ପରେ ହତ୍ୟା

## ବିରୋଧକରି ସ୍ୱାଭିମାନ ଅଞ୍ଚଳରେ ଲାଗିଲା ପୋଷ୍ଟର

ମାଲକାନଗିରି, ୨୮।୮
(ଦୁର୍ଯ୍ୟୋଧନ ପାତ୍ର)




ସ୍ୱାଭିମାନ ଅଞ୍ଚଳରେ ଲାଗିଥିବା ପୋଷ୍ଟର।

ମହିଳା ମାଓବାଦୀ ବନ୍ଦୀ ରାଧାଙ୍କୁ ଗଣବଳାତ୍କାର ପରେ ପ୍ରଜାକୋର୍ଟରେ ହତ୍ୟା ଘଟଣାକୁ ବିରୋଧକରି ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ ପକ୍ଷରୁ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଗ୍ରାମରେ ବୁଧବାର ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇଛି। ମାଓବାଦୀ ସଚିବ ଗଣେଶ ଏବଂ ଅନ୍ୟ ୭ ସହଯୋଗୀ ସାଥୀଙ୍କ ଦ୍ୱାରା ରାଧାଙ୍କୁ ବଳାତ୍କାର ପରେ ନିର୍ମମ ହତ୍ୟା ଘଟଣାକୁ ଏହି ପୋଷ୍ଟରରେ ନିନ୍ଦା କରାଯାଇଥିବା ଉଲ୍ଲେଖ ରହିଛି। ରାଧାଙ୍କୁ ହତ୍ୟାର କାରଣ ପୋଲିସ ସୂଚନାଦାତା ବୋଲି ମାଓବାଦୀ ସଙ୍ଗଠନ ପକ୍ଷରୁ କୁହାଯାଇଥିଲା। ଘଟଣାର ତଦନ୍ତ ପରେ ପିପୁଲ ପିସ୍ ଫୋର୍ସ ଏହା ବଳାତ୍କାର ପରେ ହତ୍ୟା ହୋଇଥିବା ଜାଣିବାକୁ ପାଇଥିଲା।

ବନ୍ଦୀ ରାଧା ହତ୍ୟା ଘଟଣାର କିଛିଦିନ ପୂର୍ବରୁ ଛତିଶଗଡ଼ ଜିଲା କିଷ୍ଟାରାମ ଘଞ୍ଚ ଜଙ୍ଗଲରେ ମାଓବାଦୀ ନେତାଙ୍କ ଦ୍ୱାରା ରାଧାଙ୍କୁ ବଳାତ୍କାର କରାଯାଇଥିଲା। ସେ ଏହାକୁ ବିରୋଧ କରିବାରୁ ତାଙ୍କୁ ଗତ ୧୯ ତାରିଖରେ ଛତିଶଗଡ କିଷ୍ଟାରାମଠାରେ ପ୍ରଜାକୋର୍ଟରେ ସର୍ବ ସମ୍ମୁଖରେ ହତ୍ୟା କରାଯାଇଥିଲା ବୋଲି ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ ପକ୍ଷରୁ ପୋଷ୍ଟରରେ ଉଲ୍ଲେଖ ରହିଛି। ମାଓବାଦୀ ଆନ୍ଦୋଳନରେ ସାମିଲ ସମସ୍ତ ମହିଳାଙ୍କୁ ଆତ୍ମସମର୍ପଣ କରି ସାଧାରଣ ଜୀବନଯାପନ ନିମନ୍ତେ ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ ପକ୍ଷରୁ ଅପିଲ କରାଯାଇଛି। ଏହି ଆନ୍ଦୋଳନରେ ସାମିଲ ମହିଳାଙ୍କ ଉପରେ ହୋଇଥିବା ଅତ୍ୟାଚାରକୁ ଆଣ୍ଟି ମାଓବାଦୀ ପିପୁଲ ପିସ୍ ଫୋର୍ସ ବିରୋଧ କରୁଛି। ଏହାର ଜବାବ ମାଓବାଦୀ ଅପରେଶନରେ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

# ସିଏଚ୍‌ଏସ୍‌ଇ ରେକର୍ଡ ସପ୍ଲାୟରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ଭୁବନେଶ୍ୱରରେ ୪ ମହଲା କୋଠା, ୧୬ ବେନାମି ପ୍ଲଟ୍ ଠାବ
■ ଘରୁ ମିଳିଲା ନଗଦ ୧.୭୦ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୮।୮
(ସତ୍ୟଜିତ୍ ରାଉତ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ରେକର୍ଡ ସପ୍ଲାୟର ପୁରେନ୍ଦ୍ର କୁମାର ସେଠୀ ବୁଧବାର ଭିଜିଲାନ୍ସ ଜାଲରେ ଫସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ପୁରେନ୍ଦ୍ରଙ୍କ ଘର ସମେତ ଭୁବନେଶ୍ୱର ଓ ଜଗତ୍‌ସିଂହପୁର ୩ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଜଗତ୍‌ସିଂହପୁର ଜିଲା କେଉଁପଦା ଗ୍ରାମସ୍ଥିତ ପୈତୃକ ଘର ଏବଂ ଭୁବନେଶ୍ୱର ସାମନ୍ତରାପୁର ସିଏଚ୍‌ଏସ୍‌ଇ ନିର୍ଦ୍ଦେଶକଙ୍କ ଅଫିସସ୍ଥିତ ପୁରେନ୍ଦ୍ରଙ୍କ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଆରମ୍ଭ ହୋଇଥିବା ଏହି ଯାଞ୍ଚରେ ଭିଜିଲାନ୍ସର ୪ଜଣ ଡିଏସ୍‌ପି, ୫ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ନିୟୋଜିତ ଅଛନ୍ତି।



ବୁଧବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ଅନୁଯାୟୀ, ପୁରେନ୍ଦ୍ରଙ୍କ ଭୁବନେଶ୍ୱର କାନନ ବିହାର ଫେଜ-୨ସ୍ଥିତ ଆଲିସାନ୍ ୪ ମହଲା କୋଠା ଠାବ ହୋଇଛି। ସେହିପରି ପୁରେନ୍ଦ୍ରଙ୍କ ନିକଟରୁ ୧୬ଟି ବେନାମି ପ୍ଲଟ୍‌ର ପଟ୍ଟା ମଧ୍ୟ ଠାବ ହୋଇଛି। ଏହି ଜମିଗୁଡ଼ିକ ୦.୦୩୪ ଡେସିମିଲରୁ ୦.୧୧ ଡେସିମିଲ ଯାଏ ରହିଛି। ତେବେ ଏହି ପ୍ଲଟଗୁଡ଼ିକ ବିଭିନ୍ନ ଲୋକଙ୍କ ନାଁରେ କିଣାଯାଇଥିବାବେଳେ ଏହାକୁ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ କରୁଛି। ସେହିପରି ପୁରେନ୍ଦ୍ର ବ୍ୟାଙ୍କ, ଜୀବନ ବୀମା ଓ ଶେୟାର ମାର୍କେଟର ମ୍ୟୁଚୁଆଲ ଫଣ୍ଡରେ ୧୬.୭୭ ଲକ୍ଷ ଟଙ୍କା ଜମା ରଖିଥିବା ଭିଜିଲାନ୍ସ ପ୍ରମାଣ ପାଇଛି। ଏହାବ୍ୟତୀତ ଘରୁ ୧ ଲକ୍ଷ ୭୦ ହଜାର ନଗଦ ଟଙ୍କା, ୨ଟି ଚାରିଚକିଆ ଯାନ ଓ ଦୁଇଟି ଦୁଇଚକିଆ ଯାନ ଏବଂ ୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଠାବ ହୋଇଛି। ଯାଞ୍ଚ ଜାରି ରହିଥିବାବେଳେ ଭିଜିଲାନ୍ସ ଟିମ୍ ପୁରେନ୍ଦ୍ରଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ଏହି ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ଧରା ପକାଇଲା ଟ୍ରାପ୍ କ୍ୟାମେରା



ଟ୍ରାପ୍ କ୍ୟାମେରାରେ ଉତ୍ତୋଳିତ ୨ ଶିକାରୀଙ୍କ ଫଟୋ।

■ ଶିମିଳିପାଳରୁ ୫ ଶିକାରୀ ଗିରଫ
■ ୪ ଦେଶୀ ବନ୍ଧୁକ ଜବତ

ବାରିପଦା,୨୮।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ଅଞ୍ଚଳକୁ ଶିକାର ପାଇଁ ଯାଇଥିବା ୫ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ଟ୍ରାପ୍ କ୍ୟାମେରା ଫୁଟେଜ୍ ଆଧାରରେ ବିଭାଗୀୟ ଅଧିକାରୀମାନେ ଶିକାରୀମାନଙ୍କ ଘରେ ଚଢ଼ାଉକରି ସେମାନଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାରିପଦା ସଦର ଥାନା ବେସରପାଣି ଅଞ୍ଚଳର କରୁଣାକର ମଲ୍ଲିକ(୨୮), କାର୍ତ୍ତିକ ଭକ୍ତା(୩୦), ଭୋଲା ଭକ୍ତା(୨୯), ଗୁନୁ ଭକ୍ତା(୩୦) ଓ ରବି ଭକ୍ତା(୫୦)। ସେମାନଙ୍କଠାରୁ ୪ଟି ଦେଶୀ ବନ୍ଧୁକ, ୧୦୦ଗ୍ରାମ ଗନ୍ ପାଉଡ଼ର, ୨ଟି ହେଡ୍ ଲାଇଟ୍ ସମେତ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ ହୋଇଛି। ଏ ସଂକ୍ରାନ୍ତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଓ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଓ ଦକ୍ଷିଣ ଡିଭିଜନରେ ଥିବା କୋର୍ ଏବଂ ବଫର ଅଞ୍ଚଳରେ ବର୍ଷ ତମାମ ଶିକାରୀମାନେ ସକ୍ରିୟ ହୋଇଥାନ୍ତି। ତେବେ ଖଞ୍ଜାଯାଇଥିବା କ୍ୟାମେରାରେ ଉତ୍ତୋଳିତ ଫଟୋ ଓ ଭିଡିଓକୁ ନେଇ ଶିକାରୀମାନଙ୍କୁ ଠାବ କରାଯାଇଥିଲା। ଶିମିଳିପାଳ ୱାଇଲ୍ଡ ଲାଇଫ୍ ଇଣ୍ଟେଲିଜେନ୍ସ ନେଟ୍‌ୱର୍କ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିଲା। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜର ଏସିଏଫ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଶିକାରୀମାନଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ରବି ଭକ୍ତା ଶିମିଳିପାଳ ଜଙ୍ଗଲ ମଧ୍ୟରେ ଲୁଚି ରହିଥିଲେ। ବନ କର୍ମଚାରୀମାନେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ଆର୍ମ୍ସ ଆକ୍ଟ-୧୯୫୯ ଲାଗିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ପ୍ରକାଶ କହିଛନ୍ତି।

ଅନ୍ୟପକ୍ଷରେ ବନ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କ୍ଲିନ୍ ଶିମିଳିପାଳ ଯୋଜନା ଫେଲ୍ ମାରିବାକୁ ବସିଥିବା ବନ୍ୟପ୍ରାଣୀ ପ୍ରେମୀମାନେ ଅଭିଯୋଗ କରିଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଓ ୱାଚ ଟାୱାର ମାଧ୍ୟମରେ ଶିକାରୀଙ୍କ ଅନୁପ୍ରବେଶକୁ ନିରୀକ୍ଷଣ କରାଯାଉଥିଲେ ମଧ୍ୟ ଗଳାବାଟ ଦେଇ ଶିକାରୀମାନେ ଜଙ୍ଗଲ ମଧ୍ୟକୁ ସହଜରେ ପ୍ରବେଶ କରୁଛନ୍ତି। ଏପରିକି ଦୁର୍ଗମ ଅଞ୍ଚଳକୁ ଯିବା ପାଇଁ ସ୍ୱତନ୍ତ୍ର ଯାନର ବ୍ୟବହାର କରାଯାଉଥିଲେ ମଧ୍ୟ ଶିକାରୀମାନଙ୍କୁ ଅଟକାଇବାରେ ବନ ବିଭାଗ ବିଫଳ ହୋଇଥିବାରୁ ଜିଲାବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ୨୨ ଚୋରି ବାଇକ୍ ଜବତ, ୪ ଗିରଫ



ଜବତ ବାଇକ୍।

ଭଦ୍ରକ,୨୮।୮
(ସନାତନ ରାଉତ)

ଭଦ୍ରକ ସହରରେ ବାଇକ୍ ଚୋରି ବଢ଼ି ଚାଲିଥିବା ବେଳେ ଟାଉନ ପୋଲିସକୁ ବଡ଼ ସଫଳତା ମିଳିଛି। ବାଇକ୍ ଚୋରି ର୍ୟାକେଟ୍‌ର ୪ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଘରୁ ୨୨ଟି ବାଇକ୍ ଜବତ କରାଯାଇଥିବା ବୁଧବାର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ଭଦ୍ରକ କଚେରି ବଜାର ନିକଟସ୍ଥ ଫଳ ମାର୍କେଟ୍‌ରେ ଗ୍ରାମାଞ୍ଚଳ ଥାନା ଅଧୀନ ଲାଙ୍ଗୁଡ଼ି ଗ୍ରାମର ସୁଶାନ୍ତ କୁମାର ଲେଙ୍କାଙ୍କ ଏକ ହିରୋହଣ୍ଡା ସ୍ପ୍ଲେଣ୍ଡର ବାଇକ୍ ଚୋରି ହୋଇଥିବା ନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଟାଉନ ପୋଲିସ ମାମଲା (ନଂ. ୪୯୪/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ତଦନ୍ତରେ ବାଇକ୍ ଚୋରି ର୍ୟାକେଟ୍‌କୁ ଠାବ କରି ମଙ୍ଗଳବାର ରାତିରେ ଭଦ୍ରକର ବିଭିନ୍ନ ସ୍ଥାନରୁ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନଙ୍କ ଘରୁ ହିରୋ ସ୍ପ୍ଲେଣ୍ଡରପ୍ଲସ୍ ୮ଟି, ହୋଣ୍ଡା ସିବିସାଇନ୍ ୬ଟି, ହିରୋ ସୁପର୍ ସ୍ପ୍ଲେଣ୍ଡର ଗୋଟିଏ, ଟିଭିଏସ୍ ରେଣ୍ଡମ ୨ଟି, ଗୋଟିଏ ହୋଣ୍ଡାଡ୍ରିମ୍ ୟୁଗା, ୨ଟି ହିରୋ ଏଚ୍‌ଏଫ୍ ଡିଲକ୍ସ ସମେତ ୨୨ଟି ବାଇକ୍ ପୋଲିସ ଜବତ କରିଛି। ଏହି ର୍ୟାକେଟ୍‌ରେ ଆହୁରି ଅନେକ ସମ୍ପୃକ୍ତ ରହିଥିବା ବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ଗିରଫ ହୋଇଥିବା ୪ ଜଣଙ୍କ ନାମ ଓ ଠିକଣା ଗୋପନ ରଖାଯାଇଥିବା ସିଟି ଡିଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ ଉପସ୍ଥିତ ଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଗେ ମାଡ଼,
ପଛେ ବିଚାର।**

ବିଚାର ହେଲେ ଭୁଲ୍ କାହାର ହେବ, ସେତେ ଦୂରର କଥା। ଆଗ ମାଡ଼ ମାରି କଥାଟାକୁ ଉସ୍‌କେଇବା ଏବଂ ବାହାଦୁରି ନେବା ଏ ଯୁଗର ଏକ ରୀତି ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମେ ମାଡ଼ ଦେଇ ପ୍ରତିହିଂସା ଶୁଝାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆହେ ଅଜା !
ମୁଢ଼ି କି ନଡ଼ିଆ କେଡ଼େ ମଜା।**

ମୁଢ଼ି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ ସୁଆଦିଆ ଲାଗିଥାଏ। ସାଧାରଣତଃ ବୟସ ଅଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ମୁଢ଼ି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢ଼ି ନଡ଼ିଆ ଚୋବେଇବା ସମ୍ଭବପର ହେଉନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମା’ ହତ୍ୟାକାରୀ ପୁଅଙ୍କୁ ଆଜୀବନ ଜେଲ

କୋଦଳା,୨୮।୮
(ଅମିତ କୁମାର ପଟ୍ଟନାୟକ)

ମା’ ହତ୍ୟାକାରୀ ପୁଅଙ୍କୁ ବୁଧବାର ଗଞ୍ଜାମ ଜିଲା କୋଦଳା ଅତିରିକ୍ତ ଜିଲା ବିଚାରପତି ବିଶ୍ୱରଞ୍ଜନ ବେହେରା ଆଜୀବନ ଜେଲଦଣ୍ଡ ଦେଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଣପଲ୍ଲୀ ଗ୍ରାମର ସନ୍ନ୍ୟାସୀ ପୋଲାଇ। ସୂଚନା ଅନୁସାରେ, ୨୦୨୧ ଜାନୁୟାରୀ ୧୯ ତାରିଖ ରାତି ୧୨ଟାରେ ଅଭିଯୁକ୍ତ ପୁଅ ସନ୍ନ୍ୟାସୀ କୌଣସି କାରଣକୁ ନେଇ ମା’ ସରସ୍ୱତୀ ପୋଲାଇଙ୍କ ସହ ଝଗଡ଼ା କରିଥିଲେ। ପରେ ସେ ରାଗିଯାଇ ସରସ୍ୱତୀଙ୍କୁ ଏକ ଷ୍ଟିଲ୍ ରଡରେ ପିଟି ହତ୍ୟା କରିଥିଲେ। ୧୪ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଦାଲତ ସନ୍ନ୍ୟାସୀଙ୍କୁ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି।

# ଅଙ୍ଗନୱାଡି କର୍ମୀ, ମା’ଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ

ରସୁଲପୁର,୨୮।୮
(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ୍ ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ ମନ୍ଦାରପୁର ଗ୍ରାମସ୍ଥିତ ରାଣୀମାତା ଉଚ୍ଚ ବିଦ୍ୟାଳୟର ଜମି ବିବାଦ ଭିନ୍ନ ମୋଡ଼ ନେଇଛି। ଉକ୍ତ ବିବାଦକୁ କେନ୍ଦ୍ରକରି କେତେଜଣ ଗ୍ରାମବାସୀ ମଙ୍ଗଳବାର ମନ୍ଦାରପୁର ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇବା ସହ କେନ୍ଦ୍ରର କର୍ମୀ ସୁଚିତ୍ରା ମହାପାତ୍ର ଓ ତାଙ୍କ ମା’ କଳ୍ପନା ମହାପାତ୍ରଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଛନ୍ତି। ଏନେଇ ଯାଜପୁର ଜିଲାପାଳ, ଯାଜପୁର ସଦର ଥାନା ଓ ରସୁଲପୁର ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୨୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ହେଲେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ।

ଅଭିଯୋଗ ମୁତାବକ, ରାଣୀମାତା ହାଇସ୍କୁଲ ନିର୍ମାଣ ପାଇଁ



ଗ୍ରାମର ନାରାୟଣ ମହାପାତ୍ର ୧୨ ଡିସିମିଲି ଜମି ଦାନ କରିଥିଲେ। ଆଉ ୨ ଡିସିମିଲି ଜମି ବିଦ୍ୟାଳୟକୁ ଯୋଗାଇଦେବାକୁ ଗ୍ରାମବାସୀ ତାଙ୍କୁ ଅନୁରୋଧ କରିଥିଲେ। ମାତ୍ର ନାରାୟଣ ମନା କରି ଦେଇଥିଲେ। ଫଳରେ ଏହାକୁ ନେଇ ବିବାଦ ଉପୁଜିଥିଲା। କେତେଜଣ

## ରାଣୀମାତା ଉଚ୍ଚ ବିଦ୍ୟାଳୟରେ ଜମି ବିବାଦ ମାମଲା

ଗ୍ରାମବାସୀ ମନ୍ଦାରପୁର ଅଙ୍ଗନୱାଡି କେନ୍ଦ୍ରର କର୍ମୀ ତଥା ନାରାୟଣଙ୍କ ଝିଅ ସୁଚିତ୍ରାଙ୍କୁ ଚାକିରିରୁ ବାହାର କରିଦେବାକୁ ଯୋଜନା କରିଥିଲେ। ପରେ ଗ୍ରାମର ୮/୧୦ଜଣ ବ୍ୟକ୍ତି କେନ୍ଦ୍ରରେ ତାଲା ପକାଇବା ସହ ସୁଚିତ୍ରାଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଖବର ପାଇ ସୁଚିତ୍ରାଙ୍କ ମା’ କଳ୍ପନା ପହଞ୍ଚିଯିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ତାଙ୍କୁ ମଧ୍ୟ ବାନ୍ଧି ମାଡ଼ ମାରିଥିଲେ। ଏ ସମ୍ପର୍କରେ ସୁଚିତ୍ରା ଓ ତାଙ୍କ ମା’ କଳ୍ପନାଙ୍କ ପକ୍ଷରୁ ଥାନାରେ ପୃଥକ୍ ଅଭିଯୋଗ ହୋଇଛି।

ଅପରପକ୍ଷରେ ଉପରୋକ୍ତ ଘଟଣାକୁ ନେଇ ମଙ୍ଗଳବାର ନାରାୟଣ ତାଙ୍କ ଜମିରେ ନିର୍ମାଣ ହୋଇଥିବା ବିଦ୍ୟାଳୟ ଗୃହରେ ତାଲା ପକାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିବା ପରେ ଉଭୟ ପକ୍ଷଙ୍କ ମଧ୍ୟରେ ଥାନାରେ ଆପୋସ ସମାଧାନ କରାଯାଇଥିଲା। ପରେ ବିଦ୍ୟାଳୟରୁ ତାଲା ଖୋଲିଥିଲା। ହେଲେ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ନେଇ ଏ ଯାଏଁ ଅଚଳାବସ୍ଥା ଜାରି ରହିଛି। ପୋଲିସ ବିଦ୍ୟାଳୟରୁ ତାଲା ଖୋଲିଥିବାବେଳେ ଅଙ୍ଗନୱାଡି କେନ୍ଦ୍ର ଚାଲିବାରେ କାହିଁକି ସହଯୋଗ କରୁନାହିଁ ବୋଲି ନାରାୟଣ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କେନ୍ଦ୍ରର ସାମନ୍ତରାପୁର ସେକ୍ଟର ସୁପରଭାଇଜର ମଞ୍ଜୁଲତା ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ମନ୍ଦାରପୁର ଅଙ୍ଗନୱାଡି କେନ୍ଦ୍ର ମିନିକେନ୍ଦ୍ରରୁ ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଛି। ଏହି କେନ୍ଦ୍ରର କର୍ମୀଙ୍କ ପରିବାର ଲୋକଙ୍କ ସହ କେତେଜଣ ଗ୍ରାମବାସୀଙ୍କ ଗାଁ ବିଦ୍ୟାଳୟ ଜମିଜମାକୁ ନେଇ ବିବାଦ ରହିଛି। ଫଳରେ ଗାଁ ଲୋକେ ସେମାନଙ୍କ ପିଲାଙ୍କୁ କେନ୍ଦ୍ରକୁ ଛାଡୁନାହାନ୍ତି। ସେମାନେ କେନ୍ଦ୍ରରେ ତାଲା ପକାଇ ଦେବାସହ କେନ୍ଦ୍ରର କର୍ମୀଙ୍କୁ ଦୁର୍ବ୍ୟବହାର କରିଛନ୍ତି। ସିଡିପିଓ ଅଫିସ କର୍ମଚାରୀମାନେ ଏହାର ତଦନ୍ତ କରିବାକୁ ଯାଇ ହଟହଟା ହୋଇଛନ୍ତି। ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ କେନ୍ଦ୍ରର ସମସ୍ୟା ସମାଧାନ ପାଇଁ ପ୍ରୟାସ କରାଯାଉଛି ବୋଲି ସେ ମତ ରଖିଛନ୍ତି।


ଡୋନା

# ଗୀତ କହିବ ପ୍ରେମ କାହାଣୀ

ଗୀତରେ ଅନେକ କଥା କହିହୁଏ। ଆଉ ସେହି ଗୀତ ଦ୍ୱାରା ଜଣେ କିପରି ନିଜ ମନର ମାନସୀ ହୃଦୟକୁ ଜିତିପାରୁଛି ଆଉ ପରବର୍ତ୍ତୀ ସମୟରେ ଦୁହିଁଙ୍କର ଏହି ପ୍ରେମର ନୌକା କିପରି ସମୟର ତାଳେ ତାଳେ ଭାସି ଆଗକୁ ଆଗଉଛି ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମର ଟାଇଟଲ ରହିଛି 'ତୋ ପାଇଁ ମୁଁ ଗାଉଚି ଗୀତ'। ଏହାର କାହାଣୀ ରଚନା କରିଛନ୍ତି ବିଶିଷ୍ଟ ଖଳ ଅଭିନେତା ଅସିତ ପତି। ଏହାକୁ ଆଧାର କରି ଚିତ୍ରନାଟ୍ୟ, ସଂଳାପ ଲେଖିଛନ୍ତି ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଖାସ୍ କଥା ହେଲା, ଆରୋହି ମିଡିଆ ହାଉସ୍ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ନବାଗତ ପ୍ରଯୋଜକ ସୁମନ୍ତ କୁମାର ସ'। ଡା. ନିର୍ମଳ ନାୟକଙ୍କ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଅଶ୍ୱିନୀ ଗଡନାୟକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ନାୟକ ଆକାଶ ସୋନି ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ଡୋନା ସାମନ୍ତ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ଅସିତ ପତି ଏବଂ ପ୍ରଦ୍ୟୁମ୍ନ ଲେଙ୍କାଙ୍କ ପରି କଳାକାରଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଚିତ୍ରଟିର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।

# କାହାକୁ ଡରନ୍ତି ଆଲିଆ


ଆଲିଆ

ଆଲିଆ ଭଟ୍ଟ ଗୋଟିଏ ଜିନିଷକୁ ଭାରି ଡରନ୍ତି। ତାହା କ'ଣ ଜାଣନ୍ତି? ଘରଟି ଯଦି ଅନ୍ଧାରୁଆ ହୋଇଥିବ ଆଉ ତାଙ୍କୁ ତାହା ଭିତରକୁ ଯିବାକୁ କୁହାଯିବ, ତେବେ ସେ କଦାପି ରାଜି ହେବେ ନାହିଁ। କାରଣ ତାଙ୍କୁ ଅନ୍ଧାରକୁ ଭାରି ଡର । ଏଭଳି ମାନସିକତା ତାଙ୍କର ଏବେକାର ନୁହେଁ। ପିଲାଦିନେ ଏକଦା ତାଙ୍କର ରୁମ୍ ହଠାତ୍ କିଛି ସମୟ ପାଇଁ ଅନ୍ଧାର ହୋଇଯାଇଥିଲା। ତାହା ଦେଖି ସେ ଭୟରେ ଚିତ୍କାର କରି ଉଠିଥିଲେ। ଆଉ ଏକ କଥା। ଆଲିଆ ଯଦି କାହାକୁ ଫୋନ୍ କରନ୍ତି, ତେବେ ଏଣୁତେଣୁ କିଛି ସମୟ ଗପିବା ଥୟ। ପିଲାଦିନେ ତାଙ୍କର ଏକ ଅଜବ ଅଭ୍ୟାସ ଥିଲା। ବେଳେବେଳେ ସେ ଲିପ୍ ଷ୍ଟିକ୍‌କୁ ଖାଇଯାଉଥିଲେ। ଆଲିଆଙ୍କର କେତୋଟି ଲକି ନମ୍ବର ଅଛି। ସେଗୁଡିକ ହେଲା–୬,୯,୧,୮। ଅବସର ମିଳିଲେ ସେ କ'ଣ କରିବାକୁ ଭଲ ପାଆନ୍ତି ଜାଣନ୍ତି ? ବହି ପଢ଼ିବାକୁ। ତେଣୁ ସେ ଘରେ ଏକ ମିନି ଲାଇବ୍ରେରି କରିଛନ୍ତି। ସେଥିରେ ବିଭିନ୍ନ ପ୍ରକାର ପତ୍ରପ୍ରତିକା ସାଇତି ରଖିଛନ୍ତି।

# କାହାଣୀ ମିଶନ

ଜାହ୍ନବୀ କପୁର ଏବେ କେବଳ ନିଜକୁ ବଡ଼ ପରଦାରେ ସୀମିତ ରଖି ନାହାନ୍ତି, ବରଂ ୱେବ୍ ସିରିଜରେ ଅଭିନୟ କରିବାକୁ ଆଗଭର ହୋଇଛନ୍ତି। ଏହାବ୍ୟତୀତ କେତୋଟି ୱେବସିରିଜ ପ୍ରଯୋଜନା କରିବାକୁ ମଧ୍ୟ ଯୋଜନା କରୁଛନ୍ତି। ତେଣୁ ଏ ନେଇ ସେ ଏବେ ବ୍ୟସ୍ତ ଅଛନ୍ତି। ନିଜର ଏଭଳି ଯୋଜନା ବିଷୟରେ ଜାହ୍ନବୀ କହନ୍ତି, 'ଦର୍ଶକମାନଙ୍କ ସହ ଯୋଡି ହେବାର ଅନ୍ୟତମ ମାଧ୍ୟମ ହେଉଛି ୱେବ୍‌ସିରିଜ। ବର୍ତ୍ତମାନ ବଲିଉଡ୍‌ର ଅନେକ କଳାକାର ଏହା ସହିତ ଜଡିତ ଅଛନ୍ତି। ଅବଶ୍ୟ ଗତ କିଛି ବର୍ଷ ହେବ ମୋତେ ଏଭଳି ଅଫର ମିଳିଥିଲା। ହେଲେ ଯେହେତୁ ଫିଲ୍ମ ଶୁଟିଂ ପାଇଁ ବ୍ୟସ୍ତ ରହୁଥିଲି, ତେଣୁ ସେ ବିଷୟରେ ଚିନ୍ତା କରି ନ ଥିଲି। ଏବେ ମୋ ହାତରେ କିଛି ମାସ ସମୟ ଅଛି। ତେଣୁ ବର୍ତ୍ତମାନ ୱେବ୍‌ସିରିଜ୍ ପାଇଁ ଯୋଜନା କରୁଛି। ଏ ନେଇ କେତୋଟି ଭଲ କାହାଣୀ ମଧ୍ୟ ଖୋଜି ପାଇଛି। ଯୋଜନା ମୁତାବକ ଏହାକୁ ୱେବ୍‌ସିରିଜର ରୂପ ଦେବି।' ଜାହ୍ନବୀଙ୍କ ଅଭିନୀତ ଶେଷ ଫିଲ୍ମ 'ଉଲ୍‌ଝା' ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ତେଲୁଗୁ ଫିଲ୍ମ 'ଦେବାରା–୧' ଚଳିତ ବର୍ଷ ସେପ୍ଟେମ୍ବର ୨୭ରେ ରିଲିଜ ହେବାକୁ ଯାଉଛି।


ଜାହ୍ନବୀ

# ପରଦାରେ.. ବାବାଜୀ କା ଠୁଲ୍ଲୁ

ପ୍ରକୃତିର ସୃଷ୍ଟି ଅନୁସାରେ ମାନବ ସମାଜ କାହିଁ କେବେଠାରୁ ମହୀମଣ୍ଡଳରେ ତିଷ୍ଠି ରହିଛି। ବେଳେବେଳେ ପୁଅ–ଝିଅଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ପୁଅ ଭିତରେ ଝିଅର ଭାବନା ଆଉ ଝିଅ ଭିତରେ ପୁଅର ଭାବନାର ଉଦାହରଣ କିଛି କମ୍ ନାହିଁ । ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା ଯାହା ଚଳିତ ମାସ ୩୦ ତାରିଖରେ ପରଦା ଉପରକୁ ଆସୁଛି। ହଁ, ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟିର ଟାଇଟଲ ରହିଛି 'ବାବାଜୀ କା ଠୁଲ୍ଲୁ'। 'ହସିବ ପୁଣି ମୋ ସୁନା ସଂସାର' ପରେ ଲର୍ଡ ଜଗନ୍ନାଥ ଫିଲ୍ମସ ବ୍ୟାନରରେ ଏହା ହେଉଛି ଦ୍ୱିତୀୟ ସିନେମା। ଫିଲ୍ମଟିର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ବାବୁ ସିଂ। ବାପୁ ଗୋସ୍ୱାମୀ, ମୋହିତ ଚକ୍ରବର୍ତ୍ତୀ ଏବଂ ଓଁକାରଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବାବୁ–ସୌରଭ। କଣ୍ଠଦାନ କରିଛନ୍ତି ସୌରଭ ନାୟକ, ପ୍ରୀତିନନ୍ଦା ଏବଂ ଶକ୍ତି ମିଶ୍ର। ସଂଳାପ ରଚନା କରିଛନ୍ତି ବିଜୟ ରାଉଳ।

ଉକ୍ତ ସିନେମାର ମୁଖ୍ୟ ଚରିତ୍ର ବଣ୍ଟି ଭୂମିକାରେ ଦେବରାଜ ଏବଂ ବବଲି ରୋଲ୍‌ରେ ପରଦା ଉପରକୁ ଆସିବେ ନବାଗତା ଶ୍ୱାତୀ। ଅନ୍ୟପକ୍ଷରେ ଏହାର କାଷ୍ଟିଂରେ ମିହିର ଦାସ, ପୁଷ୍ପା ପଣ୍ଡା, ଉଷଶୀ ମିଶ୍ର, ଜୀବନ ପଣ୍ଡା, ପ୍ରଜ୍ଞା, ଦେବୁ ବ୍ରହ୍ମା, ସଲିଲ ମିତ୍ର, ଦେବୀ ବାରିକ ଏବଂ ଶୁଭ୍ରାଂଶୁ ପ୍ରମୁଖ କଳାକାର ମଧ୍ୟ ଅଛନ୍ତି। ସୂଚନାଯୋଗ୍ୟ ଏହାପୂର୍ବରୁ 'ହସିବ ପୁଣି ମୋ ସୁନା ସଂସାର', 'ମନ ମୋର ପ୍ରଜାପତି', 'ମଥାରେ ଦେଇ ପାଟ ଓଢ଼ଣି' ଏବଂ 'ଏ ମନ ଖୋଜେ ମନଟିଏ' ପରି ସିନେମାର ନିର୍ଦ୍ଦେଶନା ଦେଇସାରିଛନ୍ତି ରଞ୍ଜନ।


'ବାବାଜୀ କା ଠୁଲ୍ଲୁ' ଫିଲ୍ମରେ ଶ୍ୱାତୀ–ଦେବରାଜ

# କେଇପଦ କଥା...


ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ବି ଗୋଟିଏ ଘଟଣାକୁ ମନେ ପକାଇଥାଆନ୍ତି। କଥା କ'ଣ କି, ଏକଦା ଶପିଂ କରିବା ସମୟରେ ତାଙ୍କର ଦୀପିକା ପାଦୁକୋନଙ୍କ ସହ ଭେଟ ହୋଇଗଲା। ଆଉ ସେଠାରେ ତାଙ୍କର କେଇପଦ କଥାରେ ବେଶ୍ ପ୍ରଭାବିତ ହୋଇଯାଇଥିଲେ ଅନନ୍ୟା। ତା'ପରେ କ'ଣ ହେଲା ଜାଣିବେନି ? ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ଅଭିନୟ ଜଗତରେ ନୂଆ ଥିଲି, ସେତେବେଳେ ମୋର ଦୀପିକାଙ୍କ ସହ ଭେଟ ହୋଇଥିଲା। ଏକ ଶପିଂ ମଲ୍‌ରେ ଏହି ସାକ୍ଷାତ ସମୟରେ ଆମେ ମାତ୍ର ଅଳ୍ପ ସମୟ ପାଇଁ କଥା ହୋଇଥିଲୁ। କିନ୍ତୁ ପରେ ମୁଁ ତାଙ୍କ ଘରକୁ ଯାଇଥିଲି ଏବଂ ଦୁହେଁ ଅଭିନୟ ଉପରେ ବେଶ୍ ସମୟ ଧରି ଆଲୋଚନା କଲୁ। କେଉଁ ଭୂମିକାକୁ କିପରି ତୁଲାଇବାକୁ ପଡେ ସେ ବିଷୟରେ ମୁଁ ଅନେକ କଥା ଜାଣିପାରିଲି। ତା'ପରେ ମୁଁ ଦୀପିକାଙ୍କ ଅଭିନୀତ ସମସ୍ତ ଫିଲ୍ମକୁ ଭଲ ଭାବରେ ଦେଖି ଆକ୍ଟିଂ ବିଷୟରେ ଯଥେଷ୍ଟ ଜ୍ଞାନ ଆହରଣ କରିଥିଲି। ମୁଁ ଜଣେ ଅଭିନେତ୍ରୀ ହେବା ପଛରେ ଦୀପିକାଙ୍କର ମଧ୍ୟ କିଛି ଭୂମିକା ରହିଛି। ଏ ନେଇ ମୁଁ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଅନନ୍ୟାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର–୨'। ଅନ୍ୟପକ୍ଷରେ ତାଙ୍କ ଅଭିନୀତ ଶେଷ ଫିଲ୍ମ 'ବ୍ୟାଡ୍ ନ୍ୟୁଜ୍'ରେ ସେ ଜଣେ ଅତିଥି କଳାକାର ରୂପେ ଅଭିନୟ କରିଥିଲେ। ବର୍ତ୍ତମାନ ସେ ଅଭିନୟ କରୁଥିବା 'ଶଙ୍କରା'ର ଶୁଟିଂ ଚାଲୁ ରହିଛି।

# ଅତୀତରୁ...

- ରାଜାରାଣୀ ଫିଲ୍ମସ, କଟକ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ବନ୍ଧନ'। ସ୍ୱର୍ଣ୍ଣ ପଟ୍ଟନାୟକ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସାମୁଏଲ ସାହୁ (ବାବି), ଗୀତାଞ୍ଜଳି ଏବଂ ଧୀର ବିଶ୍ୱାଳ ପ୍ରମୁଖ କଳାକାର।
- ଓଡ଼ିଆ ସିନେମା 'ବତୀଘର'ର ପ୍ରଯୋଜନା କରିଥିଲେ ଜୟନ୍ତ କୁମାର। ଏହାର ବିଭିନ୍ନ ଭୂମିକାରେ ସାଧୁ ମେହେର, ପ୍ରଶାନ୍ତ, ଲିଲି, ଅନନ୍ତ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- କେ.ଭୀମେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ରକ୍ତ ଗୋଲାପ'ର ନାୟକ ସାଜିଥିଲେ ଶ୍ରୀରାମ ପଣ୍ଡା ଏବଂ ତାଙ୍କର ନାୟିକା ଭାବରେ ଅବତୀର୍ଣ୍ଣ ହୋଇଥିଲେ ବନଜା ମହାନ୍ତି। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ।
- 'କୁଳ ଚନ୍ଦ୍ରମା' ସିନେମାର ନିର୍ଦ୍ଦେଶନା ଦେଇଥିଲେ କେ.ଏଚ.ଡି.ରାଓ। ଅଜିତ କର, ସୁଜାତା, ଚକ୍ରପାଣି, ଅନିମା, ନୀହାରିକା ଏବଂ ନେତ୍ରାନନ୍ଦ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର।

# ଦୃଢ଼ମନା ସାନ୍ୟା

'ଦଙ୍ଗଲ'ରୁ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ସାନ୍ୟା ମାଲହୋତ୍ରା। ପୁଣି ଏଥିପାଇଁ ତାଙ୍କୁ ମାରାଥନ ଅଡିଶନର ସାମ୍‌ନା କରିବାକୁ ପଡିଥିଲା। ହେଲେ ଏହି ପ୍ରଥମ ସିନେମା ହିଁ ବଲିଉଡ୍‌ରେ ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ଏହାପରେ ତାଙ୍କୁ ଅଫର ପରେ ଅଫର ମିଳିଥିଲା ଏବଂ ସେଗୁଡିକ ମାଧ୍ୟମରେ ସେ ନିଜ ଅଭିନୟ ଦକ୍ଷତା ଦେଖାଇବାକୁ ଆଦୌ ପଶ୍ଚାତ୍‌ପଦ ହୋଇ ନ ଥିଲେ। ତେବେ ଇତିମଧ୍ୟରେ ସେ 'ପଟାଖା', 'ବଧାଇ ହୋ', 'ଫଟୋଗ୍ରାଫ', 'ଲୁଡୁ', 'ଲଭ ହଷ୍ଟେଲ' ଏବଂ 'ଜୱାନ' ଆଦି ସିନେମାରେ ଅଭିନୟ କରିସାରିଛନ୍ତି। କେବଳ ସେତିକି ନୁହେଁ, ଏବେ ତାଙ୍କ ହାତରେ କେତୋଟି ଅଫର ମଧ୍ୟ ରହିଛି। ହେଲେ ଏକ ଦମ୍‌ଦାର କମେଡି ଭୂମିକାରେ ଦର୍ଶକଙ୍କ ସାମ୍‌ନାକୁ ଆସିବାକୁ ଚାହାନ୍ତି ସେ। ଆଉ ଏ ନେଇ ବେଶ୍ ଦୃଢ଼ ଆଶାବାଦୀ ଅଛନ୍ତି ସାନ୍ୟା। ସାନ୍ୟା କୁହନ୍ତି, 'ମୋର ନିଜ ଉପରେ ଯଥେଷ୍ଟ ଭରସା ରହିଛି। ଏବେ ଏକ କମେଡି ଭୂମିକାରେ ଅଭିନୟ କରିବାକୁ ଚାହୁଁଛି। ଯଦି ସେପରି ସୁଯୋଗ ମିଳେ ତେବେ ତାହାକୁ ହାତଛଡା କରିବି ନାହିଁ।' ସାନ୍ୟା ସିନା ଏଭଳି ଭୂମିକା ପାଇଁ ଭାବନା ରାଜ୍ୟରେ ବୁଡି ରହିଛନ୍ତି, ହେଲେ ବାସ୍ତବରେ ତାହା କେବେ ଘଟୁଛି ଦେଖିବାକୁ ବାକି ରହିଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଡିସେମ୍ବର ୨୫ରେ ସେ ଅଭିନୟ କରିଥିବା 'ବେବି ଜନ୍' ରିଲିଜ ହେବାକୁ ଯାଉଛି।


ସାନ୍ୟା

ଛୋଟ ପରଦା

# ତୁମ ବିନା

ଓଡ଼ିଶାର ଅନ୍ୟତମ ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଧାରାବାହିକ 'ତୁମ ବିନା' ଦର୍ଶକଙ୍କର ପ୍ରଶଂସା ସାଉଁଟି ଚାଲିଛି। ଏହି ଚ୍ୟାନେଲରେ ପ୍ରସାରିତ ହେଉଥିବା ବିଭିନ୍ନ ଧାରାବାହିକରେ ସବୁବେଳେ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିର ଝଲକ୍ ଦେଖିବାକୁ ମିଳିଥାଏ। ପ୍ରତ୍ୟେକ ସୋମବାରରୁ ଶନିବାର ସନ୍ଧ୍ୟା ୮ଟାରେ ପ୍ରସାରିତ ହେଉଛି 'ତୁମ ବିନା'। ଏହି ଭିନ୍ନ ଧରଣର ଧାରାବାହିକର ମୁଖ୍ୟ ଚରିତ୍ର ଅକ୍ଷୟ ଓ ଲକ୍ଷ୍ମୀଙ୍କର ହେଉଛି ଶୁଭ ବିବାହ। ଦୁହିଁଙ୍କ ଜୀବନରେ ଅନେକ ରୋଚକ ମୋଡ଼ ଆସିଛି। ହେଲେ ଦୁହେଁ ତାହାକୁ ସାହସର ସହ ସାମ୍‌ନା କରିଛନ୍ତି। ଆଉ ଜୀବନର ପ୍ରତିଟି ଘଟଣାରେ ଭାଗ୍ୟ ତାଙ୍କୁ ସହାୟ ହୋଇଛି। ତେବେ ଦୁହିଁଙ୍କର ପ୍ରେମ କାହାଣୀ କ'ଣ ସଫଳ ହେବ ? ଭବିଷ୍ୟତରେ ଘର ସଂସାର କରିବାକୁ ରଖିଥିବା ଆଶା କ'ଣ ପୂରଣ ହେବ? ବର୍ତ୍ତମାନ ଏକ ରୋମାଞ୍ଚକର ମୋଡରେ ଗତି କରୁଥିବା ଏହାର କାହାଣୀରେ ଏସବୁ ପ୍ରଶ୍ନର ଉତ୍ତର ଲୁଚି ରହିଛି। ତେବେ ଧାରାବାହିକଟିକୁ ନିୟମିତ ଦେଖିଲେ ତାହା ଦର୍ଶକେ ଜାଣିପାରିବେ। କାରଣ ଏହାର ଆଗାମୀ ଅଧ୍ୟାୟଗୁଡିକରେ ରୋମାଞ୍ଚ ଭରି ରହିଛି। ''ଆମେ ସବୁବେଳେ ନାରୀର ଅଦମ୍ୟ ସାହସ, ତ୍ୟାଗ ଓ ଭଲପାଇବାକୁ ଦର୍ଶକଙ୍କୁ ଦେଖାଇଥାଉ । ମନୋରଞ୍ଜନ ମାଧ୍ୟମରେ ପ୍ରତିଟି ନାରୀକୁ ସଫଳତାର ମନ୍ତ୍ର ଦେବାପାଇଁ ଆମେ ସବୁବେଳେ ପ୍ରତିଶ୍ରୁତିବଦ୍ଧ। ତେଣୁ 'ତୁମ ବିନା' ନିୟମିତ ଦେଖନ୍ତୁ ଏବଂ ଏହାକୁ ଢେର ଭଲ ପାଇବା ଦିଅନ୍ତୁ ବୋଲି କୁହନ୍ତି ଜୀ ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ।''


ପୁଣ୍ୟଶ୍ରୋତା–ଆକାଶ



ଭାରତୀ ଭୂଷଣ ମିଶ୍ର

**କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ନିମନ୍ତେ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ, ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନାର ସଂଯୋଗ ସେତୁ ହିସାବରେ କାର୍ଯ୍ୟକରେ। କାଳେ କାଳେ କ୍ରୀଡ଼ା ଜାତୀୟତା ଭାବର ଏକ ଦ୍ୟୋତକ ହୋଇ ରହିଆସିଛି।**

# କ୍ରୀଡ଼ା ଓ ଜାତୀୟତା



ମନୁ ଭାକର ଓ ସରବଜୋତ ସିଂ

କ୍ରୀଡ଼ାର ମହାକୁମ୍ଭ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ଗତ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୧୦୦ ବର୍ଷ ପରେ ପ୍ୟାରିସ୍‌ରେ ଆୟୋଜିତ ହୋଇଛି ଏହି ଅଲିମ୍ପିକ୍ସ। ଫ୍ରାନ୍ସବାସୀ ତୃତୀୟ ଥର ବିଶ୍ୱର ପ୍ରମୁଖ କ୍ରୀଡ଼ାବିତ୍‌ମାନଙ୍କୁ ଆତିଥ୍ୟ ଯୋଗାଇଦେଇ ନିଜକୁ ଗୌରବାନ୍ୱିତ ମନେକରିଛନ୍ତି। କାରଣ ପ୍ରତ୍ୟେକ କ୍ରୀଡ଼ାବିତ୍ ମନର କେଉଁ ଏକ ନିଭୃତ କୋଣରେ ଅଲିମ୍ପିକ୍ସରେ ଅଂଶଗ୍ରହଣକରି ନିଜ ଦେଶକୁ ପ୍ରତିନିଧିତ୍ୱ କରିବାର ଅଦମ୍ୟ ଆକାଂକ୍ଷା ଲୁଚିରହିଥାଏ। ଯେତେବେଳେ ପୁଣି ସେ ପଦକ ଲାଭକରେ ଗର୍ବରେ ତା'ର ଛାତି ଫୁଲିଉଠିବା ସହ ଦେଶବାସୀ ମଧ୍ୟ ଉଲ୍ଲସିତ ହୋଇଥାଆନ୍ତି। ଯେତେବେଳେ କୌଣସି ପ୍ରତିଯୋଗୀ ସ୍ୱର୍ଣ୍ଣପଦକ ହାସଲ କରନ୍ତି ସେତେବେଳେ ପୋଡିୟମରେ ଠିଆହୋଇ ଅତିଥିଙ୍କଠାରୁ ପଦକ ଗ୍ରହଣ କରିବା ସମୟରେ ତା'ର ନିଜ ଦେଶର ଜାତୀୟ ପତାକା ଉତ୍ତୋଳିତ ହୁଏ, ଏହାଠାରୁ ବଳି ଖୁସିର ମୁହୂର୍ତ୍ତ ଆଉ କିଛି ନ ଥାଇପାରେ। ସେହିଭଳି ଅଲିମ୍ପିକ୍ ଆୟୋଜନ କରୁଥିବା ଦେଶ ମଧ୍ୟ ଖେଳାଳିମାନଙ୍କୁ ନିଜ ମାଟିରେ ସ୍ଥାନ ଦେଇ ଖୁସି ଅନୁଭବ କରେ।

ଅନୁରୂପ ଭାବେ ଖେଳାଳିଟିଏ ଯେତେବେଳେ ପ୍ରତିଯୋଗିତାରେ ପରାଜିତ ହୁଏ, ସେତେବେଳେ ସେ ଯେତିକି ମ୍ରିୟମାଣ ହୁଏ ତା'ର ଦେଶବାସୀ ମଧ୍ୟ ତଦନୁରୂପ ଦୁଃଖିତ ହୋଇଯାଆନ୍ତି। ହୃଦୟ ଭାଙ୍ଗିଯାଏ। ଯେମିତିକି ଗତ ଅଲିମ୍ପିକ୍ସରେ ଆମ ଦେଶର ଅର୍ଜ୍ଜୁନ ବବୁତା ୧୦ ମିଟର ଏୟାର ରାଇଫଲ, ମନୁ ଭାକର ମହିଳା ୨୫ ମିଟର ପିସ୍ତଲ, ଧୀରଜ ବୋମ ଦେବରା ଏବଂ ଅଙ୍କିତା ଭକତ ତୀରନ୍ଦାଜୀର ଡବଲ୍ସ, ମାହେଶ୍ୱରୀ ଚୌହାନ ଏବଂ ଅନନ୍ତଜିତ୍ ସିଂ ଶୁଟିଂର ମିକ୍ସଡ୍ ସ୍କିଟ୍ ଇଭେଣ୍ଟରେ ୪ର୍ଥ ସ୍ଥାନ ହାସଲକରି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ଶୁଟର ମନୁ ଭାକର ଯେତେବେଳେ ଅଳ୍ପକେ ତାଙ୍କର ତୃତୀୟ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଥିଲେ, ସେତେବେଳେ ଭାରତର ପ୍ରତ୍ୟେକ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଦୁଃଖରେ ଅଭିଭୂତ ହୋଇଗଲା।

ଏମାନଙ୍କ ବ୍ୟତୀତ ଯେଉଁମାନଙ୍କ ପରାଜୟରେ ଆମେମାନେ ଦୁଃଖିତ ହୋଇଥିଲେ ସେମାନେ ହେଲେ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍, ଭାରୋତ୍ତୋଳିକା ମିରାବାଈ ଚାନୁ, ବକ୍ସର ନିଶାନ୍ତ ଦେବ ଓ ମୁଷ୍ଟିଯୋଦ୍ଧା ଲଭ୍‌ଲିନା ବୋର୍ଗୋହେନ୍। ଯଦି ଭାଗ୍ୟଦେବୀ ଏମାନଙ୍କୁ ପ୍ରସନ୍ନ ହୋଇଥାନ୍ତେ ତେବେ ଭାରତର ପଦକ ସଂଖ୍ୟା ନିଶ୍ଚୟ ଭାବେ ଆଶାନୁରୂପ ୧୦ରୁ ଅଧିକ ହୋଇଥାନ୍ତା। ପଦକ ତାଲିକାର ଶୀର୍ଷ ୩ ସ୍ଥାନରେ ଥିବା ଯୁକ୍ତରାଷ୍ଟ୍ର ଆମେରିକା, ଚାଇନା ଓ ଜାପାନବାସୀ ସେମାନଙ୍କର ସଫଳତାରେ ଖୁସି ମନାଉଥିଲାବେଳେ ବିଶ୍ୱର ଜନସଂଖ୍ୟା ଦୃଷ୍ଟିରୁ ୧ ନମ୍ବର ସ୍ଥାନରେ ଥିବା ଆମେ ଭାରତୀୟମାନେ ପଦକ ତାଲିକାରେ ୪୮ରୁ ଖସି ୭୧ତମ ସ୍ଥାନରେ ରହି ନିଜର ଦୁର୍ବଳତାର କାରଣ ଖୋଜୁଛୁ। ଏହି ସଂସ୍କରଣରେ ଗୋଟିଏ ରୌପ୍ୟ ଓ ୫ଟି ବ୍ରୋଞ୍ଜ ପଦକ ଆମ ପାଇଁ ସାନ୍ତ୍ୱନା ସାବ୍ୟସ୍ତ ହୋଇଛି। ଜାଭେଲିନ ତାରକା ନିରଜ ଚୋପ୍ରା ରୌପ୍ୟ ପଦକ ପାଇଥିବାବେଳେ ଯୁବ ମହିଳା ଶୁଟର ମନୁ ଭାକର ୨ଟି ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଥିଲେ। ମନୁ ବ୍ୟକ୍ତିଗତ ଏବଂ ମିକ୍ସଡ ପିସ୍ତଲ ଇଭେଣ୍ଟରେ ସରବଜୋତ ସିଂଙ୍କ ସହ ମିଶି ଡବଲ ବୋଞ୍ଜର ଅଧିକାରିଣୀ ହୋଇଥିଲେ। ତେବେ ଗୋଟିଏ ହେଲେ ସ୍ୱର୍ଣ୍ଣପଦକ ହାସଲ ନ କରିବା ଯୋଗୁ ଆମେ ୭୧ତମ ସ୍ଥାନରେ ରହିଲେ। ଆମର ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଆମଠାରୁ ଆଗରେ ରହିଲେ। ଆମର ଆତ୍ମସମୀକ୍ଷାର ବେଳ ଆସିଛି। ବିଫଳତାର କାରଣ ଖୋଜିବାକୁ ପଡ଼ିବ ଏବଂ ଉପଯୁକ୍ତ ପଦକ୍ଷେପ ନେଇ ସଫଳତା ହାସଲ କରିବାକୁ ହେବ।

ଏଠାରେ ଏହି ପ୍ରସଙ୍ଗ ଅବତାରଣା କରିବାର କାରଣ ହେଲା ଯେ ପ୍ରତ୍ୟେକ ଦେଶ ଓ ଏହାର ଅଧିବାସୀ ଚାହାନ୍ତି ଯେ ନିଜ ଦେଶ କିଭଳି ବିଶ୍ୱ ଦରବାରରେ ମୁଣ୍ଡଟେକି ବାଟ ଚାଲିବ। ଯଦି ୨ ଦେଶ ମଧ୍ୟରେ ଯୁଦ୍ଧ ଲାଗେ, ବିଜେତା ଦେଶ ହୁଏତ ଗର୍ବରେ ଉଲ୍ଲସିତ ହୋଇପାରେ। କିନ୍ତୁ ସେଥିପାଇଁ ତାହାକୁ ଅନେକ ମୂଲ୍ୟ ଦେବାକୁ ପଡ଼ିଥାଏ, ଅନେକ ଧନଜୀବନ ନଷ୍ଟ ସହିବାକୁ ପଡ଼ିଥାଏ। କିନ୍ତୁ କ୍ରୀଡ଼ା ହେଉଛି ଏପରି ଏକ ବୈଭବ ଓ ପ୍ରବୃତ୍ତି ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବା ନିମନ୍ତେ ଅନୁପ୍ରାଣିତ କରିବା ସହ ବିଭିନ୍ନ ଦେଶ, ବିଭିନ୍ନ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନାର ସଂଯୋଗ ସେତୁ ହିସାବରେ କାର୍ଯ୍ୟକରେ। କାଳେ କାଳେ କ୍ରୀଡ଼ା ଜାତୀୟତା ଭାବର ଏକ ଦ୍ୟୋତକ ହୋଇରହିଆସିଛି। ମନେପକାନ୍ତୁ ୧୯୮୩ ମସିହାରୁ ପ୍ରୁଡେନ୍‌ସିଆଲ କ୍ରିକେଟ ବିଶ୍ୱକପ୍ ପ୍ରତିଯୋଗିତାର ଫାଇନାଲକୁ। ବିଶ୍ୱବିଜୟୀ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ୍‌କୁ ଫାଇନାଲରେ ଯେତେବେଳେ ଭାରତ ପରାସ୍ତକଲା ସେହି ବିଳମ୍ବିତ ରାତିରେ ମଧ୍ୟ ଆଲୋକର ରୋଶଣିରେ ଝଲମଲ ହେଲା ସମଗ୍ର ଭାରତ। ରାସ୍ତାରେ ନୃତ୍ୟକରି ମିଠାବାଣ୍ଟି ଆମେମାନେ ଖୁସି ମନେଇଲେ ଓ ସେହିଦିନଠାରୁ କ୍ରିକେଟର ଲୋକପ୍ରିୟତା ଆମ ଦେଶରେ ବଢ଼ିଚାଲିଲା।

ପୁନଶ୍ଚ ଯେତେବେଳେ ଶାରଜାରେ ଅନ୍ତିମ ଓଭରର ଶେଷ ବଲରେ ଆମ ଦେଶର ଚେତନ ଶର୍ମାଙ୍କୁ ଜାଭେଦ ମିଆଁଦାଦ ଛକାମାରି ପାକିସ୍ତାନକୁ ବହୁ ପ୍ରତୀକ୍ଷିତ ବିଜୟ ଭେଟି ଦେଲେ ସେତେବେଳେ ସମଗ୍ର ପାକିସ୍ତାନ ବିଜୟ ଉତ୍ସବ ମନେଇଲା ବେଳେ ଆମେ ଭାରତୀୟମାନେ ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଲୁ। ତେଣୁ କାଳେ କାଳେ କ୍ରୀଡ଼ା ଜାତୀୟଭାବର ଏକ ଦ୍ୟୋତକ। ଏଠାରେ ଚାଇନାକୁ ଏକ ଉଦାହରଣ ରୂପେ ନିଆଯାଇପାରେ। ସୋଭିଏଟ୍ ରୁଷର ଶୀତଳଯୁଦ୍ଧରେ ପତନ ପରେ ବିଶ୍ୱର ଅନ୍ୟତମ କମ୍ୟୁନିଷ୍ଟ ରାଷ୍ଟ୍ର ଚାଇନା ନିଜର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ସଫଳଭାବେ ନିୟନ୍ତ୍ରଣକରି କୃଷି, ଶିଳ୍ପ, ପ୍ରତିରକ୍ଷା ଓ ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରିବା ସହ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାକୁ ଟକ୍କରଦେଲାଣି। ଏହି ସଫଳତା ପାଇଁ ଚାଇନାର ଜନସାଧାରଣ, ପ୍ରଶାସକ, ଜନନେତା, କୃଷକ ଓ ଶ୍ରମିକ ସମସ୍ତଙ୍କର ରହିଛି ଅବଦାନ। ସମଗ୍ର ବିଶ୍ୱବାସୀଙ୍କ ସମକ୍ଷରେ ନିଜର ଶକ୍ତି ପ୍ରଦର୍ଶନର ପ୍ରକୃଷ୍ଟ କ୍ଷେତ୍ରଭାବେ ସେମାନେ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଲେ ଓ ସଫଳ ମଧ୍ୟ ହେଲେ।

ଏଠାରେ ଆଉ ଗୋଟିଏ ଘଟଣାର ଅବତାରଣା ମଧ୍ୟ କରିବାକୁ ଇଚ୍ଛା ହେଉଛି। ୧୯୩୬ ମସିହା ଜର୍ମାନୀର ବର୍ଲିନ୍ ଅଲିମ୍ପିକ୍ସର ହକି ଫାଇନାଲ। ସ୍ୱର୍ଣ୍ଣପଦକ ପାଇଁ ଲଢ଼ିବେ ଆୟୋଜକ ଜର୍ମାନୀ ଓ ବ୍ରିଟିଶ ଶାସନାଧୀନ ଭାରତ। ଗୋଟିଏ ବ୍ରିଟିଶ ଉପନିବେଶ ଭାବେ ଭାରତକୁ ବ୍ରିଟେନର ଜାତୀୟ ପତାକା ୟୁନିୟନ ଜ୍ୟାକ୍ ତଳେ ମାର୍ଚ୍ଚପାଷ୍ଟ କରିବାକୁ ପଡ଼ିଲା। କିନ୍ତୁ ମ୍ୟାଚ୍ ପୂର୍ବରୁ ଡ୍ରେସିଂ ରୁମ୍‌ରେ ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ ଭାରତୀୟ ଦଳ ଜାତୀୟ କଂଗ୍ରେସର ତ୍ରିରଙ୍ଗା ପତାକାକୁ ନମସ୍କାରକରି ବିଜୟୀ ହେବାକୁ ଶପଥ ନେଲେ ଏବଂ ପ୍ରବଳ ପରାକ୍ରମୀ ଜର୍ମାନୀକୁ ନିଜ ମାଟିରେ ଅଗଣିତ ଜର୍ମାନବାସୀଙ୍କ ସମ୍ମୁଖରେ ୮-୧ ଗୋଲରେ ପରାସ୍ତକଲେ। ଧ୍ୟାନଚାନ୍ଦ ଅପୂର୍ବ କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନକରି ଏକାକୀ ୬ ଗୋଟି ଗୋଲ ଦେଇଥିଲେ। ଭାରତ କ୍ରମାଗତ ତୃତୀୟଥର ସ୍ୱର୍ଣ୍ଣପଦକ ବିଜୟୀ ହେଲା। କୁହାଯାଏ ଯେ ତତ୍କାଳୀନ ଜର୍ମାନୀର ଏକଛତ୍ର ଶାସକ ହିଟ୍‌ଲର ଧ୍ୟାନଚାନ୍ଦଙ୍କର ଅଦ୍ଭୁତ କ୍ରୀଡ଼ାକୁ ପ୍ରଶଂସା କରିବା ସହ ଜର୍ମାନୀ ସେନାର ତାଙ୍କୁ କର୍ଣ୍ଣେଲ ପଦବୀରେ ଅଭିଷିକ୍ତ କରିବାକୁ ଇଚ୍ଛାବ୍ୟକ୍ତ କରିଥିଲେ। କିନ୍ତୁ ଦେଶଭକ୍ତ ଧ୍ୟାନଚାନ୍ଦ ଅତ୍ୟନ୍ତ ବିନମ୍ରତାର ସହ ଏହି ଉପହାରକୁ ପ୍ରତ୍ୟାଖ୍ୟାନ କରିଥିଲେ। ସଂଯୋଗବଶତଃ ସେ ଦିନଟି ଥିଲା ୧୯୩୬ ମସିହା ଅଗଷ୍ଟ ୧୫ ତାରିଖ। ଏହାର ଠିକ୍ ୧୧ ବର୍ଷ ପରେ ଭାରତ ବ୍ରିଟିଶ ଶାସନରୁ ମୁକ୍ତିଲାଭ କଲା। କାଳଚକ୍ରରେ ଧ୍ୟାନଚାନ୍ଦଙ୍କର ଏହି ଜାତୀୟତା ଉଜ୍ଜୀବିତ ହୋଇରହିଥିବ। ସବୁଦିନ ପାଇଁ ଏହା ଧ୍ରୁବ ସତ୍ୟ। ଆଜି ସେହି ମହାନ୍ ଖେଳାଳିଙ୍କର ପବିତ୍ର ଜନ୍ମ ଦିବସ। ତାଙ୍କର ଗୁଣମୁଗ୍ଧ ଅଗଣିତ ଦେଶବାସୀ ଓ ବିଶ୍ୱବାସୀଙ୍କ ସହ ଏହି ପ୍ରତିବେଦକ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି। ଜୟ ହିନ୍ଦ୍, ବନ୍ଦେ ଉତ୍କଳ ଜନନୀ।

## କୁଇଜ୍ ?

* କେଉଁ କ୍ରୀଡ଼ା କିମ୍ବଦନ୍ତୀଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସଭାବେ ପାଳନ କରାଯାଏ।

▸▸ ମେଜର ଧ୍ୟାନ ଚାନ୍ଦ। କ୍ରୀଡ଼ା ଇତିହାସରେ ଅନ୍ୟତମ ଶ୍ରେଷ୍ଠତମ ଫିଲ୍ଡ ହକି ଖେଳାଳି ଧ୍ୟାନ ଚାନ୍ଦଙ୍କ ସମ୍ମାନାର୍ଥେ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସଭାବେ ପାଳନ କରାଯାଇଥାଏ।

* କେଉଁବର୍ଷ ଭାରତରେ ଜାତୀୟ କ୍ରୀଡ଼ାଦିବସ ପାଳନ ଆରମ୍ଭ ହେଲା।

▸▸ ଭାରତରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଉତ୍ସବ ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣୀୟ କରିବାପାଇଁ ପ୍ରଥମଥର ୨୦୧୨ରେ ଆରମ୍ଭ ହେଲା।

* କେଉଁ ରାଜ୍ୟରେ ଜାତୀୟ କ୍ରୀଡ଼ା ଦିବସ ଅଧିକ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ।

▸▸ ଏବେ ସାରା ଭାରତରେ ଜାତୀୟ କ୍ରୀଡ଼ା ଦିବସ ପାଳନ ହେଉଛି। ମାତ୍ର ଧ୍ୟାନ ଚାନ୍ଦଙ୍କ ଘରୋଇ ରାଜ୍ୟ ଉତ୍ତର ପ୍ରଦେଶରେ ଏହାକୁ ଅଧିକ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ।

* କେଉଁ ମସିହାରେ ଖେଳରତ୍ନ ପୁରସ୍କାର ପ୍ରଦାନ ଆରମ୍ଭ ହେଲା।

▸▸ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳରତ୍ନ ପୁରସ୍କାର ପ୍ରଦାନ ପ୍ରକ୍ରିୟା ୧୯୯୧-୯୨ରେ ଆରମ୍ଭ ହେଲା। ଏହା ସେତେବେଳେ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ନାମରେ ନାମିତ ଥିଲା।

* ଆନୁଷ୍ଠାନିକଭାବେ ସ୍ୱୀକୃତି ପାଇ ନ ଥିଲେ ମଧ୍ୟ କେଉଁ ଖେଳକୁ ଭାରତରେ ଜାତୀୟ କ୍ରୀଡ଼ାଭାବେ ବିବେଚନା କରାଯାଏ।

▸▸ ଐତିହାସିକ ତାତ୍ପର୍ଯ୍ୟ ଏବଂ ସର୍ବାଧିକ ସଫଳତା ଦୃଷ୍ଟିରୁ ହକିକୁ ଦେଶରେ ଜାତୀୟ କ୍ରୀଡ଼ା ବିବେଚନା କରାଯାଇଥାଏ। ମାତ୍ର ଅଫିସିଆଲଭାବେ ଏହା ସ୍ୱୀକୃତି ପାଇନାହିଁ।

* କେଉଁ ଦେଶକୁ ହରାଇ ଭାରତ ପ୍ରଥମେ ଅଲିମ୍ପିକ୍ସ ହକିରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

▸▸ ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ଗ୍ରେଟ୍ ବ୍ରିଟେନକୁ ହରାଇ ଭାରତ ପ୍ରଥମେ ହକିରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

* କେଉଁ ଭାରତୀୟ ମହିଳା ଆଥଲେଟ୍ 'ଗୋଲ୍ଡେନ ଗର୍ଲ' ଭାବେ ପରିଚିତ।

▸▸ ଦେଶପାଇଁ ଅନେକ ସୁନାମ ଆଣିଥିବା ପୂର୍ବତନ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ୍ ପି.ଟି. ଉଷା



'ଗୋଲ୍ଡେନ ଗର୍ଲ' ଭାବେ ପରିଚିତ।

* କେଉଁ କ୍ରୀଡ଼ାବିତ୍ 'ଫ୍ଲାଇଂ ଶିଖ୍' ଅଫ୍ ଇଣ୍ଡିଆ ଭାବେ ସୁପରିଚିତ।

▸▸ ଟ୍ରାକ୍ ଆଣ୍ଡ ଫିଲ୍ଡରେ ନିଜର ସ୍ପିଡ୍ ଓ ସଫଳତା ପାଇଁ ମିଲ୍‌ଖା ସିଂ 'ଫ୍ଲାଇଂ ଶିଖ୍'ଭାବେ ପରିଚିତ।

* କେଉଁ ବର୍ଷ ଭାରତ ଆଥଲେଟିକ୍ସ ଇଭେଣ୍ଟରେ ପ୍ରଥମେ ଅଲିମ୍ପିକ୍ସ ପଦକ ହାସଲ କରିଥିଲା।

▸▸ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ପ୍ରଥମେ ଆଥଲେଟିକ୍ସରେ ଭାରତ ପାଇଁ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

* ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଥମେ କିଏ ପାଇଥିଲେ।

▸▸ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ପ୍ରଥମେ ଖେଳରତ୍ନ ପୁରସ୍କାର ହାସଲ କରିଥିଲେ।





ଅଶୋକ ମହାନ୍ତି

**ପ୍ୟାରିସ୍‌ରେ ତୃତୀୟ ଥର ପାଇଁ ଆୟୋଜିତ ହୋଇଥିବା ଅଲିମ୍ପିକ୍ସରେ ଭାରତ ୬ଟି ପଦକ ଜିତି ପଦକ ତାଲିକାର ୭୧ତମ ସ୍ଥାନରେ ରହିବା ଦ୍ୱାରା ଦେଶବାସୀ ହତୋତ୍ସାହିତ ହୋଇଛନ୍ତି। ଏହି ପୃଷ୍ଠଭୂମିରେ ଭାରତୀୟ କ୍ରୀଡ଼ାର ଅଲିମ୍ପିକ୍ସ ଯାତ୍ରା ଓ ପ୍ରଦର୍ଶନ ଉପରେ ପ୍ରସ୍ତୁତ ଏକ ଆଲେଖ୍ୟର ପ୍ରଥମ ଭାଗ...**

# ଭାରତୀୟ କ୍ରୀଡ଼ାର ଅଲିମ୍ପିକ୍ସ ଯାତ୍ରା

**ପ୍ରଥମ ଭାଗ (୧୯୦୦-୧୯୪୮)**

ଗତ ଅଗଷ୍ଟ ୧୧ରେ ସମାପ୍ତ ହୋଇଛି ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ସମାରୋହ ୩୩ତମ ଅଲିମ୍ପିକ କ୍ରୀଡ଼ା। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ସହରରେ ତୃତୀୟ ଥର ପାଇଁ ଆୟୋଜିତ ହୋଇଥିବା ଏହି ଅଲିମ୍ପିକ୍ସରେ ଭାରତର ୧୧୭ଜଣ କ୍ରୀଡ଼ାବିତ୍ ୧୬ଟି କ୍ରୀଡ଼ା ଶୃଙ୍ଖଳାର ୬୯ଟି ଇଭେଣ୍ଟରେ ଭାଗନେଇଥିଲେ। ମାତ୍ର ଭାରତ ୬ଟି ପଦକ (୧ ରୌପ୍ୟ, ୫ ବ୍ରୋଞ୍ଜ) ଜିତି ମେଡାଲ ଟେବୁଲରେ ୭୧ତମ ସ୍ଥାନରେ ରହିବା ଫଳରେ ସାରା ଦେଶବାସୀ ହତୋତ୍ସାହିତ ହୋଇଛନ୍ତି। ୧୯୧୨ ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ଭାରତର ଆଥ୍‌ଲେଟ୍‌ମାନେ ୨ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ଜିତିଥିଲେ। କିନ୍ତୁ ତୁଳନାତ୍ମକ ଭାବେ ତାହା ଗତ ଅଲିମ୍ପିକ୍ସର ପ୍ରଦର୍ଶନଠାରୁ ଅଧିକତଃ ସଫଳ ଥିଲା। କାରଣ ୮୩ଜଣ ପ୍ରତିଯୋଗୀ ୧୩ଟି କ୍ରୀଡ଼ା ଶୃଙ୍ଖଳାରୁ ଏହି ୬ଟି ପଦକ ପାଇ ୫୫ତମ ସ୍ଥାନରେ ରହିଥିଲେ। ୧୪୫ କୋଟି ଜନସଂଖ୍ୟାର ଦେଶ ଭାରତ ମାତ୍ର ୬ଟି ପଦକ ଜିତି ୭୧ତମ ସ୍ଥାନରେ ରହିଥିଲାବେଳେ ମାତ୍ର ୨ଲକ୍ଷ ଜନସଂଖ୍ୟାର କାରିବିୟନ ଦ୍ୱୀପର ଦେଶ ସେଣ୍ଟ ଲୁସିଆର ଧାବିକା ଜୁଲିଏନ୍ ଆଲ୍‌ଫ୍ରେଡ୍ ଏକାକୀ ୨ଟି ପଦକ (୧୦୦ମି-ସ୍ୱର୍ଣ୍ଣ, ୨୦୦ମି- ରୌପ୍ୟ) ଜିତି ତାଙ୍କ ଦେଶକୁ ୫୪ତମ ସ୍ଥାନରେ ରଖିବାରେ ସଫଳ ହୋଇଛନ୍ତି। ସେହିପରି କେବଳ ୫୨ଲକ୍ଷ ଜନସଂଖ୍ୟାର ଦେଶ ନ୍ୟୁଜିଲାଣ୍ଡ ୧୦ଟି ସ୍ୱର୍ଣ୍ଣ ପଦକ ସହ ୨୦ଟି ପଦକ ଜିତି ମେଡାଲ ଟେବୁଲରେ ୧୧ତମ ସ୍ଥାନରେ ରହିଛି। ଏଥିରୁ ପ୍ରତୀୟମାନ ହୁଏ ଯେ, ବିଶ୍ୱସ୍ତରୀୟ କ୍ରୀଡ଼ାରେ ଆମ ଦେଶର ପ୍ରଦର୍ଶନ ଆଦୌ ଉତ୍ସାହଜନକ ନୁହେଁ। ଏପରି ଏକ ନିରାଶାଜନକ ପରିସ୍ଥିତିରେ ଆଶାର ଆଲୋକବର୍ତ୍ତିକା ସାଜିଛନ୍ତି ଭାରତର ୫ଜଣ ପ୍ରତିଭାବାନ୍ କ୍ରୀଡ଼ାବିତ୍ ନୀରଜ ଚୋପ୍ରା, ମନୁ ଭାକର, ସରବଜିତ ସିଂ, ସ୍ୱପ୍ନିଲ କୁସାଲେ, ଅମନ ସେରାୱତ ଏବଂ ଭାରତୀୟ ପୁରୁଷ ହକି ଦଳ। ଏମାନେ ପଦକ ଜିତି ଭାରତର ସମ୍ମାନ ରଖିଛନ୍ତି। ଅନ୍ୟ ୮ଜଣ କ୍ରୀଡ଼ାବିତ୍ ୬ଟି କ୍ରୀଡ଼ା ଶୃଙ୍ଖଳାରେ ୪ର୍ଥ ସ୍ଥାନ ଅଧିକାର କରି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। କ୍ଷୋଭର ବିଷୟ ଏହିକି ଯେ, ଭାରତର କୁସ୍ତିଯୋଦ୍ଧା ଭିନେଶ୍ ଫୋଗଟଙ୍କ ଆବେଦନକୁ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ା ନ୍ୟାୟାଳୟ ଖାରଜ କରିଛନ୍ତି। ଏହାଦ୍ୱାରା ଭାରତ ଏକ ନିଶ୍ଚିତ ରୌପ୍ୟ ପଦକ ପାଇବାରୁ ବଞ୍ଚିତ ହେବା ସହ ଭିନେଶଙ୍କ ସମ୍ଭାବ୍ୟ ସ୍ୱର୍ଣ୍ଣ ପଦକ ହାସଲର ଆଶା ଧୂଳିସାତ୍ ହୋଇଛି।

ପରାଧୀନ ଭାରତର ଅଲିମ୍ପିକ୍ସ ଯାତ୍ରା ଆରମ୍ଭ ହୁଏ ଆଧୁନିକ ଅଲିମ୍ପିକ୍ସର ଦ୍ୱିତୀୟ ସଂସ୍କରଣର ଯାହାକି ୧୯୦୦ ମସିହାରେ ଆୟୋଜିତ ହୋଇଥିଲା ପ୍ୟାରିସ୍ ସହରରେ। କୋଲକାତା ନିବାସୀ ଇଂରେଜ ଆଥ୍‌ଲେଟ୍ ନର୍ମାନ୍ ପ୍ରିଚାର୍ଡ ଏକମାତ୍ର ପ୍ରତିଯୋଗୀ ଭାବେ 'ବ୍ରିଟିଶ୍ ଇଣ୍ଡିଆ'କୁ ପ୍ରତିନିଧିତ୍ୱକରି ୨୦୦ମି. ଏବଂ ୨୦୦ମି. ବାଧାଦୌଡ଼ରେ ଦୁଇଟି ରୌପ୍ୟ ପଦକ ହାସଲ କରିଥିଲେ। ଅଲିମ୍ପିକ୍ କ୍ରୀଡ଼ା ରେକର୍ଡ ଅନୁସାରେ ଯଦିଓ ନର୍ମାନ୍‌ଙ୍କ ପ୍ରଦର୍ଶନକୁ ଭାରତ ସପକ୍ଷରେ ସ୍ଥାନିତ କରାଯାଇଛି ତଥାପି ଏହା ଏକ ବିବାଦୀୟ ପ୍ରସଙ୍ଗ ଭାବରେ ରହିଆସିଛି ଏବଂ ସେ ଜଣେ ବ୍ରିଟିଶ ହୋଇଥିବାରୁ ଅନେକେ ତାଙ୍କୁ ଭାରତୀୟ ପଦକ ବିଜେତା ଭାବେ ଗ୍ରହଣ କରି ନ ଥାନ୍ତି। ଏହାର ୨୦ ବର୍ଷ ପରେ ଆଣ୍ଟ୍‌ୱର୍ପ ଅଲିମ୍ପିକ୍ସ କ୍ରୀଡ଼ା ପାଇଁ ଆନୁଷ୍ଠାନିକ ଭାବେ ଭାରତ ଅଲିମ୍ପିକ୍ ଦଳ ପଠାଇଥିଲା। ଏହି ଦଳରେ ଆଥ୍‌ଲେଟିକ୍ସ ଏବଂ କୁସ୍ତିରେ ୫ଜଣ ପ୍ରତିଯୋଗୀ ଭାଗନେଇଥିଲେ। ଦୋରାବଜି ଟାଟା, କେତେକ ବମ୍ବେ ନିବାସୀ କ୍ରୀଡ଼ା ମନସ୍କ ଉଦ୍ୟୋଗପତି ଏବଂ ଭାରତ ସରକାର ମିଳିତ ଭାବେ ୨୧,୦୦୦ ଟଙ୍କାର ସହାୟତା ପ୍ରଦାନ କରିଥିଲେ। ପରେ ପରେ ଦୋରାବଜି ଟାଟାଙ୍କ ସଭାପତିତ୍ୱରେ ୱାଇଏମ୍‌ସିଏର ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଡ. ଏ.ଜି. ନେହେରେନ, ସମ୍ପାଦକ ଏବଂ ସଭ୍ୟ ଏ.ଏସ୍. ଭଗୱତଙ୍କୁ ନେଇ ଗଠିତ ପ୍ରୋଭିଜନାଲ ଅଲିମ୍ପିକ୍ କମିଟି ଦ୍ୱାରା ୧୯୨୪ ପ୍ୟାରିସ (୨ୟ ଥର ପାଇଁ ଆୟୋଜିତ) କ୍ରୀଡ଼ା ପାଇଁ ଏକ ୧୪ ଜଣିଆ ଭାରତୀୟ ଦଳ (ଆଥ୍‌ଲେଟିକ୍ସ-୭, ଟେନିସ୍-୭) ପଠାଯାଇଥିଲା। ଫେବୃଆରୀ ୧୯୨୪ରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ଅଲିମ୍ପିକ୍ କ୍ରୀଡ଼ା (ପରବର୍ତ୍ତୀ ସମୟରେ ସ୍ୱୀକୃତି ପାଇଥିବା ଜାତୀୟ କ୍ରୀଡ଼ା)ରେ ଭଲ ପ୍ରଦର୍ଶନ କରିଥିବା ଉପରୋକ୍ତ କ୍ରୀଡ଼ାବିତ୍‌ମାନଙ୍କର ଚୟନ ହୋଇଥିଲା। ୧୯୨୭ରେ ପ୍ରୋଭିଜନାଲ ଇଣ୍ଡିଆନ୍ ଅଲିମ୍ପିକ୍ କମିଟି ଆନୁଷ୍ଠାନିକ ଭାବେ ଇଣ୍ଡିଆନ୍ ଅଲିମ୍ପିକ୍ କମିଟି ବା ଭାରତୀୟ ଅଲିମ୍ପିକ୍ ସଂଘ ଭାବେ ସ୍ୱୀକୃତି ପାଇଲା।

୧୯୨୮ରେ ନେଦରଲାଣ୍ଡର ରାଜଧାନୀ ଆମଷ୍ଟରଡାମଠାରେ ଆୟୋଜିତ ଅଷ୍ଟମ ଅଲିମ୍ପିକ୍ କ୍ରୀଡ଼ା ପାଇଁ ଭାରତୀୟ ଅଲିମ୍ପିକ ସଂଘ ୭ ଜଣ ଆଥ୍‌ଲେଟ୍‌ଙ୍କ ସହ ଗୁରୁଦତ୍ତ ସୋଧିଙ୍କୁ ମ୍ୟାନେଜର ଭାବେ ପଠାଯାଇଥିଲା। ଇତିମଧ୍ୟରେ ଗଠନ ହୋଇସାରିଥିବା ଭାରତୀୟ ହକି ମହାସଂଘ (ଆଇଏଚ୍‌ଏଫ୍) ମଧ୍ୟ ଭାରତୀୟ ପୁରୁଷ ହକି ଦଳକୁ ଅଲିମ୍ପିକ୍ସରେ ଭାଗନେବା ପାଇଁ ପଠାଇଥିଲା ଏବଂ ଏହି ଅଲିମ୍ପିକ୍ସରୁ ଭାରତୀୟ ହକିର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଥିଲା। ଇଂଲଣ୍ଡର ପ୍ରସିଦ୍ଧ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଏବଂ 'ଅକ୍ସଫୋର୍ଡ ହକି ବ୍ଲୁ'ରେ ସମ୍ମାନିତ ରାଞ୍ଚିର ଆଦିବାସୀ ଯୁବକ ଓ ଜଣେ ବିଦ୍ୱାନ ବିଦ୍ୟାର୍ଥୀ ଭାବେ ସୁନାମ ଅର୍ଜନ କରିଥିବା ଜୟପାଲ ସିଂ ମୁଣ୍ଡା ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ବିସ୍ମୟ ଖେଳାଳି ଏବଂ ପରବର୍ତ୍ତୀ ସମୟରେ ହକି ଯାଦୁକର ଏବଂ କିମ୍ବଦନ୍ତୀ ପାଲଟିଥିବା ଧ୍ୟାନଚାନ୍ଦଙ୍କ ଆବିର୍ଭାବ ହୋଇଥିଲା ଏହି ଅଲିମ୍ପିକ୍ସରୁ। ଫାଇନାଲରେ ଘରୋଇ ଦଳ ନେଦରଲାଣ୍ଡକୁ ୩-୦ ଗୋଲରେ ପରାସ୍ତକରି ପ୍ରଥମ ଏସୀୟ ଦେଶ ଭାବେ ଭାରତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା ଏବଂ ପରବର୍ତ୍ତୀ ୬ଟି ଅଲିମ୍ପିକ୍ସରେ ଲଗାତର ଭାବେ ସ୍ୱର୍ଣ୍ଣପଦକ ଜିତିବାର ଧାରା ଆରମ୍ଭ ହୋଇଥିଲା। ୧୯୩୨ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାରତର ୪ ଜଣ ଆଥଲେଟ୍, ଜଣେ ସନ୍ତରଣକାରୀ ଏବଂ ପୁରୁଷ ହକି ଦଳ ଭାଗ ନେଇଥିଲେ। ଲାଲ ବୋଖାରିଙ୍କ ନେତୃତ୍ୱରେ ଭାରତୀୟ ହକି ଦଳ ଜାପାନକୁ ୧୧-୧ ଗୋଲ ଏବଂ ଫାଇନାଲରେ ଆମେରିକାକୁ ୨୪-୧ ଗୋଲରେ ପରାସ୍ତକରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ଫର୍‌ୱାର୍ଡ ଖେଳାଳି ରିଚାର୍ଡ କାର୍ ୪X-୧୦୦ ମିଟର ରିଲେ ଦୌଡ଼ରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ। ପଦକ ତାଲିକାରେ ଭାରତ ୧୯ତମ ସ୍ଥାନରେ ରହିଥିଲା। ପରବର୍ତ୍ତୀ ୧୯୩୬ ବର୍ଲିନ ଅଲିମ୍ପିକ୍ସ ପାଇଁ ଭାରତ ହକି ଦଳ ବ୍ୟତୀତ ୪ଜଣ ଆଥ୍‌ଲେଟ୍, ୩ ଜଣ କୁସ୍ତିବିତ ଓ ଜଣେ ଭାରୋତ୍ତୋଳନକାରୀଙ୍କୁ ପଠାଇଥିଲା। ଇତିମଧ୍ୟରେ ବିଶ୍ୱର ଶ୍ରେଷ୍ଠ ହକି ଖେଳାଳିର ମାନ୍ୟତା ପାଇସାରିଥିବା ଧ୍ୟାନ ଚାନ୍ଦଙ୍କ ନେତୃତ୍ୱ ଭାରତୀୟ ଦଳ ଚମତ୍କାର ଖେଳ ପ୍ରଦର୍ଶନକରି ଫାଇନାଲରେ ୪୦,୦୦୦ ଦର୍ଶକଙ୍କ ଉପସ୍ଥିତିରେ ଘରୋଇଦଳ ଜର୍ମାନୀକୁ ୮-୧ରେ ପରାସ୍ତକରି ତୃତୀୟ ଥର ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ୧୯୪୦ ଓ ୧୯୪୪ରେ ଅଲିମ୍ପିକ କ୍ରୀଡ଼ା ଆୟୋଜନ ବନ୍ଦ ରହିଥିଲା। ୧୯୪୮ ଲଣ୍ଡନ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ସ୍ୱାଧୀନ ଭାରତକୁ ପ୍ରତିନିଧିତ୍ୱକରି ଭାରତୀୟ ହକି ଦଳ କିଷେନଲାଲଙ୍କ ନେତୃତ୍ୱରେ ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନର ଧାରା ଜାରି ରଖି ଫାଇନାଲରେ ଗ୍ରେଟ୍ ବ୍ରିଟେନକୁ ୪-୦ ଗୋଲରେ ପରାସ୍ତକରି ଲଗାତର ୪ର୍ଥ ସ୍ୱର୍ଣ୍ଣପଦକ ହାସଲ କରିଥିଲା। ଧ୍ୟାନଚାନ୍ଦଙ୍କ ଉତ୍ତରାଧିକାରୀ ଭାବେ ଉଭାହୋଇଥିବା ବଲବୀର ସିଂ ସିନିୟର ଏକାକୀ ୨ଟି ଗୋଲ ସ୍କୋର କରିଥିଲେ। ଭାରତର ସମୁଦାୟ ୭୯ ପ୍ରତିଯୋଗୀ ୧୦ଟି କ୍ରୀଡ଼ା ଶୃଙ୍ଖଳାର ୩୯ଟି ଇଭେଣ୍ଟରେ ଭାଗନେଇ ପଦକ ତାଲିକାରେ ୨୨ତମ ସ୍ଥାନରେ ରହିଥିଲେ।

(ଦ୍ୱିତୀୟ ଭାଗ ଶୁକ୍ରବାର କ୍ରୀଡ଼ା ଜଗତ ପୃଷ୍ଠାରେ)



୧୯୨୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ହକି ଦଳ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୯/୨୦୨୪ Bhubaneswar, Thursday, August 29/ 2024

# ଜାତୀୟ କ୍ରୀଡ଼ା ସପ୍ତାହରେ ମାର୍ଶାଲ ଆର୍ଟ






ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ସପ୍ତାହ ପାଳନ ଅବସରରେ ବୁଧବାର ଧଉଳି ଶାନ୍ତିସ୍ତୂପ ନିକଟରେ କିକ୍‌ବକ୍ସିଂ ଓ ପେନ୍‌ଚାକ ସିଲାଟକୁ ନେଇ ଅନୁଷ୍ଠିତ ମାର୍ଶାଲ ଆର୍ଟ କାର୍ଯ୍ୟକ୍ରମ।

# 'ପର୍ଯ୍ୟଟନ ସହ ଦୁଃସାହସିକ କ୍ରୀଡ଼ାକୁ ଯୋଡ଼ାଯିବ'

**ଭୁବନେଶ୍ୱର, ୨୮।୮**
**(ତପନ ସ୍ୱାଇଁ)**

ଓଡ଼ିଶାରେ ଦୁଃସାହସିକ କ୍ରୀଡ଼ାର ଆଦର ବଢ଼ୁଛି। ରାଜ୍ୟ ସରକାର ମଧ୍ୟ ଅନ୍ୟ କ୍ରୀଡ଼ା ସହ ଦୁଃସାହସିକ କ୍ରୀଡ଼ାକୁ ଗୁରୁତ୍ୱ ଦେଉଛନ୍ତି। ଗତ କିଛି ମାସ ମଧ୍ୟରେ ଓଡ଼ିଶାର ପାଖାପାଖି ଅଧଡଜନେ କ୍ରୀଡ଼ାବିତ୍ ବିଭିନ୍ନ ପର୍ବତାରୋହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ପର୍ବତାରୋହୀ ମାନଙ୍କୁ ଏକାଠି କରିବା ସହ ରାଜ୍ୟର ପିଲାମାନଙ୍କ ମଧ୍ୟରେ ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ଲକ୍ଷ୍ୟରେ ବୁଧବାର ଗଠିତ ହୋଇଛି ଓଡ଼ିଶା ମାଉଣ୍ଟେନରିଂ ଆସୋସିଏଶନ। ପ୍ରେସ କ୍ଲବ ଅଫ୍ ଓଡ଼ିଶାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ କହିଛନ୍ତି ଯେ, ''ରାଜସ୍ୱ ବୃଦ୍ଧିଲାଗି ପର୍ଯ୍ୟଟନ ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ପର୍ଯ୍ୟଟନ ସହ ଦୁଃସାହସିକ କ୍ରୀଡ଼ାକୁ ଯୋଡ଼ି ଦିଆଗଲେ ନିଶ୍ଚିତ ଅଧିକ ସୁଫଳ ମିଳିବ। ଏ ସମ୍ପର୍କରେ ଚିନ୍ତା କରାଯାଉଛି। ଏହା ବ୍ୟତୀତ ଆଗାମୀ ଦିନରେ କିଛି ପର୍ବତାରୋହୀଙ୍କୁ ଏଭରେଷ୍ଟ ପଠାଇବା ପାଇଁ ସରକାର ଚିନ୍ତା କରୁଛନ୍ତି''। ଦୂର ପର୍ବତ ସୁନ୍ଦର, ମାତ୍ର ଏହାକୁ ଆରୋହଣ କରିବା କଷ୍ଟସାଧ୍ୟ। ତେଣୁ କୌଣସି କାର୍ଯ୍ୟ କରିବା ଅବସରରେ ଅଧାରୁ ହତୋତ୍ସାହିତ ନ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଲେ ଯାଇ ସୁଫଳ ମିଳିବ ବୋଲି ଉପସ୍ଥିତ ଯୁବ ଦୁଃସାହସିକ କ୍ରୀଡ଼ାବିତ୍‌ଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଛନ୍ତି କ୍ରୀଡ଼ାମନ୍ତ୍ରୀ। ଏହି ଅବସରରେ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ ସଭାପତି ତଥା ବିଧାୟକ କଳିକେଶ ନାରାୟଣ ସିଂଦେଓ, ଏସଏନ୍ ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଏବଂ ଦୁଃସାହସିକ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ କଳିକେଶ ନାରାୟଣ ସିଂଦେଓ ଓ ଅନ୍ୟ ଅତିଥିମାନେ ଜର୍ସି ଉନ୍ମୋଚନ କରୁଛନ୍ତି।

## ଓଡ଼ିଶା ମାଉଣ୍ଟେନରିଂ ଆସୋସିଏଶନ ଗଠିତ

ଭୁବନେଶ୍ୱର ଭିତ୍ତିକ ସ୍ପୋର୍ଟ୍ସ ପ୍ରମୋଶନ ପ୍ରତିଷ୍ଠାନ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ) ପ୍ରାୟୋଜକ ରହିଥିବା ଏହି ଆସୋସିଏଶନର ମୁଖ୍ୟ ଲକ୍ଷ୍ୟହେଲା ତୃଣମୂଳ ସ୍ତରରୁ ପିଲାମାନଙ୍କୁ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରାଇବା ଏବଂ ବିଭିନ୍ନ କାର୍ଯ୍ୟକଳାପରେ ସମ୍ପୃକ୍ତ କରାଇବା। ଆସୋସିଏଶନର ପ୍ରତିଷ୍ଠାତାମାନେ ବିଭିନ୍ନ କ୍ଷେତ୍ରରୁ ଆସିଥିଲେ ହେଁ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟହେଲା ରାଜ୍ୟରେ ଦୁଃସାହସିକ କ୍ରୀଡ଼ା ପ୍ରତି ସଚେତନତା ସୃଷ୍ଟି କରିବା। ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆର ପ୍ରତିଷ୍ଠାତା ତଥା ସ୍ପୋର୍ଟ୍ସ ମେଡିସିନ ବିଶେଷଜ୍ଞ ସାର୍ଥକ ପଟ୍ଟନାୟକ, ପର୍ବତାରୋହୀ ତଥା ଫିଟ୍‌ନେସ ପରାମର୍ଶଦାତା ଓ ମୋଟିଭେଶନାଲ ସ୍ପିକର ଗାୟତ୍ରୀ ମହାନ୍ତି ଏବଂ ନାଭାଲ ଭେଟେରାନ ତଥା କ୍ରୀଡ଼ାପ୍ରେମୀ ଦ୍ୱିତୀ କୃଷ୍ଣ ମିଶ୍ର ପ୍ରମୁଖ ଏହି ଆସୋସିଏଶନର ପ୍ରତିଷ୍ଠାତା ସଦସ୍ୟ। ଆଗାମୀ ଦିନରେ ଟ୍ରେନିଂ କ୍ୟାମ୍ପ, ଏକ୍ସପେଡିଶନ ଓ ଦୁଃସାହସିକ ଇଭେଣ୍ଟମାନ ଆୟୋଜନ କରାଯିବ ବୋଲି ପ୍ରତିଷ୍ଠାତା ସଦସ୍ୟମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଆସୋସିଏଶନର ଜର୍ସି ଉନ୍ମୋଚନ କରାଯାଇଥିଲା।

# ଶ୍ରୀଜେଶଙ୍କ ସ୍ଥାନରେ କ୍ରିଷନ ବାହାଦୁର ପାଠକ

## ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି

**ନୂଆଦିଲ୍ଲୀ,୨୮।୮(ପି.ଟି.)**

ବୁଧବାର ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକି ପାଇଁ ଭାରତୀୟ ହକି ଦଳ ବୁଧବାର ଘୋଷଣା କରାଯାଇଛି। ହରମନ୍‌ପ୍ରୀତ ସିଂଙ୍କ ନେତୃତ୍ୱରେ ଘୋଷିତ ୧୮ ଜଣିଆ ଦଳରେ କିମ୍ବଦନ୍ତୀ ଗୋଲକିପର ପି.ଆର. ଶ୍ରୀଜେଶଙ୍କ ସ୍ଥାନରେ କ୍ରିଷନ ବାହାଦୁର ପାଠକଙ୍କୁ ସ୍ଥାନ ମିଳିଛି। ପ୍ୟାରିସ୍ ୨୦୨୪ ପରେ ଶ୍ରୀଜେଶ୍ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଥିଲେ। ସେପ୍ଟେମ୍ବର ୮-୧୭ ମଧ୍ୟରେ ଖେଳା ଯିବାକୁ ଥିବା ଏହି ଟୁର୍ନାମେଣ୍ଟ ଚାଇନାର ହୁଲୁନବୁଇରରେ ଖେଳାଯିବ। ଭାରତ ବ୍ୟତୀତ କୋରିଆ, ମାଲେସିଆ, ପାକିସ୍ତାନ, ଜାପାନ ଓ ଚାଇନା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। ପ୍ୟାରିସ୍ ଅଲିମ୍ପିକ୍ସ ଓ ଅନ୍ୟାନ୍ୟ ଇଭେଣ୍ଟରେ ଭାରତର ରିଜର୍ଭ ଗୋଲ କିପର ରହିଥିଲେ କ୍ରିଷନ। ବର୍ତ୍ତମାନ କ୍ରିଷନଙ୍କୁ ମୁଖ୍ୟ ଗୋଲ କିପର ରଖାଯାଇଥିବା ବେଳେ ସୂରଜ କାରକେରା ରିଜର୍ଭ ଗୋଲକିପର ରହିବେ। ଏହି ଟୁର୍ନାମେଣ୍ଟ ପାଇଁ ଅଭିଜ୍ଞ ମିଡ୍ ଫିଲ୍ଡର ବିବେକ ସାଗର ପ୍ରସାଦଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି। ଅନ୍ୟ ପକ୍ଷରେ ହାର୍ଦ୍ଦିକ ସିଂ, ମନଦୀପ ସିଂ, ଲଳିତ ଉପାଧ୍ୟାୟ, ଶମଶେର ସିଂ ଓ ଗୁରଜନ୍ତ ସିଂଙ୍କୁ ବିଶ୍ରାମ ଦିଆଯାଇଛି। ଯୁବ ଡ୍ରାଗ୍ ଫ୍ଲିକର ଯୁଗରାଜ ସିଂଙ୍କୁ ଏହି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳକୁ ଡାକରା ମିଳିଛି। ଭାରତୀୟ ଦଳ ୮ ତାରିଖରେ ଚାଇନା, ୯ ତାରିଖରେ ଜାପାନ, ୧୧ ତାରିଖରେ ମାଲେସିଆ, ୧୨ ତାରିଖରେ କୋରିଆ ଓ ୧୪ ତାରିଖରେ ପାକିସ୍ତାନ ବିପକ୍ଷରେ ଖେଳିବ। ସେପ୍ଟେମ୍ବର ୧୬ ଓ ୧୭ ତାରିଖରେ ଯଥାକ୍ରମେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ।

**ଭାରତୀୟ ଦଳ:**

ଗୋଲକିପର: କ୍ରିଷନ ବାହାଦୁର ପାଠକ, ସୂରଜ କାରକେରା।

ଡିଫେଣ୍ଡର: ଜରମନପ୍ରୀତ୍ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ ସିଂ(ଅଧିନାୟକ), ଯୁଗରାଜ ସିଂ, ସଞ୍ଜୟ, ସୁମିତ।

ମିଡଫିଲ୍ଡର: ରାଜ କୁମାର ପାଲ, ନୀଳକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ମନପ୍ରୀତ ସିଂ, ମହମ୍ମଦ ରାହିଲ ମୌସିନ୍।

ଫରୱାର୍ଡ: ଅଭିଷେକ, ସୁଖଜିତ ସିଂ, ଅରାଇଜିତ୍ ସିଂ ହୁଣ୍ଡାଲ, ଉତ୍ତମ ସିଂ, ଗୁରଜୋତ ସିଂ।




# ମ୍ୟାଚ ବେଳେ ବେହୋସ ଉରୁଗୁଏ ଖେଳାଳିଙ୍କ ମୃତ୍ୟୁ

**ସାଓ ପାଓଲୋ, ୨୮।୮ (ଏପି):** ଉରୁଗୁଏର ଜଣେ ଫୁଟ୍‌ବଲ ଖେଳାଳି ଜୁଆନ ଇଜ୍‌କ୍ୱିର୍ଡୋଙ୍କ ମଙ୍ଗଳବାର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଛି। ୫ ଦିନ ପୂର୍ବେ ଏକ ବ୍ରାଜିଲିଆନ ସହରସ୍ଥିତ ମୋରୁମ୍ବି ଷ୍ଟାଡିୟମରେ ନାସିଓନାଲ ବନାମ ସାଓପାଓଲୋ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚରେ ଖେଳୁଥିବା ବେଳେ ଏହି ୨୭ବର୍ଷୀୟ ଖେଳାଳି ବେହୋସ ହୋଇପଡ଼ିଥିଲେ। ଉରୁଗୁୟାନ କ୍ଲବ ତରଫରୁ ସୋସିଆଲ ମିଡିଆରେ ଏକ ପୋଷ୍ଟରେ କୁହାଯାଇଛି ଇଜ୍‌କ୍ୱିର୍ଡୋ ତାଙ୍କ ହୃତ୍‌ପିଣ୍ଡରେ ଖିବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହାର ପ୍ରଭାବରେ ତାଙ୍କର ମୃତ୍ୟୁ ଘଟିଛି। ସାଉଥ ଆମେରିକା ଫୁଟ୍‌ବଲ ପରିଚାଳନା ପରିଷଦ ସଭାପତି ଆଲେଜାଣ୍ଡ୍ରୋ ଡୋମିନ୍‌ଗେଜ୍ ଇଜ୍‌କ୍ୱିର୍ଡୋଙ୍କ ଦେହାନ୍ତରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଉରୁଗୁଏ, ବ୍ରାଜିଲ ଓ ଆର୍ଜେଣ୍ଟିନା ଫୁଟ୍‌ବଲ ମହାସଂଘ ତରଫରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି। ଇଜ୍‌କ୍ୱିର୍ଡୋ ବିବାହିତ। ତାଙ୍କର ଦୁଇଟି ସନ୍ତାନ ରହିଛନ୍ତି। ଇଜ୍‌କ୍ୱିର୍ଡୋ ୨୦୧୮ରେ ଜଣେ ପ୍ରଫେସନାଲ ଖେଳାଳି ଭାବେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ଏହି ଡିଫେଣ୍ଡର ଲିଭରପୁଲ୍‌ର ଅନ୍ୟତମ ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିଲେ।

# ୪ ବର୍ଷରେ ଓସାକାଙ୍କ ପ୍ରଥମ ଟପ୍ ଟେନ୍ ବିଜୟ

## ୟୁଏସ୍ ଓପନ

■ ଅଲକାରାଜ, ରିବାକିନା, ଜସ୍‌ମିନ ବିଜୟୀ

**ନ୍ୟୁୟର୍କ,୨୮।୮(ପି.ଟି.)**

ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ୪ ଥରର ଗ୍ରାଣ୍ଡସ୍ଲାମ ଓପନ ବିଜୟିନୀ ଜାପାନର ନାଓମି ଓସାକା ୪ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଟପ୍ ଟେନ୍ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ବର୍ଗରେ କାର୍ଲୋସ ଅଲକାରାଜ ଏବଂ ମହିଳା ବର୍ଗରେ ଜେସିକା ପେଗୁଲା ଓ ଏଲିନା ରିବାକିନାଙ୍କ ପରି ଖେଳାଳି ସହଜ ବିଜୟ ହାସଲ କରିଛନ୍ତି।

ନାଓମି ଓସାକା ବିଶ୍ୱ ମାନ୍ୟତାର ୧୦ ନମ୍ବର ସ୍ଥାନରେ ଥିବା ଜେଲେନା ଓଷ୍ଟାପେଙ୍କୋଙ୍କୁ ୬-୩, ୬-୨ରେ ପରାସ୍ତ କରିଛନ୍ତି। ମାତୃତ୍ୱ କାରଣରୁ କିଛି ଦିନର ବିରତି ପରେ ଟେନିସ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ୪ ବର୍ଷରେ ପ୍ରଥମ ଥର ପାଇଁ କୌଣସି ଟପ୍ ଟେନ୍ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଖେଳାଳିଙ୍କ ମଧ୍ୟରେ ବିଶ୍ୱ ମାନ୍ୟତାର ତୃତୀୟ ସ୍ଥାନରେ ଥିବା କାର୍ଲୋସ ଅଲକାରାଜ ଅଷ୍ଟ୍ରେଲିଆର ଲି ଟୁଙ୍କୁ ପରାସ୍ତ କରିଛନ୍ତି। ୬-୨, ୪-୬, ୬-୩ ଓ ୬-୧ ସେଟରେ ଅଲକାରାଜ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଆମେରିକାର ଟମି ପଲ୍ ୬-୪, ୬-୨, ୫-୭ ଓ ୬-୨ ସେଟରେ ଲରେଞ୍ଜୋ ସୋନେଗୋଙ୍କୁ, ଇଟାଲୀର ମାଟ୍ଟିଆ ବେଲୁସି ୬-୪, ୭-୬(୭/୫), ୬-୩ ସେଟରେ ଷ୍ଟାନ ୱାୱ୍‌ରିଙ୍କା, କ୍ରିଷ୍ଟୋଫର ଓ କନେଲ ୬-୪, ୬-୩, ୪-୬ ଓ ୬-୩ ସେଟରେ ବିଶ୍ୱ ମାନ୍ୟତାର ୨୬ ତମ ସ୍ଥାନରେ ଥିବା ନିକୋଲାସ ଜାରିଙ୍କୁ, ଜିଜୋଉ ବର୍ଗସ ୬-୨, ୪-୬, ୬-୨, ୩-୬, ୭-୬(୧୦/୭) ସେଟରେ ପାଭେଲ କୋଟୋଭଙ୍କୁ, ସେବାଷ୍ଟିଆନ୍ କୋର୍ଡା ୭-୬(୭/୩), ୬-୧, ୬-୦ରେ କୋରେଣ୍ଟିନ୍ ମୌଟେଟ୍‌ଙ୍କୁ, ଡାନିଲ ମେଡଭେଡେଭ ୬-୩, ୩-୬, ୬-୩ ଓ ୬-୧ ସେଟରେ ଦୁସାନ ଲାଜୋଭିକ୍‌ଙ୍କୁ, ଆଲେକ୍ସ ଡି ମିନାଉର ୬-୩, ୬-୪, ୫-୭ ଓ ୬-୪ ସେଟରେ ମାର୍କୋସ ଗିରୋନଙ୍କୁ ପରାସ୍ତ କରିଥିଲେ।

ମହିଳା ସିଙ୍ଗଲ୍ସ ଖେଳାଳିଙ୍କ ମଧ୍ୟରେ ଜେସିକା ପେଗୁଲା ୬-୪, ୬-୩ ସେଟରେ ଶେଲବି ରୋଜର୍ସଙ୍କୁ, ସୋଫିଆ କେନିନ୍ ୬-୧, ୩-୬, ୬-୪ ସେଟରେ ଏମା ରାଡୁକାନୁଙ୍କୁ, ଇଟାଲୀର ଜସ୍‌ମିନ ପାଓଲିନି ୬-୭(୫/୭), ୬-୨ ଓ ୬-୪ ସେଟରେ ବିଆଙ୍କା ଆଣ୍ଡ୍ରିସ୍କୁଙ୍କୁ, ୟୁଲିଆ ପୁଟିଣ୍ଟସେଭା ୭-୬(୭/୩) ଓ ୬-୪ ସେଟରେ ଲିଣ୍ଡା ନୋସକୋଭାଙ୍କୁ, ଲିଉଡମିଲା ସାମସୋନୋଭା ୬-୨, ୭-୫ ସେଟରେ ୱାଙ୍ଗ କିଆଙ୍ଗଙ୍କୁ, ବ୍ରାଜିଲର ବିଟ୍ରିଜ୍ ହଦଦ ମାଇୟା ୪-୬, ୬-୦ ଓ ୬-୨ ସେଟରେ ଏଲିନା ଆଭାନେସ୍ୟାନଙ୍କୁ ଓ କାରୋଲିନା ପ୍ଲିସ୍‌କୋଭା ୬-୩, ୦-୬ ଓ ୭-୫ ସେଟରେ ମାୟାର ଶେରିଫଙ୍କୁ ପରାସ୍ତ କରିଛନ୍ତି।



ଶଟ୍ ଖେଳିବା ଅବସରରେ ଡାନ୍ ଏଭାନ୍ସ।

## ଏଭାନ୍ସ-ଖାଚାନୋଭଙ୍କ ଦୀର୍ଘତମ ମ୍ୟାଚ୍

ୟୁଏସ୍ ଓପନ ଟେନିସ୍ ଟୁର୍ନାମେଣ୍ଟ ଇତିହାସର ଦୀର୍ଘତମ ମ୍ୟାଚ୍ ଖେଳିଛନ୍ତି ଡାନ୍ ଏଭାନ୍ସ ଓ କାରେନ୍ ଖାଚାନୋଭ୍। ୫ ସେଟ ବିଶିଷ୍ଟ ମ୍ୟାଚ୍‌ଟି ୫ ଘଣ୍ଟା ୩୫ ମିନିଟ ଧରି ଖେଳା ଯାଇଥିବା ବେଳେ ୟୁଏସ୍ ଓପନର ସବୁଠାରୁ ଲମ୍ବା ମ୍ୟାଚର ରେକର୍ଡ କରିଛି। ଏହି ମ୍ୟାଚକୁ ଡାନ୍ ଏଭାନ୍ସ ୬-୭(୬/୮), ୭-୬(୭/୨), ୭-୬(୭/୪), ୪-୬ ଓ ୬-୪ ସେଟରେ ବିଜୟୀ ହୋଇଥିଲେ। ଅନ୍ତିମ ତଥା ନିର୍ଣ୍ଣାୟକ ସେଟରେ ଏଭାନ୍ସ ୦-୪ରେ ପଛୁଆ ରହିଥିଲେ ମଧ୍ୟ ପ୍ରତ୍ୟାବର୍ତ୍ତନ କରି ୬-୪ରେ ବିଜୟୀ ହୋଇଥିଲେ। ୧୯୯୨ ମସିହାରେ ଷ୍ଟିଫେନ୍ ଏଡବର୍ଗ ଓ ମାଇକେଲ ଚାଙ୍ଗଙ୍କ ମଧ୍ୟରେ ଖେଳା ଯାଇଥିବା ସେମି ଫାଇନାଲ ମ୍ୟାଚ ୫ ଘଣ୍ଟା ୨୬ ମିନିଟ ଧରି ଖେଳା ଯାଇଥିଲା।

# କଟକ, ସୁନ୍ଦରଗଡ଼ 'ବି', କେନ୍ଦୁଝର ସେମିରେ

## ଆନ୍ତଃ ଜିଲା ସିନିୟର ମହିଳା ଫୁଟ୍‌ବଲ

**ବରଗଡ଼, ୨୮।୮**
**(ପ୍ରେମାନନ୍ଦ ଖମାରୀ)**

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଓ ବରଗଡ ଜିଲା କ୍ରୀଡା ସଂସଦର ମିଳିତ ଆନୁକୂଲ୍ୟରେ ବରଗଡ ଜିଲାର ଚାରିଟି ଜୋନରେ ଚାଲିଥିବା ଆନ୍ତଃ ଜିଲା ସିନିୟର୍ ମହିଳା ପି.ସି. ବେହେରା ଫୁଟବଲ ପ୍ରତିଯୋଗିତା ବୁଧବାର ବରଗଡ ଜୋନ (୧)ରେ କଟକ ଓ ବରଗଡ ଜୋନ (୨)ରେ ସୁନ୍ଦରଗଡ଼ 'ବି' ନିଜ ନିଜ କ୍ୱାର୍ଟର ଫାଇନାଲ ମ୍ୟାଚ ଜିତି ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି କଦଳୀପାଲି ଜୋନରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ଜିଲା ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ବରଗଡ ଜୋନ-୨ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଖୁବ ଉନ୍ନତଧରଣର ଖେଳ ପ୍ରଦର୍ଶନ କରି ସୁନ୍ଦରଗଡ 'ବି' ଦଳ କେନ୍ଦ୍ରାପଡ଼ା ଦଳକୁ ୨-୦ ରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ୨୦ ନମ୍ବର ଖେଳାଳି ରୁପଶ୍ରୀ ମୁଣ୍ଡା ୪୮ ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ୧୯ ନମ୍ବର ଖେଳାଳି ପ୍ରତିମା ଓରାମ ୫୮ ତମ ମିନିଟରେ ଅନ୍ୟ ଗୋଲଟି ଦେଇଥିଲେ। ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର ମିଶ୍ରଙ୍କ ପୌରହିତ୍ୟ ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ଅରୁଣ କୁମାର ମହାନ୍ତି ଓ ଶିଳ୍ପପତି ଚନ୍ଦ୍ର ଶେଖର ବାଗ ଅତିଥି ଭାବରେ ଯୋଗଦେଇ ସୁନ୍ଦରଗଡ ଦଳର ଖେଳାଳି ରୂପଶ୍ରୀ ମୁଣ୍ଡାଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ କରିଥିଲେ ।

ସେହିପରି ବରଗଡ଼ ଜୋନ-୧ ରେ କଟକ ଜିଲା ଦଳ ଓ ଝାରସୁଗୁଡ଼ା ଜିଲା ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ କଟକ ଦଳ ୫ - ୦ ଗୋଲରେ ଏକତରଫା ଭାବରେ ଝାରସୁଗୁଡ଼ା ଦଳକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ୧୫ ନମ୍ବର ଖେଳାଳି ବର୍ଷା ମହାକୁଡ ୩ଟି ଗୋଲ ଦେଇଥିବା ବେଳେ ୧୭ ନମ୍ବର ଖେଳାଳି ସୁନୀତା ସ୍ୱାଇଁ ଓ ୮ ନମ୍ବର ଖେଳାଳି ଶିଳା ସିଂ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲା କ୍ରୀଡା ସଂସଦର ଉପ ସଭାପତି ଯୁଗଳ ପ୍ରସାଦ ସିଂ, ବରଗଡ ଲୋକପାଳ ପ୍ରଦୀପ ନନ୍ଦ, କ୍ରୀଡା ସାଂସଦ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର ପ୍ରମୁଖ କଟକ ଦଳର ସୁନୀତା ସ୍ୱାଇଁଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳିପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ବରଗଡ ଜୋନରେ କୌଣସି ମ୍ୟାଚ ଖେଳାଯିବ ନାହିଁ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

ସେହିପରି କଦଳିପାଲୀ ଜୋନର ଖେଳ ସମ୍ପର୍ଣ୍ଣ ହୋଇଯାଇଛି। ବୁଧବାର ଅପରାହ୍ନରେ କଦଳିପାଲି ଆନନ୍ଦ ଖେଳପଡିଆରେ ଆୟୋଜିତ ଅନ୍ତିମ ଖେଳଟି ଭୁବନେଶ୍ୱର ଓ କେଉଁଝର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେଉଁଝର ଦଳ ଭୁବନେଶ୍ୱର ଦଳକୁ ୧୪-୦ ଗୋଲର ବହୁ ବଡ଼ ବ୍ୟବଧାନରେ ହରାଇ ପ୍ରତିଯୋଗିତାର ସେମି ଫାଇନାଲରେ ପ୍ରବେଶ କରିଥିଲା। ଦଳ ଆସନ୍ତା ୩୦ରେ ଅପରାହ୍ନ ୨ଟାରେ ବରଗଡ ଠାରେ ଅନୁଷ୍ଠିତ ହେବାକୁଥିବା ପ୍ରଥମ ସେମି ଫାଇନାଲ ମ୍ୟାଚରେ ସୁନ୍ଦରଗଡ ଦଳକୁ ଭେଟିବ। ଏହି ଜୋନରେ ଅତିଥି ଭାବରେ ପୂର୍ବତନ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, କନବାର ସରପଞ୍ଚ ଅଧିକାରୀ ବାରିକ, ଜିଲା କ୍ରୀଡା ସଂସଦ କ୍ରୀଡା ସମ୍ପାଦକ ହରଦିପ ସିଂ ପ୍ରମୁଖ ଯୋଗ ଦେଇଥିଲେ। କଦଳୀ ପାଲି ଆଥଲେଟିକ ଆସୋସିଏଶନର ସଭାପତି କ୍ଷିତିପତୀ ପଧାନଙ୍କ ସଭାପତିତ୍ୱ ଓ ସୁବଳ ମେହେରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ